ଧରିତ୍ରୀ 52 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ (୧୮ ପୃଷ୍ଠା) | Bhubaneswar, Tuesday, December 23/2025 | Page 18 | ₹ 7.00
୫୨ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 30 | ମୂଲ୍ୟ ₹୭/-

DSPL-433



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୧୧୧ କୋଟି ଟଙ୍କା ବିନିଯୋଗରେ ନୂତନ ୪୨୮ଟି ୧୦୮ - ଆମ୍ବୁଲାନ୍ସ ଯାନର ପ୍ରାବଧାନ

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
### ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

**ଗରିମାମୟ ଉପସ୍ଥିତି**

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର -ଭୁବନେଶ୍ୱର

୨୩ ଡିସେମ୍ବର ୨୦୨୫ | ପୂର୍ବାହ୍ନ ୧୧.୩୦ ଘଟିକା | କଳିଙ୍ଗ ଷ୍ଟାଡିୟମ

### ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର - ୧୦୮

ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ବିନା ଖର୍ଚ୍ଚରେ ଜରୁରୀକାଳୀନ ଚିକିତ୍ସା ଓ ସରକାରୀ ଡାକ୍ତରଖାନାକୁ ଯିବା ପାଇଁ ଟୋଲ ଫ୍ରୀ ନମ୍ବର - ୧୦୮କୁ ଫୋନ୍ କରି ଆମ୍ବୁଲାନ୍ସ ସେବାର ସୁଯୋଗ ନିଅନ୍ତୁ।




OIPR-10084/13/0050/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/



ଲକ୍ଷ୍ନୌର ହଜରତଜଙ୍ଗସ୍ଥିତ ଲାକ୍‌ମେ ଏକାଡେମିରେ ଏକ ସେସନ୍ ଅବସରରେ ମିସ୍ ଇଣ୍ଟରନ୍ୟାଶନାଲ ଇଣ୍ଡିଆ,୨୦୨୫ ରୁଶ୍ ସିନ୍ଧୁ ଉତ୍ସାହୀ ଛାତ୍ରୀମାନଙ୍କ ସହ କଥା ହେଉଛନ୍ତି।

# ବାଂଲାଦେଶର ଆଉଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି

ଢାକା,୨୨।୧୨(ପି.ଟି.)

ବାଂଲାଦେଶର ଖ୍ୟାତନାମା ଯୁବନେତା ଶରିଫ୍ ଓସ୍‌ମାନ ହାଦିଙ୍କୁ ହତ୍ୟା ଘଟଣାର ୪ ଦିନ ପରେ ସୋମବାର ଆଉ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ମୋତାଲେବ ଶିକଦର ୨୦୨୪ର ହିଂସାତ୍ମକ ଛାତ୍ର ଆନ୍ଦୋଳନର ଦ୍ୱିତୀୟ ନେତା। ଗୁରୁତର ଅବସ୍ଥାରେ ତାଙ୍କୁ ଖୁଲ୍‌ନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି)ର ଖୁଲ୍‌ନା ଡିଭିଜନ ମୁଖ୍ୟ ଏବଂ ଦଳର ୱାର୍କର୍ସ ଫ୍ରଣ୍ଟର କେନ୍ଦ୍ରୀୟ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ହସ୍ପିଟାଲ ସୂତ୍ର ଅନୁଯାୟୀ, ଶିକ୍‌ଦରଙ୍କ ମୁଣ୍ଡ ବାମପାର୍ଶ୍ୱରେ ଗୁଳି ଲାଗିଛି। ତାଙ୍କୁ ହସ୍ପିଟାଲ ଅଣାଯିବା ବେଳେ ପ୍ରଚୁର ରକ୍ତସ୍ରାବ ହେଉଥିଲା।

ସୂଚନାଯୋଗ୍ୟ, ଗତବର୍ଷ ହାଦିଙ୍କ ନେତୃତ୍ୱରେ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମି ଲିଗ୍ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଗତ ୧୨ ତାରିଖରେ ଢାକାର ବିଜୟନଗର ଅଞ୍ଚଳରେ ମାସ୍କ ପିନ୍ଧିଥିବା ବନ୍ଧୁକଧାରୀଙ୍କ ଗୁଳିରେ ଗୁରୁତର ଆହତ ହାଦିଙ୍କର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



ମୋତାଲେବ ଶିକଦର

ଘଟିଥିଲା। ଫେବୃଆରୀ ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ହାଦି ତାଙ୍କ ଇନ୍‌କିଲାବ ମଞ୍ଚରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କ ହତ୍ୟାକୁ ନେଇ ସାରା ଦେଶରେ ଉତ୍ତେଜନା ଓ ବିକ୍ଷୋଭ ଲାଗି ରହିଥିବାବେଳେ ଅନ୍ୟ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ହାଦି ହତ୍ୟାକାଣ୍ଡରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅନ୍ତରୀଣ ସରକାର ବିଫଳ ହେଲେ ତାଙ୍କୁ କ୍ଷମତାରୁ ହଟାଯିବ ବୋଲି ଇନ୍‌କିଲାବ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସୋମବାର ଏକ ଜରୁରୀ ପ୍ରେସ୍ ମିଟ୍‌ରେ ଦଳର ସଦସ୍ୟ ସଚିବ ଅବଦୁଲ୍ଲା ଅଲ୍ ଜାବେର ଉପରୋକ୍ତ ଚେତାବନୀ ଦେଇଛନ୍ତି। ମହମ୍ମଦ ୟୁନୁସ୍ ସରକାର ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଗିରଫ କରିନାହାନ୍ତି।

## ଇଞ୍ଜିନ୍ ସମସ୍ୟା: ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଏୟାର ଇଣ୍ଡିଆ ବିମାନ ସୋମବାର ସକାଳେ ମୁମ୍ବାଇ ଅଭିମୁଖେ ଯାଉଥିବାବେଳେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଦେଖାଦେବାରୁ ଦିଲ୍ଲୀ ଫେରିଛି। ବିମାନରେ ୩୩୫ ଯାତ୍ରୀ ଥିଲେ। ବୈଷୟିକ ସମସ୍ୟାରୁ ବିମାନକୁ ଫେରାଇ ଅଣାଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ଉଡ଼ାଣର କିଛି ସମୟ ପରେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ଇଞ୍ଜିନ୍ ଅଏଲ୍ ଚାପ କମ୍ ଜଣାପଡ଼ିବା ପରେ ଏହାକୁ ଫେରାଇ ଅଣାଯାଇଥିଲା ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଥିବାବେଳେ ଇଞ୍ଜିନ୍ ଅଏଲ୍ ଚାପ ଶୂନକୁ ଖସିଆସିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଭାଜପାକୁ ମିଳିଛି ୬,୬୫୪ କୋଟି ଚାନ୍ଦା

## କଂଗ୍ରେସ ପାଇଛି ୫୨୨.୧୩ କୋଟି

ନୂଆଦିଲ୍ଲୀ,୨୨।୧୨

ଲୋକ ସଭା ନିର୍ବାଚନ ବର୍ଷ ୨୦୨୪-୨୫ରେ ଭାଜପା ୬,୬୫୪ କୋଟି ଟଙ୍କା ଚାନ୍ଦା ପାଇଥିବା ଜଣାପଡ଼ିଛି, ଯାହାକି ପୂର୍ବବର୍ଷ ତୁଳନାରେ ୬୮ ପ୍ରତିଶତ ଅଧିକ। ସଦସ୍ୟତା ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଦଳ ଭାଜପା ଗତ ଆର୍ଥିକ ବର୍ଷରେ ପାଇଥିବା ଚାନ୍ଦା ସମ୍ପର୍କିତ ରିପୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଛି। ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାଗୁଡ଼ିକର ତାଲିକା କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୦ ମଧ୍ୟରେ ଦଳକୁ ମିଳିଥିବା ଚାନ୍ଦା ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିବର୍ଷ ଲୋକ ସଭା ନିର୍ବାଚନ ସାଙ୍ଗକୁ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ସିକିମ, ଜମ୍ମୁ-କଶ୍ମୀର, ହରିୟାଣା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ପୂର୍ବବର୍ଷ ଭାଜପା ଚାନ୍ଦା ବାବଦକୁ ୩,୯୬୭ କୋଟି ଟଙ୍କା ପାଇଥିଲା।

ଚାନ୍ଦାର ପ୍ରାୟ ୪୦ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୨,୧୮୦ କୋଟି ଟଙ୍କା ଦାନ କରିଥିବାବେଳେ ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୭୫୭ କୋଟି ଏବଂ ନ୍ୟୁ ଡେମୋକ୍ରାଟିକ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୫୦ କୋଟି ଟଙ୍କା ଦେଇଛି। ଅନ୍ୟ ଇଲେକ୍ଟୋରାଲ ଟ୍ରଷ୍ଟରୁ ୩,୧୧୨.୫ କୋଟି ମିଳିଛି। ଅବଶିଷ୍ଟ ଚାନ୍ଦା କମ୍ପାନୀ ଏବଂ ବ୍ୟକ୍ତିବିଶେଷ ଦେଇଛନ୍ତି। କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ଚାନ୍ଦାକୁ ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରିବା ଲାଗି କମ୍ପାନୀଗୁଡ଼ିକ ଦ୍ୱାରା ଇଲେକ୍ଟୋରାଲ ଟ୍ରଷ୍ଟ ଗଠନ ହୋଇଥାଏ।

କର୍ପୋରେଟ୍ ଦାତାଙ୍କ ମଧ୍ୟରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ୧୦୦ କୋଟି, ରୁଙ୍ଗଟା ସନ୍ସ ପ୍ରା.ଲିଃ ୯୫ କୋଟି, ବେଦାନ୍ତ ୬୭ କୋଟି, ମାକ୍ରୋଟେକ୍ ଡେଭେଲପର୍ସ (ବର୍ତ୍ତମାନର ଲୋଧା ଡେଭେଲପର୍ସ) ୬୫ କୋଟି, ବଜାଜ ଗ୍ରୁପ୍ କମ୍ପାନିଜ୍ ୬୫ କୋଟି ଏବଂ ଡେରିଭ୍ ଇନ୍‌ଭେଷ୍ଟମେଣ୍ଟ ୫୦ କୋଟି ଟଙ୍କା ଦାନ କରିଛି। ମାଲାବାର ଗୋଲ୍ଡ ୧୦ କୋଟି ଦେଇଥିବାବେଳେ କଲ୍ୟାଣ ଜୁଏଲର୍ସ ୧୫.୧ କୋଟି, ହିରୋ ଗ୍ରୁପ୍ ୨୩.୬୫ କୋଟି, ଦିଲୀପ ବିଲ୍ଡକନ୍ ଗ୍ରୁପ୍ ୨୯ କୋଟି, ଏଲ୍‌ସିସି ଲିଃ ୩୫ କୋଟି, ୱେଭ୍ ଇଣ୍ଡଷ୍ଟ୍ରିଜ୍ ୫.୨୫ କୋଟି ଏବଂ ଜେରୋଧା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ୧.୫ କୋଟି ଟଙ୍କା ଦାନ କରିଛି। ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୩ ଲକ୍ଷ, ଆସାମ ମନ୍ତ୍ରୀ ପିଜୁଶ ହାଜାରିକା ୨.୭୫ ଲକ୍ଷ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ, ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ୧ ଲକ୍ଷ ଏବଂ କୈଳାସ ବିଜୟବର୍ଗୀୟଙ୍କ ପୁଅ ଆକାଶ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି।

ଅନ୍ୟ ଦଳଗୁଡ଼ିକ ମଧ୍ୟରେ କଂଗ୍ରେସ ଗତ ଆର୍ଥିକ ବର୍ଷରେ ୫୨୨.୧୩ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ୪୩ ପ୍ରତିଶତ କମ୍। ୨୦୨୩-୨୪ ବର୍ଷରେ କଂଗ୍ରେସକୁ ୧,୧୨୯ କୋଟି ଟଙ୍କା ଚାନ୍ଦା ମିଳିଥିଲା। ସେହିପରି ଟିଏମ୍‌ସିକୁ ଗତ ଆର୍ଥିକ ବର୍ଷରେ ୧୮୪.୦୮ କୋଟି, ଭାରତୀୟ ରାଷ୍ଟ୍ର ସମିତିକୁ ୧୫.୦୯ କୋଟି, ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୩୯.୨ କୋଟି, ଟିଡିପିକୁ ୮୫.୨ କୋଟି ଏବଂ ବିଜେଡିକୁ ୬୦ କୋଟି ଟଙ୍କା ଚାନ୍ଦା ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ୨୪୬ କୋଟି ଟଙ୍କା ଚାନ୍ଦା ପାଇଥିଲା।

## ୧ ଡଲାର= ୮୯.୭୦ ଟଙ୍କା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ପୂର୍ବଦିନ ଅପେକ୍ଷା ୩ ପଇସା ହ୍ରାସ ପାଇ ସୋମବାର ୮୯.୭୦ ଟଙ୍କା ରହିଛି। ଫରେକ୍ସ ଟ୍ରେଡରଙ୍କ କହିବା ଅନୁଯାୟୀ, ଭାରତ-ଆମେରିକା ବାଣିଜ୍ୟ ବୁଝାମଣାରେ ଅଗ୍ରଗତି ଘଟୁ ନ ଥିବାରୁ ବଜାର ମନୋଭାବ ପ୍ରଭାବିତ ହୋଇଛି। ଏଥିସହିତ ଆମେରିକା ଡଲାର ସୂଚକାଙ୍କ ଦୁର୍ବଳ ଥିବାରୁ ପ୍ରଥମ ଭାଗରେ ଘରୋଇ ୟୁନିଟ୍‌କୁ ସମର୍ଥନ ମିଳିଥିଲା। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୫୩ରୁ ଆରମ୍ଭ ହୋଇ ପରେ ଇଣ୍ଟ୍ରା-ଡେ' ସର୍ବାଧିକ ୮୯.୪୫ରେ ପହଞ୍ଚିଥିଲା, ଯାହାକି ପୂର୍ବଦିନ କ୍ଲୋଜିଂ ସମୟର ମୂଲ୍ୟ ତୁଳନାରେ ୨୨ ପଇସା ଅଧିକ। ତେବେ ଟ୍ରେଡିଂ ସେସନ୍ ଶେଷ ବେଳକୁ ଏହା ପୂର୍ବଦିନ ତୁଳନାରେ ୩ ପଇସା ହ୍ରାସ ପାଇ ୮୯.୭୦ ରହିଥିଲା। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ଦର ୫୩ ପଇସା ବଢ଼ି ୮୯.୬୭ ହୋଇଥିଲା।

## ସୋନିଆ, ରାହୁଲଙ୍କୁ ଜବାବ ମାଗିଲେ ହାଇକୋର୍ଟ

ନ୍ୟାଶନାଲ ହେରାଲ୍ଡ ମାମଲା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍‌କୁ ତଳକୋର୍ଟ ବିଚାର ପାଇଁ ଗ୍ରହଣ କରିବାକୁ ମନା କରିବା ପରେ ତଦନ୍ତକାରୀ ସଂସ୍ଥା ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହାଇକୋର୍ଟ ଏନେଇ ସୋମବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୁମନ ଦୁବେ, ସାମ୍ ପିତ୍ରୋଡ଼ା, ୟଙ୍ଗ୍ ଇଣ୍ଡିଆନ୍, ଡୋଟେକ୍ସ ମର୍ଚାଣ୍ଡାଇଜ୍ ଏବଂ ସୁନିଲ ଭଣ୍ଡାରୀଙ୍କୁ ଜବାବ ମାଗିଛନ୍ତି। ମମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାବର୍ଷ ମାର୍ଚ୍ଚ ୧୨କୁ ଧାର୍ଯ୍ୟ ହୋଇଛି।

## ମଧ୍ୟପ୍ରଦେଶରୁ ଏୟାରଲିଫ୍ଟ ହେଲା ବାଘୁଣୀ

ସେଓନି,୨୨।୧୨

ମଧ୍ୟପ୍ରଦେଶର ସେଓନିସ୍ଥିତ ପେଞ୍ଚ ରିଜର୍ଭର ଏକ ବାଘୁଣୀ ୨୪ ଦିନ ପରେ ବନ ବିଭାଗ ଅଧିକାରୀଙ୍କ ହାତରେ ଧରାଦେଇଛି। ରବିବାର ଏହାକୁ ବାୟୁସେନାର ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ରାଜସ୍ଥାନକୁ ସଫଳତାର ସହ ଏୟାରଲିଫ୍ଟ କରାଯାଇଛି। ସକାଳଠାରୁ ଅପରାହ୍ନ ପର୍ଯ୍ୟନ୍ତ ହାତୀମାନଙ୍କ ଦ୍ୱାରା ବାଘୁଣୀକୁ ଘେରାଯିବା ପରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପରେ ଏକ ରେସ୍କ୍ୟୁ ଯାନରେ ତାକୁ ସୁକତ୍ରା ଏୟାରଷ୍ଟ୍ରିପ୍‌କୁ ନିଆଯାଇ ସେଠାରୁ ହେଲିକପ୍ଟର ଯୋଗେ ରାଜସ୍ଥାନର ବିଷଧାରୀ ଟାଇଗର ରିଜର୍ଭକୁ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ଯୋଗୁ ବିଷଧାରୀ ଟାଇଗର ରିଜର୍ଭରେ କେବଳ ବାଘବଂଶ ବଢ଼ିବ ନାହିଁ ବରଂ ଆନୁବଂଶିକ ବିବିଧତାକୁ ସୁଦୃଢ଼ କରିବ ବୋଲି ପେଞ୍ଚ ଟାଇଗର ରିଜର୍ଭର ଡେପୁଟି ଡାଇରେକ୍ଟର ରଜନୀଶ ସିଂ କହିଛନ୍ତି। ଏହି ଅଭିଯାନ ବନ୍ୟପ୍ରାଣୀ ବୈଜ୍ଞାନିକ ପରିଚାଳନା ଏବଂ ବୈଷୟିକ ଦକ୍ଷତାର ଉଦାହରଣ ବୋଲି ସେ କହିଛନ୍ତି।



## ଏବେ ବି ରୁଷିଆ ସେନାରେ ୫୦ ଭାରତୀୟ

ଯୁଦ୍ଧରେ ଗଲାଣି ୨୬ ଜୀବନ

ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗୁଜରାଟ ଯୁବକଙ୍କ ନିବେଦନ

ନୂଆଦିଲ୍ଲୀ,୨୨।୧୨

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ସେନା ପାଇଁ ୨୦୨ ଜଣ ଭାରତୀୟ ନିଯୁକ୍ତ ହୋଇଥିବା ବିଶ୍ୱାସ କରାଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ନିଖୋଜ ଥିବା



ସାହିଲ ମହମ୍ମଦ ହୁସେନ ମଜୋଥି

ରୁଷିଆ ପକ୍ଷରୁ ରିପୋର୍ଟ କରାଯାଇଛି। ପାର୍ଲାମେଣ୍ଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଏହା କହିଥିଲେ। ସେଠାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଥିବାବେଳେ ଏବେ ବି ୫୦ ଜଣ ରହିଛନ୍ତି। ସେମାନଙ୍କୁ ଯଥାଶୀଘ୍ର ଫେରାଇ ଅଣାଯିବାକୁ ଉଦ୍ୟମ ହେଉଥିବା ମନ୍ତ୍ରୀ କହିଥିଲେ।

ଗୁଜରାଟ ମୋର୍ବି ଜିଲାର ୨୩ ବର୍ଷୀୟ ସାହିଲ ମହମ୍ମଦ ହୁସେନ ମଜୋଥି ରୁଷିଆ ସେନା ତରଫରୁ ଲଢୁଥିବାବେଳେ ଏବେ ସେ ୟୁକ୍ରେନ୍ ହାଜତରେ ଅଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ପାଇଁ ସେ ଭାରତ ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ପରିବାରକୁ ପଠାଇଥିବା ଏକ ଭିଡିଓ ବାର୍ତ୍ତାରେ ସେ ରୁଷିଆ ନ ଯିବାକୁ ଭାରତୀୟମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ ବୁଝାମଣା ଶେଷ

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ବାଣିଜ୍ୟ ହେବ ଶୁଳ୍କମୁକ୍ତ, ୨୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ନେଇ କଥାବାର୍ତ୍ତା ଚୂଡ଼ାନ୍ତ ହୋଇଛି। ଆଗାମୀ ୭/୮ ମାସରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ବଳରେ ଶ୍ରମଭିତ୍ତିକ ସେକ୍ଟରରୁ ବହୁ ଘରୋଇ ସାମଗ୍ରୀ ଉଭୟ ଦେଶରେ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବା ସହ ଆଗାମୀ ୧୫ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ୨୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିସହିତ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ଦୁଇଗୁଣ ବୃଦ୍ଧି ପାଇ ୫ ବିଲିୟନ ଡଲାରରେ ପହଞ୍ଚାଇବାରେ ଚୁକ୍ତିନାମା ସହାୟକ ହେବ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡକୁ ପଶମ, କୋଇଲା ଆଦି ସାମଗ୍ରୀ ଉପରେ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେହିପରି ୯୫ ପ୍ରତିଶତ ବନ୍ୟଜାତ ସାମଗ୍ରୀ ଓ କାଠ ଉପକରଣ ଶୁଳ୍କମୁକ୍ତ ହେବ। ଭାରତୀୟ କୃଷକ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ଦୁଗ୍ଧଜାତ ସାମଗ୍ରୀରେ ନ୍ୟୁଜିଲାଣ୍ଡକୁ ଶୁଳ୍କ ରିହାତି ଦେବେନାହିଁ। ସେହିପରି ପିଆଜ, ଚଣା, ମଟର, ମକା, ଆଳମଣ୍ଡ, ଚିନି, କୃତ୍ରିମ ମହୁ, ପ୍ରାଣୀ, ପନିପରିବା, ଫ୍ୟାଟ୍ ଓ ତୈଳ, ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା, ରତ୍ନପଥର, ଅଳଙ୍କାର, ତମ୍ବା, ଆଲୁମିନିୟମ ଓ ଏଥିରେ ନିର୍ମିତ ଉପକରଣ ଉପରେ ଶୁଳ୍କ ରିହାତି ଦିଆଯିବ ନାହିଁ। ସେବା କ୍ଷେତ୍ରରେ ନ୍ୟୁଜିଲାଣ୍ଡ ଭାରତୀୟ ପେସାଦାରମାନଙ୍କୁ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିଜା ପ୍ରଦାନ କରିବ। ଏଥିପାଇଁ ବାର୍ଷିକ କୋଟା ୫,୦୦୦ ରହିବ। ଉକ୍ତ ଭିଜାରେ ଯାଉଥିବା ଭାରତୀୟମାନେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ। ଭିଜା ପାଥ୍‌ୱେରେ ଆୟୁଷ ଡାକ୍ତର, ଯୋଗ ପ୍ରଶିକ୍ଷକ, ଭାରତୀୟ ସେଫ୍, ଗୀତ ଶିକ୍ଷକ, ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ନିର୍ମାଣ କ୍ଷେତ୍ରକୁ ସାମିଲ କରାଯାଇଛି। ଆମେରିକା ଲଗାଇଥିବା ୫୦ ପ୍ରତିଶତ ଟାରିଫ୍ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଉକ୍ତ ଚୁକ୍ତିନାମା ସହାୟକ ହେବ। ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ କଥାବାର୍ତ୍ତା ମାତ୍ର ୯ ମାସ ମଧ୍ୟରେ ଚୂଡ଼ାନ୍ତ ହେବା ଏକ ଐତିହାସିକ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ବଢ଼ାଇବାରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ମିଳିତ ଆକାଂକ୍ଷା ଏଥିରୁ ପ୍ରତିଫଳିତ ହେଉଛି। ଏଫ୍‌ଟିଏ କାର୍ଯ୍ୟକାରୀ ହେଲେ ଉଭୟ ଦେଶର ସାମଗ୍ରୀ ପାଇଁ ଅଧିକ ବଜାର ସୁବିଧା ଉପଲବ୍ଧ ହେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବୃଦ୍ଧି ପାଇବ। ଏହି ଅବସରରେ ମୋଦି ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲୁକ୍ସନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି।

ଫୁର୍‌ସତ୍

## ଧଳା ସହର ଆଶଗାବାତ

ନୂଆଦିଲ୍ଲୀ

ସମସ୍ତେ ରଙ୍ଗକୁ ଭଲ ପାଆନ୍ତି। ରଙ୍ଗୀନ ଘର, ରଙ୍ଗୀନ କୋଠା ସମସ୍ତଙ୍କୁ ଆକର୍ଷିତ କରେ। ଜାଣନ୍ତି କି ବିଶ୍ୱରେ ଏପରି ଏକ ସହର ଅଛି ଯେଉଁଠାରେ ସବୁକିଛି ଧଳା। ଆଜ୍ଞା ହଁ ଏପରି ଏକ ସହର ହେଉଛି ତୁର୍କମେନିସ୍ତାନର ରାଜଧାନୀ ଆଶଗାବାତ। ଯାହା ଧଳା ମାର୍ବଲ ସହର ଭାବରେ ଜଣାଯାଏ। ଏଠାରେ ପ୍ରତ୍ୟେକ କୋଠା ଧଳା ମାର୍ବଲରେ ତିଆରି। ଏହା ଏକ ସାଧାରଣ କଥା ନୁହେଁ, ସ୍ଥାନୀୟ ନିୟମର ଏକ ଅଂଶ। ଆଶଗାବାତରେ ସବୁଠି ଧଳା ରଙ୍ଗ ଦେଖାଯାଏ। ପ୍ରତ୍ୟେକ କୋଠା, ରାସ୍ତା, ଫୁଟ୍‌ପାଥ୍, ବସ୍ ଷ୍ଟପ୍, ସବୁକିଛି ଧଳା ଚାଦରରେ ଆଚ୍ଛାଦିତ। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲ କୋଠାଗୁଡ଼ିକ ଉପରେ ପଡ଼େ, ଏହା ଏକ ଆଶ୍ଚର୍ଯ୍ୟଠାରୁ



କମ୍ ନୁହେଁ। ଆଶଗାବାତ ଗିନିଜ ବୁକ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।

୨୦୦୦ ପରେ ଆଶଗାବାତ ପୁରୁଣା ସୋଭିଏତ୍ ଯୁଗର ଢାଞ୍ଚାରୁ ଉଭା ହୋଇଥିଲା। ସେତେବେଳେ ରାଷ୍ଟ୍ରପତି ସହରକୁ ଧଳା ମାର୍ବଲରେ ଆଚ୍ଛାଦିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଧଳା ମାର୍ବଲର ବ୍ୟାପକ ବ୍ୟବହାର ସହିତ ୫୫୦ରୁ ଅଧିକ ନୂତନ କୋଠା ନିର୍ମାଣ କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଶଗାବାତର ରାସ୍ତାରେ କେବଳ ଧଳା କାର୍ ଚାଲିପାରିବ। ଯଦି କେହି ରଙ୍ଗୀନ କାର୍ ଚଲାନ୍ତି, ତେବେ ତୁର୍କମେନିସ୍ତାନ ପୋଲିସ ତୁରନ୍ତ ଏହାକୁ ଜବତ କରି ଭାରୀ ଜରିମାନା ଆଦାୟ କରେ। କୁହାଯାଏ, କାରଟିର ମାଲିକ ଧଳା ରଙ୍ଗ ନ କରିବା ପର୍ଯ୍ୟନ୍ତ ତାଙ୍କୁ ତ୍ରାହି ନାହିଁ। ଏହି ନିୟମ ୨୦୧୮ରେ ତତ୍କାଳୀନ ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦ୍ଦିମୁଖାମେଦୋଭଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। କୁହାଯାଏ, ସେ ଧଳା ରଙ୍ଗକୁ ବହୁତ ପସନ୍ଦ କରୁଥିଲେ। ପ୍ରାରମ୍ଭରେ ରାଷ୍ଟ୍ରପତି ନିଜର ଇଚ୍ଛା ପୂରଣ କରିବା ପାଇଁ ସମଗ୍ର ସହରକୁ ଧଳା ରଙ୍ଗ କରିଥିଲେ, ଯାହା ପରେ ଏକ ସରକାରୀ ନିୟମ ପାଲଟିଥିଲା।

DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ | Bhubaneswar, Tuesday, December 23/2025 | ପୃଷ୍ଠା-୧



## ଡୁଫିଙ୍କୁ ୫ ଉଇକେଟ ସଫଳତା

ୱେଷ୍ଟଇଣ୍ଡିଜ ତୃତୀୟ କ୍ରିକେଟ ଟେଷ୍ଟରେ ଅନ୍ତିମ ଦିବସରେ ୫ ଉଇକେଟ ସଫଳତା ପାଇଛନ୍ତି ନ୍ୟୁଜିଲାଣ୍ଡ ବୋଲର ଜାକବ ଡୁଫି।

୧୬ ୦୨

## ପିସିଙ୍କ ଦେଶୀ ଠୁମ୍କା

ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ ନିକ୍ ଜୋନାସ୍ ଓ ତାଙ୍କ ଭାଇମାନଙ୍କ ସହିତ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି।



# ୨୪ରେ ରାଜ୍ୟ କ୍ୟାବିନେଟ

### ଅନୁମୋଦନ ଅପେକ୍ଷାରେ ୭ରୁ ଊର୍ଦ୍ଧ୍ୱ ପ୍ରସ୍ତାବ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୨୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ସାଧାରଣ ପ୍ରଶାସନ, ଅର୍ଥ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ଜଳସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରାୟ ୭ଟି ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାରଙ୍କ ପକ୍ଷରୁ ଜୋରସୋର ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପ୍ରତ୍ୟେକ ବିଭାଗକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ କୁହାଯିବା ସହିତ ବଜେଟ ବ୍ୟୟ ଅଟକଳକୁ ସମୟ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଭେଜାଲ ପାଇଁ ମୃତ୍ୟୁଦଣ୍ଡ





କ୍ରିସ୍‌ମାସ ଓ ବଡ଼ଦିନ ପାଇଁ ଭୁବନେଶ୍ୱର ୟୁନିଟ୍-୧ ମୁଖ୍ୟରାସ୍ତା ପାର୍ଶ୍ୱରେ ଖୋଲିଥିବା କ୍ରିସ୍‌ମାସ ବଜାରରେ ଆକର୍ଷଣୀୟ ଡିଜିଟାଲ ଡ୍ୟାନ୍ସିଂ ସାଣ୍ଟା କ୍ଲଜ୍ ସହ ଯୁବତୀମାନେ। **(ଫଟୋ: ବିକାଶ ନାୟକ)**

# ବଡ଼ଦିନରୁ ବଢ଼ିବ ଶୀତ

### କୁହୁଡ଼ି ପାଇଁ ୧୨ ଜିଲାକୁ ସତର୍କତା

ଭୁବନେଶ୍ୱର,୨୨।୧୨(ବନ୍ଦନା ସେଠୀ)

ବଡ଼ଦିନରୁ ଆହୁରି ବଢ଼ିବ ଶୀତ। ରାଜ୍ୟରେ ଏବେ ଶୀତର ଲହରି ଜାରି ରହିଥିବାବେଳେ ଆସନ୍ତା ୨୫ରୁ ଶୀତ ପ୍ରକୋପ ଅସମ୍ଭାଳ ହେବ। ପଶ୍ଚିମା ଝଡ଼ର ପ୍ରସ୍ଥାନ ପରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ସହ ଶୀତର ମାତ୍ରା ବୃଦ୍ଧି ପାଇବା ନେଇ ସୂଚନା ମିଳିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ କୁହୁଡି ନେଇ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ ଏବଂ କଳାହାଣ୍ଡି ଜିଲାକୁ ସତର୍କ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ଘଣ୍ଟାରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାଧାରଣ ତାପମାତ୍ରା ରହିଥିଲା। ☞ପୃଷ୍ଠା-୨

# କାର୍ ତଳେ ବିସ୍ଫୋରଣ: ରୁଷିଆ ଶୀର୍ଷ ଜେନେରାଲ ନିହତ

ମସ୍କୋ,୨୨।୧୨

ରୁଷିଆର ଜଣେ ଶୀର୍ଷ ଜେନେରାଲଙ୍କ କାର୍ ତଳେ ସୋମବାର ସକାଳେ ବିସ୍ଫୋରଣ ଘଟି ତାଙ୍କର ମୃତ୍ୟୁ ହୋଇଛି। ରାଜଧାନୀ ମସ୍କୋରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏହା ପଛରେ ୟୁକ୍ରେନ୍‌ର ହାତ ଥିବା ତଦନ୍ତକାରୀମାନେ ସନ୍ଦେହ କରିଛନ୍ତି। ବର୍ଷକ ମଧ୍ୟରେ ରୁଷିଆ ସେନାର ୩ ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଲାଣି। ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍ ରୁଷିଆ ସଶସ୍ତ୍ର ବଳ ଜେନେରାଲ ଷ୍ଟାଫ୍ ପରିଚାଳନା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ମୁଖ୍ୟ ଥିଲେ ବୋଲି ରୁଷିଆ ତଦନ୍ତ କମିଟି ମୁଖପାତ୍ର ସ୍ୱେତଲାନା ପେଟ୍ରେଙ୍କୋ କହିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି। ୟୁକ୍ରେନ୍ ଗୋଇନ୍ଦା ସେବା



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍

ଏହି ହତ୍ୟାକାଣ୍ଡ କରାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଉକ୍ତ ଦିଗର ମଧ୍ୟ ତଦନ୍ତ ହେଉଛି। ସର୍ଭାରୋଭଙ୍କ ମୃତ୍ୟୁ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିବା ଅନୁଯାୟୀ, ସର୍ଭାରୋଭ୍ ☞ପୃଷ୍ଠା-୨

# ବନ୍ଦ ଘରେ ମା', ୨ ପୁଅଙ୍କ ମୃତଦେହ

**ରାତିରେ ଚିକେନ ତରକାରି ହୋଇଥିଲା। ପାଳଙ୍ଗ ଶାଗ ମଧ୍ୟ ରନ୍ଧା ଯାଇଥିଲା। ଏହାକୁ ଖାଇବା ପରେ ଗୋଟିଏ ରୁମ୍‌ରେ ମା' ଓ ତାଙ୍କର ୨ ପୁଅ ଶୋଇ ଯାଇଥିଲେ। ଶୀତରୁ ରକ୍ଷା ପାଇବା ପାଇଁ ଭିତରେ କୋଇଲା ଆଞ୍ଚ ମଧ୍ୟ ରଖିଥିଲେ। ହେଲେ ସକାଳୁ ସେମାନେ ଆଉ ଉଠି ନ ଥିଲେ। ବନ୍ଦ ଘରେ ପଡ଼ିରହିଥିଲା ସେମାନଙ୍କ ମୃତଦେହ। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଇଟାପ ଗ୍ରାମ ଅସନବାହାଳି କଲୋନୀ ସାହିରେ ଘଟିଥିବା ଏହି ଘଟଣା ସୋମବାର ଏଠାରେ ଶୋକର ଛାୟା ଖେଳାଇ ଦେଇଛି।**

### ବିଷାକ୍ତ ଖାଦ୍ୟ କିମ୍ବା କୋଇଲା ଆଞ୍ଚ ଯୋଗୁ ମୃତ୍ୟୁ ସନ୍ଦେହ

ଅନୁଗୋଳ,୨୨।୧୨(ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ଘଟଣାର ମୃତକ ହେଉଛନ୍ତି ଇଟାପ ଗ୍ରାମର ଗୋଲାପ ସାହୁ (୫୬), ପୁଅ ଭରତ ସାହୁ (୩୨) ଓ ଲିପୁନ ସାହୁ (୨୪)। ଖାଦ୍ୟ ବିଷାକ୍ତ ହୋଇଥିବା କିମ୍ବା କୋଇଲା ଆଞ୍ଚ ଧୂଆଁରେ ଅଣନିଃଶ୍ୱାସୀ ହୋଇ ମା' ଓ ୨ ପୁଅଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗୋଲାପଙ୍କ ଅନ୍ୟ ଜଣେ ପୁଅ, ସ୍ୱାମୀ ଅନ୍ତର୍ଯ୍ୟାମୀ ସାହୁ ଓ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ ତାଙ୍କର ଗୋଟିଏ ପୁଅ ରୁଟି ସହ ଚିକେନ ଖାଇଥିବା ବେଳେ ସେମାନେ ସୁରକ୍ଷିତ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଇଟାପ ଗ୍ରାମର ଅନ୍ତର୍ଯ୍ୟାମୀଙ୍କ ପ୍ରଥମ ସ୍ତ୍ରୀ ଗୋଲାପ ରାତିରେ ଚିକେନ ତରକାରି ସହ ପାଳଙ୍ଗ ଶାଗ ରୋଷେଇ କରିଥିଲେ। ସାନପୁଅ ଲିପୁନ ଡ୍ୟୁଟିରୁ ରାତି ପ୍ରାୟ ୧୦ଟା ୩୦ରେ ଫେରିବା ପରେ ଗୋଲାପ, ଲିପୁନ ଓ ଭରତ ତାହାକୁ ଖାଇ ଗୋଟିଏ ରୁମ୍‌ରେ ଶୋଇଥିଲେ। ଉକ୍ତ ରୁମ୍ ଭିତରେ ସେମାନେ କୋଇଲା ଆଞ୍ଚ ରଖିଥିଲେ। ସେମାନଙ୍କ ପାଖ ରୁମ୍‌ରେ ଗୋଲାପଙ୍କ ଅନ୍ୟ ଜଣେ ପୁଅ ଶୋଇଥିବା ବେଳେ ଅନ୍ତର୍ଯ୍ୟାମୀ, ଦ୍ୱିତୀୟ ସ୍ତ୍ରୀ ଓ ତାଙ୍କ ପୁଅ ରୁଟି ସହ ଚିକେନ ଖାଇ ଆଉ ଏକ କୋଠରିରେ ଶୋଇପଡ଼ିଥିଲେ। ସକାଳେ ଅନ୍ୟମାନେ ଉଠିପଡ଼ିଥିଲେ ଗୋଲାପ, ଲିପୁନ ଓ ଭରତ ଉଠି ନ ଥିଲେ। ଭିତରୁ କବାଟ ଦିଆଯାଇଥିବାବେଳେ ଉଠିବାରେ ବିଳମ୍ବ ହେବାରୁ ଅନ୍ତର୍ଯ୍ୟାମୀ ଓ ଅନ୍ୟମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କିଛି ଜବାବ ନ ମିଳିବାରୁ ସେମାନେ ପଡ଼ୋଶୀଙ୍କୁ ଡାକିବା ସହ କବାଟ ଭାଙ୍ଗିଥିଲେ। ଏହାପରେ ସମ୍ପୃକ୍ତ ୩ ଜଣଙ୍କ ମୁହଁରେ ପାଣି ଛାଟି ଉଠାଇବାକୁ ଚେଷ୍ଟା କରିଥିଲେ। ସେଥିରେ ବିଫଳ ହେବାରୁ ସମସ୍ତଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଗୋଲାପ ଓ ତାଙ୍କର ୨ ପୁଅ ଭରତ, ଲିପୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କଣ୍ଟାବଣିଆ ଥାନା ଥାନା ଅଧିକାରୀ ତୁଳସୀ ଭୂୟାଁ ଓ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଅନୁଗୋଳ ମେଡିକାଲରେ ପହଞ୍ଚି ଫୋରେନସିକ ଟିମ୍ ମାଧ୍ୟମରେ ତଦନ୍ତ କରିଥିଲେ। ସେଠାରେ ଥିବା ପରିବାରର ଅନ୍ୟ ସଦସ୍ୟଙ୍କୁ ପଚରାଉଚରା କରିଥିଲେ। ଏହାପରେ ମୃତକଙ୍କ ଘରକୁ ଯାଇ ମଧ୍ୟ ତଦନ୍ତ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ହିନ୍ଦୋଳ ଏସ୍‌ଡିପିଓ ନନ୍ଦ କହିଛନ୍ତି, ଘଟଣାକୁ ସମସ୍ତ ଦିଗରୁ ଯାଞ୍ଚ କରାଯାଉଛି। ଅନୁଗୋଳ ଥାନାରେ ମାମଲା ରୁଜୁ ହୋଇଛି। ଡାକ୍ତରୀ ଟିମ୍, କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପ୍ରାଥମିକ ତଦନ୍ତରୁ ସେପରି କୌଣସି ସନ୍ଦେହ କରାଯାଇନାହିଁ। ମୃତକ ଘର ଭିତରେ ବାନ୍ତି କରିଥିବାରୁ ସେଥିରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଫୋରେନସିକ୍ ଲ୍ୟାବକୁ ପଠାଯାଇଛି। ଖାଦ୍ୟ ବିଷାକ୍ତଜନିତ କାରଣରୁ କିମ୍ବା ଶୀତରୁ ରକ୍ଷା ପାଇବା ପାଇଁ ରୁମ୍ ଭିତରେ କୋଇଲା ଆଞ୍ଚ ରଖିଥିବାରୁ ଅଣନିଃଶ୍ୱାସୀ ହୋଇ ଏପରି ଅଘଟଣ ଘଟିଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାଇ ଯାହା କିଛି କୁହାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ନିବେଶକଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ବଢ଼ିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

- **୧୮ ମାସରେ ୨.୧୦ ଲକ୍ଷ କୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ**
- **ହାଇଦ୍ରାବାଦ୍ ରୋଡ୍ ଶୋ' ଦ୍ୱାରା ୬୬,୭୮୧ କୋଟିର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି**
- **ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା**

ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହେବା ସହ ଏହାଦ୍ୱାରା ୨, ୫୫, ୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି, ଏହାଦ୍ୱାରା ୧, ୬୩, ୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଫାର୍ମା, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ୨ଟି ଏମ୍‌ଓୟୁ କରିଥିଲା। ଉତ୍କର୍ଷ ଓଡ଼ିଶା ୨୦୨୫କୁ ବର୍ଷେ ପୂରଣ ହେବାକୁ ଯାଉଥିବାରୁ ହାଇଦ୍ରାବାଦ ଗସ୍ତର ସଫଳତା ଓଡ଼ିଶାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ହାଇଦ୍ରାବାଦ ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ (ଆଇଆଇଏଫ୍) ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟି ଟଙ୍କାର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ମୋଟ ଉପରେ ହାଇଦ୍ରାବାଦ ରୋଡ୍‌ଶୋ ଦ୍ୱାରା ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି, ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ କହିଛନ୍ତି।

ହାଇଦ୍ରାବାଦଠାରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ନିବେଶକମାନଙ୍କ ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସ ରହିଛି। ଶିଳ୍ପପତି ଓ ନିବେଶକମାନଙ୍କ ସହିତ ଆଲୋଚନା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ବୈଠକ ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା। ୮ଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା। ୨ୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ଫାର୍ମା ଏବଂ ପ୍ରତିରକ୍ଷା ଏହି ☞ପୃଷ୍ଠା-୨

# ଦକ୍ଷିଣ ଏସିଆ ପିଲାଙ୍କ ବିକାଶରେ ବାଧକ ଜଳବାୟୁ ପରିବର୍ତ୍ତନ

### ୨୦୫୦ ବେଳକୁ ୩ ନିୟୁତ ପିଲା ପ୍ରଭାବିତ ହୋଇପାରନ୍ତି: ଅଧ୍ୟୟନ

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ଏବଂ ଆର୍ଦ୍ରତା ବଢୁଥିବାବେଳେ ଏହା ଦକ୍ଷିଣ ଏସୀୟ ପିଲାମାନଙ୍କ ଉପଯୁକ୍ତ ବିକାଶକୁ ପ୍ରଭାବିତ କରୁଛି। ୨୦୫୦ ସୁଦ୍ଧା ଉପଯୁକ୍ତ ବିକଶିତ ହୋଇ ନ ଥିବା ପିଲାଙ୍କ ସଂଖ୍ୟା ୩ ନିୟୁତ ଟପିପାରେ ବୋଲି ଏକ ଅଧ୍ୟୟନରେ ଆକଳନ କରାଯାଇଛି। କାଲିଫର୍ନିଆର ସାନ୍ତା ବାର୍ବରାସ୍ଥିତ ୟୁଏସ୍ ୟୁନିଭର୍ସିଟିର ଗବେଷକମାନେ ଗର୍ଭାବସ୍ଥାରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ର ସ୍ଥିତିର ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଗବେଷଣା କରିଥିଲେ। ୫ ବର୍ଷରୁ କମ୍ ବୟସବର୍ଗର ପିଲାମାନଙ୍କ ସ୍ୱାସ୍ଥ୍ୟ ସ୍ଥିତିର ସୂଚକାଙ୍କ ଭାବେ ବ୍ୟବହାର କରାଯାଉଥିବା ବୟସ ଅନୁଯାୟୀ ଉଚ୍ଚତା ଅନୁପାତ ଉପରେ ଅନୁଧ୍ୟାନ କରାଯାଇଥିଲା।



ଗର୍ଭବତୀ ମହିଳାଙ୍କ ଓଜନ ବୃଦ୍ଧି ଏବଂ ହରମୋନ୍‌ରେ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଉତ୍ତାପ ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ।

ସାଇନ୍ସ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପଜନିତ ପ୍ରଭାବକୁ ଆର୍ଦ୍ରତା ଅଧିକ ଖରାପ କରିପାରେ। ଏହା ଗର୍ଭବତୀ ମହିଳାଙ୍କୁ ଶାନ୍ତ ହେବାରୁ ରୋକିଥାଏ। ଗର୍ଭବସ୍ଥାର ପ୍ରଥମ ଏବଂ ଶେଷ ଭାଗରେ ଏଭଳି ସ୍ଥିତି ଦେଖାଯାଇଥାଏ। କାରଣ ଗର୍ଭାବସ୍ଥା ଆରମ୍ଭ ସମୟରେ ଭ୍ରୂଣ ଅତ୍ୟନ୍ତ ଦୁର୍ବଳ ଥାଏ ଏବଂ ଶେଷଭାଗରେ ମା'ଙ୍କ ପ୍ରତି ବିପଦ ରହିଥାଏ ବୋଲି ଅଧ୍ୟୟନର ନେତୃତ୍ୱ ନେଇଥିବା କେଟି ମାକ୍‌ମୋହନ କହିଛନ୍ତି। ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ କେବଳ ଉତ୍ତାପ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ଯେତିକି ପ୍ରଭାବିତ ହୋଇଥାଏ, ଏହା ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ସାରସ୍ୱତ ଆସର ଏବଂ କବିତା ପାଠୋତ୍ସବ, ବିଷୟ, 'ଓଡ଼ିଆ ଭାଷା ସାହିତ୍ୟକୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଅବଦାନ', ସ୍ଥାନ: ଗୀତା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନିଗମ କଳ୍ପତରୁ ସେବା ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ନିଗମ କଳ୍ପତରୁ ଆଶ୍ରମ, ରୁଦ୍ର ବିହାର, ହଂସପାଳ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜାତୀୟ କୃଷି ଦିବସ ପାଳନ, ସ୍ଥାନ: ସିଓ୍ୱାଇଏସ୍‌ଡି, ଇନ୍‌ଫ୍ରଣ୍ଟ ଅଫ୍ ଏକ୍ସଆଇଏମ୍‌ବି, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଜଧାନୀ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୧୧୧କୋଟି ଟଙ୍କା ବିନିଯୋଗରେ ନୂତନ ୪୨୮ଟି ୧୦୮ ଆମ୍ବୁଲାନ୍ସ ଯାନର ପ୍ରାବଧାନ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦିଲୀପ ତିର୍କୀ ଆଣ୍ଡ ଦି ସ୍ପିରିଟ୍ ଅଫ୍ ହକି ଇନ୍ ଓଡ଼ିଶା, ଫଟୋ ପ୍ରଦର୍ଶନୀ, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୧ଟା।
- ବାଲିପାଟଣାସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ନୀଳାଦ୍ରି ବିହାର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ପଟିଆ, ସମୟ: ଅପରାହ୍ନ ୪ଟା।
- ଚତୁଃଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସମୟ: ସନ୍ଧ୍ୟା ୫ଟା।
- ୯୦ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଆଇକନ୍ ଟୁଗେଦର ଓ୍ୱ ରାଇଜ୍ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ସ୍ଥାନ: ଶକ୍ତିପୀଠ ଚଉଷଠି ଯୋଗିନୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୬ଟା।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ ଏକ୍ ଏହଶାସ ଦୋ ଆୱାଜ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଇମ୍ପା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର, କଳା ପ୍ରକାଶିନୀ କ୍ଲବ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ସାଂସଦ ଖେଳ ମହୋତ୍ସବରେ କ୍ରିକେଟ ଫାଇନାଲ ମ୍ୟାଚ୍, ସ୍ଥାନ: ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡ, ସମୟ: ସକାଳ ୯ଟା।

**ପୁରୀ**
- ଗୋପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ହାପିକଲୋନି ସ୍ଥିତ ନିଗମାନନ୍ଦ ସ୍ମାର୍ଟସ୍କୁଲ ଖେଳପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ଆସର ଓ କବିତା ପାଠୋତ୍ସବ, ସ୍ଥାନ: ଗୀତା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଫୋରମ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସୟୟ: ମଧ୍ୟାହ୍ନ ୧୨ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଲ୍ଲାହାଟ ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଶିଶୁମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ରାଜ୍ୟ ପ୍ରଶିକ୍ଷଣ କେନ୍ଦ୍ର, ବରୁଣେଇ ଶିକ୍ଷାଞ୍ଚଳ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟମାସ ଉତ୍ସବ, ସ୍ଥାନ: କ୍ୟାଥୋଲିକ୍ ଚର୍ଚ୍ଚ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ସ୍ଥାନ: ମଧୁରମେଳା, ସାର୍ଥା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୬ ତମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ନବନିର୍ମାଣ କୃଷକ ସଂଗଠନ ତରଫରୁ ମଣ୍ଡି ଖୋଲିବା ଦାବିରେ ଧାରଣା, ସ୍ଥାନ: ପାଟଣା ତହସିଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଟଣା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଡାକ୍ତରଖାନା ସମ୍ମୁଖରେ ଜେଏମ୍‌ଏମ୍‌ର ଧାରଣା, ସ୍ଥାନ: ବାରମାଇଲ୍ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମାତୃଶ୍ରୀ ଆଙ୍ଗ୍ଲୋବେଦିକ ସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ହିଲପାଟଣା,ସମୟ: ଅପରାହ୍ନ ୪ଟା ୩୦।

**ଗଞ୍ଜାମ**
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା, ସ୍ଥାନ: ବୁଗୁଡ଼ା ଆଦିପୁର ଛକ, ସମୟ: ସକାଳ ୮ ଟା।
- ଆସିକା ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ସମ୍ମୁଖରେ କ. ନୂଆଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ଶିକ୍ଷା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଢେଙ୍କାନାଳ**
- ସ୍ୱରସ୍ୱତୀ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରିଖାଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଊନତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ବାଳଶିବିର, କନ୍ୟାଶିବିର ଓ ଗ୍ରାମଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଅଷ୍ଟଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଅପରାହ୍ନ ୩ ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ : ଆଠମଲ୍ଲିକ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ଏନ୍‌ଏସି ହାଇସ୍କୁଲର ୨୦୦୦ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଏମ୍ପାୱାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ରାଜନୈତିକ ଦଳ ବୈଠକ, ସ୍ଥାନ: ଜିଲାପାଳଙ୍କ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଯାଜପୁର ରୋଡ୍ ମଧୁସୁଦନ ନଗର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ଜିଲା ରେଡକ୍ରସ ବ୍ରାଞ୍ଚର ଏକ୍‌ଜିକ୍ୟୁଟିଭ୍ କମିଟି ବୈଠକ, ଜିଲା କନଫରେନ୍ସ ହଲ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଜିଲା ମହୋତ୍ସବ ଉପରେ ଜିଲା ପ୍ରଶାସନର ଖବରଦାତା ସମ୍ମିଳନୀ,ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ:ଅପରାହ୍ନ ୪ଟା।
- ପୌଷ ପୂର୍ଣ୍ଣିମା ସୁନାବେଶର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**
- ଚଇତି ଇଡିତାଲ ୨୦୨୫ ପାଇଁ କବିତା ପାଠୋତ୍ସବ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ତୋଟାଗୁଡା ଛକ ନିକଟସ୍ଥ ପଡ଼ିଆ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡ ସ୍ତରୀୟ ଚଇତି ଇଡିତାଲର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ : ସନ୍ଧ୍ୟା ୫ଟା ୩୦।

**ନବରଙ୍ଗପୁର**
- ସାଂସଦସ୍ତରୀୟ ଖେଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୯ଟା।

**କୋରାପୁଟ**
- ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: କାକିରିଗୁମ୍ମା ଲ୍ୟାମ୍ପ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ବାଂଲାଦେଶ ପୋଡି ଘଟଣାକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଦଶମନ୍ତପୁର, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳର ମାଲକାନଗିରି ଗସ୍ତ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା
- ଜାତୀୟ କିଶାନ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ ଟା।

**ସମ୍ବଲପୁର**
- ଚାଷୀ ସମସ୍ୟା ନେଇ ଆମ ଆଦମୀ ପାର୍ଟିର ସ୍ମାରକ ପତ୍ର କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।
- ଜାତୀୟ ସମ୍ବଲପୁରୀ ସମ୍ମେଳନ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୧ଟା।

**ବଲାଙ୍ଗୀର**
- ପ୍ରସିଦ୍ଧ ଶୁଳିଆ ଯାତ୍ରା, ସ୍ଥାନ: ବଡ଼ଖଳା, ଖଇରଗୁଡ଼ା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜିଲାର ଧାନମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସମାବେଶ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଇଟିଆଇ କଲେଜର ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସରକାରୀ ଆଇଟିଆଇ କଲେଜ ପରିସର, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ୍ ମ୍ୟାଚ, ସ୍ଥାନ: ଡିଏଭି ଖେଳପଡ଼ିଆ, ବାସନ୍ତୀ କଲୋନୀ ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଆଇଟିଆଇର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଶିଳ୍ପାଞ୍ଚଳ, ରାଉରକେଲା ସମୟ: ଅପରାହ୍ନ ୩ଟା।

**ବରଗଡ଼**
- ଶଶିଭୂଷଣ ମିଶ୍ର ଶର୍ମାଙ୍କ ପୁସ୍ତକ ଭଞ୍ଜ ନନ୍ଦିନୀ ଉନ୍ମୋଚନ ସମାରୋହ, ସ୍ଥାନ:ଜର୍ଜ ହାଇସ୍କୁଲ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭାଗୀରଥି ଇନ, ସମୟ: ଅପରାହ୍ନ ୪ଟା।
- ଧାନ ସଂଗ୍ରହ ଅବ୍ୟବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଉପ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

**ବୌଦ୍ଧ**
- ପଞ୍ଚାୟତସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ବାରିଙ୍ଗ ଖେଳ ପଡିଆ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମହାନଦୀ ଉତ୍ସବ-୨୦୨୫, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।
- ସୁଳିଆ ଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି-ରାମପୁର ରୋଡ଼ସ୍ଥିତ ସୁଳିଆ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସପ୍ତମ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରୋଧ କଲି କୁକୁରକୁ**
**କୁକୁର ମୁତିଲା ଉପରକୁ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା' ପ୍ରତି ମନରେ ଏକପ୍ରକାର ଦରଦ ଭାବ ରହିଥାଏ। ଏଭଳି ସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ଚିତ୍ର ପଟପଟ,**
**ଭିତରେ ପାପ ଭଟଭଟ।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ। ଆଜିର ଯୁଗରେ ମଣିଷର ସ୍ୱଭାବକୁ ଚିହ୍ନିବା ନିହାତି କଷ୍ଟକର ହୋଇଥିବାବେଳେ ପ୍ରକୃତରେ କିଏ ଭଲ ଓ କିଏ ଭେଲ, ତାହା ମଧ୍ୟ ସହଜରେ ଜାଣିହୋଇ ନ ଥାଏ। ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତି ଭିତରେ କପଟାଚରଣ ବା ମନ୍ଦ ଆଚରଣ କରୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପିସିଙ୍କ ଦେଶୀ ଠୁମ୍‌କା



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ୍ ପରେ ଆଜିକାଲି ହଲିଉଡ୍‌ରେ ରାଜ୍ କରୁଛନ୍ତି ପିସି ଓରଫ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା। ହଲିଉଡ୍‌ରେ ସେ ଯେତେ ପ୍ରୋଜେକ୍ଟ କାମ କରନ୍ତୁ ନା କାହିଁକି ସେ ବଲିଉଡ୍‌କୁ ଆଦୌ ଭୁଲି ନାହାନ୍ତି। ସୁଯୋଗ ମିଳିଲେ ସେ ବଲିଉଡ୍ ଗୀତରେ ଝୁମନ୍ତି। କେବଳ ଏତିକି ନୁହେଁ, ସ୍ୱାମୀ ତଥା ହଲିଉଡ ଗାୟକ ନିକ ଜୋନାସ ଏବଂ ତାଙ୍କ ଭାଇମାନଙ୍କୁ ବଲିଉଡ୍ ଗୀତରେ ନାଚିବାକୁ ବାଧ୍ୟ କରାନ୍ତି। ନିକଟରେ ନିକ ତାଙ୍କ କନସର୍ଟ ପୂର୍ବରୁ ହୃତିକ ରୋଶନ ଏବଂ କିୟାରା ଆଡଭାନୀଙ୍କ 'ଆୱାନ ଜୱାନ' ଗୀତରେ ଝୁମୁଥିବାର ଦେଖାଯାଇଥିଲା। ପ୍ରିୟଙ୍କା ମଧ୍ୟ ନିକ ଏବଂ ତାଙ୍କ ଭାଇମାନଙ୍କ ସହିତ ଏକ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି। ନିକ ଇନଷ୍ଟାଗ୍ରାମରେ ଏହାର ଏକ ଭିଡିଓ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ଭିଡିଓରେ, ସମଗ୍ର ପରିବାର 'କୁର୍ବାନି' ଫିଲ୍ମର ସୁପରହିଟ ଗୀତ 'ଆପ ଜୈସା କୋଇ'ର ତାଳେ ତାଳେ ନାଚୁଥିବାର ଦେଖାଯାଇଥିଲା। ଏହା ଦେଖି ତାଙ୍କ ପ୍ରଶଂସକମାମାନେ ମଧ୍ୟ ବେଶ୍ ଖୁସି ଅଛନ୍ତି। ଏହି ଭିଡିଓ କୌଣସି ପ୍ରମୁଖ କାର୍ଯ୍ୟକ୍ରମ କିମ୍ବା ଶୁଟିଂର ନୁହେଁ, ବରଂ କନସର୍ଟ ପୂର୍ବରୁ ଏକ ମଜାଦାର ମୁହୂର୍ତ୍ତ ଥିଲା। ନିକ ଜୋନାସ ଏହାକୁ ତାଙ୍କର 'ପ୍ରି-ଶୋ ଏନର୍ଜି ଗୀତ' ଭାବରେ ବର୍ଣ୍ଣନା କରିଛନ୍ତି। ଜୋନାସ ବ୍ରଦର୍ସ ପୂର୍ବରୁ ଅନେକ ଥର ବଲିଉଡ ସଙ୍ଗୀତ ଉପରେ ଆଧାରିତ ରିଲ ତିଆରି କରିଛନ୍ତି। ନିକଟରେ ସେମାନେ ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର'ର 'ଶରାରତ' ଗୀତରେ ନାଚିଥିଲେ।

ପ୍ରଥମ ପୃଷ୍ଠାରୁ...

## ୨୪ରେ ରାଜ୍ୟ...

'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ କରିଥିବାବେଳେ କୃଷକଙ୍କ ଲାଗି ଇନ୍‌ପୁଟ ସବ୍‌ସିଡି ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା/ବୃଦ୍ଧଙ୍କୁ ୩,୫୦୦ଟଙ୍କା ଭତ୍ତା ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେବେ ୨୪ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟରେ ସରକାର ରାଜ୍ୟବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି କେଉଁଭଳି ପ୍ରସ୍ତାବକୁ ଅନୁମୋଦନ କରାଯାଉଛି, ତାହା ଦେଖିବାକୁ ରହିଛି।

## ବଡ଼ଦିନରୁ ବଢ଼ିବ...

କୋରାପୁଟରେ ସର୍ବାଧିକ ଥଣ୍ଡା ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ରହିଥିଲା। ଏହା ସ୍ୱାଭାବିକ ତାପମାତ୍ରାଠାରୁ ୭.୨ ଡିଗ୍ରୀ କମ୍ ରହିଥିଲା। ସେହିପରି ଜି.ଉଦୟଗିରିରେ ୬.୮ ଡିଗ୍ରୀ, ଦାରିଙ୍ଗବାଡି ୭, ସେମିଳିଗୁଡା ଓ ଫୁଲବାଣୀରେ ୮, ନବରଙ୍ଗପୁର ୮.୫, ବୌଦ୍ଧ ୯.୨, ଚିପିଲିମା ଓ ରାଉରକେଲାରେ ୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏଥିସହ ଭୁବନେଶ୍ୱରରେ ୧୩.୬ ଡିଗ୍ରୀ ଏବଂ କଟକରେ ୧୨.୪ ଡିଗ୍ରୀ ତାପମାତ୍ରା ରହିଛି। ଏଥିସହ ସୋମବାର ରାଉରକେଲା, ବଲାଙ୍ଗୀର, ସୋନପୁର, ଝାରସୁଗୁଡା ଓ ଫୁଲବାଣୀରେ ଘନ କୁହୁଡି ଏବଂ ଭବାନୀପାଟଣା, କୋରାପୁଟ, ବାରିପଦା, ପାରାଦୀପ, କେନ୍ଦୁଝର, ସମ୍ବଲପୁର ଓ ହୀରାକୁଦରେ ମଧ୍ୟମରୁ ସାମାନ୍ୟ କୁହୁଡି ପରିଲକ୍ଷିତ ହୋଇଥିଲା।

## କାର୍ ତଳେ...

ପୂର୍ବରୁ ଚେଚେନ୍ୟାରେ ଯୁଦ୍ଧ ଲଢ଼ିବା ସହ ସିରିଆ ବିରୋଧରେ ମସ୍କୋ ସାମରିକ ଅଭିଯାନରେ ଭାଗ ନେଇଥିଲେ। ଠିକ୍ ବର୍ଷକ ପୂର୍ବରୁ ୨୦୨୪ ଡିସେମ୍ବର ୧୭ରେ ଋଷିଆ ସେନା ଆଣବିକ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବଳର ନେତୃତ୍ୱ ନେଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଇଗୋର କିରିଲୋଭ୍ ବୋମା ବିସ୍ଫୋରଣରେ ନିହତ ହୋଇଥିଲେ। ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ଇଲେକ୍ଟ୍ରିକ୍ ସ୍କୁଟରରେ ଉକ୍ତ ବୋମାକୁ ଲୁଚାଇ ରଖାଯାଇଥିଲା। ଏଥିରେ କିରିଲୋଭ୍‌ଙ୍କ ସମେତ ତାଙ୍କ ସହକାରୀ ମଧ୍ୟ ନିହତ ହୋଇଥିଲେ। ଆକ୍ରମଣ ପାଇଁ ୟୁକ୍ରେନ୍ ସିକ୍ୟୁରିଟି ସର୍ଭିସ୍ ନିଜକୁ ଦାୟୀ କରିଥିଲା। ଉକ୍ତ ସଂସ୍ଥା ତରଫରୁ ଉଜ୍‌ବେକର ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାରେ ଗିରଫ କରାଯାଇଥିଲା।

## ନିବେଶକଙ୍କର ଓଡ଼ିଶା...

୨ଟି କ୍ଷେତ୍ର ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ। ୩୮ ଶିଳ୍ପପତିଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିଛନ୍ତି। ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଡାଟା ସେଣ୍ଟର, ବୟନ ଓ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଛି। ରୋଡ୍ ଶୋ'ରେ ୫୦୦ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଙ୍ଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ସରକାରଙ୍କ ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ୍ ଉପସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କୋଲକାତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ ହେବାର ଯୋଜନା ରହିଛି। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ଆସନ୍ତା ୩ ମାସ ଭିତରେ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଯେଉଁସବୁ ପ୍ରସ୍ତାବ ଆସିଛି ତା'କୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପଗୁଡ଼ିକୁ ଗ୍ରାଉଣ୍ଡିଙ୍ଗ କରାଯିବ। ପ୍ରକଳ୍ପଗୁଡ଼ିକ କ୍ଷିପ୍ରଗତିରେ କାର୍ଯ୍ୟକାରୀ ହେଲେ ନିବେଶକମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ। ସେ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ (ବିଡିଏଲ୍) ଗସ୍ତ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବଳସାମନ୍ତ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲିକଙ୍କ ସମେତ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦକ୍ଷିଣ ଏସିଆ ପିଲାଙ୍କ...

ସହ ଆର୍ଦ୍ରତା ମିଶିଲେ, ପ୍ରଭାବ ୪ ଗୁଣ ବଢ଼ିଯାଇଥାଏ ବୋଲି ୟୁନିଭର୍ସିଟିର ଅନ୍ୟ ଜଣେ ପ୍ରଫେସର କହିଛନ୍ତି। ଉତ୍ତାପ ବୃଦ୍ଧି ଯୋଗୁ ଜନ୍ମ ହେବାକୁ ଥିବା ପିଲାଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିଥାଏ। ବିଶେଷ କରି ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ହେଲେ ପ୍ରଭାବ ୩ ମାସ ପର୍ଯ୍ୟନ୍ତ ରହିଥାଏ। ଉତ୍ତାପ-ଆର୍ଦ୍ର ସ୍ଥିତି ମୋଟାମୋଟି ଭାବେ ଗର୍ଭଧାରଣ ହାରକୁ ହ୍ରାସ କରିପାରେ ଏବଂ ସମୟ ପୂର୍ବରୁ ଗର୍ଭପାତ କିମ୍ବା ଉଭୟ ହୋଇପାରେ ବୋଲି ଗବେଷକ କହିଛନ୍ତି। ଉତ୍ତାପ ଓ ଆର୍ଦ୍ର ସ୍ଥିତି ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପାଇଁ ବିପଦ। ସବୁଠୁ ଜନବହୁଳ ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ଅଧିକ ଖରାପ ହୋଇପାରେ। ଏଭଳି ଜଳବାୟୁ ଯୋଗୁ ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆରେ ୩ ନିୟୁତରୁ ଅଧିକ ଶିଶୁଙ୍କ ବିକାଶ ପ୍ରଭାବିତ ହେବାର ସମ୍ଭାବନା ଥିବା ଗବେଷକମାନେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ରାଶ୍ୟାଧିପତି ଓ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଭଲ ରହିବ। ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ରରେ, ମାତୃବର୍ଗରେ, ଜମିଜମା, ଦୋକାନବାଡ଼ି, ହୋଟେଲ ଆଦି ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ।

**ବୃଷ** ଧନାଧିପତି ଦୁଃସ୍ଥାନସ୍ଥ ଯୋଗୁ ଧାରକରଜ କରିବାକୁ ପଡ଼ିପାରେ। ପରିବାର ମଧ୍ୟରେ ନିଜର ପ୍ରାଧାନ୍ୟ ଜାହିରକଲେ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ। ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହେବେ। ଲେଖାପଢ଼ାରେ, ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବା ଭଲହେବ।

**ମିଥୁନ** ଅଷ୍ଟମଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରଖିପାରିଲେ ପାରିବାରିକ ଜୀବନ ଶୃଙ୍ଖଳିତ ହୋଇପାରିବ। କୌଣସି କାମ ଆରମ୍ଭକରି ଆତ୍ମତୃପ୍ତି ଲାଭ କରିପାରନ୍ତି। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅତିଥି ଚର୍ଚ୍ଚାକୁ ନେଇ ପରିବାର ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** ରାଶିକୁ ରାଶ୍ୟାଧିପତି ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟସମସ୍ୟା ସୁଧୁରିଯିବା ଆଶା କରାଯାଇପାରେ। ସରଳବିଶ୍ୱାସ ଯୋଗୁ କର୍ମକ୍ଷେତ୍ରରେ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମୂଲ୍ୟବାନ୍ ଜିନିଷ କିଣାବିକାକୁ ନେଇ ଟଣାଓଟରା ଦେଖା ଦେବ। ପାରିବାରିକ ସ୍ଥିତି, ବ୍ୟବସାୟ କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ସିଂହ** ଆପଣ ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବୃଥା ସନ୍ଦେହ କାରଣରୁ ନିଜଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବା ଆଶାକରି କେତେକାଂଶରେ ଖୁସି ହେବେ।

**କନ୍ୟା** ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ଆପଣ ପାଟି ଖୋଲିଲେ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି ଭଲ ରହିବ। ଅଦାଲତ, ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆର୍ଥିକ ଅନଟନ, ଶାରୀରିକ ପୀଡ଼ାଜନିତ ମନ ବିରସ ରହିପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଗୃହ ସମସ୍ୟା ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ କେତୁଗ୍ରହ ଅବସ୍ଥାନ କରିଥିବାରୁ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟଜନିତ କଳହ ଘଟିପାରେ। ସେବା ଓ ପରୋପକାର କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ରଚନାତ୍ମକ କାମରେ ସମସ୍ୟା ଦୂରହୋଇଯିବ।

**ଧନୁ** କର୍ମାଧିପ ଦ୍ୱାଦଶ ଭାବରେ ରହିଥିବାରୁ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। କିନ୍ତୁ କୌଣସି କାମ ଅଟକି ରହିବନାହିଁ। ପରିବାରର ଆବଶ୍ୟକତା ପୂରଣକରିବା ପାଇଁ ଧାରକରଜ କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ହିତୈଷୀ ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଲାଭଭାବରେ ମଙ୍ଗଳ ରହିଥିବାରୁ ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ବୁଧଙ୍କ ଶୁଭ ପ୍ରଭାବରୁ ଚିନ୍ତା କରିଥିବା କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷଶତ୍ରୁତା ଜନିତ ସମାଲୋଚନା ମନକୁ ଆନ୍ଦୋଳିତ କରିପାରେ। ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ଆର୍ଥିକ ଦୁରବସ୍ଥା ସୁଧାରିବା ଦିଗରେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିଜନଙ୍କ ସହ ଦୂରଯାତ୍ରା ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଯାତ୍ରା ସ୍ଥଗିତ ରହିଯିବା ଆଶଙ୍କା ରହିଛି।

ଆଜି ଡିସେମ୍ବର ୨୩ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୧ ଗତେ ଘ.୦୭।୦୪ ମଧ୍ୟେ, ଘ.୦୯।୦୩ ଗତେ ଘ.୧୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୭ ଗତେ ଘ.୦୩।୪୮ ମଧ୍ୟେ ରାହୁକାଳ।

# କେ.ଭି.ଙ୍କ ଅଧ୍ୟକ୍ଷତାରେ ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

### ମହାନଦୀ ଜଳ ବିବାଦର ସମାଧାନ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)



ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। ଏହା ଉପରେ ପ୍ରାୟ ୧୫ଟି ଜିଲାର ଲୋକେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପାନୀୟଜଳଠାରୁ ଆରମ୍ଭ କରି ଚାଷ ଓ ଶିଳ୍ପ ପାଇଁ ନିର୍ଭର କରିଥାନ୍ତି। ହେଲେ ଉପରମୁଣ୍ଡରେ ଛତିଶଗଡ଼ ସରକାର ୨୦୧୬ରେ ପ୍ରାୟ ୬୦ଟି ସେତୁ ନିର୍ମାଣ କରିବା ଯୋଗୁ ଶୀତଋତୁରେ ମହାନଦୀ ବୁକୁ ଶୁଖିଲା ପଡୁଛି। ଏହାକୁ ନେଇ ଅଧିକାଂଶ ସମୟରେ ବିଧାନସଭା ଭିତରେ ଏବଂ ବାହାରେ ଶାସକ-ବିରୋଧୀ ମୁହାଁମୁହିଁ ହେଉଥିବା ନଜିର ରହିଛି।

ଏହି ପରିପ୍ରେକ୍ଷୀରେ ମହାନଦୀ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ଲାଗି ଟ୍ରିପଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ଯଦିଓ ମହାନଦୀ ଜଳ ବିବାଦ ମାମଲା ଏବେ ଟ୍ରିବ୍ୟୁନାଲରେ ରହିଛି ଏହାକୁ କିଭଳି ଆପୋସ ମାଧ୍ୟମରେ ସମାଧାନ କରାଯାଇପାରିବ ସେନେଇ ଉଭୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହେବାକୁ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଚଳିତମାସ ୧୦ରେ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୌସ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ମହାନଦୀ ଜଳବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହିତ ଆଲୋଚନା ପରେ ବୈଷୟିକ କମିଟି କ୍ଷେତ୍ର ପରିଦର୍ଶନ କରିଛନ୍ତି। ମଙ୍ଗଳବାର ଜଳସମ୍ପଦ ବିଭାଗ ପକ୍ଷରୁ ବୈଷୟିକ କମିଟି କ୍ଷେତ୍ରସ୍ଥଳରେ କ'ଣ ସବୁ ଅନୁଧ୍ୟାନ କଲେ ତାହା ଉପରେ ବିସ୍ତୃତ ଆଲୋଚନା ହେବାକୁ ରହିଛି। ତେବେ ୨୦୧୭ରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଉମା ଭାରତୀ, ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଦୀର୍ଘ ସମୟ ଆଲୋଚନା ପରେ କୌଣସି ବାଟ ନ ଫିଟିବାରୁ ନ୍ୟାୟ ପାଇବା ଆଶାରେ ବିଜେଡି ସରକାର ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚ ୧୧ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଇତିମଧ୍ୟରେ କମିଟିକୁ ୭ବର୍ଷ ବିତିବାକୁ ଯାଉଥିଲେ ହେଁ ସମାଧାନ ପନ୍ଥା ବାହାରି ପାରୁନାହିଁ। ମାତ୍ର ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଏବେ ଭାଜପା ସରକାର ରହିଥିବାରୁ ଏହାର ଆପୋସ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# ଜାନୁଆରୀ ପହିଲାରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି

କଟକ,୨୨।୧୨(କାର୍ତ୍ତିକ ସାହୁ)

ଜାନୁଆରୀ ପହିଲାରୁ ସମଗ୍ର ରାଜ୍ୟରେ ମୋଟର ଯାନ ଆଇନ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଢ଼ାଉ ଜୋରଦାର କରାଯିବ। ପୋଲିସ ଓ ପରିବହନ କର୍ମଚାରୀଙ୍କ ମିଳିତ ସହଯୋଗରେ ମୋଟର ଯାନ ଯାଞ୍ଚ କଡ଼ାକଡ଼ି କରାଯିବ। ପୂର୍ବରୁ ଏ ନେଇ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସୋମବାର ଅନୁଷ୍ଠିତ ବୈଠକରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା କମିଶନର ଅମିତାଭ ଠାକୁର ସୂଚନା ଦେଇଛନ୍ତି। ସୂଚନାନୁସାରେ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ ନିଷ୍ପତ୍ତି ନେଇଛି। ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇସାରିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ନିର୍ଦ୍ଦେଶାବଳୀକୁ ଠିକ୍ ସମନ୍ୱୟ ରଖି କାର୍ଯ୍ୟକାରୀ କରାଯିବା ଉପରେ ସଚିବ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲାକୁ ବିଶେଷ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ସହଭାଗିତାରେ ଆବଶ୍ୟକ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ବିନା ପଲ୍ଲିସଭାରେ ନଦୀରେ ଚେକ୍‌ଡ୍ୟାମ୍, ପାଇପ୍ ଲାଇନ ପାଇଁ ସର୍ଭେ କରୁଛି ଆଦିତ୍ୟ ଆଲୁମିନା



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ୨ ପଞ୍ଚାୟତର ଗ୍ରାମବାସୀଙ୍କ ବିରୋଧ

ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଂସାରିଗୁଡ଼ାସ୍ଥିତ ଆଦିତ୍ୟ ଆଲୁମିନା କମ୍ପାନୀ ପଲ୍ଲିସଭା ନ କରି କୁଟିଂଗୁଡ଼ା ଗ୍ରାମ ନିକଟସ୍ଥ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ସହ କମ୍ପାନୀକୁ ପାଇପଲାଇନ ବିଛାଇବା ପାଇଁ ସର୍ଭେ କରୁଥିବା ଜଣାପଡ଼ିଛି। ଏହାକୁ କୋରାପୁଟ ଜିଲା ପିପଲପଦର ପଞ୍ଚାୟତ ଓ ରାୟଗଡ଼ା ଜିଲା ଶଙ୍କରଡ଼ା ପଞ୍ଚାୟତବାସୀ ବିରୋଧ କରିଛନ୍ତି। ବିନା ପଲ୍ଲିସଭାରେ କମ୍ପାନୀ କାମ କରୁଛି ଏବଂ ପ୍ରତିବାଦ କଲେ ପୋଲିସ ଲଗାଇ ଡରାଉଛି ବୋଲି ୨ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ଦାବିରେ ଅଞ୍ଚଳବାସୀ ସୋମବାର ରାୟଗଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ନାଏକ ଅଭିଯୋଗପତ୍ର ଗ୍ରହଣ କରିବା ସହ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ଓ ପାଇପଲାଇନ ବିଛାଇଲେ କୋରାପୁଟ ଜିଲା ପିପଲପଦର ଗ୍ରାମର କୁଟିଂଗୁଡ଼ା, ଶିଆଳିମାଲ, ବାରିଗାଁ, ପିପଲପଦର, ବାଗମାରି, କେନ୍ଦୁପାଇ ସମେତ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଶଙ୍କରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାରାଜୋଲା, ତୟାପୁଟ, ଖଡ଼ିକାଯୋଡ଼ି, କଂସାରିଗୁଡ଼ା, ପୁଞ୍ଜିଗୁମା, ଶଙ୍କରଡ଼ା, ବାହାର କୁଟୁମି ଗ୍ରାମବାସୀ ପ୍ରଭାବିତ ହେବା ସହିତ ଚାଷ ଜମି ନଷ୍ଟହେବ। କମ୍ପାନୀ ବିନା ପଲ୍ଲିସଭାରେ ସର୍ଭେ କାମ ଚଳାଇଛି ଏବଂ ପୋଲିସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଯୋଗାଇଦେଉଛି। ଅଞ୍ଚଳବାସୀ ଏ ନେଇ ପ୍ରଶ୍ନ କଲେ ଧମକାଉଛି ବୋଲି ଅଭିଯୋଗ କରିଛନ୍ତି। ଏଭଳିକି ପଲ୍ଲିସଭା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ସମସ୍ୟାର ସମାଧାନ କରିବା ସହ ଅଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ୨ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ କାର୍ଯ୍ୟସ୍ଥଳରେ ଧାରଣା ଦେବା ସହ ସର୍ଭେ କରିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।



ହାଇଦ୍ରାବାଦ୍ ଗସ୍ତରୁ ଫେରିବା ପରେ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ମନ୍ତ୍ରୀ, ବିଧାୟକ, ଭାଜପା ଦଳର ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଏନ୍‌ଜିଟିରେ ମାମଲା ରୁଜୁ

### ବାରିପଦାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ଘଟଣା

ବାରିପଦା,୨୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣିଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟାକୁ ନେଇ ଏନ୍‌ଜିଟିରେ ମାମଲା ହୋଇଛି। ପରିବେଶବିତ୍ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗକ୍ରମେ ମଙ୍ଗଳବାର କୋଲକତାସ୍ଥିତ ଇଷ୍ଟର୍ଣ୍ଣ ଜୋନ ବେଞ୍ଚରେ ମାମଲାର ଶୁଣାଣି ହେବ। ତଥ୍ୟ ପ୍ରମାଣକୁ ଭିତ୍ତିକରି ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂ ମାମଲାର ଶୁଣାଣି କରିବେ। ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ନୂଆ ୫ ମହାନଗର, ୨୪ ଏନ୍‌ଏସିର ଚୂଡାନ୍ତ ବିଜ୍ଞପ୍ତି

ଭୁବନେଶ୍ୱର,୨୨।୧୨
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ୨୪ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଲାଗି ଚୂଡାନ୍ତ ବିଜ୍ଞପ୍ତି ଜାରି ହୋଇଛି। ବିଭାଗର ବିଜ୍ଞପ୍ତିରେ ୧୪ଟି ଜିଲାର ୨୪ ଏନ୍‌ଏସି ତାଲିକା ରହିଥିବାବେଳେ ବିଭାଗ ୫ଟି ମହାନଗର ଲାଗି ଚିଠା ବିଜ୍ଞପ୍ତି ରହିଛି। ନୂତନ ଏନଏସି ତାଲିକାରେ ଅନୁଗୋଳର ପାଲଲହଡ଼ା, ବାଲେଶ୍ୱରର ସିମୁଳିଆ ଏବଂ ବରଗଡ଼ର ସୋହେଲା ଏନ୍‌ଏସି ରହିଛି। ସେହିପରି ଏନ୍‌ଏସି ତାଲିକାରେ ଭଦ୍ରକର ତିହିଡି, ଧୁଷୁରି, କଟକର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳର ଗନ୍ଦିଆ, ଗଞ୍ଜାମର ଜଗନ୍ନାଥପ୍ରସାଦ ଏବଂ ପାତ୍ରପୁର, କଳାହାଣ୍ଡିର ନର୍ଲା ଏବଂ ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଏବଂ ରେଙ୍ଗାଲି ରହିଥିବାବେଳେ ସୁବର୍ଣ୍ଣପୁରର ବୀରମହାରାଜପୁର ରହିଛି। ଅନ୍ୟପକ୍ଷରେ ନୂତନ ମହାନଗର ଚିଠା ବିଜ୍ଞପ୍ତି ତାଲିକାରେ ବୌଦ୍ଧର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟନଗର ଏବଂ ପୋଲସରା ରହିଥିବାବେଳେ ମୟୂରଭଞ୍ଜର କରଞ୍ଜିଆ ରହିଛି।

# ପରାଜୟ ପରେ ବିଜେଡିକୁ ଚାନ୍ଦା ଆସୁନି

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ପରାଜୟ ପରେ ବିଜେଡିକୁ ଆଉ ଚାନ୍ଦା(ଡୋନେଶନ) ମିଳୁନାହିଁ। କ୍ଷମତାରୁ ଯିବା ପରେ ବିଜେଡିକୁ ଆଉ ଚାନ୍ଦା ଦେବାକୁ କେହି ଆଗ୍ରହ ଦେଖାଉନାହାନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡିକୁ ୬୦ କୋଟି ଟଙ୍କା ମିଳିଥିଲା। ହେଲେ ଏହା ଗତ ସାଧାରଣ ନିର୍ବାଚନ ସମୟରେ ହିଁ ମିଳିଥିଲା। ଏହାପରେ ବିଜେଡିକୁ ଚାନ୍ଦା ମିଳିବା ଏକ ପ୍ରକାର ବନ୍ଦ ହେବାକୁ ଲାଗିଲାଣି। ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ କରାଯାଇଥିବା ଦଳର ଆୟ ସମ୍ପର୍କିତ ସତ୍ୟପାଠରୁ ଏହା ଜଣାପଡ଼ିଛି। ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି, ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ ଓ ମେ'ରେ ଦଳକୁ ୪ଟି ଘରୋଇ ସଂସ୍ଥା ୬୦ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। କିନ୍ତୁ ତା' ପରଠାରୁ ଦଳକୁ ଆଉ ଚାନ୍ଦା ମିଳି ନାହିଁ। ଦଳ ପାଖରେ ମୋଟ୍ ୭୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସୁଧ ବାବଦରେ ବିଜେଡି ୫୦ କୋଟି ଟଙ୍କା ଆୟ କରିଛି। ଏହିପରି ମୋଟ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୦ କୋଟି ଟଙ୍କା ବୋଲି ଜଣାପଡ଼ିଛି।

ଅନ୍ୟପଟେ ଭାଜପାର ନେତା, ମନ୍ତ୍ରୀ ଓ ବିଧାୟକମାନେ ଦଳକୁ ଲକ୍ଷାଧିକ ଟଙ୍କାର ଚାନ୍ଦା ଦେଇଥିବା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଆୟ ସମ୍ପର୍କିତ ସତ୍ୟପାଠରୁ ଜଣାପଡ଼ିଛି। ସେଥିରେ ଦର୍ଶାଯାଇଛି ଭାଜପା ଆକାଉଣ୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, କୃଷ୍ଣ ଚନ୍ଦ୍ର ପାତ୍ର, ପ୍ରଦୀପ ବଳସାମନ୍ତ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଗଣେଶ ରାମସିଂ ଖୁଣ୍ଟିଆ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ କୁମାର ସ୍ୱାଇଁ, ସୁରେଶ ପୂଜାରୀ ପ୍ରମୁଖ ୫ ଲକ୍ଷ ଟଙ୍କା ଲେଖାଏ ଚାନ୍ଦା ଆକାରରେ ପ୍ରଦାନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି। ଏମ୍‌ପି ପ୍ରଦୀପ ପୁରୋହିତ, ଅନନ୍ତ ନାଏକ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଙ୍ଗୀତା ସିଂଦେଓ, ଅଭିମନ୍ୟୁ ସେଠୀ ପ୍ରମୁଖ ଏମ୍‌ପିମାନେ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏମ୍‌ପି ବୈଜୟନ୍ତ ପଣ୍ଡା ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ ଦଳର ପ୍ରାୟ ସବୁ ବିଧାୟକ ଚାନ୍ଦା ଆକାରରେ ଲକ୍ଷେ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ଭାଜପାର ପୂର୍ବତନ ବିଧାୟକମାନେ ୨୫ ହଜାର ଟଙ୍କା ଲେଖାଏ ଦେଇଥିବା ଜଣାପଡ଼ିଛି।

# ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରିପାଇବେ ୫ ଲକ୍ଷ କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀ

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

- ୧୮ ମାସ ଭିତରେ କ୍ଷୁଦ୍ର, ବୃହତ୍ ସବୁ ଜମାକାରୀଙ୍କୁ ଫେରାଇବେ କହିଥିଲେ: ଜୟନ୍ତ
- ପୂର୍ବ ସରକାର କାମ ଏବେ କରାଯାଉଛି: ମନ୍ତ୍ରୀ
- ନିର୍ବାଚନୀ ପ୍ରତିଶ୍ରୁତି କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଉଛି: ମନମୋହନ

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପାଇବା ଲାଗି ଆବେଦନ କରିବାକୁ ଅର୍ଥ ବିଭାଗ ବିଜ୍ଞପ୍ତି ଜାରି କରିଛି। କ୍ଷୁଦ୍ର ଜମାକାରୀମାମାନେ ଏହାର ସୁଯୋଗ ନେବା ସହିତ ସମସ୍ତେ ଆବେଦନ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲୁ ରହିବ। ତଦନ୍ତ କମିଶନ ସୁପାରିସ କରିଥିବା ଏବଂ ଟଙ୍କା ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ଯେଉଁମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିଲେ ସେମାନେ ଏହି ସୁଯୋଗର ଲାଭ ଉଠାଇପାରିବେ। ୮ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନେ ମଧ୍ୟ ଉପକୃତ ହେବେ। ଜମାକାରୀମାନେ ଆବଶ୍ୟକ କାଗଜପତ୍ର ସହିତ ଆର୍‌ଆଇଙ୍କ ନିକଟରେ ଯୋଗାଯୋଗ କଲେ ୧୫ ଦିନ ଭିତରେ ସେମାନଙ୍କ ଜମାରାଶି ଫେରିପାଇବେ। ଯଦି କୌଣସି ଜମାକାରୀ ଅଧିକ ତଥ୍ୟ ସରକାରଙ୍କ ତରଫରୁ ଜାଣିବାକୁ ଚାହାନ୍ତି ତେବେ ଜାରି କରାଯାଇଥିବା ୦୬୭୪-୨୩୯୫୧୫୩ରେ ଯୋଗାଯୋଗ ମଧ୍ୟ କରିପାରିବେ। ନିୟମ ମୁତାବକ ଜମାକାରୀମାନେ ଆଧାର କାର୍ଡ, ଭୋଟର କାର୍ଡ, ଡିଏଲ୍, ପାନ୍‌କାର୍ଡ ଇତ୍ୟାଦି ଦାଖଲ କରିପାରିବେ। ମୂଳ ଜମା ରସିଦ ଦାଖଲ କରିବେ। ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦାଖଲ କରିବେ। ଜିଲା ସରକାରୀ ୱେବସାଇଟ୍‌ରେ ସରକାରଙ୍କ ପକ୍ଷରୁ ଜମାକାରୀଙ୍କ ତାଲିକା ରହିଛି।

ଏନେଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି, ଅର୍ଥ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଯେଉଁ ବିଜ୍ଞାପନ ଦେଇ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ବନ୍ଦ ଥିଲା ତାକୁ ପୁନର୍ବାର ଆରମ୍ଭ କରିଥିବାରୁ ସରକାରଙ୍କୁ ସାଧୁବାଦ। ହେଲେ ଭାଜପା ସରକାରକୁ ଆସିବାର ୧୮ ମାସ ଭିତରେ ରାଜ୍ୟର ସମସ୍ତ କ୍ଷୁଦ୍ର ଓ ବୃହତ୍ ଜମାକାରୀଙ୍କୁ ତହସିଲଦାରମାନଙ୍କ ଜରିଆରେ ଚିହ୍ନଟ କରି ଟଙ୍କା ଫେରସ୍ତ କରିବ ବୋଲି ନିର୍ବାଚନ ସମୟରେ ପ୍ରକାଶିତ ଘୋଷଣା ପତ୍ରରେ ଉଲ୍ଲେଖ କରିଥିଲା। ସେମାନେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ, ସମସ୍ତ କ୍ଷୁଦ୍ର ଓ ବୃହତ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେ କହିଛନ୍ତି।

ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ସରକାର ଚିଟ୍‌ଫଣ୍ଡ ଟଙ୍କା ଫେରାଇବା ଲାଗି ମନ ସ୍ଥିର କରିଛନ୍ତି। ଯେଉଁମାନେ ଟଙ୍କା ଦେଇଛନ୍ତି ସେମାନେ ପର୍ଯ୍ୟାୟକ୍ରମେ ଆବେଦନ କଲେ ଅର୍ଥ ଫେରିପାଇବେ। ଲୋକଙ୍କ ସମସ୍ୟା ସମାଧାନ କରିବା ଦାୟିତ୍ୱ ମିଳିଛି, ତାହା ଆମେ ପର୍ଯ୍ୟାୟକ୍ରମେ କରିବୁ। ପୂର୍ବ ସରକାର ସମୟରେ ଚିଟ୍‌ଫଣ୍ଡ କେଲେଙ୍କାରୀ ହେଲା। ସେହି ସମୟରେ ସିବିଆଇ ତଦନ୍ତ ହୋଇ ଏଥିରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଗଲା। ହେଲେ ପୂର୍ବ ସରକାର ଟଙ୍କା ଫେରାଇବା କଥା, ସେମାନେ ତାହା ନ କରିବାରୁ ଏହି କାର୍ଯ୍ୟ ଭାଜପା ସରକାର କରୁଛି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଯେଉଁମାନେ ୧୦ ହଜାର ଟଙ୍କା ତଳକୁ ଜମା କରିଥିଲେ ସେମାନଙ୍କୁ ଟଙ୍କା ଫେରସ୍ତ କରିବାର ପ୍ରକ୍ରିୟା ସରକାରଙ୍କ ତରଫରୁ ଆରମ୍ଭ ହୋଇଛି। ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ଚିହ୍ନଟ କରାଯାଇଛି। ନିର୍ବାଚନ ସମୟରେ ଏନେଇ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପାଳନ କରିବା ଆରମ୍ଭ ହୋଇଛି। ବହୁତ ଲୋକ ପୂର୍ବରୁ ପାଇଗଲେଣି। ଏଥର ଅନେକ ସ୍ୱଳ୍ପ ଜମାକାରୀ ପାଇଯିବେ। ପର୍ଯ୍ୟାୟକ୍ରମେ ସବୁ ପ୍ରକ୍ରିୟା ଦ୍ରୁତଗତିରେ କରାଯାଉଛି।

FAI
ENSURING FOOD SECURITY

## ଚାଷୀଭାଇମାନଙ୍କୁ ଏକ ନିବେଦନ

ଚାଷୀଙ୍କ ବ୍ୟବହାର ପାଇଁ ସାର କମ୍ପାନୀଗୁଡ଼ିକ ଦ୍ୱାରା ବିକ୍ରୟ କରାଯାଉଥିବା ନାନୋ ଏବଂ ଜୈବିକ ସାର (ସବ୍‌ସିଡିଯୁକ୍ତ ଓ ସବ୍‌ସିଡିବିହୀନ) ସମେତ ବିଭିନ୍ନ କିସମର ସାର ଉତ୍ପାଦ ବଜାରରେ ଉପଲବ୍ଧ ହେଉଛି ।

ସାର କମ୍ପାନୀମାନେ ସବ୍‌ସିଡିଯୁକ୍ତ ସାର ସହିତ ସବ୍‌ସିଡିବିହୀନ ସାର କିଣିବା ପାଇଁ ଚାଷୀଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାର ଗତିବିଧିକୁ ପ୍ରୋତ୍ସାହିତ କରନ୍ତି ନାହିଁ ।

**ଯଦି ଯୋଗାଣ ଶୃଙ୍ଖଳରେ କେହି ଚାଷୀଙ୍କୁ ସବ୍‌ସିଡିଯୁକ୍ତ ସାର ସହିତ ସବ୍‌ସିଡିବିହୀନ ସାର କିଣିବା ପାଇଁ ବାଧ କରୁଥାନ୍ତି, ତେବେ ଏପରି କାର୍ଯ୍ୟକଳାପକୁ ସମ୍ପୃକ୍ତ ସାର କମ୍ପାନୀର ଦୃଷ୍ଟିକୁ ଆଣିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି, ଯାହାଦ୍ୱାରା ଏପରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ସାର ବସ୍ତା/ବ୍ୟାଗ୍‌ରେ ଛପାଯାଇଥିବା ଟୋଲ୍-ଫ୍ରି କିମ୍ବା ଗ୍ରାହକ ସେବା ନମ୍ବର କିମ୍ବା ଗ୍ରାହକ ସେବା ଇମେଲ୍ ଆଇଡି ଜରିଆରେ ସମ୍ପୃକ୍ତ ସାର କମ୍ପାନୀକୁ ଏ ବାବଦରେ ଅବଗତ କରାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।**

ସାର ଉଦ୍ୟୋଗ ଚାଷୀଙ୍କ କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରତିବଦ୍ଧ ଏବଂ ଏପରି କୌଣସି ଅନୈତିକ କାର୍ଯ୍ୟକଳାପ ପାଇଁ ଯୋଗାଣ ଶୃଙ୍ଖଳକୁ ବାଧ କରି ନ ଥାଏ ।

ଚାଷୀଙ୍କ ସମୃଦ୍ଧି ସାର କମ୍ପାନୀଗୁଡ଼ିକର ଚରମ ଲକ୍ଷ୍ୟ ଅଟେ ।

କୌଣସି ଚାପ ବିନା ବସ୍ତାରେ ଛପାଯାଇଥିବା ଏମ୍‌ଆର୍‌ପି ଅନୁଯାୟୀ ସବ୍‌ସିଡିଯୁକ୍ତ ସାର କିଣିବା ଏବଂ ନିଜ ବିଚାରରେ ଅନ୍ୟାନ୍ୟ ଉତ୍ପାଦ କିଣିବା ନିମନ୍ତେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି ।

ଦ ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ
ଚାଷୀଙ୍କ ସ୍ୱାର୍ଥରେ ଜାରି

BVFC · CHAMBAL FERTILISERS AND CHEMICALS LIMITED · Coromandel FUTURE POSITIVE · DCM SHRIRAM Growing with trust · FACT PIONEERS IN PROGRESS · GNFC · GREENSTAR · ADITYA BIRLA · IFFCO · IPL · INDORAMA Indorama India Pvt Ltd. · JUBILANT · KRIBHCO · KFL · MATIX · NFL · Paradeep Phosphates · SPIC · YARA Knowledge grows



ଦ ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ
ଏଫ୍‌ଏଆଇ ହାଉସ୍, ୧୦ ଶହୀଦ ଜିତ୍ ସିଂହ ମାର୍ଗ, ନୂଆଦିଲ୍ଲୀ - ୧୧୦୦୬୭, ଭାରତ

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। **–ଶ୍ରୀମା**

# ଭେଜାଲ ପାଇଁ ମୃତ୍ୟୁଦଣ୍ଡ

ବିଶ୍ୱରେ ସମ୍ଭବତଃ ଭାରତ ଏକମାତ୍ର ଦେଶ ଯେଉଁଠାରେ ଜୀବନରକ୍ଷାକାରୀ ଔଷଧ ଓ ଖାଦ୍ୟରେ ଅପମିଶ୍ରଣ ବା ଭେଜାଲ ବଢ଼ିଚାଲିଛି। ଏଭଳି ଖବର ଅନ୍ୟ ଦେଶରୁ ଆସୁଥିବା ଆମେ ଜାଣିନାହୁଁ। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ସଂସ୍ଥା ଅତ୍ୟଧିକ ଲୋଭ ରଖିଥାଇପାରନ୍ତି, କିନ୍ତୁ ତାହା ମୁଖ୍ୟତଃ ଉପରଲିଖିତ ଦୁଇଟି କ୍ଷେତ୍ରରେ ସାବଧାନତା ଓ ସତର୍କତା ଅବଲମ୍ବନ କରିଥାନ୍ତି। ଭାରତରେ ଚିନିରେ କାଚଗୁଣ୍ଡ, ପନିପରିବା ଓ ଫଳକୁ ସତେଜ ଦେଖାଇବା ପାଇଁ ରାସାୟନିକ ପ୍ରଲେପ ଦେବା ସାଧାରଣ କଥା। ସବୁଠାରୁ ଅତି ମାରାତ୍ମକ ବିଷୟ ହେଉଛି ଜୀବନରକ୍ଷା କରୁଥିବା ଔଷଧକୁ ଭେଜାଲ କରି ଲୋକଙ୍କ ଜୀବନ ନେବାକୁ ଅନେକ ଫାର୍ମା କମ୍ପାନୀ ପଛାଉ ନାହାନ୍ତି। ନିକଟରେ ହିମାଚଳ ପ୍ରଦେଶରୁ ସଂଗ୍ରହ କରାଯାଇଥିବା ନମୁନା ମଧ୍ୟରୁ ୪୯ ଔଷଧ ଗୁଣବତ୍ତା ବଜାୟ ରଖିବାରେ ବିଫଳ ହୋଇଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି। ନଭେମ୍ବରରେ ନିଆଯାଇଥିବା ସାମ୍ପୁଲ ମଧ୍ୟରୁ ୨୦୫ ନିମ୍ନମାନର ବୋଲି ଜଣାପଡ଼ିଥିବା ବେଳେ ହିମାଚଳ ପ୍ରଦେଶର ସର୍ବାଧିକ ୨୨.୮ ପ୍ରତିଶତ ଯାଞ୍ଚ ବେଳେ ବିଫଳ ହୋଇଛି। ଅର୍ଥାତ୍ ଆମେ ସେବନ କରୁଥିବା ଅନେକ ଔଷଧ ଅପମିଶ୍ରିତ କିମ୍ବା ନିମ୍ନମାନର ବୋଲି ସରକାରୀ ସୂତ୍ରରୁ ଜଣାପଡୁଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଉତ୍ପାଦନ ହେଉଥିବା ଔଷଧର ୩୫ ପ୍ରତିଶତ ହିମାଚଳ ପ୍ରଦେଶରେ ପ୍ରସ୍ତୁତ ହେଉଛି। ବିଶେଷକରି ସୋଲାନ ଜିଲାର ବାଦ୍ଦି, ବାରୋଟିୱାଲା, ନାଲଗଡ଼, ସୁଭାଥୁ, ସିରମାଉର ଜିଲାର କାଲା ଆମ୍ବ, ପାଓଣ୍ଟା ସହିବ ଏବଂ ଉନା ଜିଲାର ହାରୋଲିରୁ ନିଆଯାଇଥିବା ନମୁନା ପରୀକ୍ଷା ବେଳେ ବିଫଳ ହୋଇଛି। ଏହିସବୁ ଔଷଧଗୁଡ଼ିକ ଉଚ୍ଚ ରକ୍ତଚାପ, ମଧୁମେହ, ବୀଜାଣୁ ସଂକ୍ରମଣ ଭଳି ରୋଗ ଲାଗି ବ୍ୟବହାର ହୋଇଥାଏ। ଫାର୍ମା କମ୍ପାନୀଗୁଡ଼ିକ ଏପରି ବିଷାକ୍ତ ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଥିବାରୁ ଲୋକଙ୍କ ପ୍ରାଣଯିବା ସ୍ୱାଭାବିକ।

ବାସ୍ତବରେ ଥରେ ଖରାପ ଔଷଧ ଯୋଗାଣ ଶୃଙ୍ଖଳ ଭିତରକୁ ଚାଲିଗଲେ ତାହାକୁ ଠଉରାଇବା ସହଜ ନୁହେଁ। ଏମିତି ଦେଖିଲେ ଭାରତରେ ଯାଞ୍ଚ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଓ ବହୁ ସ୍ଥାନରେ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ଅଭାବ ଥିବାରୁ ଲକ୍ଷ୍ୟ ସାଧନ ସମ୍ଭବ ହୋଇ ନ ଥାଏ। ଆଉ ଗୋଟିଏ କଥା ହେଉଛି ଯେ ଅତ୍ୟଧିକ ଲାଭ ଅର୍ଜନ କରିବାକୁ ଚାହୁଁଥିବା ଫାର୍ମା କମ୍ପାନୀ ଯାଞ୍ଚ ଅଧିକାରୀଙ୍କୁ ଅର୍ଥ ଦେଇ ମୁହଁ ବନ୍ଦ କରିଦେବାରେ ସକ୍ଷମ ହୋଇଥାଆନ୍ତି। ଅତ୍ୟନ୍ତ କଠୋର ବ୍ୟବସ୍ଥା ଦେଇ ଔଷଧ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଅନେକ ଅଧିକାରୀ ବା କର୍ମଚାରୀ ଯେତେବେଳେ ଶୁଖିଲାରେ ପର୍ଯ୍ୟାପ୍ତ ଅର୍ଥ ପାଇଯିବେ ସେତେବେଳେ ମଧ୍ୟ ତାଙ୍କ ନୈତିକତା ପ୍ରଶ୍ନବାଚୀରେ ରହିଯିବ। ଏଥିସହିତ ଯାଞ୍ଚ ସଂସ୍ଥା ଉପରେ ରାଜନୈତିକ ଓ ଅମଲାତାନ୍ତ୍ରିକ ଚାପ ବିଷୟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। କଦବା କୌଣସି ଫାର୍ମା କମ୍ପାନୀକୁ କଳାତାଲିକାଭୁକ୍ତ କରାଗଲେ ପରବର୍ତ୍ତୀ ସମୟରେ ତାହା ପୁଣି ଔଷଧ ଉତ୍ପାଦନ କରୁଥିବା ଦେଖିବାକୁ ମିଳେ। ସେହି କଳା ତାଲିକାରୁ ତା'ର ନାମ କେତେବେଳେ କଟିଲା ତାହା ଔଷଧ ସେବନକାରୀ ଜାଣିବାର ବାଟ ନାହିଁ। ଏହା ମଧ୍ୟ ମନେରଖିବା ଉଚିତ ଯେ, ଅନେକ କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଔଷଧ ନିର୍ମାତା ନିଜ ନାମରେ ବଜାରକୁ ଯାଇ ନ ଥାଆନ୍ତି। ସେମାନଙ୍କ ଔଷଧକୁ ବିପୁଳ ଆକାରରେ ବୃହତ୍ କମ୍ପାନୀ କିଣି ନିଜ ବ୍ରାଣ୍ଡରେ ସିଲ୍ ମାରି ବିକ୍ରି କରୁଥିବା ହେତୁ ଭାରତରେ ମାନର ଗୁଣବତ୍ତା ଯାଞ୍ଚ କରିବା କୌଣସି ରୋଗୀ ପାଇଁ ସମ୍ଭବପର ହୁଏ ନାହିଁ। ଭାରତରେ ଏଭଳି ଧରଣର ଅପରାଧୀଙ୍କୁ ସାମାନ୍ୟ ଜରିମାନା କରି ଛାଡ଼ି ଦିଆଯାଇଥାଏ। ମଣିଷର ଜୀବନ ସହ ଖେଳୁଥିବା ଫାର୍ମା କମ୍ପାନୀର ମାଲିକଙ୍କୁ ଯଦି ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡରେ ଦଣ୍ଡିତ କରାଯାଆନ୍ତା, ତାହା ହେଲେ ଅନ୍ୟମାନେ ସେଭଳି ଭୁଲ୍ କରିବାକୁ ଅନେକ ଥର ଭାବନ୍ତେ।

ବିଷାକ୍ତ ମଦ ପିଇ ଥୋକେ ଲୋକ ମଲା ପରେ ପ୍ରଶାସନ ଟିକେ ଚିହିଁକି ଉଠେ। ତତ୍‌କ୍ଷଣାତ୍ ତଳତଳିଆ ଯାଞ୍ଚ ଅଧିକାରୀଙ୍କୁ ସସ୍‌ପେଣ୍ଡ କରିଦିଆଯାଏ। କିଛି ଦିନ ଗଲା ପରେ ଦେଖାଯାଏ ସେହି କର୍ମଚାରୀ ଅନ୍ୟତ୍ର ପୋଷ୍ଟିଂ ହୋଇଥିବେ। ଲୋକଙ୍କ ସ୍ମରଣ ଶକ୍ତି ସ୍ୱଳ୍ପ ସମୟ ପାଇଁ ଉଜାଗର ରହୁଥିବାରୁ ପୂର୍ବର ବିଷୟ କମ୍ ସମୟରେ ସମାଧି ପାଇଯାଇଥାଏ। ଅନୁରୂପ ଭାବେ ଏହା ଔଷଧ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି। ଓଡ଼ିଶାର ବଲାଙ୍ଗୀରଠାରୁ କଟକ ପର୍ଯ୍ୟନ୍ତ ନକଲି ଔଷଧର ଚେର ଲମ୍ବିଥିବା ଓ ଅନେକ ଗୋଷ୍ଠୀ ସକ୍ରିୟ ରହି ବେପାର ଚଳାଇଥିବା ନେଇ ବାରମ୍ବାର ଖବର ଶୁଣିବାକୁ ମିଳେ। କଟକରୁ ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଉଚ୍ଚରକ୍ତଚାପ ନିୟନ୍ତ୍ରଣ ପାଇଁ ଭେଜାଲ 'ଟେଲ୍‌ମା ୪୦' ଔଷଧ ୨୦୨୨ରେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିଲା। ଚଳିତ ମାସ ପ୍ରାରମ୍ଭରେ ରାଜ୍ୟରେ ଓରାଲ ରିହାଇଡ୍ରେଶନ ସଲ୍ଟ (ଓଆର୍‌ଏସ୍)ର ଲିକ୍ୟୁଇଡ୍ ପ୍ୟାକ୍ ଭେଜାଲ ଥିବା ଜଣାପଡ଼ିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିୟମ ଅନୁସରଣ କରା ନ ଯାଇ ଏହା ପ୍ରସ୍ତୁତ କରାଯାଇଥିବାରୁ ତାହା କାମ ଦେଇ ନ ଥିବା ବିଷୟ ପଦାକୁ ଆସିବା ପରେ ସେଗୁଡ଼ିକୁ ବଜାରରୁ ଫେରାଇ ନିଆଯାଇଥିଲା। ସେହିଭଳି ତାମିଲନାଡୁର ଏକ ଫାର୍ମାର କାଶ ସିରପ୍ ବ୍ୟବହାର କରି ଅନେକ ଶିଶୁଙ୍କ ମୃତ୍ୟୁ ଖବର ଭାରତ ସମେତ ବିଭିନ୍ନ ଦେଶରୁ ଆସିଥିଲା। ସରକାରଙ୍କ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ହେତୁ, ସମ୍ଭବତଃ, ସେହି ମାଲିକ ପୁନର୍ବାର 'ଧନ୍ଦା' ପୂର୍ବଭଳି ଚଳାଉଥିବେ ଏବଂ କଚେରିରେ ଦାୟର ମାମଲା ତାଙ୍କ ଓକିଲ ତାରିଖ ପରେ ତାରିଖ ନେଇ ସମାଧାନ କରୁଥିବେ।

# ସଙ୍କଟରେ ଗ୍ରାମୀଣ ଶ୍ରମିକଙ୍କ ରୋଜଗାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବହୁଚର୍ଚ୍ଚିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ତା' ସ୍ଥାନରେ 'ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ବା 'ବିଭି ଜି ରାମ ଜି' ନାମରେ ଆଉ ଏକ ଆଇନ ପ୍ରଣୟନ କରିଛନ୍ତି। ସଂସଦରେ ସରକାର ନିଛକ ଧ୍ୱନିମତରେ ଏହି ନୂତନ ଆଇନକୁ ଗୃହୀତ କରାଇଛନ୍ତି। ସଂସଦର ଶୀତ ଅଧିବେଶନର ଶେଷ ହେବାର ଠିକ୍ ପୂର୍ବରୁ ତରବରିଆ ଭାବେ ଅଣାଯାଇଥିବା ଏହି ସଂକ୍ରାନ୍ତୀୟ ବିଲ୍‌ଟିକୁ ବିରୋଧୀ ଦଳ ସାଂସଦଙ୍କ ଜୋର୍‌ଦାର ଦାବି ସତ୍ତ୍ୱେ ତାକୁ ଅଧିକ ବିଚାର ଆଲୋଚନା ପାଇଁ ସଂସଦୀୟ ସ୍ଥାୟୀ ସମିତି ନିକଟକୁ ପଠାଗଲା ନାହିଁ। ଏପରିକି ଏହି ଆଇନ ଯୋଗୁ ପ୍ରଭାବିତ ହେବାକୁ ଯାଉଥିବା ସମସ୍ତ ପକ୍ଷ ଯଥା ଗ୍ରାମାଞ୍ଚଳରେ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏର ବହୁ କୋଟି ଶ୍ରମିକ, ସେମାନଙ୍କ ଅଧିକାର ପାଇଁ କାର୍ଯ୍ୟରତ ସଙ୍ଗଠନ, ବିଭିନ୍ନ ରାଜ୍ୟ ସରକାର କାହାରି ବି ମତାମତ ନ ନେଇ ଏହାକୁ ଏକପାଖିଆ ଭାବେ ଗୃହୀତ କରାଇ ଦିଆଯାଇଛି।

୨୦୦୪ ଲୋକ ସଭା ନିର୍ବାଚନ ପରେ କ୍ଷମତାକୁ ଆସିଥିବା ତତ୍କାଳୀନ ୟୁପିଏ ସରକାର ଆଗରେ ଗ୍ରାମାଞ୍ଚଳର ଆର୍ଥିକ ଦୁର୍ଦ୍ଦଶା ଦୂରକରିବା ପ୍ରାଥମିକତାରେ ରହିଥିଲା। ଏହି କ୍ରମରେ ଦେଶବ୍ୟାପୀ ସାମାଜିକ କର୍ମୀ, ଶ୍ରମିକ ସଂଗଠନ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ ପରେ ୟୁପିଏ ସରକାର ୨୦୦୫ରେ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ବିଲ୍ ଆଣିଥିଲେ। ବିଲ୍‌ଟି ଗୃହୀତ ହେବା ପୂର୍ବରୁ ବିଚାରବିମର୍ଶ ପାଇଁ ଭାଜପା ନେତା କଲ୍ୟାଣ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ ସ୍ଥାୟୀ ସମିତିକୁ ପଠାଯାଇଥିଲା। ଶେଷରେ ସଂଶୋଧିତ ବିଲ୍‌ଟିକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିବା ପରେ ତାହା ଗୃହୀତ ହୋଇ ଆଇନରେ ପରିଣତ ହୋଇଥିଲା।

ଏହି ଆଇନରେ ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କୁ ୫ କି.ମି. ପରିଧି ମଧ୍ୟରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ରହିଥିଲା। ଏଥିରେ ପଞ୍ଜୀକୃତ ହେବା ପରେ ଜଣେ ଶ୍ରମିକ କାମ ମାଗିବାର ୭ ଦିନ ମଧ୍ୟରେ ସରକାର କାମ ଯୋଗାଇବାକୁ ଏବଂ ୧୫ ଦିନ ମଧ୍ୟରେ କାମ ଦେଇ ନ ପାରିଲେ ବେକାରି ଭତ୍ତା ଦେବାକୁ ବାଧ୍ୟ ଥିଲେ। ଏହି ଆଇନ ଆସିବା ପରେ ଶହେ ଦିନର ବିକଳ୍ପ ରୋଜଗାରର ଗ୍ୟାରେଣ୍ଟି ଫଳରେ ବର୍ଷକୁ ଅତିରିକ୍ତ ୧୦୦ଦିନ କାମ ମିଳିବା ସହ ଗାଁରେ କୃଷି ଓ ଅନ୍ୟାନ୍ୟ କାମରେ ସେମାନଙ୍କର ମୂଲଚାଲ କ୍ଷମତା ବଢ଼ିଲା। କାମ ପାଇଁ ଗାଁରୁ ପଳାୟନ ହ୍ରାସ ପାଇବା ସହ ସବୁଠାରୁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେଲା।

ଗତ ୨ଦଶକ ଧରି ପ୍ରଥମେ ନରେଗା ଓ ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏ ଦେଶର ଗ୍ରାମାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହା ଜରିଆରେ ଗରିବ ଲୋକଙ୍କ ହାତକୁ ପଇସା ଯିବା ସହ ପ୍ରତିବର୍ଷ ଗ୍ରାମାଞ୍ଚଳରେ ରାସ୍ତା, ପୋଖରୀ, ଆଡ଼ିବନ୍ଧ, କେନାଲ ନିର୍ମାଣ ପରି ଭିତ୍ତିଭୂମି ସୃଷ୍ଟି ହୋଇପାରିଛି। କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକମାନେ ଯେଉଁଭଳି ଖରାପ ସ୍ଥିତିରେ ଗାଁକୁ ଫେରିଲେ, ସେମାନଙ୍କୁ ବଞ୍ଚାଇବାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।



ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ଗ୍ରାମୀଣ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇବା ଅନେକାଂଶରେ ସମ୍ଭବ ହୋଇପାରୁଥିଲା। ଏହାର ଚାପରେ କୃଷି କାମରେ ନିୟୋଜିତ କୃଷି ଶ୍ରମିକଙ୍କ ମଜୁରିରେ ଅନେକ ପରିମାଣରେ ବୃଦ୍ଧି ଘଟିଥିଲା। ସେହି କାରଣରୁ ଗ୍ରାମାଞ୍ଚଳର ଧନିକ ଶ୍ରେଣୀ ବିଶେଷକରି ଧନୀଚାଷୀ ଓ ଜମିଦାର ଶ୍ରେଣୀ ପ୍ରଥମରୁ ଏହି ଆଇନର ବିରୋଧକରି ଆସିଛନ୍ତି। ସେମାନଙ୍କୁ ଖୁସି କରିବାକୁ ସରକାର ନୂଆ ଆଇନରେ ଚାଷ ସମୟରେ ୨ ମାସ ତା' ଅଧୀନରେ ଆସୁଥିବା କାମକୁ ସ୍ଥଗିତ ରଖି କୃଷି ପାଇଁ ଶସ୍ତାରେ ଶ୍ରମିକ ଉପଲବ୍ଧ କରାଇବାକୁ କହିଛନ୍ତି। ଫଳରେ ସରକାରୀ କାମ ପାଇବାରୁ ବଞ୍ଚିତ ହୋଇ ଶ୍ରମିକମାନେ କମ୍ ମଜୁରିରେ କୃଷିକାମ କରିବାକୁ ବାଧ୍ୟ ହେବେ। ସେମାନଙ୍କ ମୂଲଚାଲ କ୍ଷମତା ଦୁର୍ବଳ ହେବ। ଯେତେବେଳେ ଗାଁର ଶ୍ରମିକଙ୍କୁ ସବୁଠାରୁ ଅଧିକ କାମର ଆବଶ୍ୟକତା ଥାଏ, ସେତେବେଳେ ଏଭଳି ନିୟମ ସେମାନଙ୍କୁ କାମରୁ ବଞ୍ଚିତ କରିବ ଏବଂ ସୁଧଖୋର ମହାଜନଙ୍କ ଉପରେ ନିର୍ଭରଶୀଳତାକୁ ବଢ଼ାଇଦେବ।

କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ଏମ୍‌ଜିଏନ୍‌ଆର୍‌ଇଜିଏର ମୂଳ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରାଯାଇଛି, ଯେଉଁଥିରେ ଏକ ସାର୍ବଜନୀନ ଚାହିଦାଭିତ୍ତିକ ଆଇନ ମାଧ୍ୟମରେ କାମ ପାଇବାର ସୀମିତ ଅଧିକାରକୁ ନିଶ୍ଚିତ କରାଯାଇଥିଲା। ଏହି କାରଣରୁ ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏ ବାବଦରେ ବ୍ୟୟବରାଦର କୌଣସି ସୀମା ନ ଥିଲା। ବଜେଟରେ ନିର୍ଦ୍ଧାରିତ ବ୍ୟୟବରାଦ ରାଶିଠାରୁ ଚାହିଦା ବେଶି ହେଲେ ସରକାରଙ୍କୁ ଅତିରିକ୍ତ ଅନୁଦାନ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନରେ ସେହି ସୁଯୋଗକୁ ସଙ୍କୁଚିତ କରିଦିଆଯାଇଛି। ବଜେଟ ଅନୁଦାନକୁ ଏକ ସୀମା ମଧ୍ୟରେ ରଖି କାମ କମାଇବା ଦିଗରେ ବ୍ୟବସ୍ଥା ରଖାଯାଇଛି। ଆଇନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଚାହିଦା ଅନୁଯାୟୀ ତହବିଲ ବ୍ୟବସ୍ଥା କରିବା ଦାୟିତ୍ୱରୁ ମୁକ୍ତ କରିବାକୁ ଆଇନଗତ ସମ୍ମତି ଦିଆଯାଇଛି।

ପୂର୍ବରୁ ଜଣେ ଶ୍ରମିକ ବର୍ଷର ୩୬୫ ଦିନ ମଧ୍ୟରୁ ଯେକୌଣସି ୧୦୦ ଦିନ କାମ ମାଗିବାର ବ୍ୟବସ୍ଥା ଥିବା ବେଳେ ନୂଆ ଆଇନରେ ତାକୁ ବର୍ଷରେ ୨ମାସ ହ୍ରାସ କରାଯାଇଛି। ସରକାରଙ୍କ ପକ୍ଷରୁ ୧୦୦ ଦିନ ବଦଳରେ ଏଣିକି ୧୨୫ ଦିନ ନିଶ୍ଚିତ କାମ ଦେବାର ଯେଉଁ ଉଲ୍ଲେଖ କରାଯାଇଛି ତାହା ଉପରଠାଉରିଆ ବୋଲି କୁହାଯାଇପାରେ। ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ଥିବାବେଳେ ସରକାର ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଅତିବେଶିରେ ୩୩–୫୦ ଦିନ କାମ ଦେଇପାରିଛନ୍ତି। ଏଥିରେ ବହୁ କମ୍ ମଜୁରି ମିଳିବା, ବହୁତ ବିଳମ୍ବରେ ମଜୁରି ଦିଆଯିବା ଏବଂ କେନ୍ଦ୍ରର ଅନୁଦାନ ଆସିବାରେ ଅହେତୁକ ବିଳମ୍ବ ଲାଗି ଶ୍ରମିକମାନେ ନିଜର ଚାହିଦା ମୁତାବକ କାମ ପାଇପାରୁ ନ ଥିଲେ। ଅତଏବ ପୂର୍ବର ୧୦୦ ଦିନ କାମ ଯୋଗାଇବାରେ ବିଫଳ ସରକାର ଏବେ ବାର୍ଷିକ ୧୨୫ ଦିନ କାମ ଦେବାର ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ମନେହୁଏ।

ବିପଜ୍ଜନକ କଥା ହେଲା, ଆଇନରେ ନିଷ୍ପତ୍ତି ନେବାର ଅଧିକାରକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣକରି କେନ୍ଦ୍ର ସରକାରକୁ ସମସ୍ତ କ୍ଷମତା ଦିଆଯାଇଥିବା ବେଳେ ଖର୍ଚ୍ଚର ଭାରକୁ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଏଣିକି ଦେଶର କେଉଁ ଅଞ୍ଚଳର ଲୋକଙ୍କୁ କାମ ଦିଆଯିବ, କେଉଁ ପ୍ରକାର କାମ କରାଯିବ ଓ ବର୍ଷର କେଉଁ ସମୟରେ ୬୦ ଦିନ କାମ ବନ୍ଦ କରାଯିବ, ସବୁ କିଛି କେନ୍ଦ୍ର ସରକାର ସ୍ଥିର କରିବେ। ଏହା ସଂଘୀୟ ବିଚାରର ପରିପନ୍ଥୀ। ଅନ୍ୟପଟେ ପୂର୍ବରୁ ମଜୁରି ଦେବାର ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କର ଥିବାବେଳେ ନୂଆ ଆଇନରେ ତାକୁ ୬୦:୪୦ ଅନୁପାତରେ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଅର୍ଥାତ୍ ରାଜ୍ୟ ସରକାରମାନେ ମଜୁରି ବାବଦରେ ମୋଟ ଖର୍ଚ୍ଚର ୪୦% ବହନ କରିବେ। ସହଜେ ତ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଓ ଅଧିକାରୁ ଅଧିକ ସେସ୍ ଆଦାୟ ଯୋଗୁ ରାଜ୍ୟମାନେ ଟିକସ ଆଦାୟ କରିବାର ନିଜର ସ୍ୱାଧୀନତାକୁ ହରାଇ ବିପୁଳ ଆର୍ଥିକ କ୍ଷତି ସହୁଥିବା ବେଳେ ସେମାନଙ୍କ ଉପରେ ଏହି ଆଇନ ଯୋଗୁ ପଡ଼ିବାକୁ ଥିବା ଅତିରିକ୍ତ ବୋଝକୁ ସମ୍ଭାଳିବା କଷ୍ଟସାଧ୍ୟ ହେବ। ସେମାନେ ଯଦି ଏହି ବୋଝ ଉଠାଇବାକୁ ସକ୍ଷମ ହେବେନାହିଁ ତା'ହେଲେ କେନ୍ଦ୍ର ସରକାର ନିଜର ୬୦% ଅଂଶ ନ ଦେବାକୁ ସୁଯୋଗ ପାଇବେ। ଏଭଳି ସ୍ଥିତିରେ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେବେ।

ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ହଟାଇ ତାକୁ ଯେଉଁଭଳି 'ଜି ରାମ ଜି' କରାଯାଇଛି, ସେଥିରୁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳର ଆଦର୍ଶଗତ ଅସୂୟା ବାରି ହୋଇଯାଉଛି। କେନ୍ଦ୍ର ସରକାର ପୂର୍ବରୁ ହିଁ ବିଭିନ୍ନ ଯାନ୍ତ୍ରିକ କାରଣ ଦେଖାଇ ଦେଶର ବହୁ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକଙ୍କୁ ପଞ୍ଜୀକରଣ ତାଲିକା ଓ ଜବ୍‌କାର୍ଡ଼ରୁ ବାଦ୍ ଦେଇଛନ୍ତି। ନୂଆ ଆଇନରେ ଜବ୍‌କାର୍ଡକୁ 'ଯୁକ୍ତିସଂଗତ' ଓ 'ପାରଦର୍ଶୀ' କରିବା ନାଁରେ ବସ୍ତୁତଃ ଗ୍ରାମାଞ୍ଚଳର ଗରିବ ଶ୍ରମିକଙ୍କ ଏକ ବଡ଼ ଅଂଶକୁ ଯୋଜନାରୁ ବାହାରେ ରଖିବାର ଦ୍ୱାର ଖୋଲାଯାଇଛି। ଏହି ଆଇନ ଗ୍ରାମାଞ୍ଚଳର ବହୁ କୋଟି ଶ୍ରମିକଙ୍କୁ କାମର ଅଧିକାର ଓ ସୁଯୋଗରୁ ବଞ୍ଚିତ କରିବାକୁ ଯାଉଛି। ପରିଣାମ ସ୍ୱରୂପ ଗାଁଗୁଡ଼ିକରେ ବେକାରି ଓ ଦାରିଦ୍ର୍ୟ ବଢ଼ିବା ସହ ଅଧିକରୁ ଅଧିକ ଲୋକ ବାହାରକୁ ପଳାୟନ କରିବାକୁ ବାଧ୍ୟ ହେବେ।

ମୋ: ୯୪୩୭୧୬୬୩୯୧

# ଏବର ଚାଷବାସ



ଶୁଭନାରାୟଣ ଶତପଥୀ

କୃଷି ବିନା ସମ୍ଭବ ନୁହେଁ ଖୁସି। ଖୁସି ସେହିଠାରୁ ଆସେ ଯେଉଁଠି ଥାଏ ଅନ୍ନ। ଅନ୍ନଗ୍ରହଣ ନାଶକରେ ଭୋକ। ଭୋକରୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ମାଟି ସହ ମାଟି ହୋଇ କରିବାକୁ ହୁଏ କର୍ଷଣ। ମାଟି ସହ ଜଡ଼ିତ ବ୍ୟକ୍ତି ହିଁ ମାଟି ହେବାକୁ ଧାଇଁ ଆସେ। କାରଣ ସେ ମାଟିର ମହତ୍ତ୍ୱ ବୁଝିଥାଏ। ପଙ୍କ କାଦୁଅ ଜମିରେ ଫୁଟାଏ ପଦ୍ମ ରୂପକ ଶସ୍ୟ। ଶସ୍ୟରୁ ଜୀବନ। ଜୀବନ ଥିଲେ ମିଳେ ସମୃଦ୍ଧି ଓ ସମ୍ମାନ। ସେ ସମୃଦ୍ଧି ଓ ସମ୍ମାନ ମାଟି ସହ ମାଟି ହେଉଥିବା ବ୍ୟକ୍ତିବିଶେଷଙ୍କୁ କେତେ ମିଳେ ଆଉ ଅନ୍ୟ ବୃତ୍ତିରେ ଥିବା ବ୍ୟକ୍ତିଙ୍କୁ କେତେ ମିଳେ ତାହା ସର୍ବିଙ୍କୁ ଜଣା। କିନ୍ତୁ ମାଟି ସହ ମାଟି ହେଉଥିବା ବ୍ୟକ୍ତି ମାଟି, ମଞ୍ଜି, ମଗଜର ଅଙ୍କ କଷିଦିଏ ଅନ୍ନ। ଏଣୁ ଅନ୍ନଦାତା ଓ ଅନ୍ୟମାନଙ୍କ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ। କାରଣ ଅନ୍ନଦାତା ହିଁ କୃଷକ ବାକି ସବୁ ଅନ୍ୟ ବୃତ୍ତିର ଗ୍ରାହକ।

ଅର୍ଥନୀତି କହିଲେ କୃଷି ଓ କୃଷି ଉଦ୍ୟୋଗର ସିଂହଭାଗକୁ ବୁଝାଏ। କାରଣ କୃଷି ହିଁ ଖାଦ୍ୟ, ଶସ୍ୟର ଜନ୍ମଦାତା। ଆଉ ଖାଦ୍ୟ ବିନା ମଣିଷ ବଞ୍ଚିପାରେନା। ୧ଲକ୍ଷ ୩୨ ହଜାର କୋଟିରୁ ଊର୍ଦ୍ଧ୍ୱ ବଜେଟ ବ୍ୟବସ୍ଥାରେ କୃଷି ଓ କୃଷକ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା। ଉତ୍ପାଦନ ଅଭିବୃଦ୍ଧିର ଅଙ୍କ ବି ବେଶ୍ ଭଲ। ତେବେ ପିଲାଦିନୁ ଗାଁରେ ବଢ଼ିଥିବା ବିଜୟବାବୁ ଅବସର ପରେ ସହରରେ ରୁହନ୍ତି ସିନା ନିଜ ଭିଟାମାଟି ଓ ଗାଁ ଭାଇମାନଙ୍କ ପ୍ରତି ମୋହରେ ପଡ଼ି ମାସକୁ ଚାରିଥର ଗାଁକୁ ଧାଇଁଯାଆନ୍ତି। ଯାଆନ୍ତି ସତ କିନ୍ତୁ ମୁହଁ ଶୁଖାଇ ବସି କୁହନ୍ତି, କାହିଁ ଆମ ପିଲାଦିନର ଶାଗୁଆ କ୍ଷେତ? ଜମି ତ ବଢୁନାହିଁ ବଢୁଛି ଘରଡିହ। ଯେଉଁଠି ଚାଷ ଜମି ଥିଲା ଆଜି ସେଠି କଂକ୍ରିଟ ଘରଦ୍ୱାର ସହରର ଭ୍ରମ ସୃଷ୍ଟି କରୁଛି। ନଈକୂଳିଆ ପଠାଜମିରେ ଘାସ ମାଡ଼ିଯିବା ଦେଖି ଦେହ ସହୁନାହିଁ। ଯେଉଁ ନଦୀପଠାରେ ଫସଲ ଦେଖି ପିଲାବେଳେ ମନ ଖୁସି ହୋଇଯାଉଥିଲା ସେଠି ଘାସ ବୁଦାମୟ। ଧାନ ଖଳାଗୁଡ଼ିକ କେଉଁଠି ହଜିଗଲାଣି ଯେ ଜାଣି ହେଉନାହିଁ। କେଉଁଠି କେମିତି ମେରିକୁ ଦେଖି ସ୍ମୃତି ସାଉଁଟିବାର କଥା। ନା ଆଉ ବେଙ୍ଗଳା ପଡୁଛି ନା ପାଳଗଦା ଅଛି। ମେସିନରେ ଧାନକଟା ଯୋଗୁ ଛଣବିଡ଼ାଟିଏ ବି ଦିଶୁନାହିଁ। ଗୋରୁ ଖାଉଥିବେ କ'ଣ? ଗାଁରେ ଗୁହାଳ ତ ନାହିଁ, ରହୁଥିବେ ସେମାନେ କେଉଁଠି? ଏଣୁ ରାସ୍ତାରେ ଗୋରୁ କାହିଁକି ବା ନ ବୁଲିବେ? ଏକଥା ସ୍ପଷ୍ଟ ଯେ ଆଜିବି ସବୁ ଚାଷୀଙ୍କ ପାଖରେ ଗୁହାଳ ନାହିଁ କି ଶସ୍ୟ ସାଇତା କୋଠି ନାହିଁ। ଏଣୁ ଅସମୟ ପାଇଁ ଶସ୍ୟ ସଞ୍ଚୟ ହେବ କେମିତି? ଆଉ ଶୀତଳଭଣ୍ଡାର କଥା ପଚାରୁଛି କିଏ? ଗୋଷ୍ଠୀ ସହଭାଗିତାର ଶୀତଳଭଣ୍ଡାର ଦେଖାଯାଉନାହିଁ। ବିଜୟବାବୁଙ୍କ ସମବୟସ୍କ କୃଷକଭାଇଙ୍କ ପିଲାମାନେ ଆଉ ଜମି ଆଡ଼କୁ ଯାଉନାହାନ୍ତି। ଦୁଃଖର କଥା, ପରିଣତ ବୟସରେ ବିଜୟବାବୁଙ୍କ ଅଧିକାଂଶ



କୃଷକସାଙ୍ଗ ହିଁ ଚାଷ କରୁଛନ୍ତି। ଗାଁ ମୁଣ୍ଡ ବରଗଛ ମୂଳରେ ଯୁବଗୋଷ୍ଠୀଙ୍କ ମେଳି ନା କୃଷିକୁ ବଳିଷ୍ଠ କରୁଛି ନା ଅର୍ଥନୀତିକୁ। ବିଚରା ବିଜୟବାବୁ ଚାଷୀ ପରିବାରରୁ ବୋଲି ସିନା ଗାଁର ଏପରି ଚିତ୍ର ଦେଖି ତାଙ୍କ ମନଟା ଗୋଳେଇଘାଣ୍ଟି ହେଉଛି। ଆଉ ଗାଁର ସାଙ୍ଗଙ୍କ ସହ ଏସବୁ କଥା ଆଲୋଚନା କରିବାବେଳେ ଜଣାପଡ଼ିଲା ଯେ ସେ ଗାଁରେ ବି ସମଦଶା। ବିଜୟବାବୁଙ୍କ ସାଙ୍ଗ କହିଲେ, ଆରେ ତୁମ ଗାଁ ଛାଡ଼, ଆମ ଗାଁରେ ଗାଈ ସଂଖ୍ୟା କମ୍ କିନ୍ତୁ ଗାଈକ୍ଷୀରର ଅଭାବ ନାହିଁ। ଅନେକ ଜମି ପଡ଼ିଆ ପଡ଼ିଛି। ବାହାରୁ ପନିପରିବା ଆସୁଛି। ଏଣୁ ଆମ ଗାଁ ମୁଣ୍ଡ ଛକରେ ସବୁବେଳେ ପନିପରିବା ଉପଲବ୍ଧ। ଏବେ କେତେଜଣ ଲୋକ ପନିପରିବା ଦୋକାନ କରୁଛନ୍ତି, ଧାନର ବିକ୍ରିବଟା କରୁଛନ୍ତି କିନ୍ତୁ ଚାଷଜମିକୁ ଯାଉନାହାନ୍ତି। ଆଉ ଯେଉଁ କେତେଜଣ ଯାଉଛନ୍ତି ସେମାନଙ୍କର ମୁଖ୍ୟ ବୃତ୍ତି ଅନ୍ୟ କିଛି। ସାର, କୀଟନାଶକ ପ୍ରୟୋଗ ଶସ୍ୟ ଉତ୍ପାଦନକୁ ହିତ ସିନା ଶରୀରକୁ ଅହିତ। କୀଟନାଶକ ଓ ସାର ପ୍ରଭାବରେ ଚାରିଦିନରେ ଶାଗପଟାଳିରୁ ଛନଛନିଆ ଶାଗ ବାହାରୁଛି। ବାଇଗଣ ଗଛରେ ପୋକ ଲାଗିବାର ପ୍ରଶ୍ନ ଉଠୁନାହିଁ। ଏସବୁ ଖାଇଲେ ରୋଗ ହେବନାହିଁ ତ ଆଉ କ'ଣ ହେବ? ତଥାପି ଚାଷୀଭାଇ ତା'ର ଅର୍ଥ ରୋଜଗାରକୁ ନେଇ କୁହେ, ଯେଉଁ ପରିମାଣରେ ଖର୍ଚ୍ଚ ବଢ଼ିଲାଣି ସେହି ତୁଳନାରେ ଲାଭ ନାହିଁ ଚାଷ କାମରେ। ତଥାପି ୧ ବର୍ଷ ପାଇଁ ନିଜ ପାଇଁ ଖାଦ୍ୟ ଯୋଗାଡ଼କରି ରଖିଦେବା ଉଦ୍ଦେଶ୍ୟରେ ବାଧ୍ୟହୋଇ କରୁଛୁ। ଏଭଳି ମାନସିକତାର ବୃଦ୍ଧି ବାସ୍ତବରେ ବିପଦ। ସେ ଯାହା ହେଉନା କାହିଁକି କୃଷି ଓ କୃଷକ କଲ୍ୟାଣ ଚାଷଜମିକୁ ଘରଡିହରେ ରୂପାନ୍ତରିତ କରିବା ଦ୍ୱାରା ହୁଏ ନାହିଁ ବରଂ ଶାଗୁଆ କ୍ଷେତରେ ରୂପାନ୍ତରିତ କରିବା ଦ୍ୱାରା ହୁଏ। ଯୁବକ ଚାଷ ପାଇଁ ଆଗ୍ରହୀ ହୋଇ କ୍ଷେତମୁହାଁ ହେଲେ ଗାଁର ଉତ୍ପାଦ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ, ବିକ୍ରିବଟା ହୋଇପାରିବ ଓ ସୁଚିନ୍ତିତ ବଜାର ବ୍ୟବସ୍ଥାରେ କୃଷକ ଯଥେଷ୍ଟ ଲାଭ ପାଇବ। ସାର କୀଟନାଶକ ପରିବର୍ତ୍ତେ ଜୈବିକ ଚାଷର ବହୁଳ ପ୍ରସାର ହେଲେ, ବଳକା ଚାଷ ଦ୍ରବ୍ୟର ମାର୍କେଟିଂ ହେଲେ, ଅର୍ଥିକ ପ୍ରୋତ୍ସାହନକୁ ପ୍ରାଥମିକତା ଦେଲେ ଓ ଦଲାଲଙ୍କୁ ଦୂରେଇ ଶସ୍ୟ, ଫଳ, ପନିପରିବା ଆଦି ସବୁ ଚାଷର ଚାଷୀଙ୍କୁ ସିଧାସଳଖ ଓ ସର୍ବାଧିକ ସୁବିଧା ପ୍ରଦାନକଲେ ଚାଷୀର ମୁହଁରେ ହସ ଫୁଟିପାରନ୍ତା ଓ ଚାଷୀ ସଂଖ୍ୟା ସହ ଆଗ୍ରହ ଆହୁରି ବଢ଼ନ୍ତା। ଚାଷ ଓ ଚାଷୀ ପାଇଁ ଲାଭ ଏବଂ ସମ୍ମାନ ସ୍ତର ଏପରି ହେବା ଉଚିତ ଯେପରି ସହରରୁ ଯୁବଗୋଷ୍ଠୀ ଗାଁକୁ ଚାଷ କରିବାକୁ ଧାଇଁ ଆସିବେ। ଚାଷରୁ ଲାଭ ପ୍ରଚୁର ପାଇବେ ଓ ତାହାକୁ ବୃତ୍ତିଭାବରେ ଗ୍ରହଣକଲେ ସମ୍ମାନ ଓ ମର୍ଯ୍ୟାଦା ମିଳୁଛି ବୋଲି ସର୍ବିଏ ଭାବିବେ। ସେତେବେଳେ ହିଁ ଚାଷ ଓ ଚାଷୀର ବୃତ୍ତିଗତ ଚାହିଦା ବଢ଼ିଛି ବୋଲି ଅନୁଭବ ହେବ ଓ ଗ୍ରାମୀଣ ବିକାଶର ଅର୍ଥନୀତି ଅଧିକ ସୁଦୃଢ଼ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ହେଲା କଶ୍ମୀରରେ ଜଣେ ମହିଳା ଡାକ କର୍ମଚାରୀ ଦୁର୍ଗମ ଅଞ୍ଚଳରେ ଚାଲି ଚାଲି ପାର୍ସଲ ବାଣ୍ଟୁଛନ୍ତି। କର୍ତ୍ତବ୍ୟନିଷ୍ଠ ଏହି ମହିଳା ଜଣକ ହେଉଛନ୍ତି ଉଲଫତା ବାନୋ। ବଡ଼ କଥା ହେଉଛି ଶୀତଦିନେ ସେ ଆଣ୍ଠୁଏ ବରଫରେ ମଧ୍ୟ ଠିକଣା ଜାଗାକୁ ଯାଇଥାନ୍ତି। ବାନୋ ମାଟ୍ରିକ ପାସ୍ କରିଛନ୍ତି ଏବଂ ତାଙ୍କୁ ବୟସ ଏବେ ୫୫। ଦକ୍ଷିଣ କଶ୍ମୀର ଶୋପିଆନ ଜିଲାର ହିପୋରା ଗାଁର ପୋଷ୍ଟ ଅଫିସରେ ସେ କାମ କରୁଛନ୍ତି। ଶ୍ରୀନଗରଠାରୁ ଏହି ଗାଁର ଦୂରତା ୭୦ କି.ମି.। ହିପୋରା ଓ ଏହା ଆଖପାଖ ଅଞ୍ଚଳର ତାପମାତ୍ରା ଶୀତଦିନେ ମାଇନସ ୧୫ ଡିଗ୍ରୀ ସେଲସିୟସ ରହିଥାଏ। ଏଭଳି ସ୍ଥିତିକୁ ଖାତିର ନ କରି ଉଲଫତା ପ୍ରତିଦିନ ଚିଠି ଏବଂ ପାର୍ସଲ ଦେବାକୁ ଲୋକଙ୍କ ଘରେ ପହଞ୍ଚି ଯାଇଥାନ୍ତି। ହିପୋରା ଏକ ଅଭୟାରଣ୍ୟ ନିକଟରେ ଥିବାରୁ ଶୀତଦିନେ ଖାଦ୍ୟାଭାବ ଦେଖାଦିଏ। ଭାଲୁ ଓ ଚିତାବାଘ ଗାଁ ଆଡ଼କୁ ଚାଲି ଆସିଥାନ୍ତି। ଏଭଳି ସ୍ଥିତିକୁ ଖାତିର ନ କରି ସେ ଚିଠି ବାଣ୍ଟିବାକୁ ବାହାରି ଯାଇଥାନ୍ତି। ତେବେ ଦୀର୍ଘବର୍ଷ ମଧ୍ୟରେ ସେ କେବେ ବି ବନ୍ୟଜନ୍ତୁଙ୍କୁ ସାମ୍ନା କରି ନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୩ ଡିସେମ୍ବର ୧୯୭୬

- ମିଃ. ଜିନ୍‌ଲୁଇ ଗଏସିମିଶଙ୍କୁ ଭାରତରେ କେନ୍ଦ୍ର ଆଫ୍ରିକା ସାଧାରଣତନ୍ତ୍ରର ପ୍ରଥମ ରାଷ୍ଟ୍ରଦୂତ ଭାବେ ମନୋନୀତ କରାଯାଇଛି।
- ମରିସସ୍‌ର ପାର୍ଲାମେଣ୍ଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶିବସାଗର ରାମଗୁଲାମଙ୍କ ପାର୍ଟି ଓ ଅଂଶୀଦାର ଦଳ ବିପର୍ଯ୍ୟୟର ସମ୍ମୁଖୀନ।

## ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି–ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ–
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 8 | | | 9 |
| 3 | | | | | | | | 5 |
| 5 | | 8 | | | 3 | 2 | | |
| | | 6 | 2 | | | 1 | 9 | 7 |
| | | | | | | | | |
| | | | 7 | | | 3 | | 2 |
| | | | | 8 | | | | |
| | 7 | | | 5 | 4 | | | |
| | | 4 | 6 | 1 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 8 | 4 | 1 | 3 | 7 | 6 | 2 |
| 3 | 6 | 2 | 7 | 5 | 8 | 1 | 4 | 9 |
| 7 | 4 | 1 | 6 | 2 | 9 | 5 | 8 | 3 |
| 2 | 3 | 5 | 8 | 6 | 1 | 9 | 7 | 4 |
| 4 | 7 | 6 | 3 | 9 | 5 | 8 | 2 | 1 |
| 1 | 8 | 9 | 2 | 7 | 4 | 6 | 3 | 5 |
| 8 | 1 | 4 | 9 | 3 | 7 | 2 | 5 | 6 |
| 6 | 5 | 7 | 1 | 4 | 2 | 3 | 9 | 8 |
| 9 | 2 | 3 | 5 | 8 | 6 | 4 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାତୀୟ ଉତ୍ସବ ଚରମ୍ପାରେ ହେଉ

ମହାଶୟ,

'ଧରିତ୍ରୀ'ରେ ସ୍ଥାନିତ ଶୀର୍ଷକ 'ସାଂସ୍କୃତିକ ମହୋତ୍ସବ'ର ନୂଆ ଠିକଣା ଚରମ୍ପା ଓଏସ୍‌ଆର୍‌ଟିସି ପଡ଼ିଆ ଖବରଟି ପଢ଼ି ଖୁସି ଲାଗିଲା। କିଛିଦିନ ତଳେ ଚରମ୍ପାରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପୁରାତନ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ କରାଯାଇ ୪ ଏକରରୁ ଊର୍ଦ୍ଧ୍ୱ ଜମି ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା। ଏଠାରେ ବିଭିନ୍ନ ସରକାରୀ ଉତ୍ସବାନୁଷ୍ଠାନ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ଏହି ସରକାରୀ ଜାଗାକୁ ଲିଜ୍ ଆକାରରେ ଦିଆଯାଇଥିଲା ଏବଂ ଲିଜ୍ ଅବଧି ସରିବା ପରେ ମଧ୍ୟ ଲିଜ୍‌ଧାରୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଅବଶ୍ୟ ଜିଲାସ୍ତରର କିଛି ଅଧିକାରୀଙ୍କ ପ୍ରଚ୍ଛନ୍ନ ସମର୍ଥନ ସେମାନଙ୍କ ପଛରେ ଥିଲା। ବର୍ତ୍ତମାନ ଏହା ନିୟନ୍ତ୍ରଣମୁକ୍ତ ଏବଂ ଏଠାରେ ସବୁ ଉତ୍ସବ ଅନୁଷ୍ଠିତ ହେବ। ଏଥିସହ ଏଠାରେ ପ୍ରତିବର୍ଷ କୃଷିମେଳା, ପୁସ୍ତକ ମେଳା, ଶିଶୁ ମେଳା ଇତ୍ୟାଦି ଆୟୋଜନ କରାଯିବ। ଏଠାରେ ଭାରତର ୨ଟି ମୁଖ୍ୟ ଜାତୀୟ ଉତ୍ସବ ପତାକା ଉତ୍ତୋଳନ ଓ ପରେଡ କରାଯିବାର ବ୍ୟବସ୍ଥା କରାଯାଉ।

**–ବୈଲୋଚନ ମହାନ୍ତି, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆକାଶ ମଝିରେ ବିମାନରୁ ସରିଲା ଇନ୍ଧନ




# ନବରଙ୍ଗପୁର ୩ ବ୍ଲକ୍‌ରେ ଚାଷୀ ଆନ୍ଦୋଳନ

- ଧାନ, ମକା ଗଦାଇ ଧାରଣାରେ ଚାଷୀ
- ସପ୍ତାହବ୍ୟାପୀ ଚକ ଅଖ ବନ୍ଦ ଡାକରା
- ସମର୍ଥନ ଜଣାଇ ଧାରଣାରେ ବସିଲେ ବିଜେଡି, କଂଗ୍ରେସ ନେତା

ଝରିଗାଁ, ୨୨।୧୨ (କିଶୋର ଚନ୍ଦ୍ର ମଣ୍ଡଳ/ସନ୍ତୋଷ ଶତପଥୀ)

ମଣ୍ଡି ଖୋଲିବାରେ ବିଳମ୍ବ, ଧାନ ଓ ମକାର ଅଭାବୀ ବିକ୍ରି, ମକା କୁଇଣ୍ଟାଲ ପିଛା ଦର ୬ଶହ ଟଙ୍କା କମାଇବା ପ୍ରତିବାଦରେ ସୋମବାର ନବରଙ୍ଗପୁର ଜିଲାର ଝରିଗାଁ, ଉମରକୋଟ ଓ ରାଇଘରଠାରେ ଚାଷୀ ମହାସଂଘ ପକ୍ଷରୁ ବ୍ଲକ ବନ୍ଦ କରାଯାଇଛି। ଏହି ଆନ୍ଦୋଳନ ୭ ଦିନ ଧରି ଚାଲିବ ବୋଲି ମହାସଂଘ ଚେତାବନୀ ଦେଇଛି। ଝରିଗାଁ ବସ୍‌ଷ୍ଟାଣ୍ଡରେ ଚାଷୀମାନେ ଧାନ, ମକା ରଖି ଧାରଣା ଦେଇଥିଲେ। ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଧାରଣାରୁ ହଟିବାକୁ ଅନୁରୋଧ କରିଥିଲେ। ଜିଲାପାଳ ଆସି ଚାଷୀଙ୍କ ସମସ୍ୟା ସମାଧାନ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ହିଁ ଆନ୍ଦୋଳନ ହଟିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଚାଷୀଙ୍କ ଏହି ଆନ୍ଦୋଳନକୁ ବିଜେଡି ଓ କଂଗ୍ରେସ ସମର୍ଥନ ଜଣାଇଛି। ଉଭୟ ଦଳର ନେତାମାନେ ଚାଷୀଙ୍କ ସହ ଧାରଣାରେ ବସିଥିଲେ।


ଝରିଗାଁରେ ଚାଷୀ ଓ ରାଜନୈତିକ ଦଳର ନେତାମାନେ ପ୍ରତିବାଦ କରୁଛନ୍ତି।

ନବରଙ୍ଗପୁର ଜିଲାର ୩ ବ୍ଲକ ଝରିଗାଁ, ଉମରକୋଟ ଏବଂ ରାଇଘରରୁ ହିଁ ଅଧିକ ମକା ଚାଷ ହେଉଛି। ଏବେ ଯାଏ କିନ୍ତୁ ଚାଷୀଙ୍କ ପାଇଁ ସରକାର ମକା ମଣ୍ଡି ଖୋଲି ପାରିଲେ ନାହିଁ। ଫଳରେ ଚାଷୀ ଠିକ୍ ଦରରେ ମକା ବିକ୍ରି କରିପାରୁ ନାହାନ୍ତି। ଗତବର୍ଷ ଏହି ସମୟରେ ମକା କୁଇଣ୍ଟାଲ ୨୩ ଶହରୁ ୨୪ ଶହ ଟଙ୍କା ରହିଥିଲା। କେନ୍ଦ୍ର ସରକାର ମକାର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ଓଡ଼ିଶାରେ ମକା କୁଇଣ୍ଟାଲ ପିଛା ଦର ୧୮ ଶହ ଟଙ୍କା ରହିଛି। ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ଶହରୁ ୬ଶହ ଟଙ୍କା କ୍ଷତି ସହିବାକୁ ପଡୁଛି। ଏଠାରେ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ଚାଷୀମାନେ କହିଛନ୍ତି। ସେହିଭଳି ଗତବର୍ଷ ନଭେମ୍ବରରୁ ସୁଦ୍ଧା ଧାନ ମଣ୍ଡି ଖୋଲାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏଥିରେ ବିଳମ୍ବ ହୋଇଛି। ବର୍ତ୍ତମାନ ସୁଦ୍ଧା ଧାନ କ୍ରୟ କରିବା ସକାଶେ ମିଲ୍ ମାଲିକଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ପାରି ନାହିଁ। ଫଳରେ ଧାନ ମଣ୍ଡି ସକାଶେ କୌଣସି ଟାର୍ଗେଟ ଆସିନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସରକାର ଏହିସବୁ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଜିଲା ବ୍ୟାପୀ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଚାଷୀମାନଙ୍କ ସହିତ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା, ମନୋରଞ୍ଜନ ତ୍ରିପାଠୀ, ଲିପିକା ମାଝୀ, ଅଶୋକ କୁମାର ମୂର୍ତ୍ତି, ହାରାବତୀ ଗଣ୍ଡ, ପ୍ରେମା ପାଣ୍ଡେ, ତମୁଦାସ ପନକା, ଉଦୟ ନାଥ ନାୟକ,ଅଖିଳ ଭଦ୍ରା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନରସିଂହ ମାଝୀ ପ୍ରମୁଖ ଧାରଣାରେ ବସିଥିଲେ।

# ଇଚ୍ଛାମୃତ୍ୟୁ ଆବେଦନ କଲେ ଯୁବକ

## ରାଜନୈତିକ କାରଣରୁ ସାମାଜିକ ବାସନ୍ଦ

ଦିଗପହଣ୍ଡି,୨୨।୧୨ (ଅଶେଷ ନାଥ ମିଶ୍ର)

ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିବା ପରେ ସାହିରୁ ୪ ବର୍ଷ ହେଲା ବାସନ୍ଦ ହୋଇଥିବା ଏକ ପରିବାରର ଜଣେ ଯୁବକ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲିବନ୍ଧ ଗ୍ରାମର ସନ୍ତୋଷ ବେହେରା(୪୮) ଇଚ୍ଛାମୃତ୍ୟୁ ପାଇଁ ଦରଖାସ୍ତ ଦେଇଥିଲେ। ଏହା ଶୁଣି ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ସମେତ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ତୁରନ୍ତ ସମସ୍ୟା ସମାଧାନ ପାଇଁ ଆଶ୍ୱାସନା ଦେଇଛନ୍ତି।

ବାବୁଲିବନ୍ଧ ଗ୍ରାମର ଅନୁସୂଚିତ ଜାତି ବର୍ଗର ଭୁବୁନି ବେହେରାଙ୍କ ପୁଅ ହେଉଛନ୍ତି ସନ୍ତୋଷ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସନ୍ତୋଷଙ୍କ ଭାଉଜ ରଞ୍ଜୁ ବେହେରା ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀ ହୋଇ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିପକ୍ଷ ପ୍ରିୟଙ୍କା ନାୟକଙ୍କଠାରୁ ପରାଜିତ ହୋଇଥିଲେ। ସେବେଠାରୁ ଗ୍ରାମର ଅନୁସୂଚିତ ଜାତିର ସାହିବାସିନ୍ଦା


ସନ୍ତୋଷ ବେହେରା



ସନ୍ତୋଷଙ୍କ ପଞ୍ଜୀକୃତ ଦରଖାସ୍ତ ସ୍ଲିପ।

ରାଜନୈତିକ କାରଣରୁ ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ନିଆଁପାଣି ମନା କରିବା ସହ ସାମାଜିକ ବାସନ୍ଦ କରିଥିବା ଜଣାଇଥିଲେ। ଏପରିକି ସାହିରେ କାହାରି ବିବାହ କିମ୍ବା ଏକାଦଶାହ ଭୋଜି ହେଲେ କେହି ତାଙ୍କ ପରିବାରଙ୍କୁ ଲୋଡୁନାହାନ୍ତି। ସାହିବାସିନ୍ଦା ତାଙ୍କ ପରିବାର ସହ କଥାବାର୍ତ୍ତା ମଧ୍ୟ କରୁନାହାନ୍ତି। ଗତ ପ୍ରାୟ ୧୫ ଦିନ ତଳେ ଜଣେ ବ୍ୟକ୍ତିଙ୍କ ଘରେ ଭୋଜି ଚାଲିଥିବା ବେଳେ ତାଙ୍କୁ ଡକାଗଲାନାହିଁ। ଏଥିରେ ସନ୍ତୋଷ ଓ ତାଙ୍କ ପରିବାର ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ତେଣୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ସନ୍ତୋଷ ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳ ସମସ୍ତ ଘଟଣା ଶୁଣି ସନ୍ତୋଷଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲାପାଳ ଅଭିଯୋଗ ଶୁଣାଣିରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଅତିରିକ୍ତ ଏସପି ଆଲୋକ କୁମାର ଜେନା, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେଙ୍କୁ ଘଟଣାର ଅନୁଧ୍ୟାନ କରିବାକୁ କହିଛନ୍ତି। ତୁରନ୍ତ ସେହି ଗାଁକୁ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ଯାଇ ସାହିବାସିନ୍ଦାଙ୍କ ସହ ଆଲୋଚନା କରି ଘଟଣାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ସ୍ତ୍ରୀଙ୍କୁ ପୋଡ଼ି ମାରିବା ପାଇଁ ଘରେ ନିଆଁ ଲଗାଇଲେ ସ୍ୱାମୀ

ଉଦଳା,୨୨।୧୨ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଗୌଡ଼ଗାଁ କୁଆଗୋଠଣା ଗ୍ରାମରେ ସ୍ତ୍ରୀଙ୍କୁ ପୋଡ଼ି ମାରିବା ପାଇଁ ସ୍ୱାମୀ ଘରେ ନିଆଁ ଲଗାଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସୌଭାଗ୍ୟବଶତଃ ଘରେ ଅନୁପସ୍ଥିତ ଥିବା କାରଣରୁ ସ୍ତ୍ରୀଙ୍କ ଜୀବନ ବଞ୍ଚି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉଦଳା ଥାନା ବାଉଁଶପାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳି ବାରିକ କୁଆଗୋଠଣା ଗ୍ରାମର ମୃତ୍ୟୁଞ୍ଜୟ ବାରିକଙ୍କୁ ବିବାହ କରିଥିଲେ। ପାରିବାରିକ ବିବାଦ କାରଣରୁ ଦୀର୍ଘବର୍ଷ ହେବ ସ୍ୱାମୀ ଏବଂ ସ୍ତ୍ରୀ ଅଲଗା ରହୁଥିଲେ। ସ୍ତ୍ରୀଙ୍କ ସୁନାଗହଣା ନେଇ ବିକ୍ରି କରି ଟଙ୍କା ଆଣିବା ପାଇଁ ଆଜକୁ ୪ ବର୍ଷ ପୂର୍ବରୁ ମୃତ୍ୟୁଞ୍ଜୟ ଘରୁ ଯାଇଥିବା ବେଳେ ଆଉ ଫେରିନ ଥିଲେ। ଘରକୁ ନ ଫେରି ସ୍ତ୍ରୀଙ୍କୁ ଛାଡ଼ି ଅନ୍ୟତ୍ର ରହୁଥିଲେ। ରବିବାର ଶ୍ରଦ୍ଧାଞ୍ଜଳି ବାପଘର ପାଖକୁ ଏକ ଶୁଦ୍ଧିକ୍ରିୟା କର୍ମ ନିମନ୍ତେ ଆସିଥିଲେ। ହେଲେ ବିଳମ୍ବିତ ରାତିରେ ପଡ଼ୋଶୀ ଫୋନ କରି ତାଙ୍କ ଘର ନିଆଁ ଲାଗି ଜଳୁଥିବା ଖବର ଦେଇଥିଲେ। ଶ୍ରଦ୍ଧାଞ୍ଜଳି କୁଆଗୋଠଣାସ୍ଥିତ ଘରକୁ ଯାଇ ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଶୋଇବା ଘର ଝରକା ଭାଙ୍ଗି କେହି ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ସେ ଜାଣିବାକୁ ପାଇଥିଲେ। ତେବେ ସ୍ୱାମୀଙ୍କ ସହିତ ଶ୍ୱଶୁର ଶ୍ୟାମ ସୁନ୍ଦର ବାରିକ ପୂର୍ବରୁ ତାଙ୍କୁ ମାରିଦେବାକୁ ଧମକ ଦେଇଆସୁଥିବା ଓ ସ୍ୱାମୀ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଶ୍ରଦ୍ଧାଞ୍ଜଳି ଥାନାରେ ଅଭିଯୋଗ କରିଛନ୍ତି। କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଜି 'ଟିଏସି' ବୈଠକ ନେବେ ମୁଖ୍ୟମନ୍ତ୍ରୀ

## ଉଠିବ ଆଦିବାସୀଙ୍କ ସଂରକ୍ଷଣ ଏବଂ ବିକାଶ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷାକୁ କେତେଦୂର ଗୁରୁତ୍ୱ ଦିଆଯାଉଛି ସେନେଇ ମଙ୍ଗଳବାର ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଆଦିବାସୀ ଉପଦେଷ୍ଟା କମିଟି(ଟିଏସି) ବୈଠକରେ ଗତ ବର୍ଷକ ମଧ୍ୟରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଉନ୍ନୟନ ପାଣ୍ଠି କେତେଦୂର କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ସବୁ ଅଞ୍ଚଳରେ କି ପ୍ରକାର ବିକାଶ ହୋଇଛି ତା'ର ଟିକିନିଖି ହିସାବ କରାଯିବ। ଏହାପରେ କେତେକ ଆଦିବାସୀ ବର୍ଗ ରାଜ୍ୟ ସରକାରଙ୍କ ତାଲିକାରେ ଆସୁଥିଲେ ହେଁ କେନ୍ଦ୍ର ସରକାରଙ୍କ ତାଲିକାରେ ଅନ୍ତର୍ଭୁକ୍ତ ନ ଥିବାରୁ ସରକାରୀ ସୁବିଧା ସୁଯୋଗ ପାଇବାରେ ସମସ୍ୟା ଉପୁଜୁଛି। ରାଜ୍ୟ ଏବଂ ଦେଶରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ଲାଭ କିଭଳି ରାଜ୍ୟର ଆଦିବାସୀ ବର୍ଗ ପାଇପାରିବେ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଟିଏସି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପାଧ୍ୟକ୍ଷ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରହିବେ। ଏହାବାଦ୍ ଆଦିବାସୀ ଅଧ୍ୟୁଷିତ ଜିଲାରୁ ପ୍ରାୟ ୨୮ଜଣ ସଭ୍ୟ ରହିଛନ୍ତି। ଆଦିବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଯେଉଁସବୁ ନୂତନ ଯୋଜନା କାର୍ଯ୍ୟକାରୀ ହୋଇଛି ତା'ର କାର୍ଯ୍ୟକାରିତା ଉପରେ ଟିକିନିଖି ସମୀକ୍ଷା ହେବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ଟିଏସି ବୈଠକ ପ୍ରତିବର୍ଷ ଦୁଇଥର ଅନୁଷ୍ଠିତ ହେବା କଥା। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରେ ୨୦୨୪ ଡିସେମ୍ବର ୩୧ରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଜୁନ୍‌ରେ ହେବାକୁ ଥିବା ବୈଠକ ସମୟରେ ସଂସଦର ମୌସୁମୀ ଅଧିବେଶନ ଥିବାରୁ ଏହାକୁ ଏଡ଼ାଇ ଦିଆଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଟିଏସି ବୈଠକ ଲାଗି ସୋମବାର ବିଭିନ୍ନ ସଦସ୍ୟ ଏବଂ ସଙ୍ଗଠନ ଲୋକସେବା ଭବନରେ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି।

# ସରକାରଙ୍କୁ ରାଜସ୍ୱ ଚିନ୍ତା: ନିଲାମ ହେବ ୪୯ଟି ଖଣି ବ୍ଲକ

ଭୁବନେଶ୍ୱର, ୨୨।୧୨ (ରବିନାରାୟଣ ଜେନା)

ରାଜ୍ୟର ବିକାଶ ପାଇଁ ରାଜସ୍ୱ ଅତ୍ୟନ୍ତ ଆବଶ୍ୟକ। ଏହାକୁ ନଜରରେ ରଖି ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ପ୍ରମୁଖ ଖଣି ବ୍ଲକ୍ ଏବଂ କ୍ରିଟିକାଲ ତଥା ଷ୍ଟ୍ରାଟେଜିକ ଖଣି ବ୍ଲକଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ବିଭାଗର ଅତିରିକ୍ତ ସଚିବ ଗୌତମ ଚୌଧୁରୀ ଜଣାଇଛନ୍ତି ଯେ, ଆସନ୍ତା ଜାନୁଆରୀ ୩ ତାରିଖ ଅପରାହ୍ନ ୪ଟାରେ ଇସ୍ପାତ ଓ ଖଣି ବିଭାଗର ଷ୍ଟିଲ୍ ରୁମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏନେଇ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶାର ଖଣି ନିର୍ଦ୍ଦେଶକ, ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ (ଜିଏସ୍‌ଆଇ), ନାଗପୁରର ଏମ୍‌ଇସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ଆଇବିଏମ୍‌ର ରିଜିଓନାଲ କଣ୍ଟ୍ରୋଲର ଅଫ୍ ମାଇନ୍ସଙ୍କୁ ଅତିରିକ୍ତ ସଚିବ ପତ୍ର ଲେଖି ଜଣାଇଛନ୍ତି। ଏହାରେ ଉଲ୍ଲେଖ କରାଯାଇଛି ଯେ, ଖଣି ବ୍ଲକଗୁଡ଼ିକର ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ ଓ ପ୍ରକାଶନ ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହା ଚୂଡ଼ାନ୍ତ କରି ଅଂଶୀଦାର କରିବାକୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକଙ୍କ ଦ୍ୱାରା ଓଏମ୍‌ସି, ଏମ୍‌ଇସିଏଲ, ଜିଏସ୍‌ଆଇ ଏବଂ ଏମ୍‌ଇସିଏଲ୍ ଦ୍ୱାରା ଅନୁସନ୍ଧାନ କରାଯାଇଥିବା ପ୍ରମୁଖ ଖଣି ବ୍ଲକଗୁଡ଼ିକର ତାଲିକା ରାଜ୍ୟ ସରକାରଙ୍କ ବିଚାର ପାଇଁ ପ୍ରଦାନ କରାଯାଇଛି। ପ୍ରସ୍ତାବିତ ବ୍ଲକଗୁଡ଼ିକର ଉପଯୁକ୍ତତା, ଅନୁସନ୍ଧାନର ସ୍ଥିତି, ନିଲାମ ପାଇଁ ପ୍ରସ୍ତୁତି ଇତ୍ୟାଦି ଯାଞ୍ଚ କରି ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ଉକ୍ତ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ଏଜିଙ୍କୁ ସମୀକ୍ଷା ଲାଗି ଅନୁରୋଧ

## ଗାଡ଼ି କିଣାଠୁ ସାଜସଜ୍ଜା ମହଙ୍ଗା ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗରେ ଗାଡ଼ି କିଣାରେ ହୋଇଥିବା ଅନିୟମିତତା ଅଭିଯୋଗକୁ ନେଇ ସ୍ୱତନ୍ତ୍ର ସମୀକ୍ଷା କରିବା ଲାଗି ମହାଲେଖାକାର(ଏଜି)ଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏସଂକ୍ରାନ୍ତରେ ସୋମବାର ବିଭାଗୀୟ ଅର୍ଥ ପରାମର୍ଶଦାତା କଲ୍ୟାଣୀ ମାଳୀ ରାଜ୍ୟ ମହାଲେଖାକାର(ଏଜି)ଙ୍କୁ ପତ୍ର ଲେଖି ଉକ୍ତ ଘଟଣାକୁ ସ୍ୱତନ୍ତ୍ର ସମୀକ୍ଷା କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି ପତ୍ରରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଏ ସଂକ୍ରାନ୍ତରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଡିସେମ୍ବର ୧୮ରେ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖି ସ୍ୱତନ୍ତ୍ର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ 'ଧରିତ୍ରୀ' ପକ୍ଷରୁ 'ଗାଡ଼ିକିଣାକୁ ସାଜସଜ୍ଜା ମହଙ୍ଗା' ଶୀର୍ଷକ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଏନେଇ ସୋମବାର ଅର୍ଥ ପରାମର୍ଶଦାତା ଏଜିଙ୍କୁ ସ୍ୱତନ୍ତ୍ର ସମୀକ୍ଷା ଲାଗି ଅନୁରୋଧ କରିଛନ୍ତି।

# ଏକାଧିକ ଭୋଜି ଜଣାଉଛି ଦଳର ଦୁର୍ବଳ ସ୍ଥିତି

ଭୁବନେଶ୍ୱର, ୨୨।୧୨ (ସୁନନ୍ଦ ମିଶ୍ର)

ବିଜେଡିର ନେତାମାନେ ଗୋଟିଏ ପରେ ଗୋଟିଏ ଭୋଜି କରିବାରେ ଲାଗିଛନ୍ତି, ଯାହାକୁ ନେଇ ଏବେ ନାନା ଚର୍ଚ୍ଚା ହେଉଛି। ପ୍ରଥମେ ଭୁବନେଶ୍ୱର ଉତ୍ତରକୁ ଖୁଲମାଠାରେ ବିଜେଡିର କେତେଜଣ ପୂର୍ବତନ ବିଧାୟକ ଏବଂ ୨୦୨୪ରେ ହାରିଥିବା କେତେଜଣ ବିଧାୟକ ପ୍ରାର୍ଥୀ ଏକାଠି ହୋଇ ଏକ ଭୋଜିର ଆୟୋଜନ କରିଥିଲେ। ଦଳର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଉଥିବା ୫ ବରିଷ୍ଠ ନେତାଙ୍କ କାର୍ଯ୍ୟଦକ୍ଷତା ନେଇ ମୁଖ୍ୟତଃ ଉକ୍ତ ଖୁଲୁମା ଭୋଜିରେ ନେତାମାନେ ପ୍ରଶ୍ନ ଉଠାଇଥିବା ଜଣେ ନେତାଙ୍କ ସୂତ୍ରରୁ ଜଣାପଡ଼ିଥିଲା। ସୋମବାର ପୁଣିଥରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପୁଣି ଭୁବନେଶ୍ୱରଠାରେ ଏକ ଭୋଜିର ଆୟୋଜନ କରିଥିବା ଜଣାପଡ଼ିଥିଲା। ଖୁଲୁମା ଭୋଜିରେ ସାମିଲ ହୋଇଥିବା କେତେଜଣ ନେତାଙ୍କୁ ବାଦ୍ ଏଥିରେ ସାମିଲ କରାଯାଇଥିଲା। ଖୁଲୁମା ଭୋଜି ସମୟରେ ମୁଖ୍ୟତଃ କେଉଁ ବିଷୟରେ ଆଲୋଚନା ହୋଇଥିଲା ସେକଥା ଜାଣିବା ଏବଂ ସେହି ନେତାମାନଙ୍କୁ ଏକ ପ୍ରକାର ଚେକ୍ ଦେବା ପାଇଁ ଏହି ଭୋଜିର ଆୟୋଜନ କରାଯାଇଥିବା ଚର୍ଚ୍ଚା ହେଉଛି। ଆସନ୍ତା ୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ରାଜ୍ୟବ୍ୟାପୀ ପାଳନ ହେବ ବୋଲି କୁହାଯାଇଛି। ଭୁବନେଶ୍ୱର ଶଙ୍ଖଭବନଠାରେ ଆୟୋଜିତ ହେବାକୁ ଥିବା ଦଳର ପ୍ରତିଷ୍ଠା ଦିବସରେ କାଳେ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ଦଳରେ ସାମିଲ କରାଯିବ, ସେଥିରେ ବ୍ରେକ୍ ଲଗାଇବା କିମ୍ବା ଦଳର ଅବୁଝା ନେତାଙ୍କୁ ମନାଇବା ପଛରେ ଏହି ଭୋଜି ଯୋଡ଼ା ଯାଇଥାଇପାରେ ବୋଲି କୁହାଯାଉଛି। ଏହି ଭୋଜିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ସାମିଲ ହୋଇ କହିଥିଲେ, ସୁଜାତା ଯଦି ଦଳକୁ ଆସନ୍ତି ତେବେ ଏହା ରାଜନୈତିକ ଦୃଷ୍ଟିରୁ ଭୁଲ୍ ନିଷ୍ପତ୍ତି ହେବ। ପାଣ୍ଡିଆନଙ୍କ ଗ୍ରହଣୀୟତା ନ ଥିବାରୁ ୨୦୨୪ ସାଧାରଣ ନିର୍ବାଚନରେ ଦଳର ବିପର୍ଯ୍ୟୟ ଘଟିଲା। ଏବେ ସୁଜାତାଙ୍କୁ କିପରି ଦଳରେ ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି। ବିଜେଡିର ସବୁ କଥାରେ ପାଣ୍ଡିଆନ ଦମ୍ପତିଙ୍କ ଚର୍ଚ୍ଚାରୁ ଗୋଟିଏ କଥା ବୁଝାପଡୁଛି ଏମାନଙ୍କ ହାତରେ ଏବେ ମଧ ଶଙ୍ଖ ଦଳ କାର୍ଯ୍ୟ କରୁଛି।

# ୧୫ ଦିନ ଧରି ସଚେତନ କରିବ ଏସ୍‌ଟିଏ

## ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ତେଲ ମନା ନିୟମ ସାମୟିକ କୋହଳ

କଟକ,୨୨।୧୨(କାର୍ତ୍ତିକ ସାହୁ)

ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ ନିୟମରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କୋହଳ ମନୋଭାବ ପୋଷଣ କରିଛି। ଏହି ନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପୂର୍ବରୁ ୧୫ ଦିନ ଧରି ସଚେତନ କରାଯିବ। ତେଣୁ ମୋଟରଯାନ ଚାଳକମାନଙ୍କୁ ଏହାଦ୍ୱାରା ସାମୟିକ ଆଶ୍ୱସ୍ତି ମିଳିଛି। ହେଲେ ନିର୍ଦ୍ଧାରିତ ସମୟ ସୀମା ପରେ ପୁଣି ନିୟମ କଡ଼ାକଡ଼ି କରାଯିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ବୈଠକ ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ଯେ, ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ। ପରିବହନରେ ପରିବେଶ ସୁରକ୍ଷାକୁ ମଧ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ପମ୍ପରେ ଇନ୍ଧନ ମନା ନିଷ୍ପତ୍ତିର କାର୍ଯ୍ୟକାରିତା ତଥା ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉପରୋକ୍ତ ପଦକ୍ଷେପ ନିଆଯାଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,



ଭୁବନେଶ୍ୱର-୧ ସମ୍ମିଳନୀ କକ୍ଷରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ତୈଳ କମ୍ପାନୀ ଓ ଡିଲର ଆସୋସିଏଶନ ପ୍ରତିନିଧିମାନେ।

ଭୁବନେଶ୍ୱର-୧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ତୈଳ କମ୍ପାନୀ ଓ ଡିଲର ଆସୋସିଏଶନ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୋଟର ଯାନ ଆଇନର ଅନୁପାଳନ ଓ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ, ତେଣୁ ଏ ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଆଗାମୀ ଦିନରେ ପ୍ରଦୂଷଣ ପ୍ରମାଣପତ୍ର କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଇନ୍ଧନ ମନା ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପୂର୍ବରୁ ଅନ୍ତତଃ ୧୫ ଦିନ ଧରି ଏହି ସଚେତନତାକୁ ବ୍ୟାପକ କରାଯିବ। ଏହାସତ୍ତ୍ୱେ ବି ଯେଉଁମାନେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ କରିବେ, ଆଗାମୀ ଦିନରେ ତାଙ୍କୁ ପେଟ୍ରୋଲ ପମ୍ପରେ ଇନ୍ଧନ ଦେବାକୁ ମନା କରାଯିବ। ସମସ୍ତ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରକୁ ମଧ୍ୟ କୁହାଯିବ, ସେମାନେ ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ। ପରିବେଶ ସୁରକ୍ଷାର ମହତ୍ ଉଦ୍ଦେଶ୍ୟ ରଖି ଗ୍ରହଣ କରାଯାଇଥିବାରୁ ସମସ୍ତେ ଏଥିରେ ସହଯୋଗ କରିବାକୁ ନିବେଦନ କରାଯାଇଛି। ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଣ୍ଡିଆନ ଅଏଲ ସିଜିଏମ କମଲ ଶିଲ, ଏଚପିସିଏଲରୁ ସି.ଆର୍ ବିଜୟ କୁମାର, ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏଶନ ସଞ୍ଜୟ ଲାଠ ପ୍ରମୁଖ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ରାସ୍ତାରେ ଚାଲୁଥିବା ବିଏସ୍-୪, ବିଏସ୍-୬ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୨୨।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବାହାର ରାଜ୍ୟରେ ଦାଦନ ଭାବେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତଦେହ ଗାଁକୁ ଫେରିଛି। ଏଭଳି ଦୁଃଖଦ ଖବର ଆସିଛି ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଉତୁରା ପଞ୍ଚାୟତର ନାୟକପଡ଼ା ଗ୍ରାମରୁ। ନାୟକପଡ଼ା ବୈଦ୍ୟନାଥ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିବା ସୂର୍ଯ୍ୟନାରାୟଣ ରଣାଙ୍କ ପୁଅ ଉତ୍ତମ ଚେନ୍ନାଇରେ ଏକ୍ ଟ୍ରାକ୍ଟର୍ ପାର୍ଟସ୍ ନିର୍ମାଣ କମ୍ପାନୀରେ କାମ କରୁଥିଲେ। ୭/୮ ଦିନ ତଳେ ଉତ୍ତମଙ୍କୁ ଜ୍ୱର ହେବାରୁ ତାଙ୍କୁ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ବିମାନ ଯୋଗେ ଉତ୍ତମଙ୍କ ମୃତଦେହକୁ ସୋମବାର ସକାଳେ ଭୁବନେଶ୍ୱର ଅଣାଯାଇ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଛି।

# ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ: କଂଗ୍ରେସ

ଭୁବନେଶ୍ୱର,୨୨।୧୨ (ରବିନାରାୟଣ ଜେନା)

ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ ରହିଛନ୍ତି। ମାତ୍ର କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମହାତ୍ମାଙ୍କ ନାମ ବାଦ୍ ଦେଇ ସାରା ଦେଶବାସୀଙ୍କ ଭାବାବେଗ ସହିତ ଖେଳ ଖେଳିଛନ୍ତି ବୋଲି କଂଗ୍ରେସ କହିଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେନା କହିଲେ, କେନ୍ଦ୍ର ସରକାର ଚକ୍ରାନ୍ତକରି ଉପରୋକ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍‌ଦେଇ ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛନ୍ତି। ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବ୍‌ଶୀଘ୍ର ପୁନର୍ବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁଣ୍ଣ ରଖାଯାଉ। ନଚେତ୍ ଦେଶବାସୀ ଭାଜପା ସରକାରକୁ କ୍ଷମାଦେବେ ନାହିଁ ବୋଲି ସେ କହିଥିଲେ।

ଏହି ଅବସରରେ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଗତ ପ୍ରାୟ ଦୁଇ ଦଶନ୍ଧି ହେଲା ସମଗ୍ର ବିଶ୍ୱବାସୀ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟକୁ ଭୋଗି ଆସୁଛନ୍ତି। ୨୦୨୫ ବର୍ଷରେ ମଧ୍ୟ ପ୍ରକୃତିର ପ୍ରକୋପକୁ ସାରା ଦୁନିଆରେ ଦେଖିବାକୁ ମିଳିଛି। ବିଶେଷକରି ବାତ୍ୟା, ବନ୍ୟା, ଭୂସ୍ଖଳନ, ଜଙ୍ଗଲ ନିଆଁ, ଗ୍ରୀଷ୍ମପ୍ରବାହ ବ୍ୟାପକ ଜୀବନହାନି ଘଟାଇଛି। ଏହାସହ ବିସ୍ଥାପନ, ବିପୁଳ ଆର୍ଥିକ କ୍ଷତି ଘଟାଇ ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି।

## ବାତ୍ୟା 'ମୋନ୍ଥା'



ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଦେଶର ଦକ୍ଷିଣ-ପୂର୍ବ ଉପକୂଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ମୁଖ୍ୟତଃ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବିଶେଷ ପ୍ରଭାବ ପକାଇଥିଲା। ଅକ୍ଟୋବର ୨୮ ମଧ୍ୟରାତ୍ରରେ ଆନ୍ଧ୍ରପ୍ରଦେଶର ନର୍ସାପୁରମ୍‌ରେ ମୋନ୍ଥା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ପ୍ରାୟ ୧୦୦ କି.ମି. ରହିଥିଲା। ବାତ୍ୟା ଜନିତ ବିଭିନ୍ନ ଦୁର୍ଘଟଣାରେ ପ୍ରାୟ ୧୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୭୬୦ ମିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯିବା ଫଳରେ ଯୋଗାଯୋଗ ଏବଂ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା।

## କାଲିଫର୍ନିଆ ଜଙ୍ଗଲ ନିଆଁ: ୨୪ ଦିନର ଦୁର୍ଦ୍ଦଶା

୨୦୨୫ ଜାନୁଆରୀ ୭ରୁ ୨୪ଦିନ ଧରି ଆମେରିକାର କାଲିଫର୍ନିଆ ରାଜ୍ୟର ଦକ୍ଷିଣ ଭାଗରେ ଦେଖିବାକୁ ମିଳିଥିଲା ଅତ୍ୟନ୍ତ ବିନାଶକାରୀ ଜଙ୍ଗଲ ନିଆଁ, ଯାହା ସେହି ଅଞ୍ଚଳରେ ବ୍ୟାପକ ଧନଜୀବନ ହାନି କରିଥିଲା। ଏହା ମୁଖ୍ୟତଃ ଲସ୍ ଆଞ୍ଜେଲସ୍, ଅରେଞ୍ଜ, ରିଭରସାଇଡ୍, ସାନ୍ ବର୍ନାର୍ଡିନୋ, ସାନ୍ ଡିଏଗୋ ଓ ଭେଣ୍ଟୁରା କାଉଣ୍ଟି ଏବଂ ଏହାର ଆଖପାଖ ପାର୍ବତ୍ୟ ଅଞ୍ଚଳର ୫୭,୫୨୯ ଏକର ଅଞ୍ଚଳରେ ବ୍ୟାପିଥିଲା। 'ସାନ୍ତା ଆନା' ପବନ ଯୋଗୁ ନିଆଁ ଖୁବ୍‌ଶୀଘ୍ର ଚାରିଆଡ଼େ ମାଡ଼ି ଯାଇଥିଲା। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ୧୮ ହଜାରରୁ ଅଧିକ ଘର ଓ ଅଟ୍ଟାଳିକା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରାୟ ୫୩ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଏହାକୁ ଇତିହାସର ଅନ୍ୟତମ ମହଙ୍ଗା ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। ୨ ଲକ୍ଷରୁ ଅଧିକ ଲୋକ ଘର ଛାଡ଼ି ଅନ୍ୟତ୍ର ଯିବାକୁ ବାଧ୍ୟ ହୋଇଥିଲେ। ପ୍ରବଳ ଧୂଆଁ ଯୋଗୁ ବାୟୁ ପ୍ରଦୂଷଣ ସ୍ତର ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ହୋଇଯାଇଥିଲା। ଦୀର୍ଘ ଦିନର ମରୁଡ଼ି ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଜଙ୍ଗଲଗୁଡ଼ିକ ଶୁଷ୍କ ରହିବା ଏହି ଭୟଙ୍କର ଅଗ୍ନିକାଣ୍ଡର ମୁଖ୍ୟ କାରଣ ବୋଲି ପରିବେଶ ବିଶେଷଜ୍ଞମାନେ ମତ ଦେଇଥିଲେ।




## ମ୍ୟାନ୍‌ମାର ଭୂକମ୍ପ ନେଇଥିଲା ୫,୪୫୦ ଜୀବନ

ମାର୍ଚ୍ଚ ୨୮ରେ ମ୍ୟାନ୍‌ମାର (ବର୍ମା)ରେ ଏକ ଅତି ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ସେହି ଦେଶର ଇତିହାସରେ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ଥିଲା। ଏହାର କେନ୍ଦ୍ରବିନ୍ଦୁ ମ୍ୟାନ୍‌ମାରର ପ୍ରସିଦ୍ଧ ସହର ମାଣ୍ଡାଲେ ନିକଟରେ ଥିଲା। ଏହି ବିପର୍ଯ୍ୟୟରେ ୫,୪୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୧,୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ପ୍ରାୟ ୪୮,୦୦୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଅନେକ ଐତିହାସିକ ବୌଦ୍ଧ ମନ୍ଦିର ଏବଂ ସ୍ଥାପତ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଆର୍ଥିକ କ୍ଷୟକ୍ଷତି ପ୍ରାୟ ୧୧ ବିଲିୟନ ଡଲାର ବୋଲି ଆକଳନ କରାଯାଇଛି। ମାଣ୍ଡାଲେ ଏବଂ ସାଗାଇଙ୍ଗ ଅଞ୍ଚଳରେ ବହୁମାତ୍ରାରେ ବିଦ୍ୟୁତ୍ ଏବଂ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଭୂକମ୍ପର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକରେ ଅନୁଭୂତ ହୋଇଥିଲା। ୨୦୨୫ରେ ଏହା ଦକ୍ଷିଣ-ପୂର୍ବ ଏସିଆରେ ସବୁଠାରୁ ଭୟଙ୍କର ଭୂକମ୍ପ ଥିଲା।



## ବାତ୍ୟା 'ସେନ୍ୟାର': ୧୩୯୦ ମୃତ



ନଭେମ୍ବରରେ ଆସିଥିବା ସାମୁଦ୍ରିକ ବାତ୍ୟା 'ସେନ୍ୟାର' ଦକ୍ଷିଣ-ପୂର୍ବ ଏସିଆରେ ବଡ଼ଧରଣର ପ୍ରଳୟ ସୃଷ୍ଟି କରିଥିଲା। ଏହି ବାତ୍ୟା ବିଶେଷକରି ମାଲାକା ପ୍ରଣାଳୀ ଅଞ୍ଚଳରେ ଅଧିକ ପ୍ରଭାବ ପକାଇଥିଲା। ମୁଖ୍ୟତଃ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ନଭେମ୍ବର ୨୬ରେ ଏହା ସୁମାତ୍ରାରେ ସ୍ଥଳଭାଗ ଛୁଇଁଥିଲା। ବାତ୍ୟା ପ୍ରଭାବରେ ଏହି ଦେଶଗୁଡ଼ିକରେ ପ୍ରବଳ ବର୍ଷା ଏବଂ ସମୁଦ୍ର ଜୁଆର ମାଡ଼ି ଆସିଥିଲା। ୧,୩୯୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧୯.୮ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଅନେକ ବନ୍ଦର, ରାସ୍ତାଘାଟ ଏବଂ ଉପକୂଳବର୍ତ୍ତୀ ବସତି ସମ୍ପୂର୍ଣ୍ଣ ରୂପେ ବିଧ୍ୱସ୍ତ ହୋଇଯାଇଥିଲା। ଏହି ବାତ୍ୟା ଅତ୍ୟନ୍ତ ବିରଳ ଥିଲା। କାରଣ ମାଲାକା ପ୍ରଣାଳୀ ଭଳି ଅଞ୍ଚଳରେ ଏତେ ଶକ୍ତିଶାଳୀ ବାତ୍ୟା ସାଧାରଣତଃ ଦେଖାଯାଏ ନାହିଁ। ଏହି ବାତ୍ୟା ଯୋଗୁ ବହୁ ହଜାର ଲୋକ ବେଘର ହୋଇଥିଲେ ଏବଂ ସାମୁଦ୍ରିକ ବାଣିଜ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇଥିଲା।



# ଇଥିଓପିଆ

## ଆଗ୍ନେୟଗିରି ଉଦ୍‌ଗିରଣ



### ଭାରତ ଆକାଶରେ ପାଉଁଶ ବାଦଲ

ନଭେମ୍ବର ୨୩ ସକାଳେ ଇଥିଓପିଆର ହାଇଲି ଗୁବି ଆଗ୍ନେୟଗିରିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା, ଯାହାକି ପ୍ରାୟ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ଜାଗ୍ରତ ହୋଇଥିଲା। ପ୍ରାୟ ୫ ଦିନ ପର୍ଯ୍ୟନ୍ତ ତାହା ଜାରି ରହିଥିଲା। ଇଥିଓପିଆର ଉତ୍ତର ଭାଗରେ ଥିବା ଅଫାର୍ ରିଫ୍ଟ ଅଞ୍ଚଳରେ ଅବସ୍ଥିତ ଏହି ଆଗ୍ନେୟଗିରିରେ ବିସ୍ଫୋରଣ ଯୋଗୁ ଆକାଶରେ ପ୍ରାୟ ୧୪ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପାଉଁଶ ବ୍ୟାପିଥିଲା। ଏହି ପାଉଁଶ ବାଦଲ ଲୋହିତ ସାଗର ଦେଇ ପାକିସ୍ତାନ, ଭାରତ ଏବଂ ଚାଇନା ପର୍ଯ୍ୟନ୍ତ ପହଞ୍ଚିଥିଲା। ଆଗ୍ନେୟ ପାଉଁଶ ଯୋଗୁ ଆକାଶମାର୍ଗରେ ଦୃଶ୍ୟମାନତା କମିଯାଇଥିଲା। ଫଳରେ ଭାରତର ଏୟାର ଇଣ୍ଡିଆ, ଆକାଶ ଏୟାର ଭଳି ଅନେକ ବିମାନସେବା ବାତିଲ ଏବଂ ରୁଟ୍ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ଇଥିଓପିଆର ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କ ଚାରଣଭୂମି ଏବଂ ଜଳ ଉତ୍ସଗୁଡ଼ିକ ପାଉଁଶ ଦ୍ୱାରା ପ୍ରଦୂଷିତ ହୋଇଯାଇଥିଲା। ପରିବେଶ ବିଜ୍ଞାନୀମାନଙ୍କ ମତରେ, ଏହି ବିସ୍ଫୋରଣ ବାୟୁମଣ୍ଡଳରେ ସଲ୍‌ଫର୍ ଡାଇଅକ୍ସାଇଡ ପରିମାଣ ବୃଦ୍ଧି କରିଥିଲେ ମଧ୍ୟ ଏହା ଭୂପୃଷ୍ଠର ବାୟୁ ପ୍ରଦୂଷଣ ଉପରେ ସେତେଟା ପ୍ରଭାବ ପକାଇ ନାହିଁ। କାରଣ ଏହା ବହୁତ ଉଚ୍ଚରେ ରହିଥିଲା।

## ତିବ୍ବତ, ଉତ୍ତର ଭାରତରେ ଶକ୍ତିଶାଳୀ ଭୂକମ୍ପ

୨୦୨୫ ଜାନୁଆରୀ ୭ରେ ତିବ୍ବତ ଏବଂ ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ଥିଲା। ଏହାର କେନ୍ଦ୍ରବିନ୍ଦୁ ଦକ୍ଷିଣ ତିବ୍ବତୀୟ ମାଳଭୂମି ଅଞ୍ଚଳରେ ଥିଲା। ଏହି ଭୂକମ୍ପର ଝଟକା ଉତ୍ତର ଭାରତ, ବିଶେଷକରି ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ନେପାଳରେ ଅନୁଭୂତ ହୋଇଥିଲା। ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଅନେକ ଲୋକ ଆହତ ହେବା ସହ ନିଖୋଜ ମଧ୍ୟ ହୋଇଥିଲେ। ପାର୍ବତ୍ୟ ଅଞ୍ଚଳରେ ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିଲା ଏବଂ ଭୂସ୍ଖଳନ ଯୋଗୁ ପ୍ରମୁଖ ଜାତୀୟ ରାଜପଥଗୁଡ଼ିକ ଅବରୋଧ ହୋଇଯାଇଥିଲା। ଅନେକ ଦୂରଦୂରାନ୍ତର ଗ୍ରାମଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲେ। ଫଳରେ ଉଦ୍ଧାର କାର୍ଯ୍ୟରେ ବହୁ ବାଧା ସୃଷ୍ଟି ହୋଇଥିଲା।



## ରେକର୍ଡ ଭାଙ୍ଗିଥିଲା ୟୁରୋପ ଗ୍ରୀଷ୍ମପ୍ରବାହ




ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପର ବିଭିନ୍ନ ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଦେଖାଦେଇଥିଲା, ଯାହା ଅନେକ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା। ବିଶେଷକରି ଜୁଲାଇ ଏବଂ ଅଗଷ୍ଟରେ ତାପମାତ୍ରା ଚରମ ସୀମାରେ ପହଞ୍ଚିଥିଲା। ସ୍ପେନ, ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶଗୁଡ଼ିକରେ ତାପମାତ୍ରା ଅନେକ ସ୍ଥାନରେ ୪୫° ସେଲ୍‌ସିଅସ ଅତିକ୍ରମ କରିଥିଲା। ସ୍ପେନ ପାଇଁ ଏହା ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମକାଳ ଥିଲା। ଏହି ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ପ୍ରାୟ ୧୬,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ବୃଦ୍ଧାବୃଦ୍ଧ ଏବଂ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନେ ଅଧିକ ପ୍ରଭାବିତ ହୋଇଥିଲେ। ପ୍ରବଳ ଗରମ ଏବଂ ଶୁଷ୍କ ପାଗ ଯୋଗୁ ସ୍ପେନ ଏବଂ ପର୍ତ୍ତୁଗାଲରେ ଭୟଙ୍କର ଜଙ୍ଗଲ ନିଆଁ ଦେଖାଦେଇଥିଲା। ଏହା ଗତ ୩୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ଘଟଣା ଥିଲା। ଅନେକ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇଥିଲା। ୟୁରୋପର ଅନେକ ଦେଶରେ ରେଳ ଧାରଣା ବଙ୍କା ହୋଇଯିବା ଯୋଗୁ ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।

## ବାତ୍ୟା ଡିଟ୍‌ୱା: ୬୪୦ ମୃତ

୨୦୨୫ ନଭେମ୍ବର ୨୬ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟ୍‌ୱା' ଅତି ଭୟଙ୍କର ସାମୁଦ୍ରିକ ଝଡ଼ ଥିଲା, ଯାହା ପ୍ରାୟ ସପ୍ତାହକ ମଧ୍ୟରେ ଶ୍ରୀଲଙ୍କା ଏବଂ ଦକ୍ଷିଣ ଭାରତରେ ପ୍ରଳୟ ସୃଷ୍ଟି କରିଥିଲା। ଭାରତରେ ଏହା ମୁଖ୍ୟତଃ ତାମିଲନାଡୁକୁ ବିଶେଷ ପ୍ରଭାବିତ କରିଥିଲା। ଏହି ପ୍ରଳୟଙ୍କରୀ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ସମୁଦ୍ର ଜୁଆର ଯୋଗୁ ପ୍ରାୟ ୬୪୦ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧.୬୪ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଶ୍ରୀଲଙ୍କାରେ ପ୍ରବଳ ବୃଷ୍ଟିପାତ ଯୋଗୁ ଭୂସ୍ଖଳନ ଘଟି ଶତାଧିକ ଲୋକ ବେଘର ହୋଇଥିଲେ। ସେହିପରି ତାମିଲନାଡୁ ଓ କେରଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଘରଦ୍ୱାର, ନଡ଼ିଆ ବଗିଚା ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା ବହୁମାତ୍ରାରେ ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଏବଂ ଟେଲିଫୋନ ସେବା ଅନେକ ଦିନ ଧରି ବିଚ୍ଛିନ୍ନ ରହିଥିଲା।







## ମହାବାତ୍ୟା 'ମେଲିସା'

୨୦୨୫ ଅକ୍ଟୋବରରେ ଆଟ୍‌ଲାଣ୍ଟିକ ମହାସାଗରରେ ସୃଷ୍ଟି ହୋଇଥିବା 'ମେଲିସା' ମହାବାତ୍ୟା କାରବିୟାନ ଦ୍ୱୀପପୁଞ୍ଜ ଏବଂ ଆମେରିକାର ପୂର୍ବ ଉପକୂଳରେ ଭୟଙ୍କର ତାଣ୍ଡବ ରଚିଥିଲା। ଏହା 'କ୍ୟାଟେଗୋରି-୫' ବା ସବୁଠାରୁ ଶକ୍ତିଶାଳୀ ବର୍ଗର ମହାବାତ୍ୟା ଥିଲା। ଏହାର କେନ୍ଦ୍ରସ୍ଥଳରେ ପବନର ବେଗ ଘଣ୍ଟା ପ୍ରତି ପ୍ରାୟ ୧୮୫ ମାଇଲ (୨୯୭ କିଲୋମିଟର) ରହିଥିଲା। ଏହା ପ୍ରଥମେ ଜାମାଇକା, କ୍ୟୁବା ଏବଂ ହାଇତିକୁ ଭୟଙ୍କର ଭାବେ ପ୍ରଭାବିତ କରିଥିଲା। ଏହାପରେ ଏହା ଆମେରିକାର ପୂର୍ବ ଉପକୂଳ ଆଡ଼କୁ ଅଗ୍ରସର ହୋଇ ବ୍ୟାପକ କ୍ଷୟକ୍ଷତି କରିଥିଲା। ପ୍ରବଳ ପବନ ଏବଂ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ବନ୍ୟା ସୃଷ୍ଟି ହୋଇଥିଲା। ବହୁ ହଜାର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ବିଦ୍ୟୁତ୍ ଭିତ୍ତିଭୂମି ବିଧ୍ୱସ୍ତ ହୋଇଯାଇଥିଲା।

## ପାକିସ୍ତାନରେ ଜଳପ୍ରଳୟ

ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ମୌସୁମୀଜନିତ ବନ୍ୟା ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି କରିଥିଲା। ପ୍ରବଳ ବର୍ଷା ଯୋଗୁ ପାକିସ୍ତାନର ବିଭିନ୍ନ ପ୍ରାନ୍ତରେ ଜଳପ୍ରଳୟ ଦେଖାଦେଇଥିଲା। ବିଶେଷକରି ସିନ୍ଧ, ବେଲୁଚିସ୍ତାନ ଏବଂ ପଞ୍ଜାବ ପ୍ରଦେଶରେ ବନ୍ୟାର ସବୁଠାରୁ ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ୧,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୬୯ ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲେ। ଅନେକ ଲୋକ ଘରଦ୍ୱାର ହରାଇ ବେଘର ହୋଇଯାଇଥିଲେ। ବହୁ ପ୍ରମୁଖ ରାସ୍ତା, ବ୍ରିଜ୍, ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ଲକ୍ଷ ଏକର ଚାଷଜମିରେ ପାଣି ପଶି ଫସଲ ନଷ୍ଟ ହୋଇଥିଲା, ଯାହା ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି କରିଥିଲା।



## ଓଡ଼ିଶା ବର୍ଷା, ବନ୍ୟା, ଭୂସ୍ଖଳନ

୨୦୨୫ରେ ଓଡ଼ିଶା କେତେକ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି, ଯେଉଁଥିରେ ସାମୁଦ୍ରିକ ବାତ୍ୟା, ବନ୍ୟା ଏବଂ ଅଦିନିଆ ବର୍ଷା ସାମିଲ ରହିଛି। ବାତ୍ୟା ମୋନ୍ଥା ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା। ଏହା ମୁଖ୍ୟତଃ ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଓ ପବନ ବହିଥିଲା। ଏହାର ପ୍ରଭାବରେ ପାରଳାଖେମୁଣ୍ଡି, କାଶୀପୁର ଅଞ୍ଚଳରେ ଭୂସ୍ଖଳନ ଏବଂ ରାସ୍ତା ଅବରୋଧ ହୋଇଥିଲା। ସେହିପରି ଜୁନରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବାଲେଶ୍ୱର ଜିଲାର ପ୍ରାୟ ୫୦,୦୦୦ ଲୋକ ପ୍ରଭାବିତ ହୋଇଥିଲେ। ଜୁଲାଇ ଶେଷ ସପ୍ତାହରେ ପୁଣି ଥରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ବନ୍ୟା ଦେଖାଦେଇଥିଲା, ଯେଉଁଥିରେ ୧୧,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ରାଜ୍ୟ ସରକାର ୫,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଅଗଷ୍ଟରେ ମଧ୍ୟ ବାଲେଶ୍ୱର ଓ ଭଦ୍ରକର ପ୍ରାୟ ୧୭୦ ଗ୍ରାମ ଜଳମଗ୍ନ ରହିଥିଲା। ବର୍ଷ ଆରମ୍ଭରେ ହୋଇଥିବା ଅଦିନିଆ ବର୍ଷାକୁ ରାଜ୍ୟ ସରକାର ଏକ ରାଜ୍ୟଭିତ୍ତିକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିଲେ।





## ଇଏଫ୍‌୫ ତୀବ୍ରତାର ଟର୍ନାଡୋ ନର୍ଥ ଡାକୋଟା

୨୦୨୫ ଜୁନ୍ ୨୦ରେ ଆମେରିକାର ନର୍ଥ ଡାକୋଟା ରାଜ୍ୟରେ ଅତି ଭୟଙ୍କର ଘୂର୍ଣ୍ଣିବଳୟ (ଟର୍ନାଡୋ) ଦେଖାଦେଇଥିଲା, ଯାହା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ବିନାଶକାରୀ ଟର୍ନାଡୋ ମୁଖ୍ୟତଃ ନର୍ଥ ଡାକୋଟାର ଏଣ୍ଡରଲିନ୍ ଅଞ୍ଚଳ ଦେଇ ଗତି କରିଥିଲା। ଏହାକୁ ଇଏଫ୍‌୫ ଶ୍ରେଣୀଭୁକ୍ତ କରାଯାଇଥିଲା, ଯାହା ଟର୍ନାଡୋ ମାପକାଠିରେ ସବୁଠାରୁ ଶକ୍ତିଶାଳୀ ବର୍ଗ। ଏହି ବର୍ଗର ଘୂର୍ଣ୍ଣିବଳୟରେ ପବନର ବେଗ ଘଣ୍ଟା ପ୍ରତି ୩୨୨ କିଲୋମିଟରରୁ ଅଧିକ ରହିଥାଏ। ଗତ ୧୨ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଏହା ଥିଲା ପ୍ରଥମ EF୫ ତୀବ୍ରତାର ଟର୍ନାଡୋ, ଯାହା ତାହାର ଗତିପଥରେ ଆସୁଥିବା ସମସ୍ତ ପକ୍କା ଘର, ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟିକୁ ସମ୍ପୂର୍ଣ୍ଣ ରୂପେ ଉପୁଡ଼ାଇ ଦେଇଥିଲା। ଗାଡ଼ିଗୁଡ଼ିକ ଖେଳନା ଭଳି ଆକାଶରେ ଉଡ଼ି ଦୂରରେ ପଡ଼ିଥିଲା।

## ଉତ୍ତରକାଶୀ ବାଦଲଫଟା ବର୍ଷା
## ଭାସିଗଲା ଧରାଲି ଗାଁ

ଅଗଷ୍ଟ ୫ରେ ଉତ୍ତରାଖଣ୍ଡରେ ଘଟିଥିଲା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ। ଉତ୍ତରକାଶୀ ଜିଲାର ଧରାଲି ନିକଟବର୍ତ୍ତୀ ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ହୋଇଥିବା ବାଦଲଫଟା ବର୍ଷା ଏବଂ ତଜ୍ଜନିତ ଆକସ୍ମିକ ବନ୍ୟା ବହୁ କ୍ଷତି ଘଟାଇଥିଲା। ଧରାଲି ଗାଁ ସମ୍ପୂର୍ଣ୍ଣ ଭାସି ଯାଇଥିଲା। ଗଙ୍ଗୋତ୍ରୀ ଧାମ ଦେଇ ପ୍ରବାହିତ ଭାଗୀରଥୀ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇଥିଲା। ଏଥିଯୋଗୁ ତଳିଆ ଅଞ୍ଚଳକୁ ବନ୍ୟା ମାଡ଼ି ଆସିଥିଲା। ଏହି ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୧୦୦ ଲୋକ ନିଖୋଜ ହୋଇଯାଇଥିଲେ। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଦୀର୍ଘ ଦିନ ଧରି ଚାଲିଥିଲା। ଅନେକ ଘର, ଦୋକାନ ଏବଂ କୋଠାବାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଜାତୀୟ ରାଜପଥ ସମେତ କେତେକ ରାସ୍ତା, ବ୍ରିଜ୍ ଏବଂ ଯୋଗାଯୋଗ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ନିକଟସ୍ଥ ଗ୍ରାମଗୁଡ଼ିକ କାଦୁଅ ଓ ପଥର ତଳେ ପୋତି ହୋଇଯାଇଥିଲା।



## ପଞ୍ଜାବ ବନ୍ୟା ଦୋହଲିଥିଲା କୃଷି ଅର୍ଥନୀତି

ଅଗଷ୍ଟରେ ପଞ୍ଜାବରେ ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା, ଯାହାକୁ ଗତ ୪୦ ବର୍ଷ ମଧ୍ୟରେ ସବୁଠାରୁ ବିନାଶକାରୀ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ ଏବଂ ପଞ୍ଜାବର କ୍ୟାଚମେଣ୍ଟ ଏରିଆରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁ ଭାକ୍ରା ଏବଂ ପୋଙ୍ଗ ଡ୍ୟାମରୁ ଅଧିକ ଜଳ ଛଡ଼ାଯିବା ଫଳରେ ସତଲେଜ୍, ବ୍ୟାସ ଏବଂ ରବି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଥିଲା। ଫଳରେ ହୋସିଆରପୁର, ଗୁରୁଦାସପୁର, ରୂପନଗର, ଜଳନ୍ଧର ଏବଂ ଫିରୋଜପୁର ଜିଲାରେ ବନ୍ୟାର ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ପ୍ରାୟ ୧,୪୦୦ ଗ୍ରାମ ଜଳମଗ୍ନ ହୋଇଯାଇଥିଲା। ଏଥିରେ ପ୍ରାୟ ୫୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ପ୍ରାୟ ୨.୫ ଲକ୍ଷ ଏକର ଚାଷଜମି ବୁଡ଼ିଯାଇଥିଲା। ଫଳରେ ଧାନ ଏବଂ ଅନ୍ୟାନ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ହଜାର ଲୋକଙ୍କ ଘର ଭାଙ୍ଗିଯାଇଥିଲା। ଅନେକ ସ୍ଥାନରେ ନଦୀ ବନ୍ଧଗୁଡ଼ିକ ଧୋଇଯିବା ଫଳରେ ଗାଁଗୁଡ଼ିକରେ କାଦୁଅ ପାଣି ପଶିଯାଇଥିଲା। ଏହି ବିପର୍ଯ୍ୟୟ ପଞ୍ଜାବର କୃଷି ଅର୍ଥନୀତି ଉପରେ ଏକ ବଡ଼ ଶକ୍ତ ଧକ୍କା ଦେଇଥିଲା।



## ଟେକ୍ସାସ ବନ୍ୟା



### ଅଚାନକ ମାଡ଼ିଆସିଲା

ଜୁଲାଇ ୪ ଓ ୫ରେ ଆମେରିକାର ଟେକ୍ସାସ ହିଲ୍ କଣ୍ଟ୍ରି ଅଞ୍ଚଳରେ ଏକ ଅତି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଟେକ୍ସାସ ଇତିହାସରେ ଅତ୍ୟନ୍ତ ଦୁଃଖଦାୟକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। 'ଗୁଆଡାଲୁପ ନଦୀ' ଅବବାହିକାରେ ଅତି ପ୍ରବଳ ବୃଷ୍ଟିପାତ ଯୋଗୁ ଏହି ଆକସ୍ମିକ ବନ୍ୟା ସୃଷ୍ଟି ହୋଇଥିଲା। ନଦୀର ଜଳସ୍ତର କିଛି ଘଣ୍ଟା ମଧ୍ୟରେ ଅକଳ୍ପନୀୟ ଭାବେ ବଢ଼ିଯାଇଥିଲା। ଏହି ବନ୍ୟାରେ ୧୩୫ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ଏକ ସମର କ୍ୟାମ୍ପରେ ଥିବା ୨୭ ଜଣ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିଲେ। ଏହି ବିପର୍ଯ୍ୟୟ ଯୋଗୁ ପ୍ରାୟ ୧.୧ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ହିଲ୍ କଣ୍ଟ୍ରି ଅଞ୍ଚଳର ଅନେକ ଘର, ବ୍ରିଜ୍ ଏବଂ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଥିଲା। ନଦୀକୂଳରେ ଥିବା ଶତାଧିକ ଗାଡ଼ି ଏବଂ ଗୃହପାଳିତ ପ୍ରାଣୀ ବନ୍ୟାପାଣି ସୁଅରେ ଭାସି ଯାଇଥିଲେ। ବନ୍ୟା ଏତେ ଶୀଘ୍ର ଆସିଥିଲା ଯେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସମୟ ମିଳି ନ ଥିଲା।

## ତିନିଠାକୁରଙ୍କ ପାଦଚିତ୍ର ଫଟୋ ଭାଇରାଲକୁ ନେଇ ଅସନ୍ତୋଷ



ପୁରୀ,୨୨।୧୨(ଅଜିତ କୁମାର ମହାନ୍ତି)

ଏକ ଫଟୋଫ୍ରେମ୍‌ରେ ତିନି ଠାକୁରଙ୍କ ପାଦଚିତ୍ରକୁ ତିନି ଠାକୁରଙ୍କ ପଛପଟେ ରଖିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଜୟ ଖତ୍ରୀ ନାମକ ବ୍ୟକ୍ତି ହାର୍ଟ.ପପର୍ ଆଇଡିରେ ଏଭଳି ଦୃଶ୍ୟକୁ ଅପ୍‌ଲୋଡ୍ କରିଛନ୍ତି, ଯାହାକି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି। ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକେ ଦେଖିଥିବାବେଳେ ଏବେ ବି ଅଜୟଙ୍କ ଆଇଡିରେ ତାହା ସକ୍ରିୟ ରହିଛି। ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ପରେଡ୍ ପରେ ପ୍ରଦର୍ଶନ ହେବ ପ୍ରଜ୍ଞାପନ ମେଢ଼

### ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**୫ ସୁଦ୍ଧା ବିଷୟବସ୍ତୁ, ସ୍କେଚ୍ ପଠାଇବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ**



ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୨୨।୧୨(ସୌମ୍ୟରଞ୍ଜନ ରାଉତ)

ଜାନୁଆରୀ ୨୬ରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ସହ ପରେଡ୍‌ରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଲେ, ଚଳିତ ବର୍ଷର ପ୍ରଜ୍ଞାପନ ମେଢ଼ରେ ବିଭିନ୍ନ ବିଭାଗର ସଫଳତାର କାହାଣୀ ସହ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଉପଯୁକ୍ତ ପ୍ରତିଫଳନ ହେବ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସୁନ୍ଦର ଏବଂ ସର୍ବାଦୃତ କରିବା ପାଇଁ ଶର୍ମା କହିଥିଲେ। ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଦିନେ ୨ଦିନ ପର୍ଯ୍ୟନ୍ତ ରଖିହେବା ଭଳି ଓ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ ହେବା ଭଳି ପ୍ରସ୍ତୁତ କରିବାକୁ ପଡ଼ିବ। ଏହାଦ୍ୱାରା ଅଧିକରୁ ଅଧିକ ଜନସାଧାରଣ ସରକାରଙ୍କ ଯୋଜନା ବାବଦରେ ସଚେତନ ହୋଇପାରିବେ ବୋଲି ସେ ମତ କରିଥିଲେ। ଜାନୁଆରୀ ୫ ସୁଦ୍ଧା ସମସ୍ତ ବିଭାଗ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ଏବଂ ସ୍କେଚ୍ ବିଭାଗକୁ ପଠାଇବା ପାଇଁ ମଧ୍ୟ ଶର୍ମା କହିଥିଲେ। ବୈଠକରେ ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ସହ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା କରିଥିଲେ। ଏଥିସହ ନିଜ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ବିଶ୍ୱ ଓଡ଼ିଶୀ ଉତ୍ସବ ଉଦ୍‌ଘାଟିତ




ବିଶ୍ୱ ଓଡ଼ିଶୀ ଉତ୍ସବ ଉଦ୍‌ଘାଟନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୨।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ୧୬ତମ ବିଶ୍ୱ ଓଡ଼ିଶୀ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଦେଶ ବିଦେଶରୁ ୨ଶହରୁ ଊର୍ଦ୍ଧ୍ୱ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଦିବଂଗତ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କୁ ସମର୍ପିତ କରି ସନ୍ଧ୍ୟାରେ କୋଲ୍‌କାତାର ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ପୌଷାଳୀ ମୁଖାର୍ଜୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଶିଷ୍ୟା ଡ. ପମ୍ପି ପଲ୍‌ଙ୍କ ଅନୁଷ୍ଠାନ କଲ୍ଲୋଦ୍ୱୀପର ନୃତ୍ୟଶିଳ୍ପୀଗଣ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁଜାତା ମହାପାତ୍ର, ଓଡ଼ିଶୀ ସଂଗୀତଜ୍ଞ ସଙ୍ଗୀତା ଗୋସାଇଁ ଏବଂ ଗୁରୁ ପୀତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

# ଆଜିଠାରୁ ଓଡ଼ିଶା ଖାଦ୍ୟ ମହୋତ୍ସବ

### ପ୍ରଦର୍ଶନୀ ପଡ଼ିଆରେ ୭ ଦିନ ଧରି ଚାଲିବ

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)

ଓଡ଼ିଶା ଖାଦ୍ୟ ମହୋତ୍ସବ ମଙ୍ଗଳବାରଠାରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହେବ। ୭ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଖାଦ୍ୟପ୍ରେମୀମାନେ ଓଡ଼ିଆ ଖାଦ୍ୟର ସୁଆଦ ପାଇବା ସହ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜାଣିପାରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟିରେ ଭିନ୍ନ ଭିନ୍ନ ପୌଷ୍ଟିକ ଓ ସ୍ୱାଦଯୁକ୍ତ ଖାଦ୍ୟ ଓଡ଼ିଆଙ୍କ ଜୀବନଶୈଳୀର ଅଂଶବିଶେଷ। ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ମହୋତ୍ସବରେ ୧୦୦ରୁ ଊର୍ଦ୍ଧ୍ୱ ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥା ଓ ବ୍ୟକ୍ତି ଖାଦ୍ୟ ପ୍ରଦର୍ଶନ କରିବେ। ପ୍ରତିଦିନ ସକାଳ ୧୦ରୁ ରାତି ୧୦ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲାରହିବ। ଓଡ଼ିଆ ଖାଦ୍ୟ ସହ ମହୋତ୍ସବରେ ବିଭିନ୍ନ ଖାଦ୍ୟ ସମ୍ପର୍କିତ ପ୍ରତିଯୋଗିତା, ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ସହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ। ଓଡ଼ିଶାର ପ୍ରାଚୀନ ତଥା ପାରମ୍ପରିକ ଖାଦ୍ୟକୁ ପୁନଃ ଜାଗରଣ କରିବା ଲକ୍ଷ୍ୟରେ ସାରା ରାଜ୍ୟରୁ ଆସିଥିବା ଖାଦ୍ୟ ବିଶେଷଜ୍ଞଙ୍କ ସହ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପସରା ଖୋଲିବ ବୋଲି ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ୍ ଶର୍ମା କହିଛନ୍ତି। ଏହି ଅବସରରେ ପବିତ୍ର ମୋହନ ସାମଲ, କୃଷ୍ଣଚନ୍ଦ୍ର ମିଶ୍ର, ଭକ୍ତ ତ୍ରିପାଠୀ, କୁଳମଣି ରାଉତ, ଆରତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ଓଏସ୍‌ସିପିସିଆର ଅଧ୍ୟକ୍ଷା

### କିସ୍‌ରେ ନବମ ଶ୍ରେଣୀ ଛାତ୍ର ହତ୍ୟା ଘଟଣା

**ମେଡିକାଲ ବୋର୍ଡକୁ ରିପୋର୍ଟ ପଠାଇଲା ପୋଲିସ**

ଭୁବନେଶ୍ୱର,୨୨।୧୨(ତ୍ରିନାଥ ମହାନ୍ତି)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍)ରେ ପଢୁଥିବା ନବମ ଶ୍ରେଣୀ ଛାତ୍ର ଶିବମୁଣ୍ଡା ହତ୍ୟା ମାମଲାରେ ସୋମବାର ଓଏସ୍‌ସିପିସିଆର ଅଧ୍ୟକ୍ଷା ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ପରିବାର ଲୋକଙ୍କୁ ଆଶ୍ୱସନା ଦେବା ସହ ଉଚିତ୍ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଧ୍ୟକ୍ଷା ବବିତା ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଦୋଷୀ ଓ ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି। ଛାତ୍ର ଶିବଙ୍କ ସହ ସହ ଯାହା ହେଲା ଆଉ କାହା ସହ ନ ହେଉ। କିସ୍ କର୍ତ୍ତୃପକ୍ଷ ସମ୍ପର୍କରେ ଧ୍ୟାନ ରଖିବା ସହ ପିଲାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବା ଦରକାର ବୋଲି ପାତ୍ର କହିଛନ୍ତି।

ଅନ୍ୟପଟରେ ଚିକିତ୍ସା କରିଥିବା ଡାକ୍ତରଙ୍କ ସମ୍ପର୍କରେ ମେଡିକାଲ ବୋର୍ଡକୁ ପୋଲିସ ରିପୋର୍ଟ ପଠାଇଛି। ମେଡିକାଲ ବୋର୍ଡ ରିପୋର୍ଟ ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଏହି ମାମଲାରେ ଗତ ବୁଧବାର ଇନ୍‌ଫୋସିଟି ଥାନା ପୋଲିସ ୮ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ସମ୍ପୃକ୍ତ ୩ ନାବାଳକଛାତ୍ରଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ବାଥରୁମ୍‌ରେ ବାଲ୍‌ଟି ନ ଦେବାରୁ ଶିବଙ୍କ ତଣ୍ଟିଚିପି ସହପାଠୀମାନେ ହତ୍ୟା କରିଥିଲେ ବୋଲି ପୋଲିସ କହିଥିଲା। ୧୧ ତାରିଖ ରାତିରେ ଏହି ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ଲୁଚାଇଥିଲେ। ଶବ ବ୍ୟବଚ୍ଛେଦ ନକରାଇ ଗାଡିରେ କେନ୍ଦୁଝର ପଠାଇ ଦେଇଥିଲେ।

# ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ସରକାରଙ୍କୁ ଚିଠା ପ୍ରସ୍ତାବ

### ଅଦିନିଆ ରଥଯାତ୍ରା ପ୍ରସଙ୍ଗ ନେଇ ଗଜପତିଙ୍କ ଉଦ୍‌ବେଗ

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥା ନେଇ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହୋଇଛି। ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ବିଶେଷ ଆଲୋକପାତ କରାଯାଇଛି। ଭାରତରେ ରଥଯାତ୍ରା ତିଥି ଅନୁସାରେ କରିବା ପାଇଁ ଇସ୍କନ ସୂଚନା ଦେଇଛି। ଭାରତ ବାହାରେ ଅଦିନିଆ ରଥଯାତ୍ରା କରୁଥିବା ସଂସ୍ଥା ବିରୋଧରେ ଆଗାମୀ ଦିନରେ ଆଲୋଚନା କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ। ଭାରତ ବାହାରେ ଅଦିନିଆ ରଥଯାତ୍ରା ଆୟୋଜନ ନ କରିବା ପାଇଁ ଗଜପତି ମହାରାଜା ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଶ୍ରୀମନ୍ଦିର ଭିତରେ ବିଭିନ୍ନ ସମୟରେ ଫଟୋ ଓ ଭିଡିଓ ପ୍ରଘଟ ଘଟଣାକୁ ନେଇ ଗଜପତି ମହାରାଜା ଚିନ୍ତାବ୍ୟକ୍ତ କରିଛନ୍ତି। ଫଟୋ, ଭିଡିଓ ଉତ୍ତୋଳନ ସହ ଶ୍ରୀମନ୍ଦିର ଗରିମା କ୍ଷୁଣ୍ଣ ଯେଭଳି ନ ହେବ, ସେ ଦିଗରେ ବିଭିନ୍ନ ସୁରକ୍ଷାଜନିତ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ଚିଠା ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଖୁବଶୀଘ୍ର ଏନେଇ ସରକାର ପଦକ୍ଷେପ ନେବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. ପାଢ଼ୀ ବୈଠକ ପରେ ସୂଚନା ଦେଇଛନ୍ତି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ୍



@ କିରଣକୁମାର



@ ପିଣ୍ଟୁ



@ ପ୍ରଦୀପ୍ତ



@ ରଜତ



@ ଟିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷା ଉତ୍କର୍ଷତା, ନୈତିକ ମୂଲ୍ୟବୋଧର ପ୍ରୋତ୍ସାହନ ହେଉଛି ପ୍ରକୃତ ଶିକ୍ଷା

### କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ୧୯ତମ ବାର୍ଷିକ ଉତ୍ସବ 'ବିୟଣ୍ଡ୍ ବାଉଣ୍ଡାରିଜ୍'



ଛାତ୍ରୀଛାତ୍ରଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।



ସ୍କୁଲର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ୧୯ତମ ବାର୍ଷିକ ଉତ୍ସବ 'ବିୟଣ୍ଡ୍ ବାଉଣ୍ଡାରିଜ୍-୨୦୨୫' ସୋମବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷାଗତ ଉତ୍କର୍ଷତା ସହିତ ଦୃଢ଼ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ହେଉଛି ପ୍ରକୃତ ଶିକ୍ଷା। ଶିକ୍ଷୟିତ୍ରୀଶିକ୍ଷକମାନେ ସର୍ବଦା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସର୍ଜନାତ୍ମକ ଓ ଚରିତ୍ର ଗଠନକୁ ପ୍ରୋତ୍ସାହିତ କରିବା ଉଚିତ ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ମାତାପିତାଙ୍କୁ ନିଜ ପିଲାମାନଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରୀଛାତ୍ରଙ୍କ ନାମ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲ୍‌କୁ ସୁନାମ ଆଣିଦେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଡ. ସାମନ୍ତ ଉନ୍ମୋଚନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆର୍‌ଟିଇ ପିଲାଙ୍କୁ ଦିଆଯାଉନି ବହି, ଖାତା, ୟୁନିଫର୍ମ

### ଓସେପା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଘେରିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୦୨୦ ମସିହାରୁ ପାରଦର୍ଶୀ ପୋର୍ଟାଲରେ ଆବେଦନ କରି ଘରୋଇ ବିଦ୍ୟାଳୟରେ ବହୁ ପିଲା ମାଗଣାରେ ପାଠ ପଢୁଛନ୍ତି। ହେଲେ ସେମାନଙ୍କୁ ମାଗଣା ବହି, ଖାତା କି ୟୁନିଫର୍ମ ଦିଆଯାଉନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ମାନବାଧିକାର କମିଶନଙ୍କ ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ରହିଛି। ଏହାସତ୍ତ୍ୱେ ଆର୍‌ଟିଇ ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ଏବଂ ପୋଷାକ ଦିଆଯାଉ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀ ବା ଗରିବ ଶ୍ରେଣୀ ଅଭିଭାବକମାନେ ଅଯଥାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ହନ୍ତସନ୍ତ ହେଉଛନ୍ତି। ଏହି ଯୋଜନାକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସହ ମାଗଣାର ବହି ଓ ୟୁନିଫର୍ମ ଆଦି ଯୋଗାଇ ଦେବାକୁ ଦାବି କରି ସୋମବାର ଓସେପା ଓ ପ୍ରାଥମିକ ନିର୍ଦ୍ଦେଶକଙ୍କୁ ଘେରିଛି ଅଭିଭାବକ ମହାସଂଘ। ମହାସଂଘ ପକ୍ଷରୁ ଅଭିଭାବକମାନେ ଓସେପା ନିର୍ଦ୍ଦେଶକ ଅନନ୍ୟା ଦାସ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଭୟ ନିର୍ଦ୍ଦେଶକ ଅଭିଭାବକଙ୍କ ସହ ଆଲୋଚନା କରି ତୁରନ୍ତ ଏ ସଂକ୍ରାନ୍ତରେ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ଏହି ଆଲୋଚନାରେ ମହାସଂଘ ଆବାହିକା କଳ୍ପନା ସାହୁ, ମିନାରାଣୀ ନାୟକଙ୍କ ସମେତ ଶତାଧିକ ଅଭିଭାବକ ଯୋଗଦେଇଥିଲେ।



ଅଭିଭାବକମାନେ ଓସେପା କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

## ସରାଟ ସମବାୟ ସମିତି ରାଜ୍ୟରେ ପ୍ରଥମ

ବାଲିପାଟଣା,୨୨।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକର ସରାଟ ପ୍ରାଥମିକ କୃଷି ସମବାୟ ସମିତିକୁ ବ୍ୟବସାୟ କ୍ଷେତ୍ରରେ ସଫଳତା ହାସଲ ଲାଗି ରାଜ୍ୟରେ ପ୍ରଥମ ପୁରସ୍କାର ମିଳିଛି। ଶନିବାର ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଉତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସରାଟ ପ୍ରାଥମିକ ସମବାୟ ସମିତିକୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ସରାଟ ସମବାୟ ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ମନ୍ତ୍ରୀଙ୍କଠାରୁ ସାର୍ଟିଫିକେଟ ଓ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ କପିଳ ମିନା, କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ସମବାୟ ସମିତି ସମୂହ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଏଜିସିଏସ୍ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ସରାଟ ସମିତି ସଭାପତି ଭାରତ ଭୂଷଣ ମହାନ୍ତି ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଭରତପୁର ଏମ୍‌ସିସି ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ ମାମଲା

# ବିଏମ୍‌ସିକୁ ପୁଣି ଏନ୍‌ଜିଟି ଛାଟ

ଭୁବନେଶ୍ୱର, ୨୨।୧୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ପୁଣି ବାଜିଛି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଛାଟ। ୱାର୍ଡ ନଂ.୨୨ ଅନ୍ତର୍ଗତ ଭରତପୁରରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ନେଇ ହୋଇଥିବା ପିଟିଶନର ଶୁଣାଣି କରି ବିଏମ୍‌ସିକୁ ନୋଟିସ୍ କରିଛି ଏନ୍‌ଜିଟି। ୧ ମାସ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅନ୍ୟ ବିଭାଗ ଓ ବରିଷ୍ଠ ଅଧିକାରୀଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ବେଆଇନ ଭାବେ ଏମ୍‌ସିସି ନିର୍ମାଣ ଉଭୟ ପରିବେଶ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ଜନକଲ୍ୟାଣ ସମିତି ପକ୍ଷରୁ ଏନ୍‌ଜିଟିରେ ଅଭିଯୋଗ କରାଯାଇଥିଲା। ଏନେଇ ସମିତି ସଦସ୍ୟ ରବୀନ୍ଦ୍ର ସର କହିଛନ୍ତି, ବିଂ-ଭରତପୁର, ଜିଏ କଲୋନୀ ନିକଟରେ ବିଏମ୍‌ସି ପକ୍ଷରୁ



ଭରତପୁର ଏମ୍‌ସିସି

### ମାସେ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

ଏମ୍‌ସିସି ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ ହେଉଛି। ଦୈନିକ ୧୦ ମେଟ୍ରିକ୍ ଟନ୍‌ର ଆବର୍ଜନା ଏଠାରେ ପ୍ରକ୍ରିୟାକରଣ ହେଉଛି। ଜନବସତି ମଧ୍ୟରେ ଏମ୍‌ସିସି ଥିବାରୁ ଏଠାରୁ ବାହାରୁଥିବା ଆବର୍ଜନା ଗନ୍ଧ ଏବଂ ଅପରିଷ୍କାର ପରିବେଶ ପାଇଁ ଆଖପାଖ ଅଞ୍ଚଳର ଲୋକମାନେ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ଛୋଟପିଲା ଏବଂ ବୟସ୍କ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବିକରି ସମିତି ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି ବୋଲି ରବୀନ୍ଦ୍ର କହିଛନ୍ତି।

## ବିଏମ୍‌ସି ବର୍ଜ୍ୟ, ମଳ ପରିଚାଳନା ଦେଖିଲା ବିହାର ପ୍ରତିନିଧି ଦଳ



ବିଏମ୍‌ସି କାର୍ଯ୍ୟାଳୟରେ ବିହାର ପ୍ରତିନିଧି ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୨୨।୧୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳ ବୁଲି ବିଭିନ୍ନ ପ୍ରକଳ୍ପ ଦେଖିଛି ବିହାର ପ୍ରତିନିଧି ଦଳ। ଚାପ୍ରା ମହାନଗର ନିଗମ ମେୟର ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ବିଶେଷକରି ବିଏମ୍‌ସିର ବର୍ଜ୍ୟ ପରିଚାଳନା, ସ୍ୱଚ୍ଛତା ଓ ସବୁଜିମା ଦେଖି ପ୍ରଶଂସା କରିଥିଲା। ସୋମବାର ସକାଳେ ଏହି ପ୍ରତିନିଧି ଦଳ ପହଞ୍ଚିବା ପରେ ବିଏମ୍‌ସି ମୁଖ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର ପ୍ରମୁଖ ଉପସ୍ଥିତ ଥିଲେ। ମେୟରଙ୍କ ସହ ଅନ୍ୟମାନେ ବର୍ଜ୍ୟ ଓ ମଳ ପରିଚାଳନା, ସହରର ସବୁଜିମା ରକ୍ଷା ପାଇଁ କିପରି ଜଙ୍ଗଲ ସୃଷ୍ଟି କରାଯାଉଛି, ପ୍ରମୁଖ ରାସ୍ତାରେ ଧୂଳି ନ ରହିବା ପାଇଁ ରାତିରେ କରାଯାଉଥିବା ମେକାନିକାଲ ସଫେଇ ଆଦି ସମ୍ପର୍କରେ ଅବଗତ କରାଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଟିଟିଏସ୍, ବାସୁଆଘାଇସ୍ଥିତ ମଳ ପରିଚାଳନା କେନ୍ଦ୍ର ଓ ସୌନ୍ଦର୍ଯ୍ୟକରଣ କରାଯାଇଥିବା ବିଭିନ୍ନ ପୁଷ୍କରିଣୀ ଯଥା ନୟାପଲ୍ଲୀ ହଜ, ସ୍ପ୍ରିଙ୍ଗ୍ ଟ୍ୟାଙ୍କ ଆଦି ବୁଲି ଦେଖିଥିଲେ।

## ଗିଫ୍ଟ ସ୍ୱୟଂଶାସିତ କଲେଜରେ ଆଲୁମ୍‌ନି ମିଟ୍

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜରେ ୧୫ତମ ଆଲୁମ୍‌ନି ମିଟ୍ 'ଗାମେକ୍ସ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲ୍‌କାତା, ଚେନ୍ନାଇ ଓ ଭୁବନେଶ୍ୱରର ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଥବା ଗିଫ୍ଟିୟାନ୍‌ମାନେ ଯୋଗ ଦେଇଥିଲେ। ଏହି ସମାରୋହରେ ଗିଫ୍ଟର ଭାଇସ୍ ଚେୟାରମ୍ୟାନ୍ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ୱେଲ୍‌ଫେୟାରର ପ୍ରଫେସର ସୌମେନ୍ଦ୍ର ବେହେରା, କାର୍ଯ୍ୟକ୍ରମ ଉପଦେଷ୍ଟା ପ୍ରଫେସର ସୁଚିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଜଗନ୍ନାଥ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ସୁଚିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଶିଶୁ ବାଟିକାରେ ଶିଶୁ ସେବିକା ପଦ ଉଚ୍ଛେଦ କରି ପ୍ରାକ୍ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ସହ ୭ଦଫା ଦାବିରେ ଓଡ଼ିଶା ପ୍ରାକ୍-ପ୍ରାଥମିକ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ: ମନୋରଞ୍ଜନ ମିଶ୍ର)

## ମୃତ୍ତିକା ସଂରକ୍ଷଣ କ୍ଷେତ୍ର କର୍ମଚାରୀଙ୍କ ବୈଠକ

ଭୁବନେଶ୍ୱର,୨୨।୧୨(ସତ୍ୟଜିତ ରାଉତ)

ଓଡ଼ିଶା ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣ ଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଙ୍ଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ, ପ୍ରଥମ କାର୍ଯ୍ୟକାରିଣୀ ଓ ନୂତନ ବର୍ଷର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ବୈଠକକୁ ସଂଘର ସଭାପତି ଦ୍ୱାରିକା ନାଥ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶପଥ ପାଠ କରାଇଥିଲେ। ସଂଘର ନୂତନବର୍ଷ ୨୦୨୬ କ୍ୟାଲେଣ୍ଡରକୁ ମଧ୍ୟ ଉନ୍ମୋଚନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ସୀମାନ୍ତ କେଶରୀ ସ୍ୱାଇଁ ଏବଂ ଉପଦେଷ୍ଟା ରାଧାଶ୍ୟାମ ବଳ ମଞ୍ଚାସୀନ ଥିଲେ। କ୍ୟାଡର ପୁନର୍ଗଠନ ଓ ପଦବୀର ସଂଜ୍ଞା ପରିବର୍ତ୍ତନ ଏବଂ ଭୁବନେଶ୍ୱରଠାରେ ଏକ ସରକାରୀ ଗୃହ ଯୋଗାଇ ଦେବା ଆଦି ଗତ ସମ୍ମିଳନୀରେ ଗୃହୀତ ଦାବି ପୂରଣ ପାଇଁ ମୁଖ୍ୟ ଉପଦେଷ୍ଟାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ଉପସ୍ଥିତ ମୁଖ୍ୟ ଉପଦେଷ୍ଟା ଦାସ ସମସ୍ତ ସମସ୍ୟା ପ୍ରତି ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନ କିପରି ସୁଦୃଢ଼ କରାଯିବ, ସେଥିପାଇଁ ନିର୍ବାଚିତ କର୍ମକର୍ତ୍ତାମାନେ ବୈଠକରେ ଦାୟିତ୍ୱ ନେଇଥିଲେ। ଜିଲା ପ୍ରତିନିଧିମାନେ ସଂଘର କ୍ୟାଲେଣ୍ଡର ଗ୍ରହଣ କରିଥିଲେ। ବୈଠକରେ ଭାଗୀରଥି ଜେନା, ହେମନ୍ତ କୁମାର ବଡ଼ଜେନା, ବ୍ରଜପତି ମିଶ୍ର, ଦୀପକ କୁମାର ପାଢ଼ୀ, ସୁମିତ କୁମାର ମିଶ୍ର, ପବିତ୍ର କୁମାର ରାଉତ, ଶିବ ପ୍ରସାଦ ଦାସ, ସୋମ୍ୟ ରଞ୍ଜନ ସେଠୀ ଏବଂ ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ମୃତ୍ତିକା ସଂରକ୍ଷଣ କ୍ଷେତ୍ର କର୍ମଚାରୀ ବୈଠକରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ।

## ପରିବେଶ ସୁରକ୍ଷା ନିଜ ପାଖରୁ ଆରମ୍ଭ କରିବାକୁ ଆହ୍ୱାନ

### ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଯାପିତ

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ୧୬ତମ ଓଡ଼ିଶା ପରିବେଶ କଂଗ୍ରେସ ସୋମବାର ଶେଷ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଯୋଗଦେଇ କହିଲେ, ସରକାରୀ ନୀତି ଓ ଜନସାଧାରଣଙ୍କ ଭିତରେ ଠିକ୍ ସମନ୍ୱୟ ବିନା ପରିବେଶ ସୁରକ୍ଷା କଷ୍ଟକର। ପରିବେଶ ସୁରକ୍ଷା ନିଜ ପାଖରୁ ହିଁ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। 'ଅଭିବୃଦ୍ଧି ଓ ନିରନ୍ତର ବିକାଶରେ ଶିଳ୍ପ'ର ଭୂମିକା ଉପରେ ଆୟୋଜିତ ବିଶେଷ ଅଧିବେଶନରେ ମୁଖ୍ୟବକ୍ତା ଭାବେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଲେ, ବର୍ତ୍ତମାନ ସମୟରେ ଅଭିବୃଦ୍ଧି ଯେମିତି ଆବଶ୍ୟକ, ପରିବେଶ ସୁରକ୍ଷା ମଧ୍ୟ ସେହିଭଳି ଜରୁରୀ। ପ୍ରକୃତିକୁ ସୁରକ୍ଷା ଦେବା ସହିତ ଶିଳ୍ପର ବିକାଶ ଓ ଅର୍ଥନୀତି କେମିତି ସମୃଦ୍ଧ ହେବ, ସେଥିପାଇଁ ଗଭୀର ଚିନ୍ତନର ଆବଶ୍ୟକତା ରହିଛି। ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଓଡ଼ିଶା ମୁଖ୍ୟ ରାଜୀବ ସାହୁ ଅଧ୍ୟକ୍ଷତା କହିଲେ, ଓଡ଼ିଶା ଉତ୍କଳ ଚାମ୍ବର ଅଫ୍ କମର୍ସର ସଭାପତି ପ୍ରବୋଧ ମହାନ୍ତି, ମହାନଦୀ କୋଲ୍‌ଡ ଫିଲ୍ଡର ଦୀନେଶ କୁମାର କୁଣ୍ଡୁ, ଟାଟା ଷ୍ଟିଲ୍‌ର ଅନୁପ ଶ୍ରୀବସ୍ତବ, ଓଡ଼ିଶା ଉଦ୍ୟୋଗ ପରିବାରର ମୁଖ୍ୟ ଶିବ ନାରାୟଣ ମିଶ୍ର ଓ ସକ୍ରେଟିସ୍ ଫାଉଣ୍ଡେଶନର ମୁଖ୍ୟ ଦେବଜିତ୍ ମିତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। 'ଜନତାଙ୍କ ସ୍ୱର' ଶୀର୍ଷକ ଅଧିବେଶନଧରେ ସାମ୍ବାଦିକ ଭବାନୀ ତ୍ରିପାଠୀ, ସତ୍ୟପ୍ରକାଶ ନାୟକ, ରାଜେଶ ମହାପାତ୍ର, ଉମି ଡାନିଏଲ, ମଧୁସ୍ମିତ ପତି, ଡ. ରୀନା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏଫଇଏସ୍ ସଂସ୍ଥାକୁ 'ରାଧାମୋହନ ଗ୍ରୀନ୍ ଆମ୍ବାସାଡର ସମ୍ମାନ', ଜୟପ୍ରକାଶ ନୟାଜଙ୍କୁ 'ଅବସର ବେଉରିଆ ଯୁବ ପରିବେଶବିତ୍ ସମ୍ମାନ', ଏସ୍‌ଏନ୍ ମାଇନ୍ସକୁ 'ସୁଧାଂଶୁ ମିଶ୍ର ଗ୍ରୀନ୍ ଆମ୍ବାସାଡର ସମ୍ମାନ', ବର୍ଷା ବରାଳ ଓ ପ୍ରଦୀପ କୁମାର ସାହୁଙ୍କୁ 'ଯୁବ ବିଜ୍ଞାନୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି 'ପରିବେଶ ନୀତି ଓ ମହିଳାଙ୍କ ଭାଗୀଦାରିତା' ଶୀର୍ଷକ ଅଧିବେଶନରେ ପ୍ରଫେସର ମାନସ ବେହେରା, ଡ. ଆଭା ମିଶ୍ର, ଅଲିଭା ମହାନ୍ତି ଓ ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ଭାଗନେଇଥିଲେ। ଉତ୍ସବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ସଭାପତିତ୍ୱ କରିଥିବା ବେଳେ ଅରବିନ୍ଦ ବେହେରା, ଡ. ବିଜୟା ମିଶ୍ର, ନ୍ୟୁଜିଲାଣ୍ଡରେ ଅବସ୍ଥାପିତ କନ୍‌ସୁଲ ଜେନେରାଲ ମଦନ ମୋହନ ସେଠୀ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରଫେସର ଶରତ କୁମାର ପାଲିତ, ପ୍ରଫେସର ସୁଚେତା ପ୍ରିୟବାଦିନୀ ପ୍ରମୁଖ ଯୋଗଦେଇଥିଲେ। ପରିବେଶ କଂଗ୍ରେସର ସମ୍ପାଦକ ଭୃଗୁ ବକ୍ସିପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଗଣିତ କୁହୁକ ଉତ୍ସବ

ଭୁବନେଶ୍ୱର,୨୨।୧୨ (ସୁଚିସ୍ମିତା ସାହୁ)

ଜାତୀୟ ଗଣିତ ଦିବସ ଅବସରରେ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଅଧୀନସ୍ଥ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର 'ଗଣିତ କୁହୁକ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଆଇଟି ଭୁବନେଶ୍ୱରର ଗଣିତ ବିଭାଗ ପ୍ରଫେସର ଡ. ତାରାକାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ଗଣିତର ମୂଳ ତତ୍ତ୍ୱକୁ ଜନସାଧାରଣ ମଧ୍ୟରେ ଲୋକପ୍ରିୟ କରିବା ସହିତ ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାରିକ ଗୁରୁତ୍ୱକୁ ପ୍ରତିଫଳିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶୈଳବାଳା ମହିଳା ମହାବିଦ୍ୟାଳୟ କଟକର ପୂର୍ବତନ ଅଧ୍ୟକ୍ଷ ଡ. ହାଡିବନ୍ଧୁ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଜ୍ଞତା ଆଧାରରେ ଛାତ୍ରୀଛାତ୍ରଙ୍କ ପାଇଁ କିପରି ଗଣିତକୁ ସହଜ କରାଯାଇପାରେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗଣିତ ପ୍ରଦର୍ଶନୀ କରାଯାଇଥିଲା, ଯେଉଁଥିରେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରୀଛାତ୍ର ଯୋଗଦେଇ ନୂତନ ଓ ସୃଜନାତ୍ମକ ଗଣିତ ଆଧାରିତ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏହାବ୍ୟତୀତ କେନ୍ଦ୍ର ଦ୍ୱାରା ଗଣିତଭିତ୍ତିକ ଏକ ସ୍ୱତନ୍ତ୍ର କାର୍ଯ୍ୟକଳାପ ଆଧାରିତ ଷ୍ଟଲ ଓ କର୍ମଶାଳା ଆୟୋଜନ କରାଯାଇଥିଲା। ଉତ୍ସବରେ ନିଷ୍ଟ ୟୁନିଭର୍ସିଟି, ବିଦ୍ୟା ଭାରତୀ ଶିକ୍ଷା ସମିତି ଓଡ଼ିଶା, ସାମନ୍ତ ଚନ୍ଦ୍ରଶେଖର ବିଜ୍ଞାନ କ୍ଲବ ବାଲେଶ୍ୱର ଓ ଦ ବୁକ୍ ପଏଣ୍ଟ ଭୁବନେଶ୍ୱର ପରି ଆମନ୍ତ୍ରିତ ସଂସ୍ଥାଗୁଡିକ ନିଜ ଗତିବିଧି ଆଧାରିତ ଷ୍ଟଲ ପ୍ରଦର୍ଶନ କରିଥିଲେ। ଏହାବ୍ୟତୀତ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଭୁବନେଶ୍ୱର ଗଣିତ ବିଷୟର ମେଣ୍ଟର ସୁବାସ ଚନ୍ଦ୍ର ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗଣିତ ପ୍ରତି ଆକର୍ଷିତ କରିଥିଲେ। ରାଜ୍ୟର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୭୭ ଜଣ ଛାତ୍ରୀଛାତ୍ର ନିଜର ପ୍ରକଳ୍ପ ସହିତ ଏହି ଉତ୍ସବରେ ଭାଗନେଇଥିଲେ। ନିଜ ଅଭିଜ୍ଞତା ଆଧାରରେ ଛାତ୍ରୀଛାତ୍ରଙ୍କ ପାଇଁ କିପରି ଗଣିତକୁ ସହଜ କରାଯାଇପାରେ, ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରୟାଲ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ରାଜଧାନୀ ଉପକଣ୍ଠସ୍ଥ ରୟାଲ କୋରଡ଼କଣ୍ଟାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ୧୨ଶ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ବାବୁସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରମାନଙ୍କ ଅନ୍ତର୍ନିହିତ ବିକାଶ, ଶୃଙ୍ଖଳାବୋଧ ଓ ଚରିତ୍ର ନିର୍ମାଣ ଶିକ୍ଷାନୁଷ୍ଠାନର ଦାୟିତ୍ୱ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଷ୍ଣୁମୋହନ ମହାନ୍ତି ଛାତ୍ରଛାତ୍ରଙ୍କ ଅନ୍ତର୍ନିହିତ ଜ୍ଞାନକୁ ବିକଶିତ କରିବାରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଭାଇସ୍ ଚେୟାରମ୍ୟାନ୍ ମିଲନ ମହାନ୍ତି, ମ୍ୟାନେଜର ଅଜୟ କୁମାର ଦାସ, ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ତଥା ଉପାଧ୍ୟକ୍ଷା ପ୍ରଜ୍ଞା ସାହୁ ଉପସ୍ଥିତ ଥିଲେ।

## ଆସ୍ଥା ସ୍କୁଲ ଓପନ ଡୋର ବ୍ୟାଡମିଣ୍ଟନ ପ୍ରତିଯୋଗିତା

### ସଟଲ ସ୍ମାସର୍ସ - ୨୦୨୫ ଉଦ୍‌ଯାପିତ




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ ବିଜେତା ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବାଲିଅନ୍ତା, ୨୨।୧୨ (ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ୩ ଦିନ ଧରି ଚାଲିଥିବା ଓପନ ଡୋର ବ୍ୟାଡମିଣ୍ଟନ ପ୍ରତିଯୋଗିତା ସଟଲ ସ୍ମାସର୍ସ - ୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଣ୍ଡର ଗ୍ରାଜୁଏଟ୍ ଲିଗ୍ ପୁରୁଷ ଡବଲ୍‌ସ ବିଭାଗରେ ଆରଏମବିଡି କଲେଜର ଅବଦୁଲ ସଲିମ ଖାନ ଓ ଦେବାଶିଷ ପଣ୍ଡା ବିଜେତା ହୋଇଥିବା ବେଳେ ମିକ୍ସଡ ଡବଲସ ବିଭାଗରେ ୟୁଏନ ଅଟୋନମସ କଲେଜର ମୃତ୍ୟୁଞ୍ଜୟ ଦାଶ ଓ ବିପାଶା ପ୍ରିୟଦର୍ଶିନୀ ବିଜେତା ହୋଇଥିଲେ। ବି - ସ୍କୁଲ ଲିଗ ପୁରୁଷ ଡବଲସ ବିଭାଗରେ ଅମିତ ମହାନ୍ତି ଓ ଅବିନାଶ ପାଙ୍ଗି ବିଜେତା ହୋଇଥିବା ବେଳେ ମହିଳା ଡବଲସରେ ଆୟୋଜକ ଆସ୍ଥା ସ୍କୁଲର ଶୁଭଶ୍ରୀ ଶୁଭସ୍ମିତା ସାହୁ ଓ ପ୍ରତୀକ୍ଷା ଆଚାର୍ଯ୍ୟ ବିଜେତା ହୋଇଥିଲେ। କର୍ପୋରେଟ ଲିଗର ପୁରୁଷ ଡବଲସ ଭେଟେରାନ ବିଭାଗରେ ଓଇଲିୟମ ଦାସ ଓ ଶାଶ୍ୱତ ରାଉତରାୟ ବିଜେତା ହୋଇଥିଲେ।

ସେହିପରି ପୁରୁଷ ଡବଲସ ୟଙ୍ଗ ୱାରିଅର୍ସ ବିଭାଗରେ ଆଶିଷ ମିଶ୍ର ଓ ସୁମନ୍ତ ମହନ୍ତ ବିଜେତା ହୋଇଥିଲେ। ପ୍ରତିଯୋଗିତାରେ ବିଜେତା ଓ ଉପବିଜେତାମାନଙ୍କୁ ଟ୍ରଫି, ମାନପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ପାରା ବ୍ୟାଡମିଣ୍ଟନ ଖେଳାଳି ଦୀପ ରଞ୍ଜନ ବିଷୋୟୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୋଟେକ୍‌ର ସିନିୟର୍ ଭାଇସ ପ୍ରେସିଡେଣ୍ଟ ଶଶାଙ୍କ ଶେଖର ରାଉତ ଓ ନ୍ୟୁଜ୍ ୧୮ ଓଡ଼ିଆର ଆସୋସିଏଟ ଏଡ଼ିଟର ଡ. ମାନସ ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମଣ୍ୟମ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ସତ୍ୟନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଜିନାଶିଷ ମହାନ୍ତିଙ୍କ ସଂଯୋଜନାରେ ଏହି ପ୍ରତିଯୋଗିତାକୁ ପ୍ରଫେସର ଦିପନ କୁମାର ଜେନା, ଅଶୋକ କୁମାର ମିଶ୍ର, ପ୍ରଫେସର ଏମଡି ଆସିଫ ଖାନ, ପ୍ରଫେସର କାଳୀ ପ୍ରସାଦ ଶତପଥୀ ଓ ପ୍ରଫେସର ଅନନ୍ୟା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ବଦଳି ଦାବିରେ ଧାରଣା

### ବୈଠକ ଅଧାରୁ ଉଠିଲେ ୮ ୱାର୍ଡ ସଭ୍ୟ

- ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ
- ତଦନ୍ତ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ଚେତାବନୀ

ବାଲକାଟୀ,୨୨।୧୨(ମନୋଜ ମଣ୍ଡଳ)




ବାଲିଅନ୍ତା ବ୍ଲକ ପ୍ରତାପ ଶାସନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରି ମାସିକିଆ ବୈଠକରୁ ଅଧାରୁ ଛାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୮ଜଣ ୱାର୍ଡ ସଭ୍ୟ ଧାରଣା ଦେଇଛନ୍ତି। ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ୱାର୍ଡ ସଭ୍ୟ ଦେବାଶିଷ ଦାଶ ଏହାର ନେତୃତ୍ୱ ନେଇଥିଲେ।

ଦାଶଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ପଂଚାୟତ କାର୍ଯ୍ୟାଳୟରେ ମନମୁଖି କାର୍ଯ୍ୟ ଚଳାଇଛନ୍ତି। ନାଏବ ସରପଞ୍ଚ ବୈଠକରେ ସଭାପତିତ୍ୱ କରୁଥିବାବେଳେ ଚଞ୍ଚକତା କରି ସରପଞ୍ଚଙ୍କ ଦସ୍ତଖତ କରି ବୈଠକରେ ହେଇଥିବା ନିଷ୍ପତ୍ତିକୁ ବଦଳାଇ ଦିଆଯାଉଛି। ଏଥିସହ ବିନା ମିଟିଙ୍ଗରେ ନିଷ୍ପତ୍ତିଙ୍କୁ ମାସିକିଆ ବିବରଣୀରେ ଲେଖାଯାଉଛି। ହସ୍ପିଟାଲ ନିକଟରେ ହୋଇଥିବା ମାର୍କେଟ ଗୃହ ବଣ୍ଟନରେ ପ୍ରିୟାପ୍ରୀତି ତୋଷଣ ଅବଲମ୍ବନ କରାଯାଇଛି। ଏଥିସହ ପଂଚାୟତ ଅଧୀନରେ ସାପ୍ତାହିକ ହାଟ ଚାଲୁଥିବା ବେଳେ ହାଟ ଭିତରେ ବେଆଇନ ମଦ ବେପାରକୁ ପ୍ରୋତ୍ସାହନ ଦିଆଯାଇଛି। କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ହାଟ ଭିତରେ ପିଣ୍ଡି ନିର୍ମାଣ କରିବାକୁ ଅନୁମତି ଦିଆଯାଉଛି। ଏହାଛଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଏସବୁ ଘଟଣାର ବିଧିବଦ୍ଧ ଭାବେ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହାର ତଦନ୍ତ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବୈଠକରେ ସରପଞ୍ଚଙ୍କ ପ୍ରତିନିଧି ବେହେରାଙ୍କୁ ପଚାରିବାରେ, ଯାହା ଅଭିଯୋଗ ଆସିଛି ତାହାର ତଦନ୍ତ ହେଉ। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଉତ କହିଛନ୍ତି, ସବୁ ଅଭିଯୋଗ ଭିତ୍ତିହୀନ କାର୍ଯ୍ୟ ନିୟମ ଅନୁସାରେ ହେଉଛି।

ସୋମବାର ଅପରାହ୍ନରେ ବାଲିଅନ୍ତା ବ୍ଲକ ପ୍ରତାପ ଶାସନ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମାସିକିଆ ବୈଠକ ଚାଲିଥିଲା। ସରପଞ୍ଚ ରୀନାରାଣୀ ବେହେରା ଅସୁସ୍ଥ ଥିବାରୁ ଏଥିରେ ନାଏବ ସରପଞ୍ଚ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ରୂପେ ତାଙ୍କ ସ୍ୱାମୀ ପବିତ୍ର ବେହେରା ଉପସ୍ଥିତ ଥିଲେ। ଏଥିସହ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତିଶ କୁମାର ରାଉତରାୟ ଓ ବିଭିନ୍ନ ୱାର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକ ଚାଲିଥିବା ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନିକୁ ନେଇ ୮ ଜଣ ସଭ୍ୟ ଅସନ୍ତୋଷ କରିବା ସହ ଧାରଣା ଦେଇ ପ୍ରତିବାଦ ଜଣାଇଛନ୍ତି।

**୮୩ ୟୁନିଟ୍ ରକ୍ତ ସଂଗ୍ରହ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଓ ଜୟଶ୍ରୀ ମହାକାଳ ସଂସ୍ଥା ମିଳିତ ଆନୁକୂଲ୍ୟରେ ୪୨ ମୌଜା ଅନ୍ତର୍ଗତ ବେଣ୍ଟକାରଠାରେ ସେଚ୍ଛାକୃତ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୮୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସକାଳ ବେଳା ଏହି ଶିବିରକୁ ପ୍ରଫେସର୍ ମନୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ବିଜୟ କୁମାର ନାୟକ, ସମିତି ସଭ୍ୟ ବିନୋଦ ବେହେରା, ସରପଞ୍ଚ ଶିଶିର ରାଉତ, ପ୍ରଦ୍ୟୁମ୍ନ ମହାନ୍ତି, ଜୟନ୍ତ ଦାସ, ପ୍ରକାଶ ମାଝୀ, ସରୋଜ ସାସମଲ, ବିକାଶ ଭୋଇ, ପ୍ରସନ୍ନ ବେହେରା, ଶାରଦା ରାଉତ, ସ୍ମୃତି ରଞ୍ଜନ ମଲ୍ଲିକ, ଆନନ୍ଦ ବେହେରା ଓ ଆନନ୍ଦ ଦେବତା ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ଜରୁରୀ

କଟକ,୨୨।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ୩ ପ୍ରଥମବର୍ଷ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ଜରୁରୀ, ଏହାଦ୍ୱାରା ନିଜ ସୁରକ୍ଷା ନିଜେ କରି ପାରିବେ ବୋଲି ସେ କହିଛନ୍ତି। ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷୀରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାସହ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ଦୀପ୍ତିରେଖା ପାଢ଼ୀ ଏବଂ ଜୀବ ବିଜ୍ଞାନର ଅଧ୍ୟାପିକା ସବାନା ତରାନୁମ୍ ଆତ୍ମରକ୍ଷା ଶିବିରକୁ ପରିଚାଳନା କରିଥିଲେ। ଶାରୀରିକ ବିଭାଗର ଅଧ୍ୟାପିକା ମଞ୍ଜୁଲିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୮୭ ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ

ଚୌଦ୍ୱାର, ୨୨।୧୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ନୋଡାଲ ହାଇସ୍କୁଲ ୧୯୮୭ ପୁରାତନ ବିଦ୍ୟାର୍ଥୀଙ୍କ ବାର୍ଷିକ ସମାବେଶ ଧବଳେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରର୍ଥନା କରାଯାଇଥିଲା। ବିଦ୍ୟାଳୟରେ କ୍ରୀଡା ଓ ସର୍ବୋଚ୍ଚ ନମ୍ବର ରଖୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ସମ୍ମାନିତ କରାଯିବା ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ଓ ଆଗାମୀ ଦିନରେ ଏହି ଅର୍ଥରାଶି ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା। ନୀରଞ୍ଜନ ସାହୁ, କବି ଚନ୍ଦ୍ର ସାହୁ, ବିକଳ ଗୋଛାୟତ, ଆଶୁତୋଷ ପରିଡା, ସୁକାନ୍ତ ନାୟକ, ସୁପ୍ରଭା ଚୌଧୁରୀ, ଉର୍ବସୀ ସ୍ୱାଇଁ, ସୀମା ପ୍ରତିହାରୀ, ସତ୍ୟଭାମା ସାହୁ, ଭାରତୀ ବେହେରା, ନିରୁପମା ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଜାନୁଆରୀ ୧୧ରେ ପ୍ରଥମକରି ଉଭୟ ଶାନ୍ତି କମିଟିର ବନ୍ଧୁମିଳନ

କଟକ,୨୨।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ପ୍ରଥମଥର ପାଇଁ ମିଳିତ ଭାବେ ବନ୍ଧୁମିଳନ ନିମନ୍ତେ ପ୍ରସ୍ତୁତି ବୈଠକ ହାଇକୋର୍ଟ ରୋଡ୍‌ସ୍ଥିତ ପୂର୍ବତନ ବିଧାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଜାନୁଆରୀ ୧୧ ବିଶାଳ ବନ୍ଧୁମିଳନର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବନ୍ଧୁମିଳନରେ ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଉଚ୍ଚ ପଦାଧିକାରୀଙ୍କ ସମେତ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ। ବୈଠକରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶଚନ୍ଦ୍ର ସାହୁ, ଉପସଭାପତି ଦେବେନ୍ଦ୍ର କୁମାର କାହାଳୀ ଓ ରବୀନ୍ଦ୍ର କୁମାର ବେହେରା ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଉଭୟ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗର୍ଭସ୍ଥ ଶିଶୁର ଲିଙ୍ଗ ଚିହ୍ନଟ କଲେ କାର୍ଯ୍ୟାନୁଷ୍ଠାନ

**ସ୍ୱାସ୍ଥ୍ୟ ସମ୍ପର୍କିତ ଉପଦେଷ୍ଟା କମିଟି ସମୀକ୍ଷା ବୈଠକ**

କଟକ,୨୨।୧୨(କାର୍ତ୍ତିକ ସାହୁ)


ସ୍ୱାସ୍ଥ୍ୟ ସମ୍ପର୍କିତ ଉପଦେଷ୍ଟା କମିଟି ସମୀକ୍ଷା ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ପି.ସି. ଏବଂ ପି.ଏନ.ଡି.ଟି ୧୯୯୪(ଲିଙ୍ଗ ଚୟନ ନିଷେଧ) ଅଧିନିୟମ ଅନୁଯାୟୀ ଗର୍ଭସ୍ଥ ଶିଶୁର ଲିଙ୍ଗ ଚୟନ ନିଷେଧ କରିବା ଉପରେ ଉପଦେଷ୍ଟା କମିଟିର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପରୋକ୍ତ ନିୟମର କଡ଼ାକଡ଼ି ପାଳନ, ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ଚିହ୍ନଟ କରୁଥିବା ଡାକ୍ତର ଏବଂ ଡାକ୍ତରଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ଏହି ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଜ୍ଞାନିକ ଓ ଯାନ୍ତ୍ରିକ କୌଶଳର ଅପବ୍ୟବହାର କରି ଚୋରା ଓ ଲୁଚାଛପାରେ ଲିଙ୍ଗ ନିରୂପଣ କରାଯାଉଥିବା କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ସ୍ଥଳେ ଜିଲାର ନର୍ସିଂହୋମଗୁଡ଼ିକ ଉପରେ ଚଢ଼ାଉ କରିବା ତଥା ଅଲଟ୍ରାସାଉଣ୍ଡ ୟୁନିଟଗୁଡ଼ିକୁ ପରିଦର୍ଶନ କରିବା ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସୁବିଧା

### ୩ ମାସ ମଧ୍ୟରେ ତିଗିରିଆ, ନିଆଳି ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ଅଲଟ୍ରାସାଉଣ୍ଡ ସୁବିଧା

ଉପଲବଧ ହେଉଥିବା ବେଳେ ଆସନ୍ତା ୩ ମାସ ମଧ୍ୟରେ ତିଗିରିଆ, ନିଆଳି ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସୁବିଧା ଉପଲବଧ ହେବ। ଜିଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ଦିଗରେ ଆଶା ଓ ଅଙ୍ଗନଓ୍ୱାଡି କର୍ମୀମାନ ଗୁରୁ ଦାୟିତ୍ୱ ରହିଥିବାରୁ ସେମାନେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ସରକାରୀ ଡାକ୍ତରଖାନାରେ ନେଇ ଉପଲବଧ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଏଥିସହ ଜିଲା ଟିବି ଫୋରମ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ମଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିକରୁ ଅଧିକ ଲୋକ ଯେଭଳି ଠିକ ସମୟରେ ଯାଞ୍ଚ କରି ଯକ୍ଷ୍ମା ରୋଗର ନିଦାନ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଜିଲାରେ ପ୍ରତି ଏକ ହଜାର ଯକ୍ଷ୍ମା ରୋଗୀଙ୍କ ମଧ୍ୟରେ ମୃତ୍ୟୁ ହାର ୪.୩୭% ଥିବାବେଳେ ଆସନ୍ତା ଏକ ବର୍ଷ ମଧ୍ୟରେ ଜିଲାରେ ଯକ୍ଷ୍ମା ମୃତ୍ୟୁ ହାର ୩%କୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ୩ଜଣ ମିତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ଅଧିକାରୀ, ବିଭିନ୍ନ ଅଧିକାରୀ ଓ ଏନ୍‌ଜିଓ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।



ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ଓ ଟାଟା ପାୱାର ବିଦ୍ୟୁତ୍ ସଂଯୋଗ ବାବଦରେ ଅତିରିକ୍ତ ଜମା ଟଙ୍କା ପ୍ରତ୍ୟାହାର ଦାବି ନେଇ ସୋମବାର ସିପିଆଇ(ଏମ୍) ପକ୍ଷରୁ ଜିଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମାଧ୍ୟମିକ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ

କଟକ,୨୨।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୭୦ତମ ପ୍ରତିଷ୍ଠା ଦିବସ ନିଜସ୍ୱ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରାଞ୍ଚଳ ଆୟୁକ୍ତ ଡ. ଏ.ବି. ଓତା ଯୋଗଦେଇ ବୋର୍ଡର ଇତିହାସ ଗରିମାମୟ ବୋଲି କହିଥିଲେ। ସମ୍ମାନିତ ଅତିଥି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକରା ବୋର୍ଡ ଏବଂ ବୋର୍ଡ ସ୍କୁଲର ସ୍ୱତନ୍ତ୍ରତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଡ. କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୈତାରୀ ସାହୁ, ଗୀତିକାର ବାପୁ ଗୋସ୍ୱାମୀ ଯୋଗଦେଇଥିଲେ। ବୋର୍ଡ ସମ୍ପାଦକ ସରୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୋର୍ଡ ପକ୍ଷରୁ ସ୍ମରଣିକା 'ଶ୍ରୀ' ଉନ୍ମୋଚିତ ହୋଇଥିଲା।

# ସିଲାବସ୍‌ରେ ପରିବର୍ତ୍ତନ ଆବଶ୍ୟକ

କଟକ ସଦର,୨୨।୧୨(ସୁଶାନ୍ତ କୁମାର ଜେନା)

**ଜାତୀୟ ଗଣିତ ଦିବସର ଅନୁଚିନ୍ତା**

କଟକ ସଦର ବ୍ଲକ ଅଞ୍ଚଳର ସମସ୍ତ ବେସରକାରୀ ଓ ସରକାରୀ ବିଦ୍ୟାଳୟରେ ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ପିଲାମାନଙ୍କ ଗଣିତ ଜ୍ଞାନ ପରୀକ୍ଷା ପାଇଁ କୁଇଜ ପ୍ରତିଯୋଗିତା କରାଯାଇଥିଲା। ମାତ୍ର ଅତୀତର ଗଣିତ ସିଲାବସ୍‌ରେ ପିଲାମାନଙ୍କ ବୁଦ୍ଧିମତ୍ତା ବୃଦ୍ଧି ପାଉଥିଲା। ବିଜ୍ଞାନ, ବୈଷୟିକ ଶିକ୍ଷା ଗଣିତ ବିଷୟରେ ଅଧିକ ଜ୍ଞାନ ଆବଶ୍ୟକ। ଯେଉଁମାନେ ଏହି ବିଷୟରେ ପଢ଼ିବା ପାଇଁ ଆଗ୍ରହ ରଖିଥାନ୍ତି, ସେମାନେ ମାଟ୍ରିକ ପରୀକ୍ଷାରେ ବାଧ୍ୟତାମୂଳକ ଗଣିତ ବ୍ୟତୀତ ଇଚ୍ଛାଧୀନ ଗଣିତ ବିଷୟକୁ ପଢ଼ିଥାଆନ୍ତି। ରାଜ୍ୟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ଗଣିତ ସିଲାବସକୁ ଅନୁସରଣ କରି ଇଚ୍ଛାଧୀନ ଗଣିତକୁ ଉଠାଇ ଦିଆଗଲା। ଏହା ବଦଳରେ କେବଳ ବାଧ୍ୟତାମୂଳକ ଗଣିତ ପିଲାମାନେ ପଢୁଛନ୍ତି। ଏଥିରେ ତ୍ରିକୋଣମିତି ନାହିଁ। ତେଣୁ ମାଟ୍ରିକ ପରୀକ୍ଷା ପରେ ଉଚ୍ଚତର ଶିକ୍ଷା ପାଇଁ ପିଲାମାନଙ୍କ ଜ୍ଞାନ ବୃଦ୍ଧିରେ ସହାୟତା ନିମନ୍ତେ ଗଣିତ ସିଲାବସରେ ପରିବର୍ତ୍ତନ ଆବଶ୍ୟକ ବୋଲି ଶିକ୍ଷାବିତ ପ୍ରଫେସର୍ ମନୋଜ କୁମାର ନାୟକ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱରରେ ଏକ ଘରୋଇ ବୈଷୟିକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଫେସର୍ ନାୟକ ମାଟ୍ରିକ ପିଲାମାନେ ପରୀକ୍ଷା ପରେ ଗଣିତ ବିଷୟରେ ଜ୍ଞାନ ବୃଦ୍ଧି ପାଇଁ କିପରି କୋଚିଙ୍ଗ ନେଇଥାନ୍ତି, ସେ ବିଷୟରେ ବର୍ଣ୍ଣନା କରିଥିଲେ। ଯୁକ୍ତ ୨ ବିଜ୍ଞାନ ପଢିବା ବେଳେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ପଢିବା ପାଇଁ ଅଧିକ ଆଗ୍ରହ ଦେଖାଉଥିବା ବେଳେ ଗଣିତ ପଢ଼ିବା ପାଇଁ କଷ୍ଟ ଅନୁଭବ କରୁଛନ୍ତି। ଯାହାବି ହେଉ ଉଚ୍ଚସ୍ତରୀୟ କମିଟି ଗଠନ କରି ଏହା ଉପରେ ତର୍ଜମାର ଆବଶ୍ୟକ ରହୁଛି ବୋଲି ପ୍ରଫେସର୍ ନାୟକ କହିଛନ୍ତି। ଯାହା ଗଣିତଜ୍ଞ ରାମାନୁଜନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ।

## ଏବିଏସ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ଚୌଦ୍ୱାର, ୨୨।୧୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ବଡଚାଞ୍ଚୋ ସ୍ଥିତ ଏବିଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଭିତରେ ବ୍ୟାଡ୍‌ମିଟନ, ଲଙ୍ଗଜମ୍ପ, ହାଇଜମ୍ପ, ଦୌଡ, ଗଣଦୌଡ, ମ୍ୟୁଜିକ ଚେୟାର, ଜାଭଲିନଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା। ସ୍କୁଲ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ ପିଲାମନଙ୍କୁ ପାଠପଢା ସହିତ କ୍ରୀଡା କ୍ଷେତ୍ରରେ ସେମାନେ କିପରି ଭାବେ ନିଜକୁ ଭବିଷ୍ୟତରେ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିବେ ତାହା ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ନାରାୟଣ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପୂର୍ବତନ ସିଇଓ ମନୋଜ କୁମାର ଗଜେନ୍ଦ୍ର ଯୋଗଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଚେୟାରମ୍ୟାନ ମନୋଜ କୁମାର ବିଷୋଇ, ପୂର୍ବତନ ଅଧକ୍ଷ ବି.ବି.ମହାନ୍ତି, ସବିତା ଲେଙ୍କା, ନୟନା ସ୍ୱାଇଁ, ଋତୁପୂର୍ଣ୍ଣ ଭୁୟାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର

କଟକ,୨୨।୧୨(କାର୍ତ୍ତିକ ସାହୁ)

ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମନ୍ୱୟ ପ୍ରକଳ୍ପ କମିଟି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର ଜୁଡିସିଆଲ ଏକାଡେମୀଠାରେ ରବିବାର ଆରମ୍ଭ ହୋଇଛି। ରାଜ୍ୟର ନ୍ୟାୟିକ ଅଧିକାରୀ ଓ ଅଧିବକ୍ତାମାନଙ୍କୁ ମଧ୍ୟସ୍ଥି ରୂପେ ମଧ୍ୟସ୍ଥତା ପାଇଁ ଅଧିକ କ୍ରିୟାଶୀଳ କରିବାକୁ ମଧ୍ୟସ୍ଥତା ଅଗ୍ରୀମ ପାଠ୍ୟକ୍ରମ (କ୍ୟାପସୁଲ ପାଠ୍ୟକ୍ରମ) ଶିକ୍ଷାଦାନ କରାଯାଉଛି। ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷକ ଡ. ଏସ ପଦ୍ମା, ଭି.ପି. ଥଙ୍କଚନ, ପି. ଜି ସୁରେଶ ଓ ଜର୍ଜ ମେରିଲୋ ପଲ୍ଲାଥ ମଧ୍ୟସ୍ଥତା ଅଗ୍ରୀମ ପାଠ୍ୟକ୍ରମ ବିଷୟବସ୍ତୁ ଉପରେ ଆଲୋକପାତ କରୁଛନ୍ତି। ମଧ୍ୟସ୍ଥତା ମାଧ୍ୟମରେ ବିବାଦଗୁଡ଼ିକର ସହଜ ଓ ସୁସମାଧାନ ହୋଇପାରିବ ଦିଗରେ ମାର୍ଗଦର୍ଶନ କରାଯାଉଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲାଜଜ, ଜୁଡ଼ିସିଆଲଏକାଡେମୀର ନିର୍ଦ୍ଦେଶକ, ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ, ଉପସଚିବ ଏବଂ ସହସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଜନାର ରୂପରେଖ ବଦଳାଇବା ଗ୍ରହଣୀୟ ନୁହେଁ

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତ କରିବା ଆଦି ଘଟଣାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସମ୍ବିଧାନିକ କାର୍ଯ୍ୟକୁ ବିରୋଧ କରି ବିକ୍ଷୋଭ କରାଯିବା ସହ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କଂଗ୍ରେସ ସରକାରଙ୍କ ଏକ ଐତିହାସିକ ଜନକଲ୍ୟାଣକାରୀ ଯୋଜନା, ଯାହା ଗ୍ରାମାଞ୍ଚଳର ଗରିବ ଓ ଶ୍ରମିକ ଲୋକଙ୍କୁ କାମ ଓ ସମ୍ମାନ ଦେଇଛି। ମହାତ୍ମା ଗାନ୍ଧୀଙ୍କ ନାମ ସହିତ ଯୋଜନା ଜଡିତ ଥିବାରୁ ଏହାର ଐତିହ୍ୟ ଓ ଦର୍ଶନକୁ ବଦଳେଇବା ଚେଷ୍ଟା ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ସହ ଏଦିଗରେ ଗୁରୁତ୍ୱ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁଭାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା ଓ ଜେ. କାମେଶ୍ୱର ରାଓ, କେଦାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଗାନ୍ଧୀଙ୍କ ନାମକୁ ଚକ୍ରାନ୍ତ କରି ହଟାଇବାକୁ ଉଦ୍ୟମ**

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)


କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସମ୍ବିଧାନିକ କାର୍ଯ୍ୟକୁ ବିରୋଧ କରି କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଭାଜପା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନକୁ ରଦ୍ଦ କରିବା ପାଇଁ ଏକ ବିଲ୍ ଆଣି ଏକ ଭୟାବହ ଏବଂ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛି। ଏହା କୌଣସି ସାଧାରଣ ବିଧାନମୂଳକ ପ୍ରକ୍ରିୟା ନୁହେଁ ବରଂ ଏହା ଏକ ରାଜନୈତିକ ଚକ୍ରାନ୍ତ, ଯାହାର ଉଦ୍ଦେଶ୍ୟ ଏକ ଐତିହାସିକ, ଅଧିକାର-ଆଧାରିତ ଜନକଲ୍ୟାଣ ଆଇନକୁ ଦୁର୍ବଳ କରିବା ଏବଂ ଭାରତର ସବୁଠାରୁ ପରିଚିତ କଲ୍ୟାଣକାରୀ ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ଓ ମୂଲ୍ୟବୋଧକୁ ମିଟାଇ ଦେବାର ଉଦ୍ଦେଶ୍ୟ। ଗାନ୍ଧୀଜୀ ଶ୍ରମର ଗରିମା, ସାମାଜିକ ନ୍ୟାୟ ଓ ଗରିବମାନଙ୍କ ପ୍ରତି ରାଜ୍ୟର ନୈତିକ ଦାୟିତ୍ୱର ପ୍ରତୀକ ଥିଲେ। ଏହି ନାମ ପରିବର୍ତ୍ତନ ଗାନ୍ଧୀମୂଲ୍ୟ ପ୍ରତି ଅସ୍ୱୀକୃତିକୁ ପ୍ରତିବିମ୍ବିତ କରେ ଏବଂ ଜନକେନ୍ଦ୍ରିକ କଲ୍ୟାଣ ଆଇନରୁ ଜାତିର ପିତାଙ୍କ ସମ୍ପର୍କକୁ ଲିଭାଇବାର ଏକ ପ୍ରୟାସ। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ସହ ଏଦିଗରେ ଗୁରୁତ୍ୱ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। କଟକ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବିଜୟ ଲକ୍ଷ୍ମୀ, ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, କଟକ ଜିଲା କଂଗ୍ରେସ ଅନୁସୂଚିତ ବିଭାଗ ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ଆଠଗଡ଼ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ, କଟକ ସଦର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, ଛାତ୍ର ନେତା ହରିଶଙ୍କର ରାଉତ, ତ୍ରିଲୋଚନ ମହାନ୍ତି, ନାରାୟଣ ଦ୍ୱିବେଦୀ, ଶିଶିର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫଟୋରେ ଖବର**


କଟକ ପୁରୁଣା ସେକ୍ରେଟାରିଆଟ୍‌ସ୍ଥିତ ହିନ୍ଦି ଶିକ୍ଷକ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।


କଟକ କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏସ୍‌ଏପି ଖେଳ ପଡ଼ିଆରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିର। (ଫଟୋ: ରାଜକିଶୋର ମହାନ୍ତି।

# ବିଦ୍ୟା ନମ୍ରତା, ଶୃଙ୍ଖଳାଜ୍ଞାନ ଶିଖାଏ

**ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)**


ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବିଦ୍ୟା ନମ୍ରତା, ଶୃଙ୍ଖଳା ଜ୍ଞାନ ଶିଖାଏ। ଏହା ଜଣେ ଛାତ୍ରର ଜୀବନକୁ ପରିପୃଷ୍ଟ କରିଥାଏ। ଚଳଚ୍ଚିତ୍ର ଜଗତର ଅଭିନେତାଙ୍କ ପରିବର୍ତ୍ତେ ବିବେକାନନ୍ଦ, ଶ୍ରୀଅରବିନ୍ଦ, ଭଗତସିଂଙ୍କୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବାକୁ ସନ୍ଥ ଅଞ୍ଜନେୟ ମହାରାଜ ଗିରି କହିଛନ୍ତି। ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୪ତମ ବାର୍ଷିକୋତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ମହାରାଜ ଗିରି ଯୋଗଦେଇ ଆହୁରି କହିଥିଲେ ଯେ, ମାନବିକତା, ପରୋପକାର, ମାନବ ସେବା ଜୀବନକୁ ସରସ ସୁନ୍ଦରଭାବେ ଗଢ଼ିତୋଳିଥାଏ। ଭାରତୀୟ ସଂସ୍କୃତି, ପରମ୍ପରାକୁ ପାଥେୟ କରି ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରିଥାଏ। ଛାତ୍ରୀଛାତ୍ରମାନେ ଗୁରୁଜନ, ମାତାପିତାଙ୍କ ଆଶୀର୍ବାଦ, ପ୍ରେରଣା ନେଇ ବଢ଼ିଲେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ।

ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ମନୋରଞ୍ଜନ ପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଭାରତୀୟ ସଂସ୍କୃତି, ବୈଦିକ ପରମ୍ପରା, ଭାରତୀୟ ଜ୍ଞାନ ଆଧାରିତ ଶିକ୍ଷା ପଦ୍ଧତି, ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ସମ୍ପର୍କରେ କହିଥିଲେ। ସେ କହିଲେ ଯେ, ପରମବୈଭବଶାଳୀ ରାଷ୍ଟ୍ର ନିର୍ମାଣ ପାଇଁ ଶତାବ୍ଦୀ ବର୍ଷରେ ସଂଘ ପଞ୍ଚ ପରିବର୍ତ୍ତନ ବାର୍ତ୍ତା ଦେଇଛି। ସାମାଜିକ ସମରସତା, ସ୍ୱଦେଶୀ, ସ୍ୱ ପ୍ରବନ୍ଧନ, ପ୍ରକୃତି ମାତାର ସୁରକ୍ଷା ଏବଂ ଭାରତ ନାଗରିକ ଦାୟିତ୍ୱ ସୂଚାରୁ ସମ୍ପନ୍ନ କଲେ ବିକଶିତ ଭାରତର ଲକ୍ଷ୍ୟ ସାଧନ ହେବ। ରାଷ୍ଟ୍ର ନିର୍ମାଣର ଏହି କାର୍ଯ୍ୟରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଦୌଡି ଟାଣିନେବା ଭଳି ଏହି ରାଷ୍ଟ୍ର ଯଜ୍ଞରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଶିକ୍ଷାବିତ୍ ମହାନ୍ତି କହିଥିଲେ ଯେ, ଦେଶରେ ନୈତିକ, ମୂଲ୍ୟବୋଧ, ଭାରତୀୟ ବିଚାର ଧାରାରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ବିଦ୍ୟାଭାରତୀର ନେତୃତ୍ୱରେ ୧୯୫୨ ମସିହାରେ ଭାରତବର୍ଷରେ ପ୍ରଥମେ ୟୁପି ଗୋରଖପୁରଠାରେ ପ୍ରଥମ ଶିଶୁ ମନ୍ଦିର ଆରମ୍ଭ ହୋଇଥିଲା। ଏବେ ସର୍ବଭାରତୀୟ ସ୍ତରରେ ୯ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଚାଲିଛି। ପରିଚାଳନା ସମିତି ସମ୍ପାଦକ ଆଇନଜୀବୀ ଅଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ଗିରିଜା କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ପ୍ରଧାନାଚାର୍ଯ୍ୟ ପ୍ରଭାକର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ସଙ୍କୁଳ ଅଧୀନ ସମସ୍ତ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ, ଏହି ଶିଶୁ ବିଦ୍ୟା ମନ୍ଦିର ବାହନ ଚାଳକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହିତ ଶିଶୁ ପ୍ରାରମ୍ଭ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ଏବଂ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧ ସଙ୍ଗୀତ, ଭଜନ ନୃତ୍ୟ, ପର୍ଯ୍ୟାବରଣ ସଂରକ୍ଷଣ, ମାଆ ପାଇଁ ଗଛଟିଏ ଆଦି ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନା କରିଥିବା ବେଳେ ପରିଚାଳନା ସମିତି ସଦସ୍ୟ, ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଘେରାଉ




**ଜଟଣୀ,୨୨।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ସୋମବାର ଜଟଣୀ ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ୩ଦଫା ସମ୍ବଳିତ ଏକ ଦାବିପତ୍ର ଏସ୍‌ଡିଓଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ୟୁଥ୍ ଫେଡେରେଶନ, ବଏଚ୍‌ପି ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ, ଜଟଣୀ ବାର୍ ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ, ଆଶ୍ରୟ, ପିପୁଲ ଫର ସୋସାଇଟି ଆଦି ଏକାଧିକ ସାମାଜିକ ସଙ୍ଗଠନ ସାମିଲ ହୋଇଥିଲେ। ଜଟଣୀ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଛୋଟରାୟ, ଅନନ୍ତ ଶତପଥୀ, କାଉନ୍‌ସିଲର ବିଷ୍ଣୁ ସାହୁ, ଅଧିବକ୍ତା ଶିବପ୍ରସାଦ ରଥ, ପ୍ରଶାନ୍ତ ବେହେରା, ରାମଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ରାୟ,ଇନ୍ଦ୍ରଜିତ ବଳିୟାରସିଂହ, ରଙ୍କ ମୁଦୁଲି, ଜୟ ଘଡ଼େଇ, ରମେଶ ଦାଶଙ୍କ ସମେତ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ସାମିଲ ହୋଇଥିଲେ।

# ୨୦ ଅଭିଯୋଗରୁ ୪ ସାମୂହିକ

**ଝାଁଳା,୨୨।୧୨(ବୁଲା ବାରିକ)**

ଜଟଣୀ ବ୍ଲକ ଝାଁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବସନ୍ତ କୁମାର ହାତୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୨୦ଟି ଅଭିଯୋଗ ହୋଇଥିଲା। ସେଥିରୁ ୪ଟି ଅଭିଯୋଗ ସାମୂହିକ ଥିବା ବେଳେ ଅବଶିଷ୍ଟ ୧୬ଟି ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଏବିଡିଓ ସୁଶିଲ କୁମାର ଦାଶ, ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା.ଜିତେନ୍ଦ୍ର କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଝାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମଙ୍ଗରାଜ ରାଉତ, ସିଡିପିଓ ସଞ୍ଜୁଲତା ନାୟକ, ସୁପରଭାଇଜର ସୁବାସିନୀ ଦାସଙ୍କ ସମେତ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ, କୃଷି, ଜିଲା ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନୱାଡି, ଆଶା, ଆର୍‌ଡବ୍ଲ୍ୟୁଏସଏସ୍ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ


ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଅନ୍ୟ ଅଧିକାରୀମାନେ।

**ବୋଲଗଡ଼,୨୨।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ କଲ୍ୟାଣମଣ୍ଡପ ଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଅମ୍ରିତ୍ ଋତୁରାଜ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ରାଉତରାୟ, ଡେପୁଟି କଲେକ୍ଟର ଭୁବନେଶ୍ୱରୀ କହଁର ପ୍ରମୁଖ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୭୩ଟି ବ୍ୟକ୍ତିଗତ ଏବଂ ୧୫ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା। ଆବାସ ଯୋଜନା, ରାଶନ କାର୍ଡ, ବିଭିନ୍ନ ଭତ୍ତା ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଜାଗା ଜବରଦଖଲ ଓ ପାନୀୟଜଳ ସମ୍ପର୍କିତ ସାମୂହିକ ଅଭିଯୋଗ ରହିଥିଲା। ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ଅଭିଯୋଗର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତର୍ଜମା କରିବା ପରେ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି, ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ସେହିପରି ପିଚୁକୁଳି ପଞ୍ଚାୟତସ୍ତରୀୟ ଅଭିଯୋଗ ସମାଧାନ ପାଇଁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନସୁଧା କୁଣ୍ଡୁ, ତହସିଲଦାର ବିଜୟ ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପଞ୍ଜୀକୃତ ହୋଇଥିବା ୧୬୯ଟି ଅଭିଯୋଗ ମଧ୍ୟରୁ ୫୧ଟିରେ ତତ୍କାଳ ସମାଧାନ କରାଯାଇଛି। ଅବଶିଷ୍ଟ ୧୧୮ଟି ଅଭିଯୋଗର ତଦନ୍ତ କରାଯାଇ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନା ପାଇଁ ଏବିଡିଓ ଡ.ରତିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ ଓ ତହସିଲ କର୍ମଚାରୀମାନେ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାସିଂହ, ସମବାୟ ସଭାପତି ପବିତ୍ର ମାଝି, ପିଇଓ ଯୋଗେନ୍ଦ୍ର ସାହୁ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଝାଁଳା,୨୨।୧୨(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡା ପଞ୍ଚାୟତ ଗଙ୍ଗେଶ୍ୱରଙ୍କ ମନ୍ଦିର ନିକଟରେ ରହୁଥିବା ଜଣେ ମହିଳାଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତା ହେଲେ ରୁବି ବିଶ୍ୱାଳ(୨୩)। ସୂଚନା ମୁତାବକ, ରୁବି ଓ ତାଙ୍କ ସ୍ୱାମୀ ଜିତେନ୍ଦ୍ରଙ୍କ ଗଙ୍ଗପଡ଼ା ଛକରେ ଏକ ଦୋକାନ ରହିଛି। ସବୁଦିନ ପରି ସୋମବାର ସକାଳୁ ଉଠି ଜିତେନ୍ଦ୍ର ଦୋକାନକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ଜିତେନ୍ଦ୍ର ଖାଇବା ପାଇଁ ଘରକୁ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ତେଣୁ ସେ ଘରକୁ ଆସି ଦେଖିବା ବେଳକୁ ରୁବି ପଙ୍ଖାରେ ଝୁଲୁଥିଲେ। ଏନେଇ ଜିତେନ୍ଦ୍ର ପଡୋଶୀଙ୍କୁ ଜଣାଇବା ସହ ଇନ୍‌ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ। ବାପଘର ଲୋକ ମଧ୍ୟ ଗଙ୍ଗପଡ଼ାରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଇଂଲିଶ୍ ଭାଷା ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଏକ ପାଞ୍ଚଦିନିଆ ଇଂଲିଶ୍ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଇଂଲିଶ ଭାଷା ପ୍ରଶିକ୍ଷକ ଭାବେ ପ୍ରାଣକୃଷ୍ଣ ମହାନ୍ତି, ଗଦାଧର ବେହୁରା, ଡା.ବସନ୍ତ କୁମାର ରଥ, ବିରଞ୍ଚି ନାରାୟଣ ରଥ ଯୋଗଦେଇଥିଲେ। ଖୋର୍ଦ୍ଧା ବ୍ଲକର ୫୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷାର୍ଥୀଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ କିଭଳି ବାସ୍ତବ ଜୀବନରେ ଇଂଲିଶ ଭାଷା ବ୍ୟବହାର କରିପାରିବେ, ଶ୍ରେଣୀଗୃହରେ ତା'ର କୌଶଳଗୁଡ଼ିକ ଅଭିନବ ଢଙ୍ଗରେ କିଭଳି ଉପଯୋଗ ହୋଇପାରିବ ସେ ସବୁର ଶିକ୍ଷାଦାନ ପ୍ରକ୍ରିୟା ତଥା ତତ୍ତ୍ୱଗୁଡ଼ିକ ଏହି ପ୍ରଶିକ୍ଷଣ ମାଧ୍ୟମରେ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଆଇଏଲ୍‌ଟିରେ ଯୁଗ୍ମ ନିର୍ଦ୍ଦେଶକ ଡା.ଅମ୍ରିତା ପ୍ରୀତିନନ୍ଦା, ଖୋର୍ଦ୍ଧା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ଧ୍ୟାବତୀ ଲେଙ୍କା ଏବଂ ଭରତ ଚନ୍ଦ୍ର ପ୍ରଧାନ ମାର୍ଗଦର୍ଶନ କରିଥିଲେ।

**ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

# କେରଙ୍ଗ ଏକାଦଶ ସେମିରେ

**ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)**



ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ୧୬ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଯଦୁମଣି ଆଥ୍‌ଲେଟିକ ଇଟାମାଟି ଏବଂ କେରଙ୍ଗ ଏକାଦଶ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେରଙ୍ଗ ଏକାଦଶର ୧୨ନମ୍ବର ଖେଳାଳି ମାନସ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳ ସଂଘର୍ଷପୂର୍ଣ୍ଣ ରହିଥିଲା। କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ୧-୦ ବ୍ୟବଧାନରେ କେରଙ୍ଗ ଏକାଦଶ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଜ୍ୟୋତିରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସଗିର ଅହେମ୍ମଦ ଓ ଗିରିଶ ଚନ୍ଦ୍ର ଜାନି ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ମକବୁଲ ଅହେମ୍ମଦ ରହିଥିଲେ। ଏହି ମ୍ୟାଚରେ ନାଳିପଡ଼ା ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିଲୁର ରହେମାନ, ନସିମୁଦ୍ଦିନ ଅହେମ୍ମଦ, ହାଜି ଇସମାଇଲ, ଜାପାନି ନାୟକଙ୍କ ସମେତ ସମସ୍ତ ଆୟୋଜକ କମିଟି ସଦସ୍ୟ, କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ମଙ୍ଗଳବାର ଆୟୋଜକ କମିଟି ଏବଂ ଗୋପାଳପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନ ସମ୍ପାଦକ ଏସ୍.କେ.ହୁଦା ସୂଚନା ଦେଇଛନ୍ତି।

# ଅଷ୍ଟାଦଶ ଗୀତା ମୈତ୍ରୀ ସମ୍ମିଳନୀ


ଅଷ୍ଟାଦଶ ଗୀତା ମୈତ୍ରୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ଟାଙ୍ଗୀ,୨୨।୧୨(ରଘୁନାଥ ସାହୁ)**

ଶ୍ରୀମଦ ଭଗବତ ଗୀତା ବିଦ୍ୟାଳୟର ଅଷ୍ଟାଦଶ ଗୀତା ମୈତ୍ରୀ ସମ୍ମିଳନୀ ଟାଙ୍ଗୀ ବ୍ଲକ ସ୍ଥିତ ମୁଳିଝରଗଡ଼ ମା'ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ସୁଶୀଲ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଶରତ କୁମାର ରାଉତରାୟ, ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରତିଷ୍ଠାତା ଗୀତସେବୀ ଗଦାଧର ମହାରଣା, ଉପଦେଷ୍ଟା ବ୍ରଜକିଶୋର ମହାନ୍ତି, ବିନୋଦ ସେନାପତି, ସମ୍ପାଦିକା ଗୀତାସେବୀ ମଧୁସ୍ମିତା ପ୍ରଧାନ, ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ, ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂ, ଅଧ୍ୟାପକ ସଞ୍ଜୀବ କୁମାର ପରିଡା, ସଂଗ୍ରାମ ନାୟକ, ସୁରେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଗୀତା ଚର୍ଚ୍ଚା ସହିତ ଗୀତା ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ଗୀତା ପ୍ରେମୀ ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜାଗା ଯୋଗାଇଦେବା ସହିତ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗୀତା ପାଠ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଅନୁମତି ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ବେଦପାଠ, ମନ୍ତ୍ର ଉଚ୍ଚାରଣ ଓ ପରେ ଓଡ଼ିଶୀ ନୃତ୍ୟ, ଗୀତା ମାହାତ୍ମ୍ୟ ଆଦି ଛାତ୍ରୀଛାତ୍ରମାନେ ଗାନ କରିଥିଲେ। ବିଭିନ୍ନ ସଙ୍ଗଠକ, ଗୀତାନୁରାଗୀ, ଖବରଦାତାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ପ୍ରତିଭାଙ୍କୁ ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପଣ୍ଡିତ ସଂଗ୍ରାମ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ବାଘମାରୀରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ବାଘମାରୀ,୨୨।୧୨(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ଜେନା, ତହସିଲଦାର ତାପସ କୁମାର ବିଶି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିନୋଦିନୀ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିତୀଶ ରଥ, ସହକାରୀ କୃଷି ଅଧିକାରୀ ଶୁଭ୍ରନ କୁମାର ରାଉଳ, ଉଦ୍ୟାନ କୃଷି ଅଧିକାରୀ ଇତିଶ୍ରୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୧୨୧ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ରହିଥିଲା। ପକ୍କାଘର ଓ ଖାଉଟି କାର୍ଡ ପାଇଁ ସର୍ବାଧିକ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ସବୁ ଯୋଜନାର ଷ୍ଟଲ ଖୋଲାଯାଇଥିଲା। ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିସଭ୍ୟା ନବନିତା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ଟୁଡୁ, ଏଡିଇଓ, ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡମେମ୍ବର ସହଯୋଗ କରିଥିଲେ।


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଜିଲା କଂଗ୍ରେସ କମିଟିର ବିକ୍ଷୋଭ, ଦାବିପତ୍ର

**ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)**



ସମବାୟ ଛକଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ରାଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ସମବାୟ ଛକଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ଶତାଧିକ କର୍ମୀ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନାମ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବା ଦାବିରେ ଏକ ପ୍ରତିନିଧିଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗାନ୍ଧିଜୀ ଶ୍ରମର ଗରିମା, ସାମାଜିକ ନ୍ୟାୟ ଓ ଗରିବମାନଙ୍କ ପ୍ରତି ରାଜ୍ୟର ନୈତିକ ଦାୟିତ୍ୱର ପ୍ରତୀକ ଥିଲେ। ଏହି ନାମ ପରିବର୍ତ୍ତନ ଗାନ୍ଧୀମୂଲ୍ୟ ପ୍ରତି ଅସ୍ୱୀକୃତିକୁ ପ୍ରତିବିମ୍ବିତ କରେ ଏବଂ ଜନକେନ୍ଦ୍ରିକ କଲ୍ୟାଣ ଆଇନରୁ ଜାତିର ପିତାଙ୍କ ସମ୍ପର୍କକୁ ଲିଭାଇବାର ଏକ ପ୍ରୟାସ କରାଯାଇଛି। ପ୍ରସ୍ତାବିତ ନୂଆ ବିଲ୍ ଏମ୍‌ଜିଏନ୍‌ଆର୍‌ଇଜିଏସ ଦ୍ୱାରା ଦିଆଯାଇଥିବା କାମର ଆଇନଗତ ଅଧିକାରକୁ ସମାପ୍ତ କରିବ। ଏହା ଆଇନଗତ ଅଧିକାରକୁ ହଟାଇ, କେନ୍ଦ୍ର ସରକାର ନିୟନ୍ତ୍ରିତ ଏକ ଯୋଜନାରେ ପରିଣତ କରୁଛନ୍ତି, ଯେଉଁଥିରେ କୌଣସି କାର୍ଯ୍ୟକାରୀ ରୋଜଗାର ଗ୍ୟାରେଣ୍ଟି ନାହିଁ, ସାର୍ବଜନୀନ ଆବର୍ତ୍ତନ ନାହିଁ ଏବଂ ଲୋକମାନେ ଆବଶ୍ୟକ ସମୟରେ କାମ ପାଇବେ ବୋଲି କୌଣସି ନିଶ୍ଚୟତା ନାହିଁ। ଜିଲା ସଭାପତି ପଟ୍ଟନାୟକ କହିଥିଲେ ଯେ, ଏହା ଏକ ରାଜନୈତିକ ଚକ୍ରାନ୍ତ। ଯାହାର ଉଦ୍ଦେଶ୍ୟ ଏକ ଐତିହାସିକ, ଅଧିକାର-ଆଧାରିତ ଜନକଲ୍ୟାଣ ଆଇନକୁ ଦୁର୍ବଳ କରିବା ଏବଂ ଭାରତର ସବୁଠାରୁ ଜନକଲ୍ୟାଣକାରୀ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ଓ ମୂଲ୍ୟବୋଧକୁ ହଟାଇବା ପାଇଁ ଷଡଯନ୍ତ୍ର କରାଯାଇଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ପ୍ରସଙ୍ଗ

କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭାରତର ଜନସାଧାରଣଙ୍କ ଭାବାବେଗ ପ୍ରତିଆଘାତ ପହଞ୍ଚାଇଛନ୍ତି। ହିତାଧିକାରୀଙ୍କ ଅଧିକାରଙ୍କୁ ସଙ୍କୁଚିତ କରିଛନ୍ତି। ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡ଼ା, ରଞ୍ଜିତ ମହାପାତ୍ର, ବେଣୁ ଭୋଇ, ଅଶୋକ ମଙ୍ଗରାଜ, ଅମିତ୍ ମହାନ୍ତି, ଶୈଳେନ୍ଦ୍ର ଦାସ, ଜୟନ୍ତ ଭୋଇ, ସଦାଶିବ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ତାପସ ମିଶ୍ର, ବଟକୃଷ୍ଣ ରାଉତରାୟ, ସୌମ୍ୟ ବରାଳ, ମନୱର ହୁସେନ, ସୌମ୍ୟ ପଟ୍ଟନାୟକ, ରମେଶ ପଟ୍ଟନାୟକ, ସଞ୍ଜୟ ସୁବୁଦ୍ଧି, ପ୍ରଦୋଷ ହରିଚନ୍ଦନ, ଜିତେନ୍ଦ୍ର ଚମ୍ପତି, ଶିବୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୨।୨୦୨୫

| | |
|---|---|
| ୬,୭୫,୭୧୨ ଟଙ୍କା | |
| ସୁନା | ୧.୫୫୦ ଗ୍ରାମ୍ |
| ରୁପା | ୮୮.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

ଗୋପ,୨୨।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ଚାଷୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଗୋପ ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ମୃତକ ଡଭାର ପଞ୍ଚାୟତ ଅଧୀନସ୍ଥ ଇଟାମାଟି ଗ୍ରାମର ଭୀମ ଗୁରୁ (୩୬)। ସୂଚନାଯୋଗ୍ୟ, ମୃତକ ଭୀମ ଗୁରୁ ଶନିବାର ଅପରାହ୍ନରେ କୋବି ଫସଲରେ ପାଣି ମଡ଼ାଇ ସନ୍ଧ୍ୟାରେ ଘରକୁ ଆସିଥିଲେ। କିଛି ସମୟ ପରେ ଭୀମଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ସଦସ୍ୟ ସଙ୍ଗେ ସଙ୍ଗେ ଗୋପ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାଷୀଜଣଙ୍କ ଚାଷକାର୍ଯ୍ୟ କରି ପରିବାର ପୋଷଣ କରୁଥିବା ବେଳେ ତାଙ୍କର ଦୁଇ କନ୍ୟା ସହିତ ଗୋଟିଏ ପୁତ୍ର ଥିବା ଜଣାପଡ଼ିଛି। ଚାଷୀଜଣକ ଅତ୍ୟନ୍ତ ଗରିବ ପରିବାରର ହୋଇଥିବା ବେଳେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଡଭାର ସରପଞ୍ଚ ଜଗବନ୍ଧୁ ବରାଳ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଗୋପ ପୋଲିସ ଅଭିଯୋଗ ପାଇବା ପରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

### ୧୧୬ ପରୀକ୍ଷାର୍ଥୀଙ୍କ ପାଇଁ ୧୦୬ଟି ପ୍ରଶ୍ନପତ୍ର

ଡେଲାଙ୍ଗ,୨୨।୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେବା ପାଇଁ ବେରବୋଇ ଉଚ୍ଚ ବିଦ୍ୟାଳୟ ଓ ରାଧାକାନ୍ତ ବିଦ୍ୟାପୀଠକୁ ମୋଟ ୨୨୫ ଛାତ୍ରୀଛାତ୍ର ମନୋନିତ ହୋଇଥିଲେ। ସେଥିମଧ୍ୟରୁ ବେରବୋଇକୁ ୧୧୬ଜଣ ପରୀକ୍ଷା ଦେବା ପାଇଁ ଆସିଥିଲେ। ସକାଳ ୯ଟା ୩୦ରେ ପିଲାମାନେ ବିଦ୍ୟାଳୟ ଫାଟକ ଭିତରକୁ ପ୍ରବେଶପତ୍ର ଧରି ପରୀକ୍ଷା କେନ୍ଦ୍ରକୁ ଯିବାପରେ ଅଭିଭାବକମାନେ ବାହାରେ ପିଲାଙ୍କୁ ଅପେକ୍ଷା କରିଥିଲେ। ପରେ ପରୀକ୍ଷା ଆରମ୍ଭ ଘଣ୍ଟି ୧୦ଟା ପରିବର୍ତ୍ତେ ୧୧ଟାରେ ବାଜିବାରୁ ଅଭିଭାବକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଏନେଇ ପଚରାଉଚରା କରିବାରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଆବଶ୍ୟକତା ଠାରୁ କମ୍ ଥିବା ଅଭିଭାବକମାନେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଖବର ପ୍ରସାରିତ ହେବା ପରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ କହିଛନ୍ତି, ୧୧୬ ପିଲାଙ୍କ ନିମନ୍ତେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୧୨୭ଟି ପ୍ରଶ୍ନପତ୍ର ଆସିଥିବା ପ୍ୟାକେଟରେ ଲେଖାଥିଲେ ମଧ୍ୟ ସେଥିରୁ ୧୦୬ଟି ପ୍ରଶ୍ନପତ୍ର ବାହାରିଥିଲା। ୧୦ଟି ପ୍ରଶ୍ନପତ୍ର କମ୍ ଥିବାରୁ ପରୀକ୍ଷା ଆରମ୍ଭ ହେବାରେ ୧ ଘଣ୍ଟା ବିଳମ୍ବ ଘଟିଥିଲା ବୋଲି ସେ କହିଥିଲେ। ଆଉ ୧୦ଟି ପ୍ରଶ୍ନପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିବା ପରେ ପରୀକ୍ଷା ଆରମ୍ଭ ହୋଇଥିଲା ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ଏଭଳି ଘଟଣା ଘଟାଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ନୋଡାଲ୍ ସଚିବ

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)



ଜିଲା ନୋଡାଲ ସଚିବ ବିଶାଳ କୁମାର ଦେବ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରୁଛନ୍ତି ।

ପୁରୀ ଜିଲା ଦାୟିତ୍ୱରେ ଥିବା ଇଲେକ୍ଟ୍ରୋନିକ୍ସ, ସୂଚନା ଓ ବୈଷୟିକ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ତଥା ଜିଲା ନୋଡାଲ ସଚିବ ବିଶାଳ କୁମାର ଦେବ ରବିବାର ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଜିଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ସହ ସେମାନଙ୍କ ବିକାଶ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥାନ୍ତି। ଯୋଗ୍ୟତା ଅନୁସାରେ ହିତାଧିକାରୀଙ୍କୁ ସାମିଲ କରି ତାହାର ସୁଫଳ ଯୋଗାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ନୋଡାଲ ସଚିବ ଦେବ କହିଛନ୍ତି। ଯେକୌଣସି ଯୋଜନା ଓ ପ୍ରକଳ୍ପର ପ୍ରକୃତ ଲକ୍ଷ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା, ଯାହା ଅର୍ଥ ଆସୁଛି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ୍ କରି ନିର୍ଦ୍ଦିଷ୍ଟ ସମୟ ସୀମାରେ ଶେଷ କରିବା, ସ୍ୱଚ୍ଛତା ଅବଲମ୍ବନ କରି ସଫଳତା ହାସଲ କରିବା ସହ ଅଭିଯୋଗଗୁଡିକର ତ୍ୱରିତ ସମାଧାନ ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପାନୀୟ ଜଳ, ପାଇପ ଜଳଯୋଗାଣ ଓ ପରିମଳ, ସେତୁ ବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ସ୍କୁଲ, ଶିଳ୍ପ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଶିଶୁ ବିକାଶ ଯୋଜନା, ଜନଜାତି ଆବାସିକ ଯୋଜନା, ସ୍ୱତନ୍ତ୍ର ଯୁବ ଉଦ୍ୟୋଗୀ ଯୋଜନା, ଅମୃତ ପ୍ରୋଜେକ୍ଟ ୨.୦, ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧୁବାବୁ ପେନ୍‌ସନ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, କୃଷି, ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା, ଗ୍ରାମ୍ୟ ଶିଳ୍ପ ପାର୍କ, ମତ୍ସ୍ୟ, ପଶୁ ସମ୍ପଦ, ବନ୍ଦର ଯୋଜନା ଓ ଅଭିଯୋଗର ଶୁଣାଣି ଓ ସମାଧାନ ସମ୍ପର୍କରେ ସମୀକ୍ଷା କରିବା ସହ ସେଥିରେ ଅଗ୍ରଗତି, କୌଣସି ସମସ୍ୟା ଓ କ୍ଷେତ୍ର ସ୍ଥଳର ଅନୁଭବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୀକ୍ଷାରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡ. ଅକ୍ଷୟ କୁମାର ଶତପଥୀ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦେବୀ ମୁହାଣରେ ଫସିଲା ଟ୍ରଲର୍



ସମୁଦ୍ରରେ ଫସିଥିବା ଟ୍ରଲର ।

କାକଟପୁର/ଅସ୍ତରଙ୍ଗ,୨୨।୧୨ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଦେବୀ ମୁହାଣରେ ରବିବାର ସନ୍ଧ୍ୟାରେ ମାଛଧରା ଟ୍ରଲର୍ ଫସିଥିବା ଜଣାଯାଇଛି। ମା' କାଳୀ ନାମକ ଏକ ମାଛଧରା ଟ୍ରଲର୍ ସମୁଦ୍ର ଭିତରୁ କୂଳକୁ ଅଥବା ନୂଆଗଡ଼ ଜେଟି ନିକଟକୁ ଫେରୁଥିବା ବେଳେ ସମୁଦ୍ର ଉଚ୍ଚ ଲହଡ଼ି ସମେତ ବାଲି ଲାଗିବାରୁ ହଠାତ୍ ଅଟକି ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଟ୍ରଲର୍‌ଟି ଇନ୍ଦ୍ରମଣି ବିଶ୍ୱାଳଙ୍କର ବୋଲି ସୂଚନା ମିଳିଛି। ଏହି ଟ୍ରଲରରେ ମୋଟ ଚାଳକଙ୍କ ସମେତ ୬ଜଣ କ୍ରିଉ ମେମ୍ବର ଥିବା ଜଣାଯାଇଛି। ଖବରପାଇ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପୋଲିସ ଓ ମତ୍ସ୍ୟବିଭାଗ ମିତ୍ର ପହଞ୍ଚି ମା'କାଳୀ ଟ୍ରଲର୍‌ରୁ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛନ୍ତି। କିନ୍ତୁ ଟ୍ରଲର୍ ଢେଉ ମାଡ଼ରେ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଉଦ୍ଧାର କ୍ରିଉ ମେମ୍ବର ଶଙ୍କର କହିଛନ୍ତି, ଜାଲ ହଠାତ୍ ଗୁରାଇ ହୋଇ ଫ୍ୟାନ୍ ଲାଗିଯିବା ସହ ସମୁଦ୍ର ଉଚ୍ଚ ଲହଡ଼ି ମାଡ଼ରେ ବୋଟକୁ ସମ୍ପୂର୍ଣ୍ଣ ଫଟାଇ ଦେଇଥିଲା।

### ସମୁଦ୍ରରୁ ମାଛଧରି ଫେରୁଥିଲେ ୬ ମତ୍ସ୍ୟଜୀବୀ

ଖବର ମୁତାବକ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଜେଟିର ଅନତି ଦୂରରେ ସମୁଦ୍ର ମଧ୍ୟରେ ପ୍ରଚୁର ମାଛ ଶୀତଦିନରେ ହେଉଥିବାରୁ ଟ୍ରଲର୍‌ଙ୍କ ଭିଡ଼ ସମୁଦ୍ରରେ ଦେଖିବାକୁ ମିଳୁଛି। ମାଛଧରା ଟ୍ରଲର୍ ମୁହାଣରେ ବିନା କୌଣସି ଅସୁବିଧାରେ ପହଞ୍ଚିବା ପାଇଁ କେନ୍ଦ୍ର ସରକାର ନିୟମ କରୁଥିବା ବେଳେ ଏହାସହ ବିପୁଳ ପରିମାଣ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିରେ କିଛି ସୁଫଳ ମିଳିପାରୁ ନାହିଁ। ସରକାରୀ ଅଧିକାରୀ ଓ ଟେକ୍ନିକାଲ ବିଭାଗ ସମନ୍ୱୟ ଅଭାବରୁ ଦେବୀ ମୁହାଣ ଖୋଲା ହୋଇପାରୁ ନାହିଁ। ଫଳରେ ମୁହାଣରେ ବାରମ୍ବାର ମାଛଧରା ଟ୍ରଲର ଫସିଯାଉଛି। ଗତ କିଛିବର୍ଷ ହେବ ଦେବୀ ମୁହାଣ ଖୋଲିବା ପାଇଁ ଦାବି ହେଉଥିବା ବେଳେ ପ୍ରଶାସନର ଖାମଖିଆଲ ଯୋଗୁ ମତ୍ସ୍ୟଜୀବୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ସଚେତନ ରହିଲେ ସାଇବର ଠକେଇକୁ ପ୍ରତିହତ କରିହେବ





କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୨୨।୧୨(ବିଚିତ୍ରାନନ୍ଦ ସାହୁ)

ଆଜିର ଦିନରେ ସାଇବର ଠକେଇ ଅପରାଧ କ୍ରମଶଃ ବୃଦ୍ଧିପାଇବାରେ ଲାଗିଛି, ବହୁ ଲୋକ ଏହି ସାଇବର ଠକେଇର ଶିକାର ହୋଇ ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ଏହି ସାଇବର ଠକେଇକୁ କେବଳ ସଚେତନତା ଓ ସତର୍କତା ଦ୍ୱାରା ପ୍ରତିହତ କରାଯାଇପାରିବ ବୋଲି ନିମାପଡ଼ା ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ କର୍ମଶାଳାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ନିମାପଡ଼ା ବ୍ଲକ ମହିଳା ଶିଶୁବିକାଶ ବିଭାଗ ତରଫରୁ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅଧୀନରେ ସାଇବର ସୁରକ୍ଷା ଓ ସତର୍କତା ସଚେତନତା ଶୀର୍ଷକ କର୍ମଶାଳା ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ସିଡିପିଓ ମାଧବୀ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ର, ପୋଲିସ ଇନ୍ସପେକ୍ଟର ରୀତା ବେହେରା, ଆଇନଜୀବୀ ଲକ୍ଷ୍ମୀପ୍ରିୟା ନାୟକ, ନିମାପଡ଼ା କଲେଜର ଅଧ୍ୟାପକ ସନ୍ଦୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସାଇବର ଅପରାଧର ସଂଜ୍ଞା, କିଭଳି ପ୍ରକାର ଠକେଇ ଓ ତା'ର ନିରାକରଣ, କିଭଳି ଭାବେ ଏହି ଠକେଇକୁ ରୋକାଯାଇପାରିବ। କୌଣସି ଅଜଣା ଲୋକଙ୍କ ଫୋନ୍ କଲ ନ ଉଠେଇବା, ଅଜଣା ଲୋକଙ୍କୁ ନିଜର ଓଟିପି ନ ଦେବା କିମ୍ବା ଅଜଣା ଲିଙ୍କ୍‌କୁ କ୍ଲିକ ନ କରିବା ଅନ୍‌ଲାଇନ ପୋଷ୍ଟକୁ ବିଶ୍ୱାସ ନ କରିବା, ସାଇବର ସୁରକ୍ଷା ପ୍ରତି ଯତ୍ନବାନ ହେବା, ସାଇବର ଠକେଇର ଶିକାର ହେଲେ ଏ ସମ୍ପର୍କରେ ପୋଲିସକୁ ଅବଗତ କରିବା ଓ ୧୯୩୦ ନଂକୁ ତୁରନ୍ତ ଫୋନ କରିବା, ଏହି ଠକେଇ ଦିଗରେ ସତର୍କ ଓ ସଚେତନ ରହିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ଆୟୋଜିତ ଡିବେଟ୍, ଚିତ୍ରାଙ୍କନ, ରଚନା, ଆଦି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୬ କୃତୀ ଛାତ୍ରୀଛାତ୍ର ମଧ୍ୟରୁ ମୁଖ୍ୟମନ୍ତ୍ରୀ କନ୍ୟାରତ୍ନ ଯୋଜନାରେ ୪ଜଣ ଶିଶୁକନ୍ୟା ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ. ମହିଳା ଓ ଶିଶୁ ବିକାଶ ବିଭାଗ ର ସୁପରଭାଇଜର ନମିତା ନନ୍ଦ, ମିନାକ୍ଷୀ ମଲ୍ଲିକ, ବନଲତା ନନ୍ଦ, ଗୀତାଗୌତମୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଷାଣମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋଣାର୍କ,୨୨।୧୨(ଜ୍ୟୋତିରାଜ ମହାନ୍ତି)

ସମଗ୍ର ଶିକ୍ଷା, ପୁରୀ ଆନୁକୂଲ୍ୟରେ କୋଣାର୍କ ନିକଟସ୍ଥ ଭୈରବ ନୋଡାଲ୍ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ସିମିଳି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ନିମନ୍ତେ ବାର୍ଷିକ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି। କ୍ଲଷ୍ଟରର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ୧୨ଟି ପ୍ରାଥମିକ ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗଦେଇ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ସୋପାନ ଏବଂ ବହୁଶ୍ରେଣୀ ପରିଚାଳନା ସମ୍ପର୍କିତ ପାଠ୍ୟଟୀକା ପ୍ରସ୍ତୁତି ଓ ଉପସ୍ଥାପନା ପ୍ରସଙ୍ଗରେ ବିଶଦ ଆଲୋଚନା କରିଥିଲେ। ସିମିଳି ପିୟୁପିଏସର ପ୍ରଧାନଶିକ୍ଷକ କାଳନ୍ଦୀ ଚରଣ ଜେନା, ସହକାରୀ ଶିକ୍ଷକ ନିରଞ୍ଜନ ସାସମଲ ଓ ଜଗତ ଜୀବନ ଲେଙ୍କା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପୁରୀ ବଳିଆପଣ୍ଡାସ୍ଥିତ ରାଜଯୋଗ ସାଧନା କେନ୍ଦ୍ରର ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ସାଧନା କେନ୍ଦ୍ରର ଓମ୍‌ଶାନ୍ତି ଅଡିଟୋରିୟମ୍‌ରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀ ସେଣ୍ଟ ପିଟର୍ସବର୍ଗ ଋଷିଆ ଶାଖାର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷ ଦିଦି କହିଥିଲେ ଯେ, କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ଆତ୍ମ ସ୍ମୃତିରେ ସ୍ଥିତ ହୋଇ କାର୍ଯ୍ୟ ସମ୍ପାଦନ କଲେ ସେ କର୍ମ ବିକର୍ମ ହୁଏନାହିଁ। ମାନବ ଆତ୍ମାର ତୃତୀୟ ନେତ୍ର ବା ବୁଦ୍ଧି ନେତ୍ର ଖୋଲିବାରେ ଈଶ୍ୱରୀୟ ଜ୍ଞାନ ପ୍ରମୁଖ ଭୂମିକା ଗ୍ରହଣ କରେ। ଆଧ୍ୟାତ୍ମିକତା ଓ ଦୈବୀ ସଂସ୍କୃତି ପ୍ରତି ତାଙ୍କର ରୁଚି ବଢ଼ି ବଢ଼ି ଚାଲିଛି, ଯାହା ସମସ୍ତଙ୍କ ପାଇଁ ଅନୁକରଣୀୟ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଭାଇସ୍ ଚାନ୍ସେଲର୍ ପ୍ରଫେସର ହରିହର ହୋତା କହିଥିଲେ, ଆତ୍ମା ଏକ ଷଡ଼ତାତ୍ତ୍ୱିକ ଅଜର ଅମର ଅବିନାଶୀ ଚୈତନ୍ୟ ସତ୍ତା। ତାକୁ ସଶକ୍ତ କରିବା ପାଇଁ ପରମାତ୍ମା ପରମେଶ୍ୱରଙ୍କ ସହ ସମର୍ପଣ ଭାବର ସ୍ମୃତି ଦରକାର, ଯାହା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଦର୍ଶନ ଶିକ୍ଷା ଦିଏ। ସମ୍ମାନିତ ଅତିଥି ଭାବେ ପୁରୀ ଭାଗବତ ଆଶ୍ରମର ଅଧ୍ୟକ୍ଷ ବାବା ବ୍ରଜବନ୍ଧୁ ଦାସ ମହାରାଜ କହିଥିଲେ, ଅନେକ ଜନ୍ମର ତପସ୍ୟା ବଳରେ ଆମକୁ ମାନବ ଶରୀର ପ୍ରାପ୍ତ ହୋଇଛି। ଆଲୋଚନାଚକ୍ରରେ ବ୍ରହ୍ମାକୁମାର ଡ. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ।

# ଅଲ୍ ଇଣ୍ଡିଆ ମୂଳନିବାସୀ ମହାସଂଘ ପକ୍ଷରୁ ଜଳସମ୍ପଦ କାର୍ଯ୍ୟାଳୟ ଘେରାଉ

ପିପିଲି,୨୨।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

କେନାଲ ଭିତରେ ମାଟି ପୋତି ଜୋର୍‌ଜବରଦସ୍ତ ଅସ୍ଥାୟୀ ପୋଲ ନିର୍ମାଣ କରି ନଦୀରୁ ବେଆଇନ ଭାବେ କୋଟି କୋଟି ଟଙ୍କାର ବାଲି ଚାଲାଣକୁ ବିରୋଧ କରିବାକୁ ବିରୋଧ କରି ଆଜି ପିପିଲି ଜଳସମ୍ପଦ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଅଲ ଇଣ୍ଡିଆ ମୂଳ ନିବାସୀ ମହାସଂଘ ପକ୍ଷରୁ ଦୁଇ ଦଫା ଦାବି ନେଇ ଏହି ଘେରାଉ କରାଯାଇଥିଲା। ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ପିପିଲି ହାଟଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଜଳସମ୍ପଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରତିବାଦ ସଭା କରିଥିଲେ। ପିପିଲି ଲକ୍ଷ୍ମୀନାରାୟଣପୁରଠାରେ ଜଳସମ୍ପଦ ବିଭାଗ କେନାଲ ଉପରେ ଜଣେ ବ୍ୟକ୍ତି ବେଆଇନ ଭାବେ ପୋଲ ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ସହ ବେଆଇନ ବାଲିଚାଲାଣ କରୁଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସବୁ ଜାଣିଶୁଣି ଚୁପ୍ ବସିଥିବା ମହାସଂଘ ଅଭିଯୋଗ କରିଛି। ତୁରନ୍ତ ଜନୈକ ବ୍ୟକ୍ତିଙ୍କ ଉପରେ ପ୍ରଶାସନର ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ସଂଗଠନ ଦାବି କରିଛି। ବାର୍ଦ୍ଧକ୍ୟ ଭତ୍ତାରେ ଅନିୟମିତତା କରିଥିବା ତତ୍କାଳୀନ ବିଏଲ୍‌ଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମହାସଂଘ ଦାବି କରିଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀ ଏବଂ ଜନୈକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଭିଜିଲାନ୍ସ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ୨ଦଫା ଦାବିପତ୍ର ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଦାବିପୂରଣ ନ ହୁଏ ତେବେ ଭୁବନେଶ୍ୱର ବିଭାଗୀୟ ଚିଫ୍ ଇଞ୍ଜିନିଅରଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।

# ଖବରଦାତା ସମାଜର ଜାଗ୍ରତ ପ୍ରହରୀ

### ଚାରିଛକ ପ୍ରେସ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ

ଚାରିଛକ,୨୨।୧୨(ଶିଶିର କୁମାର ସ୍ୱାଇଁ)





ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ କ୍ଲବର ସଦସ୍ୟମାନେ ।

ଚାରିଛକ ସ୍ଥିତ ମା' ବିଳାଶୁଣି କଲ୍ୟାଣ ମଣ୍ଡପରେ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ୍ ୟୁନିଅନ ଜର୍ନାଲିଷ୍ଟସ ଓଡ଼ିଶାର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ଶ୍ରୀସନ୍ନ୍ୟାସୀ ଜି ଓ ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏମ୍‌ପିଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଆଇଆର୍‌ଏସ ଚନ୍ଦ୍ରକାନ୍ତ ଦଳାଇ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ, ଛଣିଜଙ୍ଗ ସରପଞ୍ଚ ଅଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାରିଛକ ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ ମଞ୍ଚ ପରିଚାଳନା ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ସନାତନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକମାନେ ନିଷ୍ଠା ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ସହିତ ନିଜ ଅଞ୍ଚଳର ପ୍ରତି ଗ୍ରାମରେ ପହଞ୍ଚି ନିରୀହ ଗରିବଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବାପାଇଁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରେସ କ୍ଲବର 'ଲେଖନୀ' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବ ପୂର୍ବରୁ ଓମ୍ ହସ୍ପିଟାଲର ସହଯୋଗକ୍ରମେ ନିରାଶ୍ରୟ ସେବାଶ୍ରମ ଓ ଚାରିଛକ ପ୍ରେସ କ୍ଲବ ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

ଶେଷରେ ନୃତ୍ୟ, ସଙ୍ଗୀତ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ଓ ବରିଷ୍ଠ ନାଗରିକ, ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥିଙ୍କୁ ସମ୍ମାନିତ କରଯାଇଥିଲା। ଏହି ପଞ୍ଚମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଚାରିଛକ ପ୍ରେସ କ୍ଲବର ଉପଦେଷ୍ଟା କାହ୍ନୁଚରଣ ବେହେରା, କୃଷ୍ଣଚନ୍ଦ୍ର ରାଉତ, ବନବିହାରୀ ଦାଶ, ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ, ସହ ସମ୍ପାଦକ ସନ୍ତୋଷ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ବିଜୟ କୁମାର ବେହେରା, ବସନ୍ତ କୁମାର ମଲ୍ଲ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ରାଜେଶ କୁମାର ଲେଙ୍କା, କୈଳାସ ଚନ୍ଦ୍ର ପାତ୍ର, ରଞ୍ଜିତ କାଣ୍ଡି, ବିନୋଦ ପ୍ରଧାନ, ଶଶିକାନ୍ତ ତ୍ରିପାଠୀ, ପ୍ରତାପ କୁମାର ମଲ୍ଲିକ, ଆଇନଜୀବୀ ସରିତାଞ୍ଜଳି ନାୟକ ଓ ଖବରଦାତା ବସନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନକୁ ବିରୋଧ କରି ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।



ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନ ପ୍ରତିବାଦରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ସୋମବାର ଗାନ୍ଧୀ ସ୍ମୃତିପୀଠରେ ନୀରବ ପ୍ରାର୍ଥନା କରାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଷ୍ଟାଇପେଣ୍ଡ ଦାବିରେ ଅହୋରାତ୍ର ଧାରଣାରେ ଓୟୁଏଟି ଛାତ୍ରୀଛାତ୍ର

ଭୁବନେଶ୍ୱର,୨୨।୧୨ (ସୁଚିସ୍ମିତା ସାହୁ)

'କୃଷି ବିନା ଦେଶ ନାହିଁ, ଗବେଷଣା ପାଇଁ ପ୍ରୋତ୍ସାହନ କାହିଁ?', 'କୃଷି ଉନ୍ନତି ଆମ ହାତରେ, ଆମ ଉନ୍ନତି କାହା ହାତରେ' ଭଳି ବିଭିନ୍ନ ସ୍ଲୋଗାନ୍ ଦେଇ ହାତରେ ପ୍ଲାକାର୍ଡ ଧରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଛାତ୍ରୀଛାତ୍ର ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୀତ କାକରକୁ ଖାତିର ନ କରି ସେମାନେ ଅହୋରାତ୍ର ଧାରଣା ଦେଇଛନ୍ତି। ଷ୍ଟାଇପେଣ୍ଡ ପ୍ରଦାନ ସହ ଆଉ କେତେକ ଦାବି ମଧ୍ୟ ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବା ଲିଖିତ ପ୍ରତିଶ୍ରୁତି ବିନା ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପ୍ରବଳ ଥଣ୍ଡାରେ ବସି ରହିଥିଲେ। ଆନ୍ଦୋଳନକାରୀ ଛାତ୍ରୀଛାତ୍ର କହିଛନ୍ତି, କୃଷି ଓ ଗବେଷଣାର ବିକାଶ ପାଇଁ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ତେଲଙ୍ଗାନାରେ ସର୍ବାଧିକ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଆସାମ, ବିହାର, ଆନ୍ଧ୍ରପ୍ରଦେଶ ପରି ବହୁ ରାଜ୍ୟରେ ପିଲାଙ୍କୁ ଛାତ୍ରବୃତ୍ତି ମିଳୁଛି। ରାଜ୍ୟ ବାହାରୁ ପଢୁଥିବା ଛାତ୍ରୀଛାତ୍ର ବହୁ ଅଧିକ ସ୍କଲାରସିପ୍ ପାଉଥିବାବେଳେ ଓଡ଼ିଶାର ପିଲାମାନେ ସମସ୍ତ ପ୍ରକାର ବୃତ୍ତିରୁ ବଞ୍ଚିତ ହେଉଛନ୍ତି। ଓୟୁଏଟିରେ କେବଳ ୩ ଜଣ ପିଲାଙ୍କୁ ଛାଡିଦେଲେ ଅନ୍ୟ କୌଣସି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ମିଳୁନାହିଁ। ଫଳରେ ସେମାନେ ବହୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଉଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟରେ କରୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବୃତ୍ତିପ୍ରଦାନ ସହ ଏହାର ରାଶି ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ନିବେଦନ କରିଛନ୍ତି।



ଓୟୁଏଟି ପରିସରରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ଶିଶୁକନ୍ୟାଙ୍କୁ ଖଟାଇ ନିର୍ଯାତନା

ଭୁବନେଶ୍ୱର,୨୨।୧୨ (ସତ୍ୟଜିତ ରାଉତ)

**ଉଦ୍ଧାର କଲା ଚିଲିଡ୍ ଟିମ୍**

ବାଲିଅନ୍ତା ଥାନା ଅଞ୍ଚଳରେ ଜଣେ ଶିଶୁ କନ୍ୟାଙ୍କୁ ଘରୋଇ ସହାୟିକା ଭାବେ ଖଟାଇ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ରୁଚିକା ସମାଜ ମଙ୍ଗଳ ସଂଗଠନର ଆକ୍‌ସେସ୍ ଟୁ ଜଷ୍ଟିସ୍ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପର କର୍ମକର୍ତ୍ତା ଓ ପୋଲିସ ମିଳିତ ଭାବେ ସୋମବାର ବାଲିଅନ୍ତା ଥାନା ବ୍ରାହ୍ମଣ ଷଡ଼ଙ୍ଗୀ ଦେଉଳା ଗାଁର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରୁ ୧୩ ବର୍ଷୀୟା ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁକନ୍ୟାଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ପିଲାବେଳେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଯିବାରୁ ମା' ଅନ୍ୟଜଣଙ୍କୁ ବିବାହ କରିଥିଲେ। ହେଲେ ସାବତ ବାପା ପୀଡ଼ିତାଙ୍କୁ ଆଉ ଭଲ ପାଉଥିଲେ ନାହିଁ। ଜଣେ ଶିକ୍ଷୟିତ୍ରୀ ଘରୋଇ ସହାୟିକା ଭାବେ କାମ କରିବାକୁ ମାସିକ ୩ ହଜାର ଟଙ୍କା ଚୁକ୍ତିରେ ନିଜ କଟକସ୍ଥିତ ଘରକୁ ତାଙ୍କୁ ନେଇଆସିଥିଲେ। ଆଠଗଡ଼ରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିବା ବେଳେ ମହିଳାଙ୍କ ସ୍ୱାମୀ ମଧ୍ୟ ଜଣେ ଓକିଲ। ଝିଅଟି ଖୁବ୍ ଛୋଟ ହୋଇଥିବା ସମୟରୁ ତାଙ୍କୁ ନେଇ ଆସି କାମରେ ନିଯୁକ୍ତି କରିଥିବାରୁ ସେ ନିଜର ପରିଚୟ ବି ଭୁଲି ଯାଇଛନ୍ତି। ପ୍ରାୟ ମାସେ ତଳେ ଶିକ୍ଷୟିତ୍ରୀ ଜଣକ ବାଲିଅନ୍ତା ଅଞ୍ଚଳର ବାପଘରକୁ ପୀଡ଼ିତାଙ୍କୁ ପଠାଇଥିଲେ। ଏଠାରେ କାମରେ ଟିକେ ଅବହେଳା ହେବାରୁ ଶିକ୍ଷୟିତ୍ରୀଙ୍କ ବାପା ତାଙ୍କୁ ଖୁବ୍ ମାଡ଼ ମାରନ୍ତି ବୋଲି ଶିଶୁକନ୍ୟା ଜଣକ ଜଣାଇଛନ୍ତି। ଉଦ୍ଧାର ଶିଶୁକନ୍ୟାଙ୍କୁ ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ପୀଡ଼ିତାଙ୍କୁ ଓପନ ସେଲ୍ଟରରେ ରଖାଯାଇ କାଉନସେଲିଂ କରାଯାଉଛି ବୋଲି ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି କହିଛନ୍ତି। ମଙ୍ଗଳବାର ଏନେଇ ବାଲିଅନ୍ତା ଥାନାରେ ଏତଲା ଦିଆଯିବ ବୋଲି ରୁଚିକା ପକ୍ଷରୁ କୁହାଯାଇଛି।

# ଦାଦାବଟି ପାଇଁ ଆକ୍ରମଣ, ୨ ଗିରଫ

ବାରଙ୍ଗ,୨୨।୧୨(ଲିଙ୍ଗରାଜ ରାଉତ)

ଜଣେ ଯୁବକଙ୍କୁ ଦାଦାବଟି ମାଗି ଆକ୍ରମଣ କରିବା ଅଭିଯୋଗ ହୋଇଛି। ଚନ୍ଦକା ଥାନା ଅଧୀନ ଦାସପୁର ଗ୍ରାମରେ ଏହି ଘଟଣା ଘଟିଛି। ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥପ୍ରସାଦର ଆଶିଷ ପ୍ରଧାନ (୨୮) ଓ ଦାସପୁରର ରାକେଶ ସାହୁ (୨୪)। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୫୮୯/୨୫) ରୁଜୁ କରିଛି।

ଡିସେମ୍ବର ୧୨ ତାରିଖ ରାତିରେ ଦାସପୁରରେ ଭଡ଼ାଘରେ ରହୁଥିବା ତାପସ ପ୍ରଧାନ ପାଖରେ ଥିବା ଏକ ହୋଟେଲକୁ ଖାଇବା ଆଣିବାକୁ ଯାଉଥିଲେ। ଏହି ସମୟରେ ଆଶିଷ ଓ ରାକେଶ ସେଠାରେ ପହଞ୍ଚି ତାଙ୍କୁ ଜବରଦସ୍ତ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାପରେ ତାପସ ଚୁପ୍‌ଚାପ୍ ଉଭୟଙ୍କୁ କ୍ଷମା ମାଗି ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ଆଶିଷ ଏବଂ ରାକେଶ ଏକ ମାରଣାସ୍ତ୍ର ଧରି ତାପସଙ୍କ ପିଛା କରିଥିଲେ। ତାପସ ଘର ଭିତରକୁ ପଶି ଯାଇ ଗେଟ୍ ଦେଇଥିଲେ। ହେଲେ ଉଭୟ ଅଭିଯୁକ୍ତ ଗେଟ୍ ଭାଙ୍ଗି ଘର ଭିତରେ ପଶି ଗାଳିଗୁଲଜ କରିବା ସହିତ ଦାଦାବଟି ଦେବା ଲାଗି କହିଥିଲେ। ଏହା ଶୁଣି ତାପସ ଏବଂ ତାଙ୍କ ଭାଇ ରାକେଶ ପ୍ରଧାନ ଘର ବାହାରକୁ ଆସି ଉଭୟଙ୍କୁ ବିରୋଧ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଗାଳିଗୁଲଜ ଏବଂ ମାର୍‌ପିଟ୍ ହୋଇଥିଲା। ଫଳରେ ସମସ୍ତେ ଆହତ ହୋଇଥିଲେ। ଏନେଇ ତାପସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଉଭୟଙ୍କୁ ଗିରଫ କରିଛି।



ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ପକ୍ଷରୁ ଶନିବାର ଅନୁଷ୍ଠିତ କଳାକୁଞ୍ଜ ଫେଷ୍ଟିଭାଲରେ ସମ୍ମାନିତ ଗୁରୁଙ୍କ ସହ ଅନ୍ୟମାନେ।

# ମନ ଜିଣିଲା କଳାକୁଞ୍ଜ ଫେଷ୍ଟିଭାଲ୍

ଭୁବନେଶ୍ୱର,୨୨।୧୨ (ସୌମ୍ୟରଞ୍ଜନ ରାଉତ)

ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ପକ୍ଷରୁ କଳାକୁଞ୍ଜ ଫେଷ୍ଟିଭାଲ ଶନିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ସୁଚିସ୍ମିତା ମନ୍ତ୍ରୀ, ଗୁରୁ ପ୍ରଫୁଲ୍ଲ କୁମାର ବଳ, ଗୁରୁ ମୁକ୍ତିଲତା ପାଲ, ଗୁରୁ

**ସମ୍ମାନିତ ହେଲେ ୫ ଗୁରୁ**

କସ୍ତୁରୀ ପଟ୍ଟନାୟକ, ଗୁରୁ ଲୀନା ନନ୍ଦ ଏବଂ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନନ୍ଦିତା ବେହେରାଙ୍କୁ 'କଳାକୁଞ୍ଜ ବନ୍ଦନୀୟ ସମ୍ମାନ', ଗୁରୁ ପାଗଳ ସ୍ୱାଇଁଙ୍କୁ 'ନୃତ୍ୟଶ୍ରୀ ସମ୍ମାନ', ଗୁରୁ କେଶବ ଚନ୍ଦ୍ର ରାଉତଙ୍କୁ 'ଗାୟନଶ୍ରୀ ସମ୍ମାନ' ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ବଦନଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଟ୍ରଷ୍ଟର ଶିଳ୍ପୀଙ୍କ ଦ୍ୱାରା ଏକକ ଓ ଦଳଗତ ଭାବେ ପରିବେଷିତ ଓଡିଶୀ ନୃତ୍ୟ, ଲେକା ନୃତ୍ୟ ଓ ନୃତ୍ୟାଭିନୟ ମନ ଜିଣିଥିଲା। ଗୁରୁ ସୁକାନ୍ତ କୁମାର କୁଣ୍ଡୁଙ୍କ ଓଡ଼ିଶୀ ସଙ୍ଗୀତରେ ଜଗତଜିତ୍ ଦାସଙ୍କ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଶ୍ୱଜିତ୍ ବଳିଆର ସିଂ ଓ ପ୍ରତିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନ ସହଯୋଗ କରିଥିଲେ।



ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ପ୍ରାଥମିକ ଚାର୍ଜଶିଟ ଦାଖଲ

ଭୁବନେଶ୍ୱର,୨୨।୧୨ (ତ୍ରିନାଥ ମହାନ୍ତି)

**ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ମାମଲା**

ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ମାମଲାରେ କ୍ରାଇମ୍ ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲୁ ଓ ସିଡବ୍ଲ୍ୟୁ) ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ତଦନ୍ତକାରୀ ଅଧିକାରିଣୀ ରଶ୍ମିତା ପଟେଲ ଭୁବନେଶ୍ୱରସ୍ଥିତ ଏଡିଜେ କୋର୍ଟରେ ପ୍ରାୟ ୨ ଶହ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛନ୍ତି।

କମିଶନରେଟ ପୋଲିସରେ କାର୍ଯ୍ୟରତ ଜଣେ ମହିଳା ସବ୍ ଇନ୍ସପେକ୍ଟର ଓ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଆଚାର୍ଯ୍ୟଙ୍କ ମଧ୍ୟରେ ୮ବର୍ଷର ପ୍ରେମ ସମ୍ପର୍କ ଥିଲା। ତୋଷବନ୍ତ ବିବାହ ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ବିବାହ କରିଥିଲେ। ପୀଡ଼ିତା ସବ୍ ଇନ୍ସପେକ୍ଟରଙ୍କ ଅଭିଯୋଗ କ୍ରମେ ଅକ୍ଟୋବର ୨୨ରେ ମହିଳା ଥାନା ପୋଲିସ ତୋଷବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ କ୍ରାଇମ୍‌ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତର ନିର୍ଦ୍ଧାରିତ ସମୟସୀମା ସରୁଥିବାରୁ ଘଟଣାର ତଦନ୍ତକାରୀ ଅଧିକାରିଣୀ ତଥା ଡିଏସ୍‌ପି ପଟେଲ ସୋମବାର କୋର୍ଟରେ ପ୍ରାଥମିକ ଚାର୍ଜଶିଟ ଦାଖଲ କରିଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି।

# ବ୍ଲାକ୍‌ମେଲିଂର ଶିକାର ହୋଇ ଜୀବନ ହାରିଲେ ମହିଳା

ଭୁବନେଶ୍ୱର,୨୨।୧୨ (ତ୍ରିନାଥ ମହାନ୍ତି)

ଇନ୍‌ଫୋସିଟି ଥାନା ଗଙ୍ଗପଡ଼ାରେ ଜଣେ ମହିଳା ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ମହିଳା ହେଲେ ରୁବି ବିଶ୍ୱାଳ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି। ସୂଚନା ଅନୁସାରେ, ରୁବିଙ୍କ ବାପ ଘର କଟକ ଜିଲା କଳାପଥରରେ ହୋଇଥିବାବେଳେ ବୈଦେଶ୍ୱରର ଜିତେନ୍ଦ୍ର ବିଶ୍ୱାଳଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଜଣେ ଯୁବକ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ଏନେଇ ମଧ୍ୟ ରୁବି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରର କିଛି ଲୋକ କିଛି ବୁଝି ନ ଥିଲେ। ସୋମବାର ରୁବିଙ୍କ ସ୍ୱାମୀ ଦୋକାନକୁ ଯାଇଥିବାବେଳେ ରୁବି ଝୁଲିପଡ଼ିଥିଲେ। ପୋଲିସ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରୁଛି। କିଏ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ ସେନେଇ ପୋଲିସ ଛାନଭିନ୍ କରୁଛି।

# ୨ଦିନରେ ୧.୬୪ କୋଟି ମୂଲ୍ୟର ମାଦକଦ୍ରବ୍ୟ ଜବତ

ଭୁବନେଶ୍ୱର,୨୨।୧୨ (ତ୍ରିନାଥ ମହାନ୍ତି)

ନିଶା ବେପାରୀଙ୍କୁ ସାବାଡ଼ କରୁଛି ଅବକାରୀ ବିଭାଗ। ଯେଉଁମାନେ ଚୋରା ନିଶା ଦ୍ରବ୍ୟ ଚାଲାଣ କରୁଛନ୍ତି, ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଅବକାରୀ ବିଭାଗ ଧରୁଛି। ଗତ ୨୦ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅବକାରୀ ଚଢ଼ାଉ ଅଭିଯାନର ପ୍ରଥମ ଦୁଇ ଦିନରେ ପ୍ରାୟ ୧. ୬୪ କୋଟି ଟଙ୍କା ମୂଲ୍ୟର ଅବୈଧ ମାଦକ ଦ୍ରବ୍ୟ ତଥା ବେଆଇନ ସାମଗ୍ରୀ ଜବତ କରାଯାଇଛି। ନୂଆବର୍ଷ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଚଢ଼ାଉ ଅଭିଯାନରେ ୪ଟି ଏନ୍‌ଡିପିଏସ୍ ମାମଲା ସହ ମୋଟ ୩୧୮ ଟି ମାମଲା ରୁଜୁ ହୋଇଛି, ଯେଉଁଥିରେ ୧୩୪ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ମଦ ଓ ନାର୍କୋଟିକ୍ସ ଚୋରା ଚାଲାଣ ଘଟଣାରେ ୧୨ ଟି ଗାଡ଼ି ମଧ୍ୟ ଜବତ କରାଯାଇଛି। ବେଆଇନ ମଦ ତିଆରିରେ ବ୍ୟବହୃତ କଞ୍ଚା ମାଲ ଯଥା ୧,୮୯,୩୨୦ ଲିଟର ଫର୍ମେଣ୍ଟେଡ ୱାଶ, ୮,୨୦୦ କିଲୋଗ୍ରାମ ଗୁଡ଼ ୱାଶ ଏବଂ ୮୮୦ କିଲୋଗ୍ରାମ ମହୁଲି ଫୁଲ ଆଦି ଅଧିକାରୀମାନେ ଜବତ କରିଛନ୍ତି। ଏଥିସହିତ ୧୯,୧୭୫ ଲିଟର ବେଆଇନ ଭାବେ ତିଆରି ହୋଇଥିବା ମଦ ଏବଂ ୪୮୫ ଡ୍ୟୁଟି ପେଡ ମଦ ମଧ୍ୟ ଜବତ ହୋଇଛି। ନାର୍କୋଟିକ୍ସ ମାମଲାରେ ୩ କିଲୋଗ୍ରାମ ଗଞ୍ଜେଇ ଏବଂ ୧୧୭ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି ।

# ଡିଏଲ୍‌ଆର କର୍ମଚାରୀଙ୍କ ବିଶେଷ ପ୍ରୋତ୍ସାହନ ରାଶି ବୃଦ୍ଧିକୁ ଅନୁମୋଦନ


ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

ଭୁବନେଶ୍ୱର, ୨୨।୧୨ (ବନ୍ଦନା ସେଠୀ)

ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ(ଓଡବ୍ଲ୍ୟୁଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଡିଏଲ୍‌ଆର୍‌ମାନଙ୍କ ବିଶେଷ ପ୍ରୋତ୍ସାହନ ରାଶିରେ ୨୦୦ ଟଙ୍କା ବୃଦ୍ଧି କରାଯିବ। ସୋମବାର ଅନୁଷ୍ଠିତ ଓଡବ୍ଲ୍ୟୁଏସ୍‌ଏସ୍‌ବିର ୨୭ତମ ବୋର୍ଡ ବୈଠକରେ ଏହାକୁ ଅନୁମୋଦନ ମିଳିଛି। ସେହିପରି ୩ଜଣ ଡିଏଲ୍‌ଆର୍ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିସହ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଓ ପ୍ରଯୁକ୍ତି ବିଷୟଗୁଡିକର ପରୀକ୍ଷା ପାଇଁ ଓଡବ୍ଲ୍ୟୁଏସ୍‌ଏସ୍‌ବି, ପିଏଚ୍‌ଇଓ ଏବଂ ୱାଟ୍‌କୋର ଅଧିକାରୀଙ୍କ ସମ୍ମିଳନୀରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି।

**ଓଡବ୍ଲ୍ୟୁଏସ୍‌ଏସ୍‌ବିର ୨୭ତମ ବୋର୍ଡ ବୈଠକ**

୯ ବର୍ଷ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ପ୍ରାୟ ୨୪ଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପରେ ପ୍ରଶାସନିକ, ଆର୍ଥିକ ଓ ପ୍ରାଯୁକ୍ତିକ ବିଷୟରେ ଆଲୋଚନା କରାଯାଇ ସିଦ୍ଧାନ୍ତ ନିଆଯାଇଛି। କମିଟି ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ ତର୍ଜମା କରାଯାଇ ଆଗାମୀ କାର୍ଯ୍ୟପଥ ପାଇଁ ସୁପାରିସ ଦାଖଲ କରାଯିବ। ଓଡବ୍ଲ୍ୟୁଏସଏସ୍‌ବିର ସୁଶାସନ, ସମୟୋଚିତ ସିଦ୍ଧାନ୍ତ ଗ୍ରହଣ ଓ ସଂସ୍ଥାର ସମଗ୍ର କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ନିୟମିତ ବୋର୍ଡ ବୈଠକ ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୋର୍ଡ ଉପାଧ୍ୟକ୍ଷା ଭାବେ ଉପସ୍ଥିତ ରହି ଆଲୋଚନା କରିଥିଲେ। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ, ପୂର୍ବତନ ଇଆଇସି, ପିଏଚ୍‌ଇଓ ଇଂ. ରତିନ୍ଦ୍ର ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଇଞ୍ଜିନିୟର ଇନ୍ ଚିଫ୍ ପବ୍ଲିକ୍ ହେଲ୍‌ଥ ଏବଂ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଟେକ୍ନିକାଲ୍ ସଦସ୍ୟ ଭାବେ ଯୋଗଦେଇଥିବାବେଳେ ଓଡବ୍ଲ୍ୟୁଏସ୍‌ଏସ୍‌ବିର ଇଞ୍ଜିନିୟର ଇନ୍ ଚିଫ୍ ସଦସ୍ୟ ସଂଯୋଜକ ଭାବେ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ୍ ପକ୍ଷରୁ ଶିଶୁ କ୍ୟାନ୍ସର ସଚେତନତା

ଭୁବନେଶ୍ୱର,୨୨।୧୨ (ଅନୁରାଧା ମହାରଣା)

ଶିଶୁଙ୍କ ସୃଜନଶୀଳତା ମାଧ୍ୟମରେ ସମାଜକୁ ଶିଶୁ କ୍ୟାନ୍ସର ଯତ୍ନ ଓ ସଚେତନତା ବିଷୟରେ ଚିନ୍ତନ କରିବାକୁ ପ୍ରେରିତ କରିବା ଉଦ୍ଦେଶ୍ୟରେ ଲାୟନ୍ସ କ୍ୟାନ୍ କିୟୋର ଫାଉଣ୍ଡେଶନ ଓ ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ଲୋଟସ୍ ପକ୍ଷରୁ ଏକ ଚିତ୍ରାଙ୍କନ ଓ ସୃଜନାତ୍ମକ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାସ୍କରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୫ରୁ ୧୫ ବର୍ଷ ବୟସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ରଙ୍ଗ, ରେଖା ଓ କଳ୍ପନା ମାଧ୍ୟମରେ ଶିଶୁ କ୍ୟାନ୍ସର ପୀଡ଼ିତ ଶିଶୁଙ୍କ ପ୍ରତି ଆଶା, ସହାନୁଭୂତି ଓ ସମର୍ଥନର ସନ୍ଦେଶ ସମାଜକୁ ପହଞ୍ଚାଇବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା। ଏପରି କଳା ଆଧାରିତ କାର୍ଯ୍ୟକ୍ରମ ଶିଶୁଙ୍କ ମନରେ ମାନବିକତା ବଢ଼ାଇବା ସହ ସମାଜକୁ କ୍ୟାନ୍ସର ପୀଡ଼ିତ ଶିଶୁମାନଙ୍କ ପାଇଁ ଅଧିକ ସମ୍ବେଦନଶୀଳ ଓ ସହଯୋଗୀ କରିବ ବୋଲି କୁହାଯାଇଛି।



କ୍ୟାନ୍ସର ପୀଡ଼ିତ ଶିଶୁମାନଙ୍କ ପାଇଁ ସଚେତନ କରାଯାଉଛି।

# ପୂର୍ବତଟ ରେଳପଥର ୮ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୨।୧୨ (ଅନୁରାଧା ମହାରଣା)

ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ତଥା ସତର୍କତା ପାଇଁ ୮ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ଜଗୟାପାଲେମ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ବୋନି କିରଣ କୁମାର, ବିଶାଖାପାଟଣାର ଟେକ୍ନିସିଆନ୍-୧ କଲ୍ଲେପାଲି ସୁନୀଲ, ଯୋଗୀ ରମେଶ, ଜରାତିର ଟ୍ରାକ ମେଣ୍ଟେନର-୪ ପିଲ୍ଲାଲା ରାମୁ, କୋରାପୁଟ ଗୁଡ୍‌ସ ଟ୍ରେନ୍‌ର ମ୍ୟାନେଜେର ଭେଙ୍କଟେଶ୍ୱର ରାଓ କାୟା, ଟିଟିଲାଗଡ଼ ଲୋକୋ ପାଇଲଟ (ମେଲ୍/ଏକ୍ସପ୍ରେସ) ଭି. ସୋମେଶ୍ୱର ରାଓ, ବଡ଼ବନ୍ଧ ପଏଣ୍ଟସମ୍ୟାନ ଏ. ଶୁଭେନ୍ଦୁ କୁମାର ସାହୁ, ଚାରବାଟିଆ ପଏଣ୍ଟସମ୍ୟାନ ଏ. ସତୀଶ କୁମାର ଏହି ଜାତୀୟ ସମ୍ମାନ ପାଇଛନ୍ତି। ଏହି ଅବସରରେ ମହାପ୍ରବନ୍ଧକ ଫୁଙ୍କୱାଲ ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ, ସିଗ୍‌ନାଲ ଏବଂ ଓଏଚ୍‌ଇ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟେକ୍ନିସିଆନ ଏବଂ ଷ୍ଟେଶନ ମାଷ୍ଟରମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ଅଧିକାରୀଙ୍କ ସହ ସମ୍ମାନିତ କର୍ମଚାରୀମାନେ।

# ଭିବି ଜି ରାମ୍ ଜି ଆଇନକୁ ବିରୋଧ

**ବାମପନ୍ଥୀ ଦଳଙ୍କ ଧାରଣା, ପ୍ରତିବାଦ ସଭା**

ଭୁବନେଶ୍ୱର, ୨୨।୧୨ (ବନ୍ଦନା ସେଠୀ)

ବିକଶିତ ଭାରତ ରାମ୍ ଜି ଆଇନ ୨୦୨୫କୁ ବିରୋଧ କରି ବାମପନ୍ଥୀ ଦଳଗୁଡ଼ିକ ଆନ୍ଦୋଳନ ଚଳାଇଛନ୍ତି। ଏହି କ୍ରମରେ ସୋମବାର ପିଏମ୍‌ଜିଠାରେ ପ୍ରତିବାଦ ସଭା ଓ ଧାରଣା ଅନୁଷ୍ଠିତ ହୋଇଥିଲା। ନାମ ନ ବଦଳାଇ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏ)କୁ ମଜଭୁତ କରିବା ପାଇଁ ପ୍ରତି ପରିବାରକୁ ୨ଶହ ଦିନର ଗ୍ୟାରେଣ୍ଟି କାମ ଦେବାକୁ ଦାବି କରାଯାଇଥିଲା। ଭିବି-ଜି-ରାମ୍ ଜି ଆଇନକୁ କଡ଼ା ସମାଲୋଚନା କରି ଦଳର ନେତୃବୃନ୍ଦ କହିଲେ, ଏହି ଆଇନ ମୂଳ ଲକ୍ଷ୍ୟକୁ ଦୁର୍ବଳ କରିଦେଉଛି। ବେକାରି ବୃଦ୍ଧି, ମହଙ୍ଗା ବଜାର ଏବଂ ଗ୍ରାମାଞ୍ଚଳର ଦୁର୍ଦ୍ଦଶା ବଢୁଥିବା ସମୟରେ ସରକାର କାମର ଗ୍ୟାରେଣ୍ଟିକୁ ବଢ଼ାଇବା ବଦଳରେ ନାମ ବଦଳାଇ ପ୍ରହସନ ସୃଷ୍ଟି କରୁଛନ୍ତି। ଏବେ ସବୁ ବାମପନ୍ଥୀ ଦଳ ଏକାଠି ହୋଇଛନ୍ତି। ନୂତନ ଆଇନ ପ୍ରତ୍ୟାହାର ନ ହେବା ଯାଏ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଗ୍ରାମୀଣ ଶ୍ରମିକମାନଙ୍କ ହିତରେ ମଜଭୁତ ନ କରାଯିବା ଯାଏ ଦେଶବ୍ୟାପୀ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ) ଲିବରେଶନ ଏବଂ ଅଲ୍ ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ ପକ୍ଷରୁ ଆୟୋଜିତ ଏହି ଧାରଣାରେ ଜୟନ୍ତ ଦାସ, ବିଜୟ ଜେନା, ସୁର ଜେନା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ କୁମାର ଦାସ, ପ୍ରଦୀପ୍ତ ନାୟକ, ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ।





ଧାରଣା ଓ ପ୍ରତିବାଦ ସଭାରେ ଉପସ୍ଥିତ ବାମପନ୍ଥୀ ଦଳ ନେତା ଓ କର୍ମୀମାନେ।

## ସଂକ୍ଷେପରେ

### ପ୍ରକୃତିବନ୍ଧୁ ଶିକ୍ଷକ ବଳରାମଙ୍କୁ ଖବର ହବ୍ ଓଡ଼ିଶା ସମ୍ମାନ -୨୦୨୫

ବାଙ୍କୀ,୨୨ା୧୨(ଶୁଭେନ୍ଦୁ ମହାପାତ୍ର): ଓଡ଼ିଶାର ଅଗ୍ରଣୀ ଡିଜିଟାଲ ମିଡିଆ ଖବର ହବ୍ ଓଡ଼ିଶାର ଦ୍ୱିତୀୟ ସ୍ୱୀକୃତ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଖବର ହବ୍ ଓଡ଼ିଶା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ବୁଦ୍ଧ ମନ୍ଦିରରେ ପାଳନ କରାଯାଇଥିଲା। ସମାଜରେ ଉନ୍ନତ ଶିକ୍ଷାର ପ୍ରଚାର ଓ ପ୍ରସାର ସହିତ ପରିବେଶର ସଂରକ୍ଷଣ ଓ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଓଡ଼ା ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟଙ୍କୁ ଖବର ହବ୍ ଓଡ଼ିଶା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ବୃନ୍ଦାବନ କାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଗିରିଜା ଶଙ୍କର ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଉପେନ୍ଦ୍ର ଦାଶ, ଅବସରପ୍ରାପ୍ତ ସେବା ଅଧିକାରୀ ଅନ୍ତର୍ଯାମୀ ପ୍ରଧାନ, ଶିଳ୍ପ ଉଦ୍ୟୋଗୀ ଶିବ ପ୍ରସାଦ ମିଶ୍ର ଓ ପ୍ରବୋଧ କୁମାର ଜେନା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖବର ହବ୍ ଓଡ଼ିଶା ସମ୍ପାଦକ ସୁଶାନ୍ତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା ପ୍ରଦୀପ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ: ଆଥେଲେଟିକ ଆସୋସିଏଶନ, ଗୁରୁଜଙ୍ଗ ଟିମ୍ ବିଜୟୀ




ବାଙ୍କୀ,୨୨ା୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ କଚେରୀ ପଡିଆ ଠାରେ ଆୟୋଜିତ ସ୍ୱର୍ଗତ ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବାଙ୍କୀ ଆଥେଲେଟିକ ଆସୋସିଏଶନ ଦଳ ସହିତ ପଙ୍ଗାରସିଂହ ଦଳ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ଆଥେଲେଟିକ ଆସୋସିଏଶନ ଦଳ ବିଜୟୀ ହୋଇଥିବା ବେଳେ ଶେଖର ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।ସେହିପରିଦ୍ୱିତୀୟ ମ୍ୟାଚରେ ଖୋର୍ଦ୍ଧା ଗୁରୁଜଙ୍ଗ ସହିତ କିଆଣିମା ଟିମ ଖେଳ ହୋଇଥିଲା। ଏଥିରେ ଗୁରୁଜଙ୍ଗ ଟିମ୍ ବିଜୟ ହୋଇଥିଲା। ଏହି ଦଳର ସାହିଦ ରାଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଙ୍ଗଳବାର କଳାପଥର ସହିତ ମାଣିଆ ବନ୍ଧ ଏବଂ ପୁରୁଣା ତିଗିରିଆ ସହିତ ଭାଲିଆବାଟି ମ୍ୟାଚ ହେବ ବୋଲି ସମ୍ପାଦକ ସତ୍ୟରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

# ଏସ୍‌ସିବିରେ ଚିକିତ୍ସା ପାଇଁ ରୋଗୀ ହନ୍ତସନ୍ତ

କଟକ,୨୨ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ରୋଗୀ ସେବାରେ ବିଭ୍ରାଟ ଦେଖାଦେଉଛି। ମେଡିକାଲରେ ରୋଗୀ ପାଇଁ ମେଡିକାଲ ଆଟେଣ୍ଡାଣ୍ଟ ନିଯୁକ୍ତି କରାଯିବ ସହ ଗୋଟିଏ ବିଭାଗରୁ ଅନ୍ୟତ୍ର ଯିବା ପାଇଁ ବ୍ୟାଟେରି ଗାଡ଼ିର ବ୍ୟବସ୍ଥା ରହିଛି। ହେଲେ ଏହି ବ୍ୟବସ୍ଥାଗୁଡ଼ିକ ଆଦୌ କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଜଣେ ବୃଦ୍ଧ ଗୁରୁତର ରୋଗୀ ପରୀକ୍ଷା କରାଇବାକୁ ରୋଗୀଙ୍କ ସମ୍ପର୍କୀୟ ଷ୍ଟ୍ରେଚରରେ ନେବା ପାଇଁ ମେଡିକାଲ ରାସ୍ତାରେ ପକାଇ ସହାୟତାରେ ପ୍ରାୟ ଅଧଘଣ୍ଟା ଧରି ଅପେକ୍ଷା କରି ରହିଥିବା ଚିତ୍ର ସୋମବାର ନଜରକୁ ଆସିଛି। ପରେ ଜଣେ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାରୁ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ପରୀକ୍ଷା କକ୍ଷକୁ ନେଇପାରିଛନ୍ତି। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।



ଗୁରୁତର ରୋଗୀଙ୍କୁ ସହାୟତା କରୁଛନ୍ତି ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିସିନ ବିଭାଗରେ କେନ୍ଦ୍ରାପଡ଼ା ଅଞ୍ଚଳର ଗୌରହରି ସାହୁ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଗତ ୧୯ ତାରିଖରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ଗୌରହରିଙ୍କୁ ତାଙ୍କ ପୁଅ ଅଲଟ୍ରାସାଉଣ୍ଡ କରିବାକୁ ମେଡିକାଲର ରେଞ୍ଜନରଶ୍ମି ବିଭାଗକୁ ନେଉଥିଲେ। ହେଲେ ତାଙ୍କ ପୁଅ ରୋଗୀଙ୍କ ସମ୍ପର୍କୀୟ ଭାବେ ଜଣେ ବ୍ୟକ୍ତି ଥିବାରୁ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ନେବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରଥମେ ଗୌରହରିଙ୍କୁ ମେଡିସିନ ବିଭାଗର ତଳ ମହଲାକୁ ନେବା ପାଇଁ ମେଡିକାଲରେ ଥିବା ଆଟେଣ୍ଡାଣ୍ଟଙ୍କ ସହାୟତା ଲୋଡ଼ିଥିଲେ। ହେଲେ କେହି ସାହାଯ୍ୟ କରି ନ ଥିଲେ। ପରେ ଉକ୍ତ ବିଭାଗରେ ଜଣେ ବ୍ୟକ୍ତିଙ୍କ ସହାୟତାରେ ବାପାଙ୍କୁ ଉକ୍ତ ବିଭାଗର ବାହାର ପରିସରକୁ ଆଣିଥିଲେ, ହେଲେ ସେଠାରୁ ଅନ୍ୟ ବିଭାଗକୁ ନେବା ପାଇଁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିବାବେଳେ ଗାଡ଼ି ଦୀର୍ଘ ସମୟ ଅପେକ୍ଷା କରିବା ପରେ ଆସି ନ ଥିଲା। ଫଳରେ ଗୌରହରିଙ୍କୁ ରାସ୍ତାକଡ଼ରେ ଷ୍ଟ୍ରେଚରରେ ଶୁଆଇ ଅଧଘଣ୍ଟା ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କ ସାହାଯ୍ୟ ଲୋଡ଼ିଥିଲେ। ପରେ ଜଣେ ସହୃଦୟ ବ୍ୟକ୍ତି ସାହାଯ୍ୟର ହାତ ବଢ଼ାଇବାରୁ ଅଲଟ୍ରାସାଉଣ୍ଡ କକ୍ଷ ନିକଟକୁ ଗୌରହରିଙ୍କୁ ନିଆଯାଇଥିଲା। ତେବେ ଏସ୍‌ସିବି ମେଡିକାଲରେ ପ୍ରାୟ ୧୦ଟି ବ୍ୟାଟେରି ଗାଡ଼ି ରୋଗୀ ସେବା ପାଇଁ ରଖାଯାଇଛି। ଏହାସହ ବ୍ୟାଟେରି ଗାଡ଼ି ପରିଚାଳନା ପାଇଁ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ ନିଯୁକ୍ତି କରାଯାଇଛି। ହେଲେ ସମସ୍ତ ବ୍ୟବସ୍ଥା ଥାଇ ମଧ୍ୟ ରୋଗୀ ସେବା ପାଇବାରୁ ବଞ୍ଚିତ ରହୁଛନ୍ତି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି



ଜିଲାପାଳ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

କଟକ/ମାହାଙ୍ଗା,୨୨ା୧୨ (କାର୍ତ୍ତିକ ସାହୁ/ଅଜୟ ମହାନ୍ତି)

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସମୁଦାୟ ୧୮ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୧୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶୁଣାଣି ଅବସରରେ ରେଡକ୍ରସ ପାଣ୍ଠିରୁ ସହାୟତା ଗୋଟିଏ ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ, ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ୱରିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟାଟା ପାୱାର ବିରୋଧରେ ବିକ୍ଷୋଭ



ଉପଭୋକ୍ତା ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ବଡ଼ମ୍ବା, ୨୨ା୧୨(ମାୟାଧର ମଲ୍ଲିକ)

ଟାଟା ପାୱାର ଗ୍ରାହକ ଶୋଷଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଉପଭୋକ୍ତା ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଉଠାଇବା ଠାରୁ ଆଦାୟ କରା ନ ଯିବା, ସ୍ମାର୍ଟ ମିଟର ଲଗାଇବାକୁ ଗ୍ରାହକଙ୍କୁ ବାଧ୍ୟ ନ କରିବାକୁ ଦାବି କରାଯାଇଥିଲା। ଏଥିସହ ବିଦ୍ୟୁତ୍ ସେବା ବିତରଣ କମ୍ପାନୀ ବଦଳାଇବାକୁ ଦାବି କରାଯାଇଥିଲା। ସୋମବାର ପୂର୍ବାହ୍ନ ସମୟରେ ମହାସଂଘର ସଭାପତି ଖବରଦାତା ଚିନ୍ମୟୀ ମହାନ୍ତିଙ୍କ ପୌରୋହିତ୍ୟରେ ଓ ମୁଖ୍ୟ ସଂଯୋଜକ ଦାମୋଦର ରଣାଙ୍କ ଆବାହକତ୍ୱରେ ବଡ଼ମ୍ବା ହାଟସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ଘଣ୍ଟିଆ ବାଉଟି ଛକ ଦେଇ ବଡ଼ମ୍ବା ସାହି, ଗାନ୍ଧିଛକରେ ପହଞ୍ଚି ଟାଟା ପାୱାରର ବିରୋଧରେ ଲୋକଙ୍କୁ ସଚେତନ କରିଥିଲା। ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଆୟୋଜିତ ପ୍ରତିବାଦ ସଭାରେ ଆଗାମୀ ୧୫ ଦିନ ମଧ୍ୟରେ ଏସବୁ ଦାବିର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ବଡ଼ମ୍ବା ବନ୍ଦ ଡାକରା ଦେବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ପ୍ରତିବାଦ ସଭାରେ ସାମାଜିକ କର୍ମୀ ସୂର୍ଯ୍ୟକିଶୋର ମହାନ୍ତି, ମହାସଂଘର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ, ଉପସଭାପତି ଶିବ ନାରାୟଣ ମିଶ୍ର, ପଞ୍ଚୁ ମଲ୍ଲିକ, ସହସମ୍ପାଦକ ଜଳଧର ରଣା, ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ କୁମାର ବେହେରା, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ସଂଯୋଜକ ଅକ୍ଷୟ କୁମାର ଜେନା, ବରିଷ୍ଠ ସଦସ୍ୟ ବୃନ୍ଦାବନ ପରିଡ଼ା, ରଶ୍ମି ରଥ, ବଳଭଦ୍ର ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ।

### ସ୍ୱାସ୍ଥ୍ୟ ଶିବିର: ୭୨୧୬ ରୋଗୀଙ୍କୁ ନିଃଶୁଳ୍କ ଔଷଧ ବଣ୍ଟନ

ସାଲେପୁର,୨୨ା୧୨(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅରୋ ବିହାରଠାରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କିମ୍ସ ମେଡିକାଲ ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ କିଟ୍ ଓ କିମ୍ସ ମେଡିକାଲର ପ୍ରତିଷ୍ଠାତା ଡ. ସାମନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ୱରିରଞ୍ଜନ ଦେଓ, ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା, ସମ୍ମାନିତ ଅତିଥି ଭାବେ କିମ୍ସ ମେଡିକାଲ କଲେଜର ଉପକୁଳପତି ଡା. ସି.ବି.କେ ମହାନ୍ତି, ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ, ସାଲେପୁର ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତ, ଗୋପୀନାଥପୁରର ସମ୍ପାଦକ ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ୭୨୧୬ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ରକ୍ତ ପରୀକ୍ଷା, ଇ. ସି. ଜି ଓ ଏକ୍ସ-ରେ କରାଯାଇ ମାଗଣା ମେଡିସିନ ପ୍ରଦାନ କରାଯାଇଥିଲା।

ଏଥିରେ କିମ୍ସ ମେଡିକାଲ ରପଫରୁ ଉପକୁଳପତି ସି .ବି .କେ. ମହାନ୍ତି, ଡାଇରେକ୍ଟର ଜେନେରାଲ ଅଜିତ କୁମାର ମହାନ୍ତି, ଚର୍ମରୋଗ ବିଶେଷଜ୍ଞ ହେମନ୍ତ କୁମାର କର, ଅସ୍ଥିମଜ୍ଜା ରୋଗ ବିଶେଷଜ୍ଞ ପ୍ରଶାନ୍ତ ପ୍ରଧାନ, ସ୍ନାୟୁରୋଗ ବିଶେଷଜ୍ଞ ସନ୍ତୋଷ କୁମାର ଦାଶଙ୍କ ସହିତ ୨୨ଟି ବିଭାଗର ୬୫ଜଣ ଡାକ୍ତରଙ୍କ ସମେତ ୧୫୧ଜଣ ପାରାମେଡିକାଲ କର୍ମଚାରୀ ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରସ୍ତୁତ କୁମାର ବିଶ୍ୱାଳଙ୍କ ସଂଯୋଜନା, କିମ୍ସ ମେଡିକାଲ ଉପଅଧୀକ୍ଷକ ହରିଶ ଚୌଧୁରୀ ଓ ଉପ ନିର୍ଦ୍ଦେଶକ ଦେବାଶିଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା।

### 'ଉତ୍ତମ ନାଗରିକ ହୋଇ ରାଷ୍ଟ୍ରସେବା କରନ୍ତୁ ଛାତ୍ରଛାତ୍ରୀ'

ବାଙ୍କୀ,୨୨ା୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋତ୍ରିଂଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଦେଶ ସହ ରାଷ୍ଟ୍ର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ପ୍ରମୁଖ ପଦ୍ମନାଭ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ଭାଜପାର ସରୋଜ କୁମାର କର ଓ ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ପୁରେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ମିଶ୍ର ଅତିଥି ପରିଚୟ ଓ ନଗେନ୍ଦ୍ର କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ତ୍ରିପାଠୀ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରିଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା



ମଣ୍ଡୁଳି-ଜଗତପୁର,୨୨ା୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ତନ୍ତିରା ଗ୍ରାମର ଜଣେ ଅଗ୍ନିପିଡ଼ିତ ପରିବାରକୁ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଶିକ୍ଷାଅନୁଷ୍ଠାନର ପ୍ରତିଷ୍ଠାତା ଡ୍ରିବେଦ ବେହେରା ଓ ତାଙ୍କ ଧର୍ମପତ୍ନୀ ତଥା କଟକ ଜିଲା ଯୁଥ ରେଡକ୍ରସର କନଭେନର ସେକ୍ରେଟାରୀ ଡ. ସସ୍ମିତା ପଟ୍ଟନାୟକ ସୋମବାର ସହାୟତାର ହାତ ବଢ଼ାଇଛନ୍ତି। ବିପନ୍ନ ପରିବାରଙ୍କୁ ଶାନ୍ତ୍ୱନା ଦେବା ସହ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ, ରାଶନ ସାମଗ୍ରୀ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ଘର ପୁନର୍ନିର୍ମାଣରେ ଆର୍ଥିକ ସହାୟତା ଯୋଗାଇ ଦେବେ ବୋଲି ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ପକ୍ଷରୁ କିଭଳି ସହାୟତା ମିଳିପାରିବ ତହସିଲଦାରଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ତନ୍ତିରା ଗ୍ରାମର ଅନାଦି ଦାସଙ୍କ ପରିବାର ରାତ୍ରୀ ଭୋଜନ ସାରି ଶୋଇପଡ଼ିଥିଲେ। ରାତି ପ୍ରାୟ ଗୋଟେ ସମୟରେ ହଠାତ୍ ରୋଷେଇ ଘରେ ନିଆଁ ଲାଗି ଧୂଆଁ ହେବାରୁ ସେମାନଙ୍କ ନିଦ ଭାଙ୍ଗି ଯାଇଥିଲା। ନିଦରୁ ଉଠି ଦେଖନ୍ତି ରୋଷେଇ ଘର ଜଳି ଭସ୍ମୀଭୂତ ହୋଇ ଜଳୁଛି। ତାହିଁ ଚାହିଁ ଅନ୍ୟ ୨ଟି ଘରକୁ ନିଆଁ ବ୍ୟାପିଯାଇଥିଲା। ଭୟରେ ସହପରିବାର ଜୀବନ ବଞ୍ଚାଇ ପଡ଼ୋଶୀଙ୍କ ପଳାଇ ଆସି ସାହି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଖବର ପାଇ ବଡ଼ୁ ବିଳମ୍ବରେ ଅଗ୍ନିଶମ ବାହିନୀ ଗୋଟିଏ ଦମକଳ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘର ଓ ସମସ୍ତ ଜିନିଷ ଜଳି ଯାଇଥିଲା।

# 'ଗାଣିତିକ ସୂତ୍ରରେ ବେଦର ସୃଷ୍ଟି'

### ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ଗଣିତ ଦିବସ

ବଡ଼ମ୍ବା,୨୨ା୧୨(ମାୟାଧର ମଲ୍ଲିକ):

ପ୍ରାଣ-ଯୋଗ ପ୍ରତିଷ୍ଠାନ ପକ୍ଷରୁ କଟେରି ଛକସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ଆସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଣିତିକ ସୂତ୍ରରେ ବିଜ୍ଞାନର ସୃଷ୍ଟି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଗଣିତ ବିଭାଗ ଅଧ୍ୟାପକ କେଦାର କୁମାର ସାହୁ, ରସାୟନ ବିଭାଗ ଅଧ୍ୟାପକ ଶଶୀ କାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ସ୍ମିତାରାଣୀ ସାହୁ, ଉର୍ମିଳା ବେଗମ ସମ୍ପିତ ବେହେରା, ଚନ୍ଦ୍ରଶେଖର ଦଳେଇ, ରାକେଶ ରଣା, ରାହୁଲ ବେହେରା, ସୁଜଳ ପଟ୍ଟନାୟକଙ୍କୁ ପ୍ରତିଭା ସ୍ୱୀକୃତି ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ବେଦ ଆଚାର୍ଯ୍ୟ ପ୍ରବୀଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଯଜୁର୍ବେଦରେ ପୂର୍ଣ୍ଣାହୁତି ମନ୍ତ୍ରରେ ପୂର୍ଣ୍ଣ ଅନନ୍ତ, ପୂର୍ଣ୍ଣ ଶୂନ୍ୟ ଗଣିତ ତଥ୍ୟ ଉପରେ ମଧ୍ୟ ଉପସ୍ଥାପନା କରିଥିଲେ।



ସ୍ୱୀକୃତିପତ୍ର ସହ କୃତୀ ଛାତ୍ରଛାତ୍ରୀମାନେ।

# ବିଭିନ୍ନ କ୍ଷେତ୍ରରେ ସୁନାମ ପାଇଁ ନୈତିକ ଶିକ୍ଷା ଜରୁରୀ

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବାଙ୍କୀ,୨୨ା୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସହରରେ ଅବସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଙ୍କୀର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଶିକ୍ଷାକେନ୍ଦ୍ରର ସଭାପତି ଦାମୋଦର ରାଉ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଖିଳେଶ୍ୱରବର ହରିଚନ୍ଦନ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଶିକ୍ଷାକେନ୍ଦ୍ର ଶ୍ରୀଅରବିନ୍ଦ ଓ ମା'ଙ୍କ ଆଶୀର୍ବାଦରେ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରାଯାଉଥିବାରୁ ଏଠାର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ସୁନାମ ଅର୍ଜନ କରିଥାନ୍ତି। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନୈତିକ ଓ ମୂଲ୍ୟବୋଧ ଶିକ୍ଷା ବହୁ ପୂର୍ବରୁ ଋଷିମୁନିଙ୍କ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଉଥିଲା ବୋଲି କହିଥିଲେ। ସେହି ଧାରାରେ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ର ମୂଲ୍ୟବୋଧ ଶିକ୍ଷା ଦେବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ଆନନ୍ଦର ବିଷୟ ଓ ୨୦୨୦ ନୂତନ ଶିକ୍ଷାନୀତିରେ ମୂଲ୍ୟବୋଧ ଶିକ୍ଷା ରହିଛି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ମିଳିତ ଭାବେ ଛାତ୍ରଛାତ୍ରୀମାନଙ୍କୁ ମାନବିକ ମୂଲ୍ୟବୋଧ ଶିଖାଇଲେ। ସେମାନେ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠିତ ହେବେ ବୋଲି ପ୍ରାଧ୍ୟାପକ ମହାପାତ୍ର କହିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ରାଜ, କିଶୋର ସାମଲ, କନକ ଲତା ରାଜ, ପ୍ରଫୁଲ୍ଲ କୁମାର ବରସ୍ତରା, ବିଜୟ କୁମାର ମହାନ୍ତି, ଗଙ୍ଗାଧର କର, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।



କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ପଲ୍ଲୀକବି ନନ୍ଦକିଶୋର ବଳ ଥିଲେ ଗ୍ରାମ୍ୟ ଜୀବନର ପ୍ରତିଛବି'

### ଜନ୍ମପୀଠ ରେ ୧୫୦ତମ ରାଜ୍ୟ ସ୍ତରୀୟ ଜୟନ୍ତୀ

ମାହାଙ୍ଗା, ୨୨ା୧୨(ଅଜୟ କୁମାର ମହାନ୍ତି):

ପଲ୍ଲୀକବି ନନ୍ଦ କିଶୋର ବଳ ଥିଲେ ଗ୍ରାମ୍ୟ ଜୀବନର ପ୍ରତିଛବି। ତାଙ୍କ କବିତାରେ ଗ୍ରାମ୍ୟ ଜୀବନ, ଚାଲି-ଚଳଣି, ପ୍ରକୃତି-ପରିବେଶ, ଜୀବନ-ଜୀବିକା ଆଦି ନିଚ୍ଛକ ଭାବେ ପ୍ରସ୍ଫୁଟିତ ହୋଇ ଏକ ଦର୍ପଣ ସଦୃଶ୍ୟ ଦୃଶ୍ୟମାନ ହୁଏ ବୋଲି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ପ୍ରକାଶ କରିଛନ୍ତି। ମାହାଙ୍ଗା ବ୍ଲକ କୁଷ୍ପୁର ଗ୍ରାମରେ ସୋମବାର ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ୧୫୦ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶତପଥୀ ଯୋଗଦେଇ ଯଥାର୍ଥରେ ସେ ଜଣେ ପଲ୍ଲୀକବି ବୋଲି ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଛନ୍ତି। ନନ୍ଦକିଶୋର ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି ୧୫୦ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବକୁ ଯୁଗ୍ମ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦ ପାଳନ କରିଥିଲେ। ମାହାଙ୍ଗା ବିଧାୟକ ତଥା ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ଶାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଭାଗବତ ଶୁକ୍ଳ ଯୋଗଦେଇ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ସରଳ ପ୍ରାଣବନ୍ତ ବର୍ଣ୍ଣନା ଏବଂ କବି ନନ୍ଦକିଶୋରଙ୍କ ଲେଖା ଅତି ଉଚ୍ଚକୋଟୀର ଥିଲା ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅଭ୍ୟାଗତଭାବେ ପୁରାତତ୍ତ୍ୱବିତ୍ ଡ. ବସନ୍ତ କିଶୋର ସାହୁ ଯୋଗଦେଇ ଗାଁ ଜୀବନର ବିଭିନ୍ନ କଥାକୁ କବିତା ମାଧ୍ୟମରେ ପରିବେଷଣ କରିବାରେ ନନ୍ଦ କିଶୋର ବଳ ବେଶ ନିପୁଣ ଥିଲେ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହକାରୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଛୁଆଳ ସିଂହ ମଞ୍ଚ ସଂଯୋଜନା କରିଥିଲେ।

ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଶତପଥୀ, ଖବରଦାତା ଅମରେନ୍ଦ୍ର ସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜନକଲତା ବେହେରା, ଶାରଦା ଜେନା, ପ୍ରଭାସ ବର୍ମା, ଉପେନ୍ଦ୍ର ସାହୁ, କ୍ଷେତ୍ରବେବ ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଟାଙ୍ଗୀ,୨୨।୧୨(ରଘୁନାଥ ସାହୁ)

ଗୁଜରାଟର ସୁରତ ସହରଠାରୁ କିଛିଦୂରରେ ଟ୍ରେନ ଆଗକୁ ଡେଇଁ ଜଣେ ଓଡ଼ିଆ ଯୁବକ ଜୀବନ ହାରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ମଣ୍ଡପସାହିର ପିନାକୀ ଜେନା(୨୧)। ସୂଚନା ମୁତାବକ, ପିନାକୀ ସେଠାରେ କାମ କରି ନିଜେ ଚଳିବା ସହ ପରିବାର ପ୍ରତିପୋଷଣ କରୁଥିଲେ। ତେବେ କୌଣସି କାରଣକୁ ନେଇ ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ରେଲୱେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପ୍ରେମରେ ବିଫଳ ହେବା ପରେ ପିନାକୀ ଆତ୍ମହତ୍ୟା କରିଛନ୍ତି ବୋଲି ଚର୍ଚ୍ଚା ହେଉଛି।

### ବାଣପୁର ଯାଦବ ସଙ୍ଗଠନର କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳ ଯାଦବ ସଙ୍ଗଠନର ଏକ ବୈଠକ ଇଶ୍ୱର ବେହେରାଙ୍କ ଉଦ୍ୟମକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଗନ ବିହାରୀ ବେହେରା ସଭାପତିତ୍ୱ କରିଥିଲେ। ଯାଦବ ସଙ୍ଗଠନ କିପରି ସୁଦୃଢ଼ ହେବ, ତୃଣମୂଳସ୍ତରର ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ସର୍ବସମ୍ମତିକ୍ରମେ ଅଜିତ୍ କୁମାର ବେହେରା ସଭାପତି, କେଦାର ବେହେରା ଉପସଭାପତି, ଅଶ୍ୱିନୀ କୁମାର ବେହେରା ସମ୍ପାଦକ ଏବଂ ବରିଷ୍ଠ ଉପଦେଷ୍ଟା ମଣ୍ଡଳିରେ ଗୋଲଖ ଦାସ, ଶ୍ୟାମ ସୁନ୍ଦର ବେହେରା ଓ ଗୌରାଙ୍ଗ ଚରଣ ବେହେରାଙ୍କୁ ମନୋନୀତ କରାଯାଇଛି। ଶ୍ରୀଧର ବେହେରା, ଫକିର ଚରଣ ବେହେରା, ଅର୍ଜୁନ ବେହେରା, ରଜନୀ ବେହେରା, ଜାମିନି ବେହେରା, ଆନନ୍ଦ ଚନ୍ଦ୍ର ବେହେରା, ପଞ୍ଚାନନ ବେହେରା, କୃଷ୍ଣଚନ୍ଦ୍ର ବେହରା, ଚୈତନ୍ୟ ବେହେରା, ସୁରେନ୍ଦ୍ର ବେହେରା, ଲକ୍ଷ୍ମଣ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ୧୦୦ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ

ଜଟଣୀ,୨୨।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ସାମାଜିକ ଅନୁଷ୍ଠାନ 'ପ୍ରଗତି ପରିଷଦ' ପକ୍ଷରୁ ୧୦୦ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ବାବୁ ହୋତାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ ଅନନ୍ତ ବେହେରା, ବରିଷ୍ଠ ଅଧିବକ୍ତା ବୀରେନ୍ଦ୍ର ପଟ୍ଟନାୟକ, ଖବରଦାତା ରବି ସ୍ୱାଇଁ, ଆଇନ ପରାମର୍ଶଦାତା ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆୟୋଜକ ଅନୁଷ୍ଠାନର ସଭାପତି ପ୍ରଦୀପ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବବୀନ୍ଦ୍ର ଜେନା, ସଙ୍ଗଠନ ସମ୍ପାଦକ ସୌମେନ୍ଦ୍ର ମିଶ୍ର, ମିଡିଆ ସଂଯୋଜକ ରାଜୀବ ମହାନ୍ତି, ଉପଦେଷ୍ଟା ଜ୍ଞାନ ଭୂଷଣ ସାହୁ, ତନୁଜା ଗୁପ୍ତା, ନିରଞ୍ଜନ ମହାପାତ୍ର, ସଞ୍ଜୟ ପାଣ୍ଡେ ପ୍ରମୁଖ ପରିଚାଳନା କରିଥିଲେ।

# 'ସ୍ୱପ୍ନ ସାକାର ପାଇଁ ନିରନ୍ତର ପ୍ରୟାସ ଜରୁରୀ'



ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୪୫ତମ ସାମ୍ବତ୍ସରିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୪୫ତମ ସାମ୍ବତ୍ସରିକ ଉତ୍ସବ**

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୪୫ତମ ସାମ୍ବତ୍ସରିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସ୍ୱପ୍ନକୁ ସାକାର କରିବାକୁ ହେଲେ ନିରନ୍ତର ପ୍ରୟାସ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଲକ୍ଷ୍ୟରେ ଛାତ୍ରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ଖୋର୍ଦ୍ଧା ମାଟି ସର୍ବଦା ନେତୃତ୍ୱ ନେଇ ଆସିଛି। ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତି ସଭାପତି ତଥା ଡ.ମମତା ଦେ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷିରୋଦ ପ୍ରସାଦ ମହାନ୍ତି, କଲେଜର ପ୍ରତିଷ୍ଠାତା କାଳିପ୍ରସାଦ ମଙ୍ଗରାଜ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ମହିଳାମାନେ ବିଭିନ୍ନ କ୍ଷେତ୍ରରେ ବେଶ୍ ପାରଦର୍ଶିତା ଅର୍ଜନ କରିଛନ୍ତି। ଭାରତବର୍ଷ ମହୀୟସୀ ମହିଳାଙ୍କ ପାଇଁ ଗର୍ବ ଅନୁଭବ କରେ। ସଫଳତା ପାଇବାକୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା, ଏକାଗ୍ରତା, ନିଷ୍ଠା ଆବଶ୍ୟକତା ରହିଛି। ଭଲ ପାଠପଢ଼ି ଏହି ମହାବିଦ୍ୟାଳୟ ଗୌରବ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଅଧ୍ୟକ୍ଷା ଶ୍ରୀଚନ୍ଦନ ମହାବିଦ୍ୟାଳୟର ଗୌରବମୟ ଇତିହାସ, ପୃଷ୍ଠଭୂମି ସମ୍ପର୍କରେ କହିଥିବା ବେଳେ ବରିଷ୍ଠ ଅଧ୍ୟାପିକା ନିତା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପୁରାତନ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାପୀଠରେ ବାର୍ଷିକୋତ୍ସବ



ବେଗୁନିଆ,୨୨।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମସ୍ଥିତ ଡମଣିକୁପା ସୁରେନ୍ଦ୍ରନାଥ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ବେଣୁଧର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ଶରତ କୁମାର ପଣ୍ଡା ମୁଖ୍ୟ ଅତିଥି, ଶିକ୍ଷାବିତ୍ ଭଗବାନ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭିକାରୀ ଚରଣ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଣ୍ଡା, ସଭ୍ୟ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅନନ୍ତ ଲାବଣ୍ୟ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ବର୍ଷରେ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଏ-୧ ପାଇଥିବା ରାଜଶ୍ରୀ ବାରିକଙ୍କ ସହ ତିନି ଜଣଙ୍କୁ ସରୋଜିନୀ ଭିକାରୀ ଟ୍ରଷ୍ଟ ପକ୍ଷରୁ ୧ ହଜାର ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବଶିଷ୍ଠ ଶିକ୍ଷକ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ବେଗୁନିଆ,୨୨।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ସୋମବାର ଧଳାପଥର ଫାଣ୍ଡି ନିକଟରୁ ଏକ ବାଲି ବୋଝେଇ ଟ୍ରକ ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ବିହାରର ଅଶୋକ କୁମାର ସିଂହ ବୈଦେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏହି ବାଲି ବୋଝେଇ ଗାଡ଼ି ନେଇ ଯାଉଥିବା ବେଳେ ପୋଲିସ ଟିମ୍ ଚଢ଼ାଉ କରି ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲେ ବୋଲି ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।




ଜାତୀୟ ଗଣିତ ଦିବସ ପାଳନ ଅବସରରେ ସୋମବାର ବିଜେବି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଭାରତର ବିଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନକୁ ଜାତୀୟ ଗଣିତ ଦିବସଭାବେ ପାଳନ କରାଯାଏ। ଗଣିତ ଶିକ୍ଷାର ଗୁରୁ, ଗଣିତ ପ୍ରତି ଆଗ୍ରହ ଓ ନବୀନ ଚିନ୍ତାଧାରାକୁ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବିଦ୍ୟାଳୟର ସଭଗୃହରେ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାମାନୁଜନଙ୍କ କୀର୍ତ୍ତି ତଥା ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଦେବାଶିଷ ପାଇକରାୟ ବିଭିନ୍ନ କୌତୁହଳପୂର୍ଣ୍ଣ ଗାଣିତିକ ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଗଣିତ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରଥ ନିର୍ମାଣ ପାଇଁ ଫାସିକାଠ ଦାନକାରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)




ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ୨୦୨୫ ମସିହାରେ ଫାସିକାଠ ଦାନ କରିଥିବା ବ୍ୟକ୍ତିମାନଙ୍କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ୬୯ଜଣ ଦାତାଙ୍କୁ ସମ୍ମାନିତ କରାଯାଇଛି। ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ ଏବଂ ନୟାଗଡ଼ ଆଦି ଅଞ୍ଚଳର କେତେଜଣ ବ୍ୟକ୍ତି ରଥ ନିର୍ମାଣ ପାଇଁ ଫାଶିକାଠ ଦାନ କରିଥିଲେ। ମହାପ୍ରଭୁଙ୍କ ଖଣ୍ଡୁଆ, ଫଟୋଚିତ୍ର, ଶୁଖିଲାଭୋଗ ଏବଂ ମାନପତ୍ର ଦିଆଯାଇ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରଥ ନିର୍ମାଣରେ ଅନେକ କାଠର ବ୍ୟବହାର କରାଯାଇଥାଏ। ସେହି କାଠ ମଧ୍ୟରୁ ଫାସିକାଠର ପ୍ରମୁଖ ଭୂମିକା ରହିଛି। ତେବେ ବିଗତ କିଛି ବର୍ଷ ହେବ ରାଜ୍ୟରେ ଫାସିକାଠର ଅଭାବ ପରିଲକ୍ଷିତ ହେଉଛି। ତେଣୁ ମହାପ୍ରଭୁଙ୍କ ରଥ ନିର୍ମାଣ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନକୁ ଫାସିକାଠ ପ୍ରଦାନ କରିବା ନିମନ୍ତେ ଭକ୍ତଙ୍କୁ ଆହ୍ୱାନ ଦିଆଯାଇଛି। ଫଳରେ ପ୍ରତିବର୍ଷ ଅନେକ ଭକ୍ତ ଫାସିକାଠ ଦାନ କରୁଛନ୍ତି। ୨୦୨୫ରେ ରଥ ନିର୍ମାଣ ପାଇଁ ୬୯ ଜଣ ଭକ୍ତ ୧୧୦ ଖଣ୍ଡ ଫାସି କାଠ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଥିଲେ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗଜପତି ମହରାଜା କହିଥିଲେ, ଜଙ୍ଗଲ ହ୍ରାସ ପାଉଥିବା ବେଳେ ଫାସିକାଠର ଅଭାବ ଦେଖାଦେଇଛି। ଫାସିକାଠରେ ରଥ ତୁମ୍ବ, ଚକ ନିର୍ମାଣ ହୋଇଥାଏ। ଫାଶି କାଠ ଜଙ୍ଗଲରେ ପର୍ଯ୍ୟାପ୍ତ ମିଳୁ ନ ଥିବାରୁ ଆଗାମୀ ଦିନରେ ରଥ ନିର୍ମାଣରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ପ୍ରତ୍ୟେକ ଜଗନ୍ନାଥପ୍ରେମୀ ମହାପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ନିଜ ବାଡ଼ି, ବଗିଚାରେ ଥିବା ଫାଶିକାଠକୁ ବନବିଭାଗ ଜରିଆରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରନ୍ତୁ। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ କିଭଳି ସୁରକ୍ଷିତ ରହିପାରିବ ସେ ଦିଗରେ ବନ ବିଭାଗ ଏବଂ ସ୍ଥାନୀୟ ଗ୍ରାମବାସୀ ଧ୍ୟାନ ଦେବାର ଆବଶ୍ୟକତା ଥିବା ଗଜପତି ମହାରାଜା କହିଛନ୍ତି। ଏହି ଅବସରରେ ଫାଶି କାଠ ଦାନ କରିଥିବା ବରଗଡ଼ ଜିଲାର ପୀତବାସ ଦାଶ କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ଗଛ ପ୍ରଦାନ କରି ବେଶ ଖୁସି ଅନୁଭବ କରୁଛି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ୨୦୨୫ ରଥ ଯାତ୍ରା ପାଇଁ ନୟାଗଡ଼, ଘୁମୁସର ଦକ୍ଷିଣ, ବରଗଡ଼, ଢେଙ୍କାନାଳ, ଆଠଗଡ଼ ଏବଂ ସିଟି ଡିଭିଜନ କଟକ ଏହି ୬ଟି ବନଖଣ୍ଡ ଡିଭିଜନରୁ ୬୯ ଜଣ ଦାତା ୧୧୦ଟି ଫାଶୀ କାଠ ଦାନ କରିଥିଲେ। ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଛୁ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପକୁ ସଫଳ କରାଇବା ପାଇଁ ଆମର ଲକ୍ଷ୍ୟ ରହିଛି।

## ଷ୍ଟାଇପେଣ୍ଡ ଦାବିରେ ଅହୋରାତ୍ର ଧାରଣାରେ ଓୟୁଏଟି ଛାତ୍ରୀଛାତ୍ର




ଓୟୁଏଟି ପରିସରରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)

'କୃଷି ବିନା ଦେଶ ନାହିଁ, ଗବେଷଣା ପାଇଁ ପ୍ରୋତ୍ସାହନ କାହିଁ?', 'କୃଷି ଉନ୍ନତି ଆମ ହାତରେ, ଆମ ଉନ୍ନତି କାହା ହାତରେ' ଭଳି ବିଭିନ୍ନ ସ୍ଲୋଗାନ୍ ଦେଇ ହାତରେ ପ୍ଲାକାର୍ଡ ଧରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଛାତ୍ରୀଛାତ୍ର ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୀତ କାକରକୁ ଖାତିର ନ କରି ସେମାନେ ଅହୋରାତ୍ର ଧାରଣା ଦେଇଛନ୍ତି। ଷ୍ଟାଇପେଣ୍ଡ ପ୍ରଦାନ ସହ ଆଉ କେତେକ ଦାବି ମଧ୍ୟ ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବା ଲିଖିତ ପ୍ରତିଶ୍ରୁତି ବିନା ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପ୍ରବଳ ଥଣ୍ଡାରେ ବସି ରହିଥିଲେ।

ଆନ୍ଦୋଳନକାରୀ ଛାତ୍ରୀଛାତ୍ର କହିଛନ୍ତି, କୃଷି ଓ ଗବେଷଣାର ବିକାଶ ପାଇଁ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବାକୁ ତେଲଙ୍ଗାନାରେ ସର୍ବାଧିକ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଆସାମ, ବିହାର, ଆନ୍ଧ୍ରପ୍ରଦେଶ ପରି ବହୁ ରାଜ୍ୟରେ ପିଲାଙ୍କୁ ଛାତ୍ରବୃତ୍ତି ମିଳୁଛି। ରାଜ୍ୟ ବାହାରୁ ଆସି ପଢୁଥିବା ଛାତ୍ରୀଛାତ୍ର ବହୁ ଅଧିକ ସ୍କଲାର୍‌ଶିପ୍ ପାଉଥିବାବେଳେ ଓଡ଼ିଶାର ପିଲାମାନେ ସମସ୍ତ ପ୍ରକାର ବୃତ୍ତିରୁ ବଞ୍ଚିତ ହେଉଛନ୍ତି। ଓୟୁଏଟିର କେବଳ ୩ ପିଲାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ମିଳୁନାହିଁ। ଫଳରେ ସେମାନେ ବହୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଉଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା କାର୍ଯ୍ୟରେ କରୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବୃତ୍ତି ପ୍ରଦାନ ସହ ଏହାର ରାଶି ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ନିବେଦନ କରିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୋଲଗଡ଼,୨୨।୧୨(ଦେବବ୍ରତ ହୋତା)

ପୋଖରୀରେ ବୁଡ଼ିଯିବାରୁ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ଜଗନ୍ନାଥ ସାହୁ (୭୭)। ସୂଚନା ମୁତାବକ, ଭୋରୁ ଜଗନ୍ନାଥ ଘର ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗଭୀର ଜଳରେ ବୁଡ଼ିଯାଇଥିଲେ। ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ପ୍ରମୋଦ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ଖବରପାଇ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ସୁଆଙ୍ଗ ବିଜୟୀ

ଯାଁଳା,୨୨।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟସ୍ ଆଣ୍ଡ କଲ୍ଚରାଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋମବାର ସୁଆଙ୍ଗ ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହିଟୁ ସର୍ବାଧିକ ୬୬ରନ କରିଥିଲେ। ଜବାବରେ ଯଦୁପୁର ଟିମ୍ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୮୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆଶୁତୋଷ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିକ୍ରମ ପାଟଶାଣୀ ଏବଂ ଶୁଭମ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ।

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

# ଧାନବାଦ ସ୍ପୋର୍ଟ୍ସ କ୍ଲବ୍ ବିଜୟୀ



ଟାଙ୍ଗୀ,୨୨।୧୨(ରଘୁନାଥ ସାହୁ)

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଧାନବାଦ ସ୍ପୋର୍ଟ୍ସ କ୍ଲବ୍ ଏବଂ ୟୁଥ୍ କ୍ଲବ୍ ଗଣ୍ଡରପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ୨-୦ ଗୋଲରେ ଧାନବାଦ ସ୍ପୋର୍ଟ୍ସ କ୍ଲବ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ସଭାପତି ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ, ଉପସଭାପତି ରାଜ କିଶୋର ବୈରିଗଞ୍ଜନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟ କୁମାର ମଙ୍ଗରାଜ ପରିଚାଳନା କରିଥିବା ବେଳେ କାଳୁ ଚରଣ ସିଂ, ଗୋପାଳ ସାମନ୍ତରାୟ ଏବଂ ସୁରେଶ ପରିଡା ସହଯୋଗ କରିଥିଲେ। ଟୁର୍ନାମେଣ୍ଟ କମିଟିର ରତ୍ନାକର ସାମନ୍ତରାୟ, କେଦାର ପାତାଳସିଂ, କେଦାର ଦାସ, ତ୍ରିନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମଙ୍ଗଳବାର ଓଡ଼ିଶା ପୋଲିସ ଓ ସେରସା ଚକ୍ରଧରପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।

## ଗୋଡ଼ିକୁ ହରାଇ ଛାମୁଣ୍ଡିଆପଲ୍ଲୀ ଚାମ୍ପିୟନ

ବାଘମାରୀ,୨୨।୧୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚୁଦୋଳ ପଡିଆରେ ପ୍ରୋଜେକ୍ଟ ପଏଣ୍ଟ ଏବଂ ମା'ଗହ୍ଣେଇ ଭଲିବଲ ଆସୋସେଶନ ଆନୁକୂଲ୍ୟରେ ରବିବାର ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଇଯାଇଛି। ଏଥିରେ ଛାମୁଣ୍ଡିଆପଲ୍ଲୀ, ଗୋଡ଼ି, ପୋଡାଡ଼ିହ, ସରଧାପୁର, ବଡବେରେଣା, ସିମୋର ଆଦି ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗୋଡ଼ି ଭଲିବଲ କ୍ଲବକୁ ୨-୧ ସେଟରେ ହାରାଇ ଛାମୁଣ୍ଡିଆପଲ୍ଲୀ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରୋଜେକ୍ଟ ପଏଣ୍ଟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଦାଶରଥି ବେହେରା ଏବଂ ସଂଗ୍ରାମ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଡୁଗୁଲା ଜେନା, ମନୋରଞ୍ଜନ ବେହେରା, ଅକ୍ଷୟ ଜେନା ଲାଇନ୍ସରେ ସହଯୋଗ କରିଥିଲେ।



## ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ଉତ୍ସବ

କୋଣାର୍କ,୨୨।୧୨(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ପୀଠ ନିକଟସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ମାଟ୍ରିକ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସୁଶାନ୍ତ କୁମାର ମହାନ୍ତି ଓ ନାରାୟଣ ମୁରୁଡ଼ିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ଏକତାକୁ ସୁଦୃଢ଼ କରିବା ପାଇଁ ମା' ରାମଚଣ୍ଡୀଙ୍କ ପୀଠରେ ସାମୂହିକ ଶପଥପାଠ କରିବା ସହ ଆଗାମୀ ଦିନରେ ସଂଗଠନ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବନ୍ଧୁ ମିଳନ ଓ ସାଙ୍ଗଠନିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ୨୦୦୦ ମସିହା ମାଟ୍ରିକ୍ ବ୍ୟାଚର ଛାତ୍ର ରଞ୍ଜିତ ନାୟକ, ରାଜେଶ ପତି, ପପିଞ୍ଜନ ନାୟକ, ଅଜୟ ସେଠୀ, ସଞ୍ଜୟ ବେହେରା, ଛାତ୍ରୀ ଶିଳାପଦ୍ମା ପାତ୍ର, ନୟନୀ ନାୟକ ଓ ରୋଜି ବଳବନ୍ତରାୟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣରେ ସମସ୍ୟା ସାଜିଛି ଜମି ଚିହ୍ନଟ

କାକଟପୁର/ଅସ୍ତରଙ୍ଗ, ୨୨।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୫ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ପୂର୍ବ ସରକାର ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଅସ୍ତରଙ୍ଗରୁ ନୂଆଗଡ଼ ରାସ୍ତା ପାର୍ଶ୍ୱରେ ଜମି ସ୍ଥିର କରାଯାଇଥିଲା। କୌଣସି କାରଣବଶତଃ ସମସ୍ୟା ଉପୁଜିବାରୁ ଏହା ବନ୍ଦ ରହିଥିଲା। ଫଳରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଜମି ମିଳୁନାହିଁ। ପାଖାପାଖି ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପ୍ରକଳ୍ପ ଅଟକି ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ମଞ୍ଜୁର କରାଯାଇଛି। କିନ୍ତୁ ଅନୁଦାନ ମଞ୍ଜୁର ସତ୍ତ୍ୱେ ଜମି ମିଳୁ ନ ଥିବାରୁ ଏହି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତର ହଜାର ହଜାର ଲୋକ ବିଭିନ୍ନ ପ୍ରକାର ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ମୁତାବକ, ପୁରୀ ଜିଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ସମୟରେ ଲୋକ ସଂଖ୍ୟା ୫୦ହଜାରରୁ ୬୦ହଜାର ମଧ୍ୟରେ ରହିଥିଲା। ବର୍ତ୍ତମାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅଞ୍ଚଳର ଲୋକସଂଖ୍ୟା ୩ଗୁଣ ବଢ଼ିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗ ଖୋଲିବା ସହ ସମ୍ପ୍ରସାରଣ ପାଇଁ ଆବଶ୍ୟକତା ରହିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅସ୍ତରଙ୍ଗ ତହସିଲ ଅଧୀନ ନୂଆଗଡ଼ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜମି ଚିହ୍ନଟ ହୋଇଥିଲା। ପୂର୍ତ୍ତ ବିଭାଗ କର୍ମଚାରୀ ଓ ମେଡିକାଲ୍ ଟେକ୍ନିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରି ମାପ୍‌ଚୁପ କରିଥିଲେ। କୌଣସି କାରଣବଶତଃ ସେ ସ୍ଥାନକୁ ବାତିଲ୍ କରାଯାଇଥିଲା। ଫଳରେ ଜମି ମିଳୁ ନ ଥିବାରୁ ବର୍ତ୍ତମାନ ଏହି ପ୍ରକଳ୍ପ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ୧୦ଟି ଶଯ୍ୟା ସହ ଖୁବ କମ୍‌ସଂଖ୍ୟକ ବିଭାଗ ରହିଛି। ଅନେକ ବିଭାଗରେ ଡାକ୍ତର ନାହାନ୍ତି। ଯାହା ସ୍ଥାନୀୟ ଲୋକ ଚିକିତ୍ସା ସେବା ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଏହାସହ ମେଡିକାଲରେ ରହୁଥିବା କର୍ମଚାରୀଙ୍କ ଆବଶ୍ୟକ ମୁତାବକ ଗୃହ ନାହିଁ। ଏହାସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ ଓ ଗଙ୍ଗାଦେବୀ ପୀଠ ରହିଥିବାରୁ ରାଜ୍ୟର କୋଣଅନୁକୋଣରୁ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି କିମ୍ବା ବେଳାଭୂମିରେ ସ୍ନାନ ସମୟରେ ବୁଡ଼ିଯାଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଲୋକଙ୍କ ଲାଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ରହିଥାଏ। କିନ୍ତୁ ଆବଶ୍ୟକ ମୁତାବକ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡ଼ିଥାଏ। ଫଳରେ ବ୍ୟକ୍ତି ଅଥବା ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବର୍ତ୍ତମାନ ଆବଶ୍ୟକତାକୁ ଦେଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହାର ସମ୍ପ୍ରସାରଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅସ୍ତରଙ୍ଗ ତହସିଲଦାରଙ୍କୁ ତୁରନ୍ତ ୩ରୁ ୪ଏକର ଜମି ଯୋଗାଇଦେବା ପାଇଁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଜମି ଚିହ୍ନଟ ହେଲେ ଟେକ୍ନିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରିବେ। ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ କୋଟିକୋଟି ଟଙ୍କା ଯୋଗାଇ ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜମି ମିଳି ନ ଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, ୨ରୁ ୩ଦିନ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ପାଇଁ ଜମି ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପିପିଲିରେ ବେଆଇନ ଦଖଲରେ ଚାଲିଲା ବୁଲ୍‌ଡୋଜର୍


ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି ।

ପିପିଲି,୨୨।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ସରକାରଙ୍କ ନିର୍ଦ୍ଦେଶରେ ବେଆଇନ ଦଖଲ ଉପରେ ଚାଲିଲା ବୁଲ୍‌ଡୋଜର୍। ପିପିଲି ଆମ୍ବେଦକର ଛକ ତଥା ଓଭରବ୍ରିଜ ନିକଟ ଅଞ୍ଚଳରେ ଥିବା ଗୋଚର ଜମି ଓ ୩୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଅସ୍ଥାୟୀ ଘର ଓ ଦୋକାନକୁ ସୋମବାର ସ୍ଥାନୀୟ ତହସିଲଦାର୍‌ଙ୍କ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି। ଏହି ସବୁ ଅଞ୍ଚଳ ଜବରଦଖଲ ଥିବା ଯୋଗୁ ରାସ୍ତା ସଙ୍କୁଚିତ ହୋଇ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଘଟି ଜନଜୀବନ କ୍ଷତି ଘଟୁଥିଲା। ଏହା ଏକ ପ୍ରମୁଖ ସ୍ଥାନ ଯଥା ବାମକୁ ଗଲେ ଅସ୍ତରଙ୍ଗ, କାକଟପୁର ଓ କୋଣାର୍କ, ପୁରୀ, ସାତପଡ଼ା ଓ ଚିଲିକା ଏବଂ ଦକ୍ଷିଣକୁ ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆ ବଜାର ରହିଛି। ଲକ୍ଷାଧିକ ପର୍ଯ୍ୟଟକଙ୍କ ଯାତାୟାତ ଯୋଗୁ ରାସ୍ତା ଗହଳି ରହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି। ସ୍ଥାନୀୟ ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ୪ଜଣ ପୋଲିସ ଅଧିକାରୀଙ୍କ ସମେତ ମୋଟ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପ୍ରଶାସନକୁ ଏହି କାର୍ଯ୍ୟରେ ସମ୍ପୃକ୍ତ ଦୋକାନୀଙ୍କ ସହିତ ସାମାଜିକ କର୍ମୀ ସମର୍ଥନ କରିଥିଲା ବେଳେ ଶାନ୍ତିଶୃଙ୍ଖଳାର ସହିତ ସମସ୍ତ ସରକାରୀ ଜମିରୁ ଜବରଦଖଲ ହଟାଯାଇଥିବା ତହସିଲଦାର ଓ ଥାନାଧିକାରୀ କହିଛନ୍ତି।

## ୨୬୮ ଛାତ୍ରୀଛାତ୍ର ତୃତୀୟ ବୃତ୍ତି ପରୀକ୍ଷା ଦେଲେ

କଣାସ,୨୨।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ୨୬୮ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବା ଜଣାପଡ଼ିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନ ପରୀକ୍ଷା କେନ୍ଦ୍ରରେ ୧୧୬ ଜଣ ପରୀକ୍ଷା ଦେଇଛନ୍ତି। ୪ ଜଣ ଅନୁପସ୍ଥିତ ଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ମହାପାତ୍ର ପରୀକ୍ଷା ପରିଚାଳନା କରିଥିବା ବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ।

## ରଥ ନିର୍ମାଣ ପାଇଁ ଫାଁସିକାଠ ଦାନକାରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଫାସି କାଠଦାତାଙ୍କ ସହ ମହାରାଜା ଦିବ୍ୟ ସିଂହଦେବ, ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ।

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

**ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ସୁରକ୍ଷା ଉପରେ ଗଜପତି ମହାରାଜାଙ୍କ ଗୁରୁତ୍ୱ**

ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ୨୦୨୫ ମସିହାରେ ଫାସିକାଠ ଦାନ କରିଥିବା ବ୍ୟକ୍ତିମାନଙ୍କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ୬୯ଜଣ ଦାତାଙ୍କୁ ସମ୍ମାନିତ କରାଯାଇଛି। ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ ଏବଂ ନୟାଗଡ଼ ଆଦି ଅଞ୍ଚଳର କେତେଜଣ ବ୍ୟକ୍ତି ରଥ ନିର୍ମାଣ ପାଇଁ ଫାଁଶିକାଠ ଦାନ କରିଥିଲେ। ମହାପ୍ରଭୁଙ୍କ ଖଣ୍ଡୁଆ, ଫଟୋଚିତ୍ର, ଶୁଖିଲାଭୋଗ ଏବଂ ମାନପତ୍ର ଦିଆଯାଇ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରଥ ନିର୍ମାଣରେ ଅନେକ କାଠର ବ୍ୟବହାର କରାଯାଇଥାଏ। ସେହି କାଠ ମଧ୍ୟରୁ ଫାସିକାଠର ପ୍ରମୁଖ ଭୂମିକା ରହିଛି। ତେବେ ବିଗତ କିଛି ବର୍ଷ ହେବ ରାଜ୍ୟରେ ଫାସିକାଠର ଅଭାବ ପରିଲକ୍ଷିତ ହେଉଛି। ତେଣୁ ମହାପ୍ରଭୁଙ୍କ ରଥ ନିର୍ମାଣ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନକୁ ଫାସିକାଠ ପ୍ରଦାନ କରିବା ନିମନ୍ତେ ଭକ୍ତଙ୍କୁ ଆହ୍ୱାନ ଦିଆଯାଇଛି। ଫଳରେ ପ୍ରତିବର୍ଷ ଅନେକ ଭକ୍ତ ଫାସିକାଠ ଦାନ କରୁଛନ୍ତି। ୨୦୨୫ରେ ରଥ ନିର୍ମାଣ ପାଇଁ ୬୯ ଜଣ ଭକ୍ତ ୧୧୦ ଖଣ୍ଡ ଫାସି କାଠ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଥିଲେ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗଜପତି ମହାରାଜା କହିଥିଲେ, ଜଙ୍ଗଲ ହ୍ରାସ ପାଉଥିବା ବେଳେ ଫାସିକାଠର ଅଭାବ ଦେଖାଦେଇଛି। ଫାସିକାଠରେ ରଥ ତୁମ୍ବ, ଚକ ନିର୍ମାଣ ହୋଇଥାଏ। ଫାଶି କାଠ ଜଙ୍ଗଲରେ ପର୍ଯ୍ୟାପ୍ତ ମିଳୁ ନ ଥିବାରୁ ଆଗାମୀ ଦିନରେ ରଥ ନିର୍ମାଣରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ପ୍ରତ୍ୟେକ ଜଗନ୍ନାଥପ୍ରେମୀ ମହାପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ନିଜ ବାଡ଼ି, ବଗିଚାରେ ଥିବା ଫାଶିକାଠକୁ ବନବିଭାଗ ଜରିଆରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରନ୍ତୁ। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ କିଭଳି ସୁରକ୍ଷିତ ରହିପାରିବ ସେ ଦିଗରେ ବନ ବିଭାଗ ଏବଂ ସ୍ଥାନୀୟ ଗ୍ରାମବାସୀ ଧ୍ୟାନ ଦେବାର ଆବଶ୍ୟକତା ଥିବା ଗଜପତି ମହାରାଜା କହିଛନ୍ତି। ଏହି ଅବସରରେ ଫାଶି କାଠ ଦାନ କରିଥିବା ବରଗଡ଼ ଜିଲାର ପୀତବାସ ଦାଶ କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ଗଛ ପ୍ରଦାନ କରି ବେଶ ଖୁସି ଅନୁଭବ କରୁଛି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ୨୦୨୫ ରଥ ଯାତ୍ରା ପାଇଁ ନୟାଗଡ଼, ଘୁମୁସର ଦକ୍ଷିଣ, ବରଗଡ଼, ଢେଙ୍କାନାଳ, ଆଠଗଡ଼ ଏବଂ ସିଟି ଡିଭିଜନ କଟକ ଏହି ୬ଟି ବନଖଣ୍ଡ ଡିଭିଜନରୁ ୬୯ ଜଣ ଦାତା ୧୧୦ଟି ଫାଶୀ କାଠ ଦାନ କରିଥିଲେ। ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଛୁ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପକୁ ସଫଳ କରାଇବା ପାଇଁ ଆମର ଲକ୍ଷ୍ୟ ରହିଛି।

## ସମ୍ବଲପୁର ନୃତ୍ୟ ଦେଲା ସଂସ୍କୃତି ପରମ୍ପରାର ବାର୍ତ୍ତା

ଗୋପ,୨୨।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

- ଶିଶୁକଳା ମହୋତ୍ସବ ଉଦ୍‌ଯାପିତ
- ଓଡ଼ିଆର ସଂସ୍କୃତି ପରମ୍ପରା ଭାଇଚାରା ସୃଷ୍ଟି କରେ

ଓଡ଼ିଆର ସଂସ୍କୃତି ପରମ୍ପରା କେବଳ ଜାତି ଧର୍ମ ନ ଥାଏ। ସଂସ୍କୃତି ପରମ୍ପରା ଭାଇଚାରା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ନେଇଥାଏ ବୋଲି ସତ୍ୟସାଇ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଅନୁଷ୍ଠିତ ଦ୍ୱିତୀୟ ଶିଶୁକଳା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍ ଏ ଶାହା ଅନ୍‌ସାରୀ ଯୋଗଦେଇ ଏହା କହିଛନ୍ତି। ସତ୍ୟସାଇ ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଦେବାଶିଂ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପାତ୍ର, ବିଭୂତି ଭୂଷଣ ପଟ୍ଟନାୟକ, ଇଞ୍ଜିନିୟର ସଞ୍ଜୀବ ନାରାୟଣ ସାହୁ, ପିଲାଙ୍କ ଖବର କାଗଜ ବାନର ସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ସଂସ୍କୃତି, ପରମ୍ପରା ଆମ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତା ମଧ୍ୟ ବାର୍ତ୍ତା ବହନ କରିଥାଏ ବୋଲି କହିଥିଲେ। ଏହି ଶିଶୁକଳା ଦ୍ୱିତୀୟ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାର ମଞ୍ଚକୁ ସଂଗ୍ରାମ କେଶରୀ ଭୋଳ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର ନାଥ ପ୍ରଧାନ, ବାମଦେବ ଆଲୁକ୍, ଅନାମିକା ପଣ୍ଡା, ପ୍ରଦୀପ କୁମାର ସ୍ୱାଇଁ, ସଚ୍ଚିଦାନନ୍ଦ ଗୋଛାୟତ, ଗୋପୀନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ୩ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୨।୧୨(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପାରକେଶା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ୩ଦିନ ଧରି ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ମିତାଲି ମଧୁସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜାପଡ଼ା ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ ରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ନିଜର ବାଲ୍ୟ ଜୀବନର କ୍ରୀଡ଼ାକୁ ବର୍ତ୍ତମାନ ସହିତ ତୁଳନା କରି ବର୍ତ୍ତମାନ ଶିକ୍ଷା ସହ କ୍ରୀଡ଼ା ଅତି ଜରୁରୀ ବୋଲି ପିଲାଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ଉଦ୍‌ବୋଧନ ଦେବା ସହ ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ବନ୍ଧରେ ପ୍ରତିଯୋଗୀଙ୍କୁ ଅବଗତ କରାଇଥିଲେ। ଚଳିତ ବର୍ଷର ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଓ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମିଶ୍ର ମଶାଲ ପ୍ରଜ୍ଜ୍ୱଳନ, ପତାକା ଉତ୍ତୋଳନ, ଅବତରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଯୋଗାସନ ମୁଦ୍ରା ଖୁବ ଚିତ୍ତାକର୍ଷକ ଥିଲା।


ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ


କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପୁରୀ,୨୨।୧୨(ଅଜିତ କୁମାର ମହାନ୍ତି)

**ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ନୋଟିସ୍‌କୁ ବିରୋଧ**

ଗ୍ରାହକଙ୍କ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ନୋଟିସ୍‌କୁ ବିରୋଧ କରିବା ସହ ଅନ୍ୟ ଦାବି ନେଇ ପୁରୀ ଜିଲା କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ବିଶାଳ ଜନସଚେତନତା ଶୋଭାଯାତ୍ରା ସ୍ଥାନୀୟ ଇନ୍ଦିରା ଭବନଠାରୁ ବାହାରି ପୁରୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଓ ପାୱାର ହାଉସ ଘେରାଉ କରାଯାଇଥିଲା।

କଂଗ୍ରେସ ପକ୍ଷରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଉପଭୋକ୍ତାଙ୍କ ଠାରୁ ଅଧିକ ବିଦ୍ୟୁତ ବିଲ୍ ଆଦାୟ କରୁଛି। ସେହିପରି ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ପାଇଁ ଉପଭୋକ୍ତାଙ୍କୁ ନୋଟିସ ପଠାଯାଉଛି। ଏହା ଏକପ୍ରକାର ସ୍ୱେଚ୍ଛାଚାରିତା ଓ ବେଆଇନ। ଏଣୁ ସରକାର ତୁରନ୍ତ ଏହି ନୋଟିସ ପ୍ରତ୍ୟାହାର କରନ୍ତୁ। ଜରିମାନା ଆଦାୟ ବନ୍ଦ କରାଯାଉ। ପ୍ରିପେଡ୍ ମିଟର ଲଗାଇବା ପାଇଁ ବାଧ କରାଯିବା ବନ୍ଦ ହେଉ ଏବଂ ଉପଭୋକ୍ତାଙ୍କୁ ମିଟର ଟେଷ୍ଟିଙ୍ଗ ରିପୋର୍ଟ ଦିଆଯାଉ। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିବ। ବିକ୍ଷୋଭରେ ବରିଷ୍ଠ ନେତା ବିଶ୍ୱଭୂଷଣ ଦାସ, ପୁରୀ ପ୍ରଭାରୀ ତଥା ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତଲତା ଆଚାର୍ଯ୍ୟ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ରଜତ କୁମାର ସାହୁ, ନିରଞ୍ଜନ ରଥ, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ ଏବଂ ସ୍ୱାଧୀନ କୁମାର ପଣ୍ଡା, ପ୍ରମୁଖ ସାମିଲ ଥିଲେ।

# ବଲିଉଡ୍ କଣ୍ଠଶିଳ୍ପୀ ଦୀପକଙ୍କ ସଙ୍ଗୀତ ଝୁମାଇଲା

ପୁରୀ,୨୨।୧୨(ଅଜିତ କୁମାର ମହାନ୍ତି)

**ପୁରୀ ମହୋତ୍ସବ ଉଦ୍‌ଯାପିତ**

ଓରେ ପିୟାରେ, ଲେ ଉଡାନ, ଲେଟ୍ସ ଗୋ ଡ୍ୟାନ୍ସ. ଭଳି ଲୋକପ୍ରିୟ ଗୀତରେ ଝୁମିଥିଲା ପୁରୀ ବେଳାଭୂମି। ବଲିଉଡ୍ କଣ୍ଠଶିଳ୍ପୀ ତଥା ବିଗ୍‌ବସ୍ ଫାଇନାଲିଷ୍ଟ ଦୀପକ ଠାକୁର ରବିବାର ପୁରୀ ମହୋତ୍ସବ ମଞ୍ଚରେ ଭେଟି ଦେଇଥିଲେ ଏହି ଲୋକପ୍ରିୟ ଗୀତ ସମୂହ। ସ୍ୱର୍ଗଦ୍ୱାର ବେଳାଭୂମିରେ ଦୀପକଙ୍କ ସଙ୍ଗୀତ ଏବଂ ମହମ୍ମଦ ନାସିରଙ୍କ କଣ୍ଠରେ ସଙ୍ଗୀତ ଉପଭୋଗ କରିଥିଲେ ଦର୍ଶକ। ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ସନ୍ଧ୍ୟା ସହ କୋଲକାତାର ରାଇବେନ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ଅପରାହ୍ନରେ ବିଚ୍ କ୍ରୀଡ଼ା ମଜା ଉଠାଇଥିଲେ ପର୍ଯ୍ୟଟକ। ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଚ୍ ଭଲିବଲ ପ୍ରତିଯୋଗିତା ହୋଇଥିଲା। ନୃତ୍ୟ, ସଙ୍ଗୀତ, ପାରମ୍ପରିକ ଲୋକକଳା, ସମରକଳା ସହ କ୍ରୀଡ଼ା କାର୍ଯ୍ୟକ୍ରମର ଭରପୂର ସମ୍ଭାର ଭେଟି ଦେଇଥିବା ଦୁଇଦିନିଆ ପୁରୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଠସାହି ଆଖଡ଼ା ସଭାପତି ରବୀନ୍ଦ୍ରନାଥ ସେନାପତି, ପୁରୀ ହୋଟେଲ ସଂଘ ସଭାପତି ରାମକୃଷ୍ଣ ଦାସ ମହାପାତ୍ର, ଏମ୍‌ପି ଶୁଭାଶିଷ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ତଲୁଛ ନୀଳକଣ୍ଠ ମହାପାତ୍ର, ଶ୍ରୀନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା, ରବିଶଙ୍କର ପ୍ରତିହାରୀ, ପ୍ରଫୁଲ୍ଲ ସାମନ୍ତରା, ବିଶ୍ୱନାଥ ସାମନ୍ତରା ଓ ଗୌରହରି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଅନେକ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିନୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଡ. ବିଶ୍ୱନାଥ ମିଶ୍ର ଏବଂ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଧାଂଶୁ ରଥ, ସୁରେନ୍ଦ୍ର ନାୟକ, ଶଙ୍ଖମିତ୍ର ସିଂହାରୀ ଏବଂ ଲକ୍ଷ୍ମୀନାରାୟଣ ପୃଷ୍ଟି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।


କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।



ମହୋତ୍ସବରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

# ବିରଜା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ଉତ୍ତେଜନା

## ଫୋନ୍ ପେ'ରୁ ଜଣାପଡ଼ିଲା ଯୁବକଙ୍କ ପରିଚୟ

ଯାଜପୁରଟାଉନ,୨୨।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ବିରଜା ମନ୍ଦିରରେ ସୋମବାର ହିନ୍ଦୁ ଝିଅ ଓ ଅଣହିନ୍ଦୁ ଯୁବକ ଉଭୟ ମିଶି ପ୍ରବେଶ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଯାଜପୁର ଟାଉନ ଥାନା ପୋଲିସ ଉଭୟ ପ୍ରେମୀ ଯୁଗଳଙ୍କୁ କାବୁକରି ଥାନାରେ ଆଣି ପଚରାଉଚରା କରିଛି। ପରେ ପୋଲିସ ଉଭୟ ହିନ୍ଦୁ ଝିଅ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁଅଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାରର ଲୋକେ ଥାନାକୁ ଆସିବା ପରେ ଆଇଆଇସି ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସମ୍ପୃକ୍ତ ଝିଅ ଓ ଯୁବକଙ୍କୁ ଉଭୟଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିଲେ। ପରେ ଭବିଷ୍ୟତରେ ଯେପରି ଏପରି ଭୁଲ୍ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ପାଇଁ ଏକ ଲେଖା ରଖି ଥାନାରେ ଏକ ଷ୍ଟେଶନ ଡାଏରି କରାଯାଇଛି।

ପୋଲିସ ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ହିନ୍ଦୁ ଝିଅ ଯାଜପୁର କଟିକେଟା ଇଜାପୁର ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ସୋମବାର ପୂର୍ବାହ୍ନରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରକୁ ଆସିଥିଲେ। ବାଇକ୍ ଷ୍ଟାଣ୍ଡରେ ଗାଡ଼ି ଓ ଜୋତା ଦୁଇ ହଳ ରଖିଥିଲେ। ଗାଡ଼ି ପାର୍କିଂ ଓ ଜୋତା ବାବଦକୁ ବିରଜା ମନ୍ଦିର ସେବାୟତ ତଥା ସାଇକେଲ ଷ୍ଟାଣ୍ଡର ମାଲିକ ବ୍ରହ୍ମାନନ୍ଦ ରଣା ସମ୍ପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ୨୦ ଟଙ୍କା ମାଗିଥିଲେ। ଯୁବକ ଜଣକ ପାର୍କିଂ ବାବଦକୁ ୨୦ଟଙ୍କା ଫୋନ୍ ପେ କରିଥିଲେ। ଷ୍ଟାଣ୍ଡର ମାଲିକ ରଣା ସମ୍ପୃକ୍ତ ଯୁବକଙ୍କୁ ଫୋନ୍ ଦେଖାଇବାକୁ କହିଥିଲେ। କିନ୍ତୁ ଯୁବକ ଜଣକ ଫୋନ ନ ଦେଖାଇ ପଳାଇଥିଲେ। ବ୍ରହ୍ମାନନ୍ଦଙ୍କ ସନ୍ଦେହ ହେବାରୁ ସେ ତାଙ୍କ ଫୋନ୍ ପେ ଚିକୁ ଯାଞ୍ଚ୍ କରିବା ପରେ ଜାଣିବାକୁ ପାଇଥିଲେ ଯେ ଫୋନ୍ ପେ କରିଥିବା ଯୁବକଙ୍କ ନାମ ହେଉଛି ଏସ୍. କେ. ମସ୍କୁର। ସେ ତୁରନ୍ତ ମନ୍ଦିରର ପୋଲିସ ଓ ବଜରଙ୍ଗ ଦଳର ସଦସ୍ୟଙ୍କୁ ଅବଗତ କରାଇଥିଲେ। ହିନ୍ଦୁ ଝିଅ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ମନ୍ଦିରର ବେଢ଼ାରେ ପ୍ରବେଶ କରି ବଉଳଗଛ ମୂଳରେ ବସିଥିଲେ। ସେଠାରୁ ମନ୍ଦିରର ପୋଲିସ ତାଙ୍କୁ ପଦାକୁ ଆଣି ପଚରାଉଚରା କରିବା ପରେ ସମ୍ପୃକ୍ତ ଯୁବକ ଜଣକ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି କହିଥିଲେ। କିଛି ସମୟ ପାଇଁ ବିରଜା ମନ୍ଦିର ସମ୍ମୁଖରେ ଉତ୍ତେଜନା ଲାଗି ରହିଥିଲା। ଉଭୟଙ୍କୁ ଯାଜପୁର ଟାଉନ ଥାନାକୁ ଆଣି ଅଟକ ରଖି ପଚରାଉଚରା କରାଯାଇଥିଲା।


ବିରଜା ମନ୍ଦିର ବାହାରେ ଉତ୍ତେଜନା ପ୍ରକାଶ ପାଇଛି।




# ମଧ୍ୟାହ୍ନଭୋଜନ: ଅଣ୍ଡା ବଦଳରେ ଏକ୍ସପାଏରି ବିସ୍କୁଟ୍

- ବିଇଓଙ୍କ ନିକଟରେ ଅଭିଯୋଗ କଲେ ଛାତ୍ରୀଛାତ୍ର
- ତଦନ୍ତ କଲେ ସିଆର୍‌ସିସି

ଲାଠୋର,୨୨।୧୨(ଭୁବନେଶ୍ୱର ବାରିକ)

ବିଦ୍ୟାଳୟକୁ ପାଠପଢ଼ିବା ପାଇଁ ଆସୁଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ଲାଗି ସରକାର ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଛନ୍ତି। ସେହି କ୍ରମରେ ସୋମବାର, ବୁଧବାର ଏବଂ ଶୁକ୍ରବାର ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଅଣ୍ଡା ତରକାରି ଦିଆଯିବା କଥା। ହେଲେ ସୋମବାର ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡୋଲମାନ୍ଦଲ ପଞ୍ଚାୟତର ଇନ୍ଦିରା ଗାନ୍ଧୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ନିୟମ ଉଲ୍ଲଙ୍ଘନ କରି ସୋମବାର ଛାତ୍ରୀଛାତ୍ରଙ୍କୁ ଅଣ୍ଡା ତରକାରି ଦେବା ବଦଳରେ ଏକ୍ସପାଏରି ବିସ୍କୁଟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଛାତ୍ର ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଗୌତମ ପଟେଲଙ୍କୁ ଫୋନ୍ ଯୋଗେ ଜଣାଇବା ସହ ସିଆର୍‌ସିସିଙ୍କ ଜରିଆରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୮୩ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ଏବେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୭୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ନବମ ଏବଂ ଦଶମ ଶ୍ରେଣୀରେ ୧୬୦ ଛାତ୍ରୀଛାତ୍ର ପଢ଼ୁଛନ୍ତି। ସେମାନଙ୍କ ପାଇଁ ସୋମବାର ମଧ୍ୟାହ୍ନଭୋଜନରେ ଅଣ୍ଡା ତରକାରି ରନ୍ଧା ନ ଯାଇ ଭାତ, ଡାଲି ଏବଂ ଏକ୍ସପାଏରି ବିସ୍କୁଟ ଦିଆଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଇଓ ପଟେଲ ଜାଣିବା ପରେ ଘଟଣାର ତଦନ୍ତ କରିବା ପାଇଁ ସିଆର୍‌ସିସି କୃତ୍ତିବାସ ବରିହାଙ୍କୁ ଉକ୍ତ ସ୍କୁଲକୁ ପଠାଇଥିଲେ। ସିଆର୍‌ସିସି ପହଞ୍ଚି ଛାତ୍ରୀଛାତ୍ରଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ସହ ତଦନ୍ତବେଳେ ଏକ୍ସପାଏରି ବିସ୍କୁଟ୍ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ତେବେ ଉକ୍ତ ବିସ୍କୁଟ୍ ଜବତ କରିବା ସହ ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରାଯିବ ବୋଲି ବରିହା କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ଦୀପ ତରିଆ କହିଛନ୍ତି, ମଧ୍ୟାହ୍ନଭୋଜନ ଦାୟିତ୍ୱ ସ୍କୁଲର ଜଣେ ଶିକ୍ଷକଙ୍କୁ ଦିଆଯାଇଥିଲେ। ଏ ସମ୍ପର୍କରେ ସେ କହିପାରିବେ ବୋଲି ସଫେଇ ଦେଇଥିଲେ। ଅପରପକ୍ଷେ ବିଇଓ ପଟେଲ କହିଛନ୍ତି, ସିଆର୍‌ସିସି ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣା: ଆଉ ଜଣେ ଗିରଫ

ସୋର,୨୨।୧୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ମଲ୍ଲିକୁଆ ଗ୍ରାମରେ ଅକ୍ଟୋବରରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ପୋଲିସ ରବୀନ୍ଦ୍ର ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ସେପ୍ଟେମ୍ବରରେ ଚଇତା, ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂଙ୍କୁ ଗଛରେ ବାନ୍ଧି ମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ସୋର ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗତ ଅକ୍ଟୋବର ୧୨ରେ ଟୁନି ସିଂଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ପୂର୍ବରୁ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଗୋରୁ ବୋଝେଇ କଣ୍ଟେନର ଜବତ, ୪ ଗିରଫ


କଣ୍ଟେନରରେ ଦୟନୀୟ ଅବସ୍ଥାରେ ଗୋରୁଙ୍କୁ ନିଆଯାଉଛି।

ଗାନ୍ଧିଛକ,୨୨।୧୨(ଦିଲୀପ ପଣ୍ଡା)

ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥ ଦେଇ ନିୟମିତ ଗୋଚାଲାଣ ଜାରି ରହିଛି। ବସ୍ତା ଥାନା ଅଧୀନ ଭେଲୋରା ଛକଠାରେ ସୋମବାର ଏକ ଗୋରୁ ବୋଝେଇ କଣ୍ଟେନର ଜବତ ହୋଇଛି। ବାଲେଶ୍ୱର ପଟୁ ଏକ କଣ୍ଟେନରରେ ୫୦ରୁ ଉର୍ଦ୍ଧ୍ୱ ଗୋରୁ ଭର୍ତ୍ତି କରାଯାଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଖବର ପାଇ ବଜରଙ୍ଗ ଦଳର କର୍ମୀମାନେ ଉକ୍ତ କଣ୍ଟେନରର ପିଛା କରିଥିଲେ। ଭେଲୋରା ଛକ ଠାରେ କଣ୍ଟେନରକୁ ଅଟକାଇ ବସ୍ତା ଥାନା ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଥିଲା। କଣ୍ଟେନରରେ ଥିବା ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୫୫୩/୨୫) ରୁଜୁ କରି କଣ୍ଟେନର ଡ୍ରାଇଭରଙ୍କ ସମେତ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରିଛି।

# ନକଲି ସାର ବିକ୍ରି ଅଭିଯୋଗ, ଉତ୍ତେଜନା

## ସାର ବିକ୍ରୟ କେନ୍ଦ୍ରରେ ତାଲା

ଯାଜପୁର/ବ୍ରହ୍ମବରଦା,୨୨।୧୨
(ହର୍ଷବର୍ଦ୍ଧନ ବେହେରା/ ଯଯାତି କେଶରୀ ବେହେରା)

ମରୁଡ଼ି, ଅଦିନିଆ ବର୍ଷା ତଥା ପ୍ରାକୃତିକ ବିପର୍ଯ୍ୟୟରେ ଯାଜପୁର ଜିଲା ଚାଷୀ ତଳିତଳାନ୍ତ ହୋଇଆସୁଛନ୍ତି। ଏହାସହ ନକଲି ସାର ଓ କୀଟନାଶକ ବ୍ୟବହାର ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡ଼ା ଛକଠାରେ ଥିବା ଏକ ସାର ଦୋକାନରେ ସୋମବାର ନକଲି ସାର ବିକ୍ରି ହେଉଥିବା ସୂଚନା ମିଳିଥିଲା। ଏହାକୁ ନେଇ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ କଥା କଟାକଟି ହେବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇଁ ବ୍ରହ୍ମବରଦା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାର ବିକ୍ରୟ କେନ୍ଦ୍ରରେ ତାଲା ପକାଇ ଉତ୍ତେଜିତ ଚାଷୀମାନଙ୍କୁ ବୁଝାଶୁଝା କରି ଫେରିଥିବା ଜାଣିବାକୁ ମିଳିଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଝାଲପଡା, ମଙ୍ଗରାଜପୁର ଓ ଅର୍ଥଙ୍ଗା ଗ୍ରାମର ଶତାଧିକ ଚାଷୀ ଉକ୍ତ ବ୍ୟବସାୟୀଙ୍କଠାରୁ ଡିଏପି ୧୮୪୬ ନାମକ ସାର କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାରେ କ୍ରୟ କରି ଆଖୁ, ଚିନାବାଦାମ ପ୍ରମୁଖ ଚାଷ ଜମିରେ ପକାଇଛନ୍ତି। ହେଲେ ମାସମାସ ବିତିଯାଇଥିଲେ ମଧ୍ୟ ଉକ୍ତ ସାର ମାଟିରେ ମିଶୁ ନାହିଁ। ଏହି ଘଟଣାକୁ ନେଇ ସୋମବାର ସକାଳେ ବହୁ ଚାଷୀ ଉକ୍ତ ବ୍ୟବସାୟୀଙ୍କ ଦୋକାନରେ ପହଞ୍ଚି ପଚରାଉଚରା କରିଥିଲେ। ବ୍ୟବସାୟୀଜଣକ ଉକ୍ତ ସାରକୁ ଜାରକା ଡିପୋରୁ ଆଣି ବିକ୍ରି କରୁଥିବା ବେଳେ ପ୍ରକୃତରେ ଏହା ଅସଲି କି ନକଲି ସେ ଜାଣି ନ ଥିବା କହିଥିଲେ। ଏନେଇ ସେ ଜାରକା ଡିପୋର ବ୍ୟବସାୟୀଙ୍କୁ ଡକାଇଥିଲେ। ଜାରକା ଡିପୋ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ଆହୁରି ବଢ଼ିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ବ୍ରହ୍ମବରଦା ଥାନା ପୋଲିସକୁ ସୂଚନା ଦେଇଥିଲେ। ଆସନ୍ତା ବୁଧବାର ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା କରାଯିବା ସହ ଉକ୍ତ ସାର ନକଲି ପ୍ରମାଣିତ ହେଲେ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ସମ୍ପୃକ୍ତ ଜାରକା ସାର ବ୍ୟବସାୟୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଚାଷୀ ବୀର କିଶୋର ନାୟକ, ଦେବେନ୍ଦ୍ର ମୁଦୁଲି, କାହ୍ନୁ ଚରଣ ଦାସ, ସହଦେବ ମୁଦୁଲି, ମାଧବ ମୁଦୁଲି, ପ୍ରଶାନ୍ତ ମୁଦୁଲି, ଦୁର୍ଯ୍ୟୋଧନ ନାୟକ, କୃଷ୍ଣଚନ୍ଦ୍ର ଜେନା, ମଦନ ମଲ୍ଲିକ, ବଲ୍ଲଭ ବିଶ୍ୱାଳ ପ୍ରମୁଖ ଚାଷୀ ଏହି ସାରକୁ କ୍ରୟ କରି ଚାଷ କ୍ଷେତରେ ପକାଇଥିବା ଓ କ୍ଷତି ସହିଥିବା ଅଭିଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ସାର କାରଖାନାରୁ ନକଲି ସାର ପ୍ରସ୍ତୁତ କରାଯାଇ ଚାଷୀଙ୍କୁ ଯୋଗାଣ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି।

କୃଷି ବିଭାଗ ପକ୍ଷରୁ କୀଟନାଶକ ଓ ସାର କାରଖାନାର କୌଣସି କାଗଜପତ୍ର ତଦନ୍ତ ନ କରି ପୂର୍ବରୁ ଲାଇସେନ୍ସ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ତେଣୁ ଏଭଳି ଅନୈତିକ ସଂସ୍ଥା ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇପିକଲ୍‌ର ଅଧ୍ୟକ୍ଷଙ୍କୁ ୨୦୧୮ ଜାନୁଆରୀରେ ନୋଟିସ ହୋଇଥିଲା। ଉକ୍ତ ନୋଟିସରେ ଜାରକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଓ କୋରେଇ ବ୍ଲକରେ ଥିବା ଦୁଇଟି ସାର କାରଖାନାର ନାମ ରହିଥିଲା। ବାର୍ଷିକ ୨ କୋଟି ଟଙ୍କାର କାରବାର କରୁଥିବା ଏହି ସାର ଉତ୍ପାଦନକାରୀ କିମ୍ବା ପ୍ୟାକିଂ କରୁଥିବା ସଂସ୍ଥା ଅନୁମତି ପତ୍ର ବିନା ଦୀର୍ଘ ବର୍ଷ ହେଲା ଚାଲୁଥିଲା। ଏହି ଖବର ସାରା ରାଜ୍ୟରେ ପ୍ରସାରିତ ହେବା ପରେ କୀଟନାଶକ ଓ ସାର ନେଇ ବିଧାନସଭାରେ ତୁମ୍ବିତୋଫାନ ହୋଇଥିଲା। ଏହାପରେ ଶିଳ୍ପ ଓ କୃଷି ବିଭାଗ ପକ୍ଷରୁ ସାର ଓ କୀଟନାଶକ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ଉପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଏହାପରେ କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା ଜିଲାର ଏକାଧିକ ସାର କାରଖାନା ଆବଶ୍ୟକ ଅନୁମତି ନ ନେଇ ଚାଲିଥିବା ସେତେବେଳେ ଜଣାପଡ଼ିଥିଲା। ନକଲି ସାର ଉତ୍ପାଦନକାରୀ ସଂସ୍ଥାରୁ ବିଭିନ୍ନ ସାର ଆଣି ଚାଷୀ ଫସଲ ସଂକ୍ରମଣକୁ ରକ୍ଷା କରିବାକୁ ବହୁ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଫସଲ ସଂକ୍ରମଣରୁ ରକ୍ଷା ହେବା ପରିବର୍ତ୍ତେ ଅଧିକ କ୍ଷତି ହେଉଛି। ଧାନ ଚାଷରେ ବିଭିନ୍ନ ପୋକ ଲାଗିବା ଯୋଗୁ ପରିଶ୍ରମ ଅନୁଯାୟୀ ଅମଳ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଚାଷୀ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରୁଥିଲେ ବି କୌଣସି ଫଳ ମିଳୁନାହିଁ ବୋଲି ମତପ୍ରକାଶ ପାଇଛି।

# ପୁଞ୍ଜି ଆଣୁଛନ୍ତି ବୋଲି କହୁଛନ୍ତି, ବାସ୍ତବ ଚିତ୍ର ଭିନ୍ନ: ବିଜେଡି

ଭୁବନେଶ୍ୱର,୨୨।୧୨(ସୁମିତ୍ ମିଶ୍ର)

ରାଜ୍ୟରେ ଶିଳ୍ପର ଉନ୍ନତି କରିବା ନିମନ୍ତେ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ରାଜକୋଷରୁ ବହୁ କୋଟି ଟଙ୍କା ପାଣି ଭଳି ବ୍ୟୟ କରି ଦେଶବିଦେଶରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ପୁଞ୍ଜି ଆଣୁଛନ୍ତି ବୋଲି ଡିଣ୍ଡିମ ପିଟୁଥିଲାବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ବୋଲି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି ବିଜେଡି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏହି କଥାକୁହା ଭାଜପା ସରକାର ଶିଳ୍ପାୟନ ବାବଦରେ ବଡ଼ ବଡ଼ ବାହୁସ୍ଫୋଟ ମାରୁଥିଲେ ମଧ୍ୟ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଇଭି ବ୍ୟାଟେରି ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପ ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଥିଲା ବେଳେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ୧ ଲକ୍ଷ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ କେନ୍ଦ୍ରାପଡ଼ାରୁ ଆନ୍ଧ୍ର ପ୍ରଦେଶକୁ ସ୍ଥାନାନ୍ତର ହୋଇଛି। ସେହିପରି ଏସ୍.ରାମ, ଏନ୍.ରାମ ସେମିକଣ୍ଡକ୍ଟର ପ୍ରକଳ୍ପ ଓ ୱାରି ସୋଲାର ପ୍ରକଳ୍ପ ମଧ୍ୟ ଓଡ଼ିଶା ଛାଡ଼ି ଚାଲିଯାଇଛନ୍ତି। ଏ ସରକାର ଶିଳ୍ପାୟନ ନାମରେ ଜନସାଧାରଣଙ୍କୁ ଭୁଆଁ ବୁଲାଉଛି। ଡବଲ ଇଞ୍ଜିନ ସରକାର ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିଲା ବେଳେ କେନ୍ଦ୍ରୀୟ ଅନୁଦାନ ୧୮.୧୯% କମିଥିଲା ବେଳେ ଅଭିବୃଦ୍ଧି ହାର ୯.୬%ରୁ ଖସି ୭.୨%ରେ ପହଞ୍ଚିଛି। ଶିଳ୍ପ ଅଭିବୃଦ୍ଧି ହାର ୮.୭%ରୁ ୬.୧%କୁ ଖସି ଆସିଛି। ଅନ୍ୟପଟେ ରାଜ୍ୟରେ ବେକାରି ହାର ମଧ୍ୟ ୩.୯%କୁ ବୃଦ୍ଧି ପାଇଥିଲା ବେଳେ ରାଜ୍ୟ ସରକାର ଜନସାଧାରଣଙ୍କୁ ମିଛ ସ୍ୱପ୍ନ ବାଣ୍ଟୁଛନ୍ତି ବୋଲି ସେ କହିଛନ୍ତି।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
Email: malla@magnum-india.com

**"ଜାତୀୟ ତାଳଗୁଡ଼ ଦିବସ"**
**ଉପଲକ୍ଷେ**

PALM CRAFT SINCE 1959

ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ. ପରିବାର ତରଫରୁ ତାଳଗୁଡ଼ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ଼ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ଼ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

"ସହଯୋଗ ହିଁ ଯୁଗଧର୍ମ"

ପି ପ୍ରଭାକର ରାଓ
ପରିଚାଳନା ନିର୍ଦ୍ଦେଶକ

ପ୍ରଫୁଲ୍ଲ କୁମାର ଜେନା
ସଭାପତି

# ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବତୀଯୁବକ ମୃତ

ବଣାଇଁ, ଲହୁଣୀପଡ଼ା,୨୨।୧୨
(ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନାର ବିରତୋଳା ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ସୋମବାର ଜଣେ ଯୁବତୀ ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାଉରକେଲା ଅଞ୍ଚଳର ଜ୍ଞାନେନ୍ଦ୍ର ସ୍ୱାଇଁ ଓ ଡି. ମୋନାଲିସା ରାଓ। ଏନେଇ ପୋଲିସ ଚାନ୍ଦିପୋଷ ଥାନାରେ ୨ଟି ଅପମୃତ୍ୟୁ ମାମଲା ନଂ. ୨୩/୨୫ ଓ ୨୪/୨୫ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ବ୍ରାହ୍ମଣୀ ନଦୀ କୂଳ ନିକଟରେ ଏକ ବାଇକ ଓ କିଛି କପଡ଼ା ଥିବା ନେଇ ନିକଟସ୍ଥ ଗ୍ରାମବାସୀଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ସେମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନଦୀରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**JEYPORE (R&B) CIRCLE, JEYPORE**
// No. 5027 //Dt. 22.12.2025 //

1st Corrigendum to EOI Identification No. CCEJC (R&B)-01/2025-26

**Expression of Interest**

**No.B-889** : The following modifications are made to EOI Identification no. CCEJC (R&B) – 01/2025-26 Vide Letter No. 4946 Dated. 12.12.2025.

1. Letter of invitation of the Authority along with all other relevant details of Expression of Interest (EOI) will be available in the website https://tendersodisha.gov.in from 10:30 A.M. of 31.12.2025 to 4:00 P.M. of 27.01.2026. Further details with any addendum, corrigendum and cancellation can be seen in the website.
2. Expression of Interest (EOI) shall be received only "On-line" latest by 4:00 P.M. of 27.01.2026.
3. Proposals received "On-line" shall be opened at 11:00 A.M. on 28.01.2026 in the Office of the Chief Construction Engineer, Jeypore (R&B) Circle, Jeypore in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

Sd./- Biswanath Marndi
Chief Construction Engineer,
Jeypore (R&B) Circle, Jeypore

OIPR-34108/11/0042/2526

**ଭାରତୀୟ କପା ନିଗମ ଲିମିଟେଡ୍**
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୨.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**ଅସାଧାରଣ**
**ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)**
**ରେଳମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର, ଭୁବନେଶ୍ୱର, ତାରିଖ-21.11.2025**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

**S.O. 5344(E).**- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ୍ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଗଞ୍ଜାମ ଜିଲ୍ଲାରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ ମଧ୍ୟରେ KM 556/1-3ରେ ଲେଭେଲ୍ କ୍ରସିଂସଂଖ୍ୟା-275 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିରୁପ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଖଲିକୋଟ ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂସଂଖ୍ୟା-275 କୁ ବନ୍ଦ କରିବା ପରିବର୍ତ୍ତେ KM 556/1-3 ମଧ୍ୟରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାଓଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ସୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ସୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ସୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାଓଡ଼ା-ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ରମ୍ଭା(RBA)-ହୁମ୍ମା(HMA) ଷ୍ଟେସନ୍ ମଧ୍ୟରେ KM-556/1-3 ରେ ଲେଭେଲ୍ କ୍ରସିଂସଂଖ୍ୟା.275 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

**ଜିଲ୍ଲାର ନାମ:-ଗଞ୍ଜାମ** — **ଏନେକ୍ସର-1**

**ଭୂମି ସୂଚୀ**
**ପ୍ରକଳ୍ପର ନାମ:- ଆର.ଓ.ବି–275 ର ନିର୍ମାଣ**
**ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୁର୍ଦ୍ଧା ରୋଡ୍**
**ତହସିଲଦାରଙ୍କ ନାମ:-ଖଲ୍ଲିକୋଟ**

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଏକରରେ | ଭୂମିର ପ୍ରକାର | ଭୂମିର ମାଲିକାନା |
|---|---|---|---|---|---|
| 1 | ରମ୍ଭା | 1550/4923 | 0.0430 | ଉପଲବ୍ଧ ନାହିଁ | ନିଜସ୍ୱ |
| 2 | ରମ୍ଭା | 1522 | 0.2054 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 3 | ରମ୍ଭା | 1521 | 0.0107 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 4 | ରମ୍ଭା | 2207 | 0.0293 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 5 | ରମ୍ଭା | 2209 | 0.3587 | ରାସ୍ତା | ସରକାରୀ |
| 6 | ରମ୍ଭା | 1563 | 0.1150 | ରାସ୍ତା | ସରକାରୀ |
| 7 | ରମ୍ଭା | 2205 | 0.0514 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 8 | ରମ୍ଭା | 2206 | 0.0024 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 9 | ରମ୍ଭା | 2206/4905 | 0.0048 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 10 | ରମ୍ଭା | 3033 | 0.0002 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 11 | ରମ୍ଭା | 3175 | 0.1157 | ବିଲ ଏକ | ନିଜସ୍ୱ |
| 12 | ରମ୍ଭା | 3173 | 0.1516 | ବିଲ ଏକ | ନିଜସ୍ୱ |
| 13 | ରମ୍ଭା | 3165 | 0.0525 | ଅଡ଼ି | ସରକାରୀ |
| 14 | ରମ୍ଭା | 3166 | 0.5079 | ଜଳାସୟ ଦୁଇ | ସରକାରୀ |
| 15 | ରମ୍ଭା | 3167 | 0.0266 | ଅଡ଼ି | ସରକାରୀ |
| 16 | ରମ୍ଭା | 3168 | 0.0014 | ଦେବସ୍ଥଳୀ | ସରକାରୀ |
| 17 | ରମ୍ଭା | 2210 | 0.1457 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 18 | ରମ୍ଭା | 2211 | 0.1818 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 19 | ରମ୍ଭା | 2213 | 0.0332 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 20 | ରମ୍ଭା | 2212 | 0.1180 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 21 | ରମ୍ଭା | 2214 | 0.1580 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 22 | ରମ୍ଭା | 2217 | 0.0914 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 23 | ରମ୍ଭା | 2863 | 0.2702 | ରାସ୍ତା | ସରକାରୀ |
| 24 | ରମ୍ଭା | 2863/4929 | 0.0272 | ନୟନଜୋରି | ସରକାରୀ |
| 25 | ରମ୍ଭା | 3035 | 0.0387 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 26 | ରମ୍ଭା | 3034 | 0.0276 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 27 | ରମ୍ଭା | 3036 | 0.3678 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 28 | ରମ୍ଭା | 3030 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 29 | ରମ୍ଭା | 3031 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 30 | ରମ୍ଭା | 3157 | 0.1283 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 31 | ରମ୍ଭା | 3158 | 0.0261 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 32 | ରମ୍ଭା | 3163 | 0.0499 | ରାସ୍ତା | ସରକାରୀ |
| 33 | ରମ୍ଭା | 4274 | 0.0328 | ନୟନଜୋରି | ସରକାରୀ |
| 34 | ରମ୍ଭା | 3174 | 0.1301 | ବିଲ ଏକ | ନିଜସ୍ୱ |
| 35 | ରମ୍ଭା | 3172 | 0.0460 | ନାଳ | ସରକାରୀ |
| | | ମୋଟ | 3.8428 | | |

ତହଶିଲଦାର ଖଲିକୋଟ — ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ ପୂର୍ବ ତଟ ରେଳପଥ /ଭୁବନେଶ୍ୱର

PR-194/CI/25-26

# ଆନ୍ତଃରାଜ୍ୟ ଲିଙ୍କ୍‌ରେ ବିହାରରୁ ଆଉ ଜଣେ ଗିରଫ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ଶଙ୍କର, ସୁରେଶଙ୍କୁ ପଚରାଉଚରା ପରେ ମିଳିଲା ଅମିତ୍‌ଙ୍କ ଲିଙ୍କ୍
- ରିମାଣ୍ଡ ଶେଷ ପରେ ଜେଲ ଗଲେ ଶଙ୍କରଙ୍କ ସମେତ ୩ ଅଭିଯୁକ୍ତ
- ହଜାର କୋଟି ସମ୍ପର୍କରେ ସିବିଆଇକୁ ସବୁ କହିଛି: ଶଙ୍କର
- ରାକେଟ୍‌ରେ ଥିବା ଆଇପିଏସ୍ ଅଧିକାରୀଙ୍କୁ ସିବିଆଇର ସମନ

ଭୁବନେଶ୍ୱର,୨୨।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ମାମଲାରେ ସିବିଆଇ ଆନ୍ତଃରାଜ୍ୟ ଲିଙ୍କ୍ ଅଭିଯୋଗରେ ବିହାରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ଅମିତ୍ ଭାରତୀ। ତାଙ୍କୁ ସିବିଆଇ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଛି। ଶଙ୍କର ପୃଷ୍ଟି ଏବଂ ସୁରେଶ ନାୟକଙ୍କୁ ମାରାଥନ ଜେରା କରାଯିବାପରେ ଅମିତ୍‌ଙ୍କ ଲିଙ୍କ୍ ପଦାକୁ ଆସିଥିଲା। ପ୍ରଶ୍ନପତ୍ର କିଭଳି ପିଲାଙ୍କ ନିକଟରେ ପହଞ୍ଚିବ, କେଉଁଭଳି ପ୍ରଶ୍ନ ପ୍ରସ୍ତୁତ କରାଯିବ, ସେନେଇ ସବୁକିଛି ଅମିତ୍ ବୁଝୁଥିଲେ। ତେଣୁ ସିବିଆଇର ଏକ ଟିମ୍ ବିହାର ଯାଇ ତାଙ୍କୁ ଗିରଫ କରିଛି। ଅମିତ୍‌ଙ୍କୁ ଭୁବନେଶ୍ୱର ଆଣିବା ପରେ ସ୍ୱେଶାଲ ସିବିଆଇ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲ ପଠାଯାଇଥିବା ଜଣାପଡ଼ିଛି।

ଅନ୍ୟପଟରେ ୪ ଦିନିଆ ରିମାଣ୍ଡ ଶେଷ ପରେ ଶଙ୍କର, ସୁରେଶ ଏବଂ ସାଗର ଗୌଡ଼ଙ୍କୁ ସ୍ୱେଶାଲ ସିବିଆଇ କୋର୍ଟରେ ହାଜର କରିବାପରେ ଜେଲ ପଠାଇ ଦିଆଯାଇଛି। କୋର୍ଟରେ ହାଜର ସମୟରେ ଶଙ୍କରଙ୍କୁ ହଜାର କୋଟିର ଡିଲ୍ କଥା ଗଣମାଧ୍ୟମ ପ୍ରତିନିଧି ପଚାରିଥିଲେ। ସିବିଆଇକୁ ସବୁ କଥା କହିଛି, ତାଙ୍କୁ ପଚାରନ୍ତୁ ସେମାନେ କହିବେ ବୋଲି ଶଙ୍କର କହିଥିଲେ। ରିମାଣ୍ଡ ସମୟରେ ଶଙ୍କର, ସୁରେଶଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରିଥିବା ଜାଣିବାକୁ ମିଳିଛି। ବିଶେଷକରି ଏହି ରାକେଟ୍ କିଭଳି ଚାଲୁଥିଲା ଶଙ୍କର ଏବଂ ସୁରେଶ ସବୁ କିଛି ସିବିଆଇ ଆଗରେ ବଖାଣିଛନ୍ତି। ବଡ଼ କଥା ହେଲା ଏହି ରାକେଟରେ ଥିବା ଜଣେ ଆଇପିଏସ୍‌ଙ୍କ ଭୂମିକା ଏବେ ପଦାକୁ ଆସିଛି। ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ପାଇଁ ସିବିଆଇ ଲାଗିପଡ଼ିଛି। ଓପିଆର୍‌ବିର ଜଣେ ଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀଙ୍କୁ ପଚରାଉଚରା କରିବା ପରେ ତାଙ୍କ ଲିଙ୍କ୍ ସିବିଆଇ ଜାଣିବାକୁ ପାଇଛି। ତେଣୁ ପୁଣି ସିବିଆଇ ଓପିଆର୍‌ବିର ଆଉ ୩ ଜଣଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି।



ଶଙ୍କର ପୃଷ୍ଟି

ଏହି ୩ଜଣଙ୍କୁ ପଚରାଉଚରା କରିବା ପରେ ସିବିଆଇ ଏହି ଆଇପିଏସ୍‌ଙ୍କ ଭୂମିକା ଥିବା ଜଣାପଡ଼ିବାପରେ ସିବିଆଇ ସମନ୍ କରିଥିବା କୁହାଯାଉଛି। ଆସନ୍ତା ୨ଦିନ ଭିତରେ ଉକ୍ତ ଆଇପିଏସ୍ ହାଜର ହେବେ ବୋଲି ଜଣାପଡ଼ିଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣଭାବେ ଓପିଆରବିର ଥିବାବେଳେ କେଉଁ କାରଣ ପାଇଁ ଏହି ବିଭାଗ ଚୁପ ରହିଥିଲା, ତାହା ଏବେ ସିବିଆଇ ଘାଣ୍ଟୁଛି। ଏପରିକି ଓପିଆରବିରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କ ବ୍ୟାଙ୍କ୍ ଡିଟେଲ୍ସ ଘାଣ୍ଟିବା ସହ ସିଡିଆର ମଧ୍ୟ ଯାଞ୍ଚ କରାଯାଉଛି। ତାହା ସ୍ପଷ୍ଟ ହେବା ପରେ ସିବିଆଇ ଉଠାଇବ ବୋଲି ଚର୍ଚ୍ଚା ହେଉଛି। ଏହି ଜାଲିଆତି ମାମଲାରେ ସିବିଆଇର ଗିରଫ ସଂଖ୍ୟା ୬ ହୋଇଥିବାବେଳେ ସମୁଦାୟ ଗିରଫ ସଂଖ୍ୟା ୧୨୯ରେ ପହଞ୍ଚିଛି।

# ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ହତ୍ୟା

## ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ



ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି।

ଭବାନୀପାଟଣା/ଧର୍ମଗଡ଼, ୨୨।୧୨ (ଉତ୍ତମ କୁମାର ଦାଶ/ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସୁଚିତ୍ରା ଖୁଣ୍ଟିଆ (୬୨) ନାମ୍ନୀ ସ୍ୱାସ୍ଥ୍ୟ ବିଭାଗର ଜଣେ ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ତାଙ୍କ ବେକରେ ଆଘାତ ଲାଗିଥିବାବେଳେ ହାତରେ ମଧ୍ୟ ଚିହ୍ନ ରହିଛି। ମହିଳା ଜଣକ ଘୋଡାଇ ହୋଇଥିବା ଶାଲ୍‌ରେ ତାଙ୍କ ବେକକୁ ଚିପି ଦୁର୍ବୃତ୍ତମାନେ ମାରିଥିବା ଅନୁମାନ କରାଯାଉଛି। ଏହାସହ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟିନେଇଛନ୍ତି। ମହିଳାଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ତାଙ୍କ ସ୍କୁଟିକୁ ନେଇ ୨ କି.ମି. ଦୂର ବିଜୁ ଏକ୍ସପ୍ରେସ ୱେରେ ଛାଡି ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦୨୪ରେ ସୁଚିତ୍ରା ସୁପରଭାଇଜର ପଦବୀରୁ ଅବସର ନେଇଥିଲେ। ତାଙ୍କ ଘର ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ମହାଦେବ ବସ୍ତ ବୋଲି ଜଣାପଡିଛି। ତାଙ୍କ ସ୍ୱାମୀ ଜଣେ ଅସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଓ ୨ ପୁଅ ସରକାରୀ କର୍ମଚାରୀ। ମହିଳାଙ୍କ ସ୍ୱାମୀ ଓ ୨ ପୁଅ ସମସ୍ତେ ବାହାରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଏପରିସ୍ଥଳେ ରବିବାର ରାତିରେ ଦୁର୍ବୃତ୍ତମାନେ ଆସି ତାଙ୍କୁ ହତ୍ୟା କରିଥିଲେ। ତେବେ କେଉଁ କାରଣରୁ ସେମାନେ ଏଭଳି କାଣ୍ଡ ଭିଆଇଲେ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକେ ଘର ଆଗରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଚୋରି ପାଇଁ ନୁହେଁ ବରଂ ଅନ୍ୟ ଉଦ୍ଦେଶ୍ୟରେ ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ଧର୍ମଗଡ଼ ଥାନାରେ ଏକ ମାମଲା (ନଂ.୩୮୭/୨୫) ରୁଜୁ ହୋଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ: କଲେଜ ସମ୍ପାଦକ ଗିରଫ

ବଲାଙ୍ଗୀର, ୨୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ଏକ ଘରୋଇ କଲେଜରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଲାଙ୍ଗୀର ସଦର ଥାନା ପୋଲିସ ଉକ୍ତ କଲେଜର ସମ୍ପାଦକ ନାରାୟଣ ମିଶ୍ର (୪୩)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ଶୁକ୍ରବାର ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ନାରାୟଣ ତାଙ୍କ କ୍ୱାର୍ଟର୍ସକୁ ଡାକି ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ସେଠାରୁ ଖସି ଆସିବା ପରେ ଜୀବନରେ ମାରିଦେବା ପାଇଁ ସେ ତାଙ୍କୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୫୫୩/୨୫) ରୁଜୁ କରି ଅଭିଯୁକ୍ତ ମିଶ୍ରଙ୍କୁ ରବିବାର ରାତିରେ ଗିରଫ କରିଛି। ତେବେ ଏନେଇ ଅଭିଯୁକ୍ତ ସମ୍ପାଦକ ମିଶ୍ରଙ୍କ ମତାମତ ମିଳିପାରିନାହିଁ।

# ଜୁନିୟର ଆକାଉଣ୍ଟାଣ୍ଟଙ୍କ ବିପୁଳ ସମ୍ପତ୍ତି ଠାବ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ, ଭିଜିଲାନ୍ସ ଚଢ଼ାଉ

ସୁନ୍ଦରଗଡ଼/ବାଲେଶ୍ୱର, ୨୨।୧୨ (ଜୟ ନାରାୟଣ ମେଣ୍ଡୁଲି/ ବାଞ୍ଛାନିଧି ଦେ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ସୁନ୍ଦରଗଡ଼ ଜିଲା ଓଡ଼ିଶା ଷ୍ଟେଟ ସିଭିଲ ସପ୍ଲାଏ କର୍ପୋରେଶନ କାର୍ଯ୍ୟାଳୟ (ଓଏସ୍‌ସିଏସ୍‌ସି)ର ଜୁନିୟର ଆକାଉଣ୍ଟାଣ୍ଟ ରବୀନ୍ଦ୍ର କୁମାର ବାରିକଙ୍କ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବାଲେଶ୍ୱର ଓ ସୁନ୍ଦରଗଡ଼ରେ ତାଙ୍କର ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ସେ ଗତବର୍ଷ ବାଲେଶ୍ୱରରୁ ସୁନ୍ଦରଗଡ଼ ବଦଳି ହୋଇ ଆସିଛନ୍ତି। ବାରିକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡ଼ ଧରଣର ଚଢ଼ାଉ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି।

ମିଳିଥିବା ସୂଚନା ମୁତାବକ, ବାଲେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ୩ ଜଣ ଡିଏସପି, ୬ ଇନ୍ସପେକ୍ଟର ଓ ଅନ୍ୟ ସହାୟକ କର୍ମଚାରୀଙ୍କ ସମ୍ମିଳିତ ଟିମ୍ ଦ୍ୱାରା ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାରେ ତାଙ୍କର ୫ଟି ସ୍ଥାନରେ ସମକାଳୀନ ତଲାସି ଚାଲିଛି। ବାଲେଶ୍ୱର ଜିଲା ଗୋପାଳଗାଁରେ ଥିବା ତିନିମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱରରେ ଥିବା ତିନିମହଲା ବ୍ୟବସାୟିକ ମାର୍କେଟ କମ୍ପ୍ଲେକ୍ସ ଏବଂ ଜିମ୍, କଲ୍ୟାଣ ମଣ୍ଡପ, ସୁନ୍ଦରଗଡ଼ ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସୁନ୍ଦରଗଡ଼ ସହରରେ ଭଡା ନିଆ ଯାଇଥିବା ବାସଗୃହରେ ଭିଜିଲାନ୍ସ ପକ୍ଷରୁ ତଲାସି ଚାଲିଛି। ବାଲେଶ୍ୱର ସହର ଓ ଆଖପାଖରେ ୪ଟି ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି। ୧୭୫ଗ୍ରାମ ସୁନା ଅଳଙ୍କାର, ଗୋଟିଏ ୪ ଚକିଆ ଓ ୨ଟି ୨ ଚକିଆ ଯାନ ଥିବା ଠାବ ହୋଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୧୯/୨୫) ରୁଜୁ କରାଯାଇ ତାଙ୍କ ନାମରେ ବିଭିନ୍ନ ବ୍ୟାଙ୍କ, ଡାକଘରେ ଥିବା ଜମା ଓ ଅନ୍ୟାନ୍ୟ ନିବେଶ ସମ୍ପର୍କିତ ସୂଚନା ସଂଗ୍ରହ କରାଯାଉଛି।



ଗିରଫ ରବୀନ୍ଦ୍ର କୁମାର ବାରିକ ଏବଂ ତାଙ୍କ ବାଲେଶ୍ୱରସ୍ଥିତ ୩ ମହଲା କୋଠା।

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

## ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲା

ଭୁବନେଶ୍ୱର,୨୨।୧୨(ସତ୍ୟଜିତରାଉତ)

ରାଜଧାନୀରୁ କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିବା ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତ ସୋମବାର ରାୟ ପ୍ରକାଶ କରିଛନ୍ତି। ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ସେମାନେ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରର ସେକ୍ ସାଗ୍‌ବା ଓରଫ ରଏ, ବାଲେଶ୍ୱର ଟାଉନ ଅନ୍ତର୍ଗତ ଗୋପାଳ ଗ୍ରାମର ତନ୍ମୟ କୁମାର ସାହୁ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳର ସେକ୍ ଫକିର୍। ଏଥିସହ ଅଭିଯୁକ୍ତଙ୍କୁ ୨ ଲକ୍ଷ ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସେକ୍ ହବିବୁଲ୍‌ଙ୍କୁ ବିଚାରପତି ବେନିଫିଟ୍ ଅଫ୍ ଡାଉଟରେ ଛାଡ଼ିଛନ୍ତି।

# ଆକାଉଣ୍ଟରୁ ଲୁଟିନେଲେ ୪.୩୬ ଲକ୍ଷ ଟଙ୍କା

ତାଳଚେର,୨୨।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଧରମପୁର ଗାଁର ସୁଶାନ୍ତ ସାହୁଙ୍କ ଆକାଉଣ୍ଟରୁ ସାଇବର ଠକ ୪ ଲକ୍ଷ ୩୬ ହଜାର ଟଙ୍କା ଲୁଟିନେଇଥିବା ତାଳଚେର ଥାନା ଓ ସାଇବର ଥାନାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୁଶାନ୍ତଙ୍କ ମୋବାଇଲକୁ ପୂର୍ବରୁ କିଛି ଆପ୍ ଆସିଥିଲା। ତାହାକୁ ସେ ଖୋଲିଥିଲେ। ଏହାପରେ ତାଙ୍କୁ ଓଟିପି ଆସିଥିଲା। ଏହାର କିଛି ସମୟ ପରେ ୩ ଥରରେ ୪ ଲକ୍ଷ ୩୬ ହଜାର ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ତାଙ୍କ ମୋବାଇଲକୁ ହ୍ୟାକ୍ କରି ଓଟିପି ପଠାଇ ସାଇବର ଲୁଟେରାମାନେ ଏଭଳି ଟଙ୍କା ଲୁଟିଥିବା ଅନୁମାନ କରାଯାଉଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## Business

# ରିଲାଏନ୍ସ ଜୁଏଲ୍‌ସର ଆଇକନିକ ଡ୍ରିମ୍ ଡାଇମଣ୍ଡ ସେଲ୍



## ମାଗଣା ଗୋଲ୍ଡ କଏନ୍ ଅଫର

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଡ୍ରିମ୍ ଡାଇମଣ୍ଡ ସେଲ୍ ଆରମ୍ଭ ହୋଇଛି। ଏହି ସେଲ୍ ୨୦୨୬ ଜାନୁଆରୀ ୨୭ ପର୍ଯ୍ୟନ୍ତ ଚାଲିବ। ଏହି ସେଲ୍‌ରେ ପ୍ରତି ୨୫,୦୦୦ ଟଙ୍କାର ହୀରା ଗହଣା ଉପରେ ଗ୍ରାହକମାନଙ୍କୁ ୦.୨୫ ଗ୍ରାମ୍ ସୁନା କଏନ ମାଗଣାରେ ମିଳୁଛି। ଏହା ବ୍ୟତୀତ ସେଲ ଅବଧି ମଧ୍ୟରେ ୭୫,୦୦୦ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ସୁନା ଗହଣା କ୍ରୟ କଲେ ସୁନା ଗଢ଼ା ମଜୁରି ଖର୍ଚ୍ଚ ଉପରେ ସିଧାସଳଖ ୨୦% ରିହାତି ମିଳୁଛି। ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଦୈନନ୍ଦିନ ପିନ୍ଧାଯାଉଥିବା କାନ ଫୁଲ, ମୁଦି, ଚେନ ଠାରୁ ଆରମ୍ଭ କରି ଚୋକର, ବିବାହ ଗହଣା ଭଳି ଷ୍ଟେଟମେଣ୍ଟ ଡିଜାଇନ ପର୍ଯ୍ୟନ୍ତ ଯେକୌଣସି ଡାଇମଣ୍ଡ ଗହଣା କଲେକ୍ସନ କରିପାରିବେ। ଏହି ସେଲ୍ ଭାରତର ୧୪୫ରୁ ଅଧିକ ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଉପଲବ୍ଧ।

# କାତାର ମ୍ୟୁଜିୟମ-ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ଚୁକ୍ତି

ଭୁବନେଶ୍ୱର,୨୨।୧୨

ଦୋହା: କାତାର ମ୍ୟୁଜିୟମ (କ୍ୟୁଏମ୍)ର ଅଧ୍ୟକ୍ଷା ହର୍ ଏକ୍ସଲେନ୍ସି ଶେଖା ଅଲ୍ ମାୟାସା ବିନ୍ତ ହାମଦ ବିନ୍ ଖଲିଫା ଅଲ୍ ଥାନୀ ଏବଂ ଭାରତର ମୁମ୍ବାଇସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଈଶା ଅମ୍ବାନୀଙ୍କ ମଧ୍ୟରେ ଏକ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଭାରତ ଏବଂ କାତାରରେ ମ୍ୟୁଜିୟମ-ଇନ୍-ରେସିଡେନ୍ସ ଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାପନ କରିବ, ଯାହା ଶିଶୁମାନଙ୍କୁ ଖେଳପ୍ରିୟ ମ୍ୟୁଜିୟମ-ଆଧାରିତ ଶିକ୍ଷଣ ଅନୁଭୂତି ପ୍ରଦାନ କରିବ ଏବଂ ଶିକ୍ଷକମାନଙ୍କୁ ସୃଜନଶୀଳତା ପ୍ରେରଣା ପାଇଁ ନୂଆ ଉପକରଣ ଯୋଗାଇବ। ଏହି ସମାରୋହ କାତାରର ନ୍ୟାଶନାଲ ମ୍ୟୁଜିୟମରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାର ଶକ୍ତିରେ ସୃଜନଶୀଳତା ଜାଗ୍ରତ କରିବା ଏବଂ ସାଂସ୍କୃତିକ ବିନିମୟର ମହତ୍ତ୍ୱରେ ସମାନ ବିଶ୍ୱାସ ସହିତ ଯୁକ୍ତ, କ୍ୟୁଏମ୍ ଏବଂ ଏନ୍ଏମ୍ଏସିସି ଯୁବକ ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟକ୍ରମ ବିକାଶ କରୁଛନ୍ତି। ଏହି ଉଦ୍ୟମଗୁଡ଼ିକ ଶିକ୍ଷକ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ନୂଆ ଉପକରଣ, ସାମଗ୍ରୀ ଏବଂ ଖେଳପ୍ରିୟ ପଦ୍ଧତି ପ୍ରଦାନ କରି ଶ୍ରେଣୀଗୃହରେ ନୂତନତ୍ୱ ଆଣିବ। ଶେଖା ଅଲ୍ ମାୟାସା କହିଛନ୍ତି, କାତାର ମ୍ୟୁଜିୟମ ଏବଂ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ସୃଜନଶୀଳତା ଏବଂ ସାଂସ୍କୃତିକ ବିନିମୟରେ ବିଶ୍ୱାସ କରନ୍ତି।



ଏହି ସହଯୋଗ ଭାରତର ଶିକ୍ଷଣ କାର୍ଯ୍ୟକ୍ରମକୁ ବଳବତ୍ତର କରିବ। ଭାରତରେ ଏନ୍ଏମ୍ଏସିସି ରିଲାଏନ୍ସ ଫାଉଣ୍ଡେଶନ ସହିତ ଭାଗୀଦାରିରେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱିତ କରିବ। ଈଶା ଅମ୍ବାନୀ କହିଛନ୍ତି, ଏହି ଭାଗୀଦାରି ଶିଶୁମାନଙ୍କୁ ସୃଜନଶୀଳ ଶିକ୍ଷଣ ପ୍ରଦାନ କରିବ ଏବଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱରେ ପ୍ରଚାର କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଭାରତର ବିଦ୍ୟାଳୟ, ଅଙ୍ଗନୱାଡ଼ି ଏବଂ ସମ୍ପ୍ରଦାୟ କେନ୍ଦ୍ରରେ, ଗ୍ରାମୀଣ ଏବଂ ଅବହେଳିତ ଅଞ୍ଚଳରେ କାର୍ଯ୍ୟାନ୍ୱିତ ହେବ। ଡାଡ୍ଡୁ ଚିଲଡ୍ରେନ୍ ମ୍ୟୁଜିୟମର କାର୍ଯ୍ୟକାରୀ ନିର୍ଦ୍ଦେଶକ ମହା ଅଲ ହାଜରୀ କହିଛନ୍ତି, ଏହି ସହଯୋଗ ଡାଡ୍ଡୁର ଲାଇଟ ଆଟେଲିଏରକୁ ଭାରତରେ ପ୍ରସାରିତ କରିବ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଶାଳା




ଭୁବନେଶ୍ୱର,୨୨।୧୨

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସେଲ୍‌କୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନ ଅନୁଷ୍ଠାନର ମିଳିତ ସହଯୋଗରେ 'ଜଳବାୟୁ ଉପଯୋଗୀ ସ୍ଥିର ଜୀବିକା ପାଇଁ ଆର୍ଥିକ ଅନୁପ୍ରବେଶ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସେଲ୍‌କୋ ଫାଉଣ୍ଡେଶନର ବରିଷ୍ଠ ଉପଦେଷ୍ଟା ପ୍ରଭୁ ପ୍ରସାଦ ମିଶ୍ର, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ ମାନସ ରଞ୍ଜନ ମିଶ୍ର, ପିପିଲି ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ଏବଂ ସ୍ପନ୍ଦନ ଅନୁଷ୍ଠାନର ସଭାନେତ୍ରୀ ବର୍ଷାରାଣୀ ମିଶ୍ରଙ୍କ ସହିତ ୨୫ରୁ ଅଧିକ ବ୍ୟାଙ୍କ ଶାଖା ପ୍ରବନ୍ଧକ ଉପସ୍ଥିତ ଥିଲେ। ସୌରଶକ୍ତି ଆଧାରିତ ସ୍ଥାୟୀ ଜୀବନଜୀବିକା ମାଧ୍ୟମରେ ଉଦ୍ୟୋଗୀ ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେଲକୋର ସଞ୍ଜୟ ତ୍ରିପାଠୀ ପ୍ରକାଶ କରିଥିଲେ। ସେଲ୍‌କୋ ଫାଉଣ୍ଡେଶନ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଜରିଆରେ ୫୦୦ରୁ ଅଧିକ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏଥିପ୍ରତି ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାଥମିକ ସ୍ତରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ଅଧିକାରୀମାନେ ସହମତି ପ୍ରକାଶ କରିଥିଲେ। ଜଣେ କୁମ୍ଭାର ଉଦ୍ୟୋଗୀ ବନିତା ମୁଦୁଲି ଓଜିବିଠାରୁ ଋଣ ମାଧ୍ୟମରେ ସୌରଶକ୍ତି ଆଧାରିତ ଜୀବିକା ଦ୍ୱାରା କିପରି ସଫଳ ହୋଇପାରିଛନ୍ତି, ତାହା ବର୍ଣ୍ଣନା କରିଥିଲେ। ସୌରଭ, ସାଇନା, ଅଭିଜିତ, ସତୀଶ ପ୍ରମୁଖ ସେଲକୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱଣ୍ଡର୍ଲାରେ ବଡ଼ଦିନ, ନୂଆବର୍ଷର ମହାଉତ୍ସବ




ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ୱଣ୍ଡର୍ଲା ପକ୍ଷରୁ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ବଡ଼ଦିନ ଏବଂ ନୂଆବର୍ଷ ଉତ୍ସବ ପାଳନ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏହି ବର୍ଷର ଉତ୍ସବଗୁଡ଼ିକୁ ଚମତ୍କାର ସାଜସଜ୍ଜା, ଉତ୍ସାହଜନକ ପ୍ରଦର୍ଶନ ଓ ସମସ୍ତ ବର୍ଗର ପରିବାର, ରୋମାଞ୍ଚକାରୀ ଏବଂ ଛୁଟି କରିବାକୁ ଚାହୁଁଥିବା ଲୋକଙ୍କୁ ଆନନ୍ଦିତ କରିବା ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ୱଣ୍ଡର୍ଲାରେ ଏକ ବିଶେଷ ବଡ଼ଦିନ ଟ୍ରି ଆଲୋକୀକରଣ ସମାରୋହ ସହିତ ଆରମ୍ଭ ହୋଇଛି। ଉତ୍ସବ ଅବଧି ମଧ୍ୟରେ ଅତିଥିମାନେ ଡିସେମ୍ବର ୨୦ରୁ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଆରମ୍ଭ ହେବାକୁ ଥିବା ୱେଭ୍ ପୁଲ୍ ଡିଜେ, ମ୍ୟାଜିକ ଶୋ ଏବଂ ମାସ୍କଟ ଚିକ୍କୁ ଓ ଗ୍ୟାଙ୍ଗ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକର ମଜା ନେଇପାରିବେ। ଏହାସହ ଫାୟାର୍ ଶୋ, ରାପର ପ୍ରଦର୍ଶନ ଓ ଲୋକପ୍ରିୟ ଫୋମ୍ ପାର୍ଟିଗୁଡ଼ିକ ଭଲ ଅନୁଭୂତି ପ୍ରଦାନ କରିବ। ଉତ୍ସବ ଋତୁକୁ ଆହୁରି ଲାଭଦାୟକ କରିବା ପାଇଁ ୱଣ୍ଡର୍ଲା ପକ୍ଷରୁ ଏକ ବଡ଼ଦିନ ପାସ୍ ଅଫର ଅନଲାଇନରେ ସ୍ୱତନ୍ତ୍ର ଭାବେ ପ୍ରଚଳନ କରିଛି, ଯାହାର ବୁକିଂ ଡିସେମ୍ବର ୮ରୁ ଜାନୁଆରୀ ୪ ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ସେହି ପାସ ଡିସେମ୍ବର ୨୦ରୁ ଜାନୁଆରୀ ୪ ମଧ୍ୟରେ ପାର୍କ ପରିଦର୍ଶନ ପାଇଁ ବୈଧ ରହିବ । ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ ଲିମିଟେଡର ଚିଫ୍ ଅପରେଟିଂ ଅଫିସର ଧୀରଣ ଚୌଧୁରୀ କହିଛନ୍ତି ଯେ, ବଡ଼ଦିନ ଓ ନୂଆବର୍ଷ ହେଉଛି ଆନନ୍ଦ ଓ ଏକତ୍ରିତ ହେବାର ସମୟ ଏବଂ ୱଣ୍ଡର୍ଲାରେ ଉତ୍ସବ ପ୍ରସ୍ତୁତି କରି ସେ ଖୁସିଥିବା କହିଛନ୍ତି।

# ଓଏମ୍‌ସି ବାର୍ଷିକ କ୍ରୀଡ଼ା ସମ୍ମିଳନୀ




ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଓଡ଼ିଶା ମାଇନିଂ କର୍ପୋରେସନ (ଓଏମସି)ର ତୃତୀୟ ବାର୍ଷିକ କ୍ରୀଡା ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି। ଏହି ୩ ଦିନିଆ କ୍ରୀଡା ମହୋତ୍ସବ ଡିସେମ୍ବର ୨୨ରୁ ୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଏବଂ ଇଷ୍ଟ କୋଷ୍ଟ ରେଲୱେ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହି କ୍ରୀଡା ସମ୍ମିଳନୀକୁ ଓଏମସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉଦଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଖୋରା, ନିର୍ଦ୍ଦେଶକ (ଅପରେସନ୍ସ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡା ସମ୍ମିଳନୀରେ ୫୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରୁଥିବା ବେଳେ ଦୌଡ଼ କୁଦ, ଲଙ୍ଗ ଜମ୍ପ, ଜାଭେଲିନ, ଟେବୁଲ ଟେନିସ, ଭଲିବଲ ଓ କ୍ରିକେଟ ସହିତ ମୋଟ ୧୮ଟି କ୍ରୀଡା ପ୍ରତିଯୋଗିତା ହେଉଛି। ଏହି ଅବସରେ ପରିଚାଳନା ନିର୍ଦ୍ଦେଶକ ସାମଲ କହିଥିଲେ ଯେ, ଓଏମସି ବାର୍ଷିକ କ୍ରୀଡା ସମ୍ମିଳନୀ କେବଳ ଏକ ପ୍ରତିଯୋଗିତା ନୁହେଁ; ଏହା ଦଳଗତ ଭାବେ କାର୍ଯ୍ୟ କରିବା, ଶିଷ୍ଟାଚାର, ସହଭାଗିତାର ଏକ ଉତ୍ସବ। କ୍ରୀଡା ମାଧ୍ୟମରେ ଆମେ ସମସ୍ତେ ଏକ ପରିବାର ଭାବେ ଏକତ୍ରିତ ହେଉଛୁ। ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଉଜାଗର କରୁଥିବା ଏକ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ହୋଇଥିଲା। ସମ୍ବଲପୁରୀ ଲୋକନୃତ୍ୟ ଓ ସଙ୍ଗୀତର ଉତ୍ସାହଭରା ପ୍ରସ୍ତୁତି ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। କ୍ରୀଡା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ସମସ୍ତ ଅଂଶଗ୍ରହଣକାରୀ ଓ ଅଧିକାରୀମାନେ ସାମୂହିକ ଭାବେ କ୍ରୀଡା ସୁରକ୍ଷା ଶପଥ ଗ୍ରହଣ କରିଥିଲେ।

# ଜିନ୍ଦଲ ଷ୍ଟିଲକୁ ବିସିସି ଆଣ୍ଡ ଆଇର ସିଏସଆର ପୁରସ୍କାର

ଭୁବନେଶ୍ୱର,୨୨।୧୨




ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡ. ଭାସ୍କର ଚାଟାର୍ଜୀ, ଜାତୀୟ ସିଏସଆର ଏବଂ କର୍ପୋରେଟ ଗଭର୍ନାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର, ଆଇନ ଏବଂ କର୍ପୋରେଟ ଆଫେୟାରର ସଭାପତି ଏବଂ ଇନଫିନିଟି ଗ୍ରୁପର ଅଧ୍ୟକ୍ଷ ଡ. ରବିନ୍ଦ୍ର ଚମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କୈନ୍ଦ୍ରିକ ହେବା ଆବଶ୍ୟକ। ଜିନ୍ଦଲ ଫାଉଣ୍ଡେଶନରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ସେ କହିଛନ୍ତି। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ (ସିଏସଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା କହିଛନ୍ତି, 'କିଶୋରୀ ଏକ୍ସପ୍ରେସ ପାଇଁ ଏହି ମାନ୍ୟତା ଜିନ୍ଦଲ ଫାଉଣ୍ଡେଶନର ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଆରାବଳି ସଂଜ୍ଞା ବିରୋଧରେ ବିକ୍ଷୋଭ

**ଜୟପୁର,୨୨।୧୨**

ଆରାବଳି ପର୍ବତମାଳାକୁ ନେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ସଂଜ୍ଞାକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିବାବେଳେ ଏହା ବିରୋଧରେ ସୋମବାର ରାଜସ୍ଥାନର ବିଭିନ୍ନ ସହରରେ ପରିବେଶବିତ୍ ଓ ସାମାଜିକ ସଂଗଠନଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ଆରାବଳି ସଂଜ୍ଞାକୁ ନେଇ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଜୋରଦାର ରାଜନୈତିକ ବାକ୍ୟୁଦ୍ଧ ହୋଇଛି। ଉଦୟପୁର, ଯୋଧପୁର, ସିକର, ଅଲୱର ଏବଂ ଆଜମେରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆରାବଳି ରାଜସ୍ଥାନର ଫୁସ୍‌ଫୁସ୍ ବୋଲି ବିରୋଧୀ ଦଳ ନେତା ଟିକାରାମ ଜୁଲି କହିବା ସହ ନିଷ୍ପତ୍ତି ନ ବଦଳାଇଲେ, ବିକ୍ଷୋଭକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଗେହଲଟ ଆରାବଳି ପ୍ରସଙ୍ଗରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅଭିଯୋଗ କରିଛନ୍ତି। ରାଜସ୍ଥାନର ପରିବେଶ ପ୍ରତି କ୍ଷତି ଘଟିବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସାଇବର ଜାଲିଆତିରେ ୮.୧୦ କୋଟି ହରାଇ ପୂର୍ବତନ ଆଇପିଏସ୍ ଅଫିସରଙ୍କ ଆତ୍ମହତ୍ୟା ଉଦ୍ୟମ

**ଚଣ୍ଡିଗଡ଼,୨୨।୧୨**

ସାଇବର ଅପରାଧୀମାନଙ୍କ ଦ୍ୱାରା ଅନ୍‌ଲାଇନ ଜାଲିଆତି ଜରିଆରେ ୮.୧୦ କୋଟି ଟଙ୍କା ହରାଇବା ପରେ ପଞ୍ଜାବର ପୂର୍ବତନ ଆଇପିଏସ୍ ଅଫିସର ଅମର ସିଂ ଚହଲ ସୋମବାର ପଟିଆଲାରେ ନିଜକୁ ଗୁଳିକରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାର୍କ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡ ସ୍ଥଳରୁ ମିଳିଥିବା ଏକ ହାତଲେଖା ଚିଠିରୁ ପୂର୍ବତନ ପୋଲିସ ଆଇଜି ଅନ୍‌ଲାଇନ ସାଇବର ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଉକ୍ତ ଚିଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି। ଚହଲ ନିକଟରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଗଦେଇଥିଲେ। ସେଥିରେ ଥିବା ସଦସ୍ୟମାନଙ୍କୁ ନିବେଶ ଉପରେ ଅତ୍ୟଧିକ ରିଟର୍ନ ପ୍ରତିଶ୍ରୁତି ଦିଆଯାଇଥିଲା। ଲୋକଙ୍କୁ ଚହଲ ଟଙ୍କା ଶୁଝିପାରୁ ନ ଥିବାରୁ ଚାପରେ ଥିଲେ।



## OFFICE OF THE CHIEF DISTRICT MEDICAL & PUBLIC OFFICER, KALAHANDI

Letter No. 8621/ Dt.19.12.2025

**TENDER CALL NOTICE**

**No.E-616** : Sealed Tenders are invited from intending firms / suppliers / wholesalers to Request for Proposal (RFP) for Selection of Agency for AMC of Pest Control Services at Govt. Health Institutions for CDM&PHO, Kalahandi for the Year 2025-26. The last date of Submission of Tender is Dt.12.01.2026 at 4.00 P.M. by Speed Post/Registered Post/Courier only. For details information please visit the website https://kalahandi.odisha.gov.in/

Sd./- Chief District Medical & PHO, Kalahandi

OIPR-10076/11/0019/2526

NO.KK-308

## ODISHA UNIVERSITY OF TECHNOLOGY AND RESEARCH P.O.: MAHALAXMI VIHAR, BHUBANESWAR-751 029

Tender Notice No. OUTR/SMS-Robotics/2025-26/28Date:16-12-2025

**Online-Tenders through e-procurement** under two bid systems are invited from Original Equipment Manufacturers/Distributers/ Authorised Dealers for "Supply of Laboratory Equipment and Software for **Robotics Laboratory** of School of Mechanical Sciences"at **OUTR, Bhubaneswar**"

Date & Time of available inTenders Odisha Portal:17-12-2025 at 06.00 p.m.

Last date and time of submission of Bid:08-01-2026 upto 6.00 p.m.

For details : Please visit : http://tendersodisha.gov.in&http://www.outr.ac.in

For Technical query please contact:Prof.Saroj Kumar Pradhan, Phone No- 9437157631,Email:- skpradhan@outr.ac.in

OIPR-16005/11/0144/2526 Sd./- REGISTRAR

NO.KK-309

## ODISHA UNIVERSITY OF TECHNOLOGY AND RESEARCH P.O.: MAHALAXMI VIHAR, BHUBANESWAR-751 029

Tender Notice No. OUTR/SES-BEE/2025-26/29Date:16-12-2025

Online-Tenders through e-procurement under two bid systems are invited from Original Equipment Manufacturers/Distributor/ Authorised Dealers for "Supply of DC Shunt Motor Generator set for Basic Electrical Engineering Laboratory of School of Electrical Sciences" at OUTR, Bhubaneswar.

Date & Time of available in Tenders Odisha Portal:17-12-2025 at 06.00 p.m.

Last date and time of submission of Bid : 08-01-2026 upto 6.00 p.m.

For details : Please visit : http://tendersodisha.gov.in&http://www.outr.ac.in

For Technical query please contact : Prof.Minakhi Behera, Phone No-8895638889,Email:- mbeheraee@outr.ac.in

OIPR-16005/11/0143/2526 Sd./- REGISTRAR

## ORISSA WATER SUPPLY & SEWERAGE BOARD

e-mail: eicowssb@gmail.com, Ph: 0674-2571185

**Bid Identification No.05/OWSSB of 2025-26 dt. 19.12.2025**

**No.CAD-2796** : Name of the work: Request for Proposal (RFP) for Providing Consultancy Services for the work "Preparation of Detailed Project Report for abatement of pollution in Sapua & Bahana Nallahs of Berhampur City through Interception & Diversion (I&D) with treatment facilities".The notice can be seen in the Govt. website i.e. www.odisha.gov.in and complete bid document can be viewed/ downloaded from e-procurement portal of State Government https://tendersodisha.gov.in from 24.12.2025 (16.00 hrs. IST) to 13.01.2026 up to (16.00 hrs. IST)

Sd./- Engineer-in-Chief, OWSSB

OIPR-32497/11/0008/2526

## OFFICE OF THE PANCHAYAT SAMITI, BEGUNIAPADA

Government of Orissa

Odisha, Pin-761031, e-Mail: ori-kodala@nic.in

Lt.No.4121 Dated:18.12.2025

**e-PROCUREMENT NOTICE**

**BID IDENTIFICATION No. BPADAPS-1/2025-26**

No.i-435: The Block Development Officer, Beguniapada on behalf of Governor of Odisha invites percentage rate bids in single cover system from eligible class contractor registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Works, 2. Number of Work: 04 Nos., 3. Estimated Cost: As per DTCN., 4. Period of Completion : As per DTCN., 5. Date and Time of availability of Bid document in the Portal: From 10.00 AM of Dt.20.12.2025 to 5.00 PM of Dt.16.1.2026., 6. Last date and time for receipt of Bid in the Portal : 5.00 PM of Dt.16.1.2026., 7. The bid received online shall be opened on 11.30 AM of dtd.19.1.2026. Name and address of the Officer Inviting Bid: Block Development Officer, Beguniapada. Further details can be seen from the Procurement Portal: www.tendersorissa.gov.in.

Sd./- Block Development Officer Beguniapada

OIPR-19417/11/0010/2526

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id: rprcbbsr@gmail.com)

No-2113/2025/RPRC Tel-(0674)-2557925 Date: 20.12.2025

**REQUEST FOR PROPOSAL**

**Bid Identification No. RPRC/ 44 / 2025-26**

**No.MM-419** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Selection of a Printing agency for Designing, Printing, Bindings and Supply of Books, Reports, Publications etc. to RPRC, Bhubaneswar" from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 20,000/- (online) | 6,000.00 (On line) | 20.12.2025/ 10.00 A.M. | 05.01.2026/ 10.00 A.M. | 05.01.2026/ 11.30 A.M. |

Addendum/ Corrigendum/ Cancellation, if any, will be published in RPRC website and e- portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

Sd./- Administrative Officer RPRC, Bhubaneswar

OIPR-08004/11/0053/2526

## NOTIFIED AREA COUNCIL, DIGAPAHANDI GANJAM, ODISHA, PIN-761012

Ph:06814-295053, E-mail:dgp_nac@yahoo.com

Letter No. 3194/DIGNAC Date:20.12.2025

**E-Procurement Notice**

**BID IDENTIFICATION NO.DIGNAC-06/2025-26/**

No.C-1859: **TENDER ID-2025_ORULB_123601**

| | | |
|---|---|---|
| 01 | Procurement Officer-Publisher/ Officer Inviting the Tender/Bids (OIT) | Executive Officer, NAC Digapahandi |
| 02 | Name of the Works/Packages | Individual Civil Construction Works as published in the website |
| 03 | Nos. of Works | 27 Nos. |
| 04 | Estimated Cost (Including all taxes) | Rs.64755.00 to 687708.00 |
| 05 | Date & Time of availability of RFP in the portal | From 11.00 hours of dtd.21.12.2025 to 17.30 hours of dtd.31.12.2025 |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | 17.30 Hours of 31.12.2025 |
| 07 | Date & Time of Opening of the Bids | Technical Bid- 11.00 AM hours of Dtd.02.01.2025 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day |

N.B.: Further more details can be seen in the DTCN available in the e-Procurement portal i.e. https://tendersodisha.gov.in.

Sd./- Executive Officer, NAC, Digapahandi, Ganjam

OIPR-13117/11/0034/2526

## OFFICE OF THE CHIEF DISTRICT MEDICAL OFFICER, KENDRAPARA DISTRICT PROGRAMME MANAGEMENT UNIT

E-Mail : nhmkendrapara@gmail.com, Ph. No. (06727) 233363

Notice No. : 8032/DPMU/NHM/2025 Date : 19.12.2025

**NOTICE FOR SELECTION OF AGENCY FOR OUTSOURCING OF HOUSEKEEPING SERVICES UNDER NIRMAL SCHEME AT GOVT HEALTH INSTITUTION OF KENDRAPARA DISTRICT**

**No.E-610** : Sealed proposals as per the prescribed RFP document are invited from interested eligible bidders for Outsourcing of Housekeeping services under Nirmal Scheme at the O/O CDM & PHO cum DMD, Kendrapara. The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website **"https://kendrapara.odisha.gov.in"**. The details of the draft tender document for selection of Agency Housekeeping Services under Nirmal at Govt.Health Institution are mentioned in the RFP document. The bidders have to submit their proposals with all required documents to reach O/o-CDM & PHO cum DMD, Dist- Kendrapara on or before **Dt.09.01.2026 (05.00PM)**. The Bidders / authorized representative may remain present at the time of opening of proposal at the Office chamber of CDM & PHO cum DMD, Kendrapara. The undersigned reserves the right to reject any or all the proposals without assigning any reason thereof.

Sd./- CDM & PHO cum DMD, NHM Kendrapara

OIPR-10018/11/0026/2526

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ
## OFFICE OF THE DIVISIONAL FOREST OFFICER: BONAI FOREST DIVISION

At/Po- Bonaigarh, Dist. Sundargarh-770038

Email- dfo.bonai@odisha.gov.in

No.342 / 1F (Acct.)- Dated 19.12.2025

No.MM-417: **INVITATION FOR BIDS**

**Bid Identification No.5 Online**

| | | | |
|---|---|---|---|
| | The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE. | | |
| 1. | Nature of Works | : | Construction of Check Dam |
| 2. | No. of Works | : | 2 (Two) |
| 3. | Bid Cost | : | 6,000/- & 4,000/- |
| 4. | Estimated Cost | : | Rs.43.36 lakhs to Rs.18.92 Lakhs |
| 5. | Class of Contractor | : | "B" Class, "C" Class & "D" Class |
| 6. | Date & Time of availability of the Tender documents | : | 20 Dec-2025 to 29th Dec-2025 upto 5.30 P.M. |
| 7. | Last date & time of receipt of bids in portal | : | 29th Dec-2025 upto 5.00 P.M. |
| 8. | Date of Opening of Bid | : | 30th Dec- 2025 at 11.00 AM |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

Sd./- Divisional Forest Officer Bonai Division

OIPR-08040/11/0021/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ
## OFFICE OF THE NOTIFIED AREA COUNCIL, REDHAKHOL, (ODISHA), DIST - SAMBALPUR

E-mail : eonacrdl@gmail.com

**'e' Procurement NOTICE**

No.3089/NAC Dt.18.12.2025

**Bid Identification No. RDL NAC-5/2025-26**

**Tender ID-2025_ORULB_123544**

**No.C-1849** : The Municipal Executive Officer on behalf of NAC Redhakhol Invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works/Others : (04) numbers
2. Estimated Costs : 1.68 lakh to 5.11 lakh
3. Period of completion : As per NIT
4. Date and time of availability of the bid documents in the portal : from 06.55 P.M. of 19.12.2025 to 04.00 P.M. of 29.12.2025
5. Last Date/Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 P.M. of Dt. 29.12.2025
7. Name and address of the officer inviting bid : Executive Officer, NAC, Redhakhol

Sd./- Executive Officer NAC, Redhakhol

OIPR-13175/11/0014/2526

## GOVERNMENT OF ODISHA
### e-Procurement Notice, ANGUL (R&B) DIVISION
### Bid Identification No. 49 of 2025-26

No.B-861 e-mail ID - angulrbdivision@yahoo.co.in

1. Number of Works : 01 (One) number of electrical work
2. Approximate estimated cost : Rs.21.32 lakh
3. Period of completion : 02 (Two) Calendar months
4. Date & Time of availability of bid document in the portal : **Dt.23.12.2025 at 10.00 A.M.**
5. Last date / time for receipt of bid in the portal : **Dt.29.12.2025 up to 5.00 P.M.**
6. Date of opening Bid : **Dt.30.12.2025 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- Superintending Engineer, Angul (R&B) Division

OIPR-34074/11/0038/2526

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar-751012

Ph:2394336, 2395338, 2396072 (Hostel) Fax:2391954

E-mail: sihfwodisha@nic.in & sihfwodisha@gmail.com

Tender Notice No.SIHFW-COMIN-MISC-0011-2025//4975 Dt.22.12.2025

**NOTICE INVITING TENDER FOR SELECTING AN AGENCY IN RESPECT OF "TABLEAU FOR REPUBLIC DAY, 2026"**

No.E-620: Sealed tenders are hereby invited from experienced tableau fabricators/ designers for the designing and fabrication of a Tableau to be showcased during the State Level Republic Day Celebration, 2026 at Bhubaneswar. The detailed terms and conditions alongwith the specifications of the items to be designed and supplied are available on the official websites of the Directorate of SIH&FW, Odisha (http://sihfwodisha.nic.in) and the Government of Odisha (https://www.odisha.gov.in/tender.in), which may be downloaded by interested parties. Firms willing to participate are requested to submit their tenders, clearly super-scribed as "Tender for Designing & Fabrication of Tableau for Republic Day Parade, 2026," by Speed Post to the undersigned on or before 4.30 PM of 13th January, 2026. The Pre-Bid meeting will be held on 29.12.2025 at 3.00 P.M. in the L.T of this Directorate.

Sd./- Director State Institute of Health & Family Welfare, Odisha

OIPR-10003/11/0318/2526

## CORRIGENDUM NOTICE

**Notice : Extension of EOI Submission Dates**

**No.MM-421** : In response to requests from participants and stakeholders, the submission dates for the EOI for preparation of DPR for development of proposed Blue Flag Beaches at Pir Jahania (Astaranga), Beleswar Beach and Tourist Beach at Phulpatna, Puri, Odisha have been extended.

**Revised Schedule :**

1. Last date for submission of application with application fee (DD): **27/12/2025 up to 5:30 PM** (extended from 20/12/2025).
2. Submission of detailed plan of execution before the committee: **29/12/2025 at 11:00 AM** (rescheduled from 22/12/2025).

Sd./- Divisional Forest Officer Puri (WL) Division, Puri

OIPR-08140/11/0025/2526

## OFFICE OF THE EXECUTIVE ENGINEER (AGRIL.), PURI DIVISION, PURI

e-mail: eeag-puri@gov.in

Order No.2602 **CORRIGENDUM** Date:20.12.2025

No.L-140: Subject: Modification to the notice for the work "Upgradation of Office Chambers, seating arrangements of office staffs & repair of 2 nos. of toilets of CDAO, Puri, Dist-Puri" as detailed below.

Tender reference No.- EE(Agril.), Puri Division, Puri-02/2025-26

Tender ID- 2025_AGRIL_123498_1

| Sl. No. | Stages | Previous date & time | Revised date & time |
|---|---|---|---|
| 1 | Online Bid Submission closing Date | 28.12.2025 @5.00 PM | 30.12.2025 @5.00 PM |
| 2 | Last date of Physical document submission | 29.12.2025 @5.00 PM | 01.01.2026 @5.00 PM |
| 3 | Date & Time of opening of Technical Bid | 30.12.2025 @11.00 AM | 02.01.2026 @11.00 AM |

All other terms and conditons of the original RFP document shall remain unchanged.

OIPR-01479/11/0014/2526 Sd./- Executive Engineer (Agril.), Puri Division, Puri

No.O-1834

## GOVERNMENT OF ORISSA
### OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)

E-mail ID : eerwkaranjia@yahoo.com

Order No. //WE Date :

**"E" Procurement Notice for Construction of Building Works for year 2025-26**

**Bid Identification No. - RWDKNJ - 12/2025-26. (Building)**

1. Name of the work : **Construction and repair/renovation of buildings (Res & Non-Res) for the year 2025-26 under Rural Works Division, Karanjia in the District of Mayurbhanj (Details as per Annexure)**, 2. Estimated Cost : **Rs.16.81 to 42.78 Lakhs (Approximately)**, 3. Class of Contractor : **'B' and 'C' Class (of Odisha P.W.D.)**, 4. Period of Completion : **As per Annexure**, 5. Tender Paper Cost : Rs.6,000/-

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Executive Engineer, Rural Works Division, Karanjia** | RWDKNJ-12/24-25 Building | **Dt.23.12.2025 at 11.00 A.M.** | **Dt.31.12.2025 upto 5.00 P.M.** | **Dt.30.12.2025 upto 1.00 P.M.** | **Dt.01.01.2026 at 12.00 P.M.** |

Further details can be seen from the website www.tendersodisha.gov.in

Sd./- Executive Engineer R.W. Division, Karanjia

OIPR-25086/11/0036/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR

PO-Rajborasambar, Dist-Bargarh (Odisha), Pin-768036

Email- nac.padampur@gmail.com

ପତ୍ରସଂଖ୍ୟା ୩୩୫୯/ **ନୋଟିସ୍** ତାରିଖ:୨୦.୧୨.୨୦୨୫

No.C-1855:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ଦୈନିକ ବଜାରଠାରେ ୨୨ (ବାଇଶ) ଗୋଟି ଦୋକାନ ଗୃହ ନିର୍ମାଣ କରାଯାଇଅଛି । ଯାହାର ମାସିକ ଭଡ଼ା ଟ.୧୦୦୦.୦୦ ଧାର୍ଯ୍ୟ କରାଯାଇଅଛି । ଉକ୍ତ ଦୋକାନ ଗୃହ ପାଇଁ ଯେଉଁମାନେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଦେବାପାଇଁ ଇଚ୍ଛୁକ ଦୋକାନୀମାନେ ତା.୨୨.୧୨.୨୦୨୫ ରିଖ ଠାରୁ ତା.୨୯.୧୨.୨୦୨୫ ରିଖ ମଧ୍ୟରେ ପରିଷଦ କାର୍ଯ୍ୟାଳୟ ଠାରୁ ଆବେଦନ ଫର୍ମ ମୂଲ୍ୟ ଟ.୧୦୦.୦୦ ଦେଇ ଫର୍ମ ଗ୍ରହଣ କରି ତା.୩୦.୧୨.୨୦୨୫ ଅପରାହ୍ନ ୦୧.୦୦ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଆସିଥିବା କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଆବେଦନକାରୀ ନିମ୍ନଲିଖିତ ସର୍ତ୍ତାବଳୀ ଓ ଦସ୍ତାବିଜ ସଂଲଗ୍ନ ସହିତ ଆବେଦନ କରିବେ ।

**ସର୍ତ୍ତାବଳୀ**

୧.ପଦ୍ମପୁର NACରେ ସ୍ଥାୟୀ ବାସିନ୍ଦା ହୋଇଥିବେ ।
୨.ପୂର୍ବରୁ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଅଗ୍ରାଧିକାର ଦିଆଯିବ ।
୩. ଚୟନ ବ୍ୟକ୍ତି ଅମାନତ ଜମା ବାବଦକୁ ଟ.୧,୦୦,୦୦୦.୦୦ (ଏକ ଲକ୍ଷ) ଜମା କରିବେ ।
୪. ଆବେଦନ ଫର୍ମରେ ମାସିକ ଭଡ଼ା ଦର୍ଶାଇବେ ।
୫. ଆଧାର କାର୍ଡ / ଭୋଟର କାର୍ଡର ଜେରକ୍ସ ନଥି କରିବେ ।
୬. ପାସପୋର୍ଟ ଫଟୋ ୧ ଗୋଟି ଓ Street Vendor ପ୍ରମାଣପତ୍ର /Trade License Certificate

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଆବେଦନ ଗ୍ରହଣ କରିବାକୁ ବାଧ ନୁହନ୍ତି । ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନ ଦର୍ଶାଇ ନୋଟିସ ରଦ/ନାକଚ କରିପାରିବେ ।

ସ୍ୱା./-ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OIPR-13118/11/0059/2526

No.i-433

## GOVERNMENT OF ODISHA
### OFFICE OF THE BLOCK DEVELOPMENT OFFICER, PANCHAYAT SAMITI, KHANDAPADA P.R & D.W DEPARTMENT

E-Mail ID : ori-khandapada@nic.in

**"e" Procurement Tender Call Notice for Building Works**

**Tender Call Notice No. & Bid Identification No. - Online Tender / 01/ 2025-26**

1. Name of the work : Building works, 2. Total Number of works : 1 No, 3. Approx. Estimated cost : Rs.15.00 lakhs, 4. Class of Contractor : C & D Class of Contractor, 5. Period of Completion : 6 months (180 days), 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Khandapada | Online Tender / 02/2025-26 | Dt.24.12.2025 at 10.00 A.M. | Dt.03.01.2026 upto 5.00 P.M. | Dt.03.01.2026 upto 1.00 P.M. | Dt.05.01.2026 at 04.00 P.M. |

Further details can be seen from the website www.tendersodisha.gov.in

Sd./- Block Development Officer Khandapada

OIPR-19151/11/0008/2526

## BOARD OF SECONDARY EDUCATION, ODISHA, CUTTACK

Notification No.3054/ (Exam, Conf-III)/ Dt.20.12.25

**Entrance Test for Adarsha Vidyalayas (OAVET & OMAVET), 2026**

**N-239**:It is hereby informed to all concerned that the OAV Entrance Test & OMAV Entrance Test, 2026 for Class-VI, VII, VIII & IX will be held on 09.01.2026. The number of questions, maximum marks for each examination with the timing of conduct of examination are given below:-

| Sl. No. | Exam Class | Timings | No. of MCQs | Maximum Marks |
|---|---|---|---|---|
| 01. | Class-VI | 10.00 am to 12.00 Noon | 60 | 60 |
| 02 | Class-VII, VIII & IX | 10.00 am to 1.00 P.M. | 100 | 100 |

The admit cards will be available in the website www.bseodisha.ac.in from 30.12.2025, which can be downloaded by the candidates by logging in with their Name, Father's Name & Class.

OIPR-27004/11/0137/2526 Sd./- Secretary

## BRAHMAPUR DEVELOPMENT AUTHORITY

Court Road, Courtpeta, Brahmapur, Ganjam, Odisha, Pin-760004

www.bdabrahmapur.in, e-mail:bedaengineers@gmail.com, Phone No.0680-2292797

NATIONAL COMPETITIVE BIDDING THROUGH e-PROCUREMENT

**INVITATION FOR BIDS (IFB)**

No.CAD-2799 No.904/BeDA (Engg.), Dt.20.12.2025

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Construction of Interior work for Millet Cafe in Subhadra Shakti Bazar, Kamapalli, Brahmapur | EM-BeDA-87/2025-26 | 16.96 | "D" Class or Equivalent | 01 (One) Calendar Month | 21.12.2025 10.00 Hours | 30.12.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |

- **All Corrigendum and addenda shall be published in official website only.**
- **The Bidder shall have to participate in ONLINE bidding only.**
- **Further details can be seen from the e-Procurement portal www.tendersodisha.gov.in and www.bdabrahmapur.in**
- **Tender shall be opened online on Dt.31.12.2025 at 11 Hours.**

Sd./- Engineer Member Brahmapur Development Authority, Brahmapur

OIPR-13086/11/0015/2526

## District Mineral Foundation Trust

Angul, Odisha

Tele : 06764-230745 / E-mail : dmfangul@gmail.com

EoI No. 1099 Date : 20.12.2025

**EXPRESSION OF INTERESTS (EoI)**

**Empanelment of Central/State Public Sector Undertakings (PSUs) for carrying out various Civil Works to be executed by District Administration, Angul under District Mineral Foundation Trust (DMFT), Angul.**

**No.CAD-2801** : The **District Administration, Angul invites Expression of Interests (EOI) from Central/ State Level Public Sector Undertakings (CPSUs/SPSUs)** to be associated as Collaborative Partner Organization (CPO) for execution of various Infrastructural Development works executed by District Administration under DMFT, Angul. The contract will be initially for a period of 03 years which can be extended for further period/s based on mutual consent of both the parties as per the requirement.

Interested Central/State Level Public Sector Undertakings (PSUs) are requested to download the Expression of Interest (EOI) documents from the District website https://angul.odisha.gov.in/en available from 22/12/2025. Queries pertaining to the EOI document can be sent to the DMF Cell in the mail ID - dmfangul@gmail.com by 31/12/2025 (up to 05.30 P.M.).

The **last date for receipt of the EoIs is 10/02/2026**. All the EoIs must be sent to the O/o - The Chief Executive, District Mineral Foundation Trust, Angul, AT - Red Cross Bhawan, Collectorate Campus, Angul, Odisha, Pin-759122 through Regd./ Speed Posts only during office hours. No other mode of submission of the EOI will be accepted.

Sd./- Collector & Chairperson-cum-Managing Trustee, DMFT, Angul

OIPR-30027/11/0001/2526

No.O-1824

## GOVT. OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR

email : se_nerwkjr@rediffmail.com

**eProcurement Notice for Road Works under Periodical Maintenance**

**Identification No.NCB-37/RWCKJR/2025-26**

**No. 5421 // Date : 16.12.2025//**

1. Name of the work : Periodical renewal Work of 5 year completed PMGSY (Post DLP) roads for Financial Year : 2025-26 under State Budget Grant in the District of Keonjhar, 2. Package No. : **PM-KJR-06**, 3. Estimated Cost : Rs.118.64 Lakhs (Approximately), 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **02** (Two) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-37/ RWCKJR /2025-26 | Dt.23.12.25 at 11.00 A.M. | Dt.06.01.26 up to 5.00 P.M. | Dt.05.01.26 up to 5.00 P.M. | Dt.07.01.26 at 11.00 A.M. | Will be intimated later |

- **Further details can be seen from the website : www.tendersorissa.gov.in**

OIPR-25177/11/0122/2526 Sd./- Chief Construction Engineer, R.W. Circle, Keonjhar

Email ID - eeliangul@gmail.com

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, ANGUL

**e- Tender Notice**

**Bid Identification No E.E. ANGUL (OLIC) 04/2025-26 Date 20.12.2025**

**No.CAD-2798:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of percentage rate bids in online mode only for the work "Revival & Reinforcement of following L.I. Projects under Athamallik, Kaniha, Kishorenagar & Talcher blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersodisha.gov.in.**

**1. Name of Works :** Revival and Reinforcement of River Lift Projects with supply of all materials on Turnkey basis. **2. Total Nos. of Packages :** 7 Nos **3. Approximate Estimated Cost :** Rs. 7.612 Lakh to Rs. 14.141 Lakh **4. Class of Contractor :** "D" &"C" valid civil Class with H.T. valid Licence. **5. Period of completion :** 90 Days from the date of issue of work order. **6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the Office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Angul | 04/2025-26 | 24.12.2025 10.00 AM | 02.01.2026 Upto 5.00 P.M. | 30.12.2026 Upto 5.00 PM | 03.01.2026 11.00 AM |

- **Details can be seen from the Website www.tendersorissa.gov.in / www.angul.odisha.gov.in.**
- **Any Corrigendum/ Addendum will be displayed in the above website only.**

Sd./- (Er. Debaraj Sethi) Executive Engineer, L.I. Division, Angul

OIPR-32547/11/0005/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ନିଜର ପ୍ରଥମ ମ୍ୟାଚରେ

**ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି**

ତ୍ରିପୁରାକୁ ୫୦-୦ ଗୋଲରେ ହରାଇଥିବା ଓଡ଼ିଶା ସୋମବାର ଦ୍ୱିତୀୟ ମ୍ୟାଚରେ ଆସାମକୁ ୧୪-୧ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ମିଞ୍ଜ ଏକାକୀ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତା କିରୋ ଓ ଅସିମା ଏକ୍କା ୩ଟି ଲେଖାଏ, କିରନ ଏକ୍କା, ଆନନ୍ଦିନି କେର୍କେଟା, ସ୍ୱିଟି କୁଜୁର ଓ ସୋନିମା ଗୌଡ଼ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତ୍ରିପୁରା ବିପକ୍ଷ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ପୂରା ମ୍ୟାଚରେ ଓଡ଼ିଶା ଖେଳାଳିମାନେ ତ୍ରିପୁରା ହାଫ୍‌ରେ ବଲ୍ ରଖିଥିଲେ। ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୧୦, ଦ୍ୱିତୀୟ କ୍ୱାର୍ଟରରେ ୮, ତୃତୀୟ କ୍ୱାର୍ଟରରେ ୧୭ ଓ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ୧୫ ଗୋଲ ସ୍କୋର କରିଥିଲା। ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ମିଜୋରାମ ବିପକ୍ଷରେ ଖେଳିବ।


ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଦଳ।

# ଜେମିମା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ହେବେ

**ନୂଆଦିଲ୍ଲୀ, ୨୨।୧୨**

ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟର ଜେମିମା ରୋଡ୍ରିଗ୍ସଙ୍କୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା କରାଯିବ। ଏ ନେଇ ଖୁବ୍‌ଶୀଘ୍ର ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯିବ। ଦିଲ୍ଲୀ ଫ୍ରାଞ୍ଚାଇଜ ମେଗା ଅକ୍ସନ ପୂର୍ବରୁ ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କୁ ରିଲିଜ କରିଥିଲା। ଗତ ମାସରେ ଦିଲ୍ଲୀରେ ଅନୁଷ୍ଠିତ ମେଗା ଅକ୍ସନ ବେଳେ ଡିସି ସହ ମାଲିକ ପାର୍ଥ ଜିନ୍ଦଲ କହିଥିଲେ ଯେ, ଆମକୁ ଜଣେ ଭାରତୀୟ ଅଧିନାୟକ ଦରକାର। ଆମେ ମନ ସ୍ଥିର କରିସାରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଜେମିମା।

# ୨୦୨୩ରେ ଅବସର ଚିନ୍ତା କରିଥିଲେ ରୋହିତ




**ନୂଆଦିଲ୍ଲୀ, ୨୨।୧୨**

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ପରେ କ୍ରିକେଟରୁ ଅବସର କଥା ଚିନ୍ତା କରିଥିଲି। ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହା କହିଛନ୍ତି। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୯ ମ୍ୟାଚ୍‌ରେ ୯ ବିଜୟ ଓ ଅପରାଜେୟ ଧାରା ସହ ଫାଇନାଲରେ ପ୍ରବେଶ କରିଥିଲା। ହେଲେ ଅହମଦାବାଦ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସାମ୍ନାରେ ଖେଳାଯାଇଥିବା ଫାଇନାଲରେ ଟ୍ରାଭିସ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।

'୨୦୨୩ ବିଶ୍ୱକପ୍ ଫାଇନାଲ ପରେ ମୁଁ ସମ୍ପୂର୍ଣ୍ଣ ବ୍ୟାକୁଳ ହୋଇଯାଇଥିଲି ଏବଂ କ୍ରିକେଟ ଆଉ ଖେଳିବାକୁ ମୁଁ ଚାହୁଁ ନ ଥିବା ଭଳି ଅନୁଭବ ହେଉଥିଲା। କାରଣ ଏହି ଖେଳ ମୋଠାରୁ ସବୁକିଛି ନେଇ ସାରିଥିବା ଏବଂ ମୋ ପାଖରେ ଆଉ କିଛି ଦେବାକୁ ନ ଥିବା ଭଳି ଅନୁଭବ ହେଉଥିଲା। ଏଥିଲାଗି ମୋତେ କିଛି ସମୟ ଲାଗିଥିଲା ଓ ନିଜକୁ ମନେ ପକାଇଥିଲି ଯେ, ମୁଁ କ୍ରିକେଟକୁ କେତେ ଭଲ ପାଏ, ଏହା ସାମ୍ନାରେ ଥିବା ବେଳେ ମୁଁ ଏହାକୁ ଏତେ ସହଜରେ ଛାଡ଼ି ପାରିବି ନାହିଁ। ଧିରେ ଧିରେ ଏନର୍ଜି ସହିତ ପଡ଼ିଆରେ ପହଞ୍ଚିଥିଲି। ବିଶ୍ୱକପ୍ ଫାଇନାଲରେ ପରାଜୟ ଯୋଗୁ ସମସ୍ତେ ଖୁବ ଦୁଃଖିତ ଥିଲେ ଏବଂ ଆମେ ବୁଝିପାରି ନ ଥିଲୁ ଯେ, କ'ଣ ଘଟିଗଲା। ଏହା ବ୍ୟକ୍ତିଗତ ଭାବେ ମୋ ପାଇଁ ଖୁବ କଷ୍ଟକର ସମୟ ଥିଲା। କାରଣ ସେହି ବିଶ୍ୱକପ୍ ଜିତିବା ପାଇଁ ମୁଁ ସବୁକିଛି କରିଥିଲି। ଏଥିଲାଗି ଦୁଇ କିମ୍ବା ୩ ମାସ ନୁହେଁ, ୨୦୨୨ରେ ଦଳର ନେତୃତ୍ୱ ନେବା ପରଠାରୁ ବିଶ୍ୱକପ୍ ଜିତିବା ହିଁ ମୋର ଏକମାତ୍ର ଲକ୍ଷ୍ୟ ଥିଲା। ଟି୨୦ ହେଉ କି ଦିନିକିଆ ବିଶ୍ୱକପ୍, ମୁଁ କେବଳ ବିଶ୍ୱକପ୍ ଜିତିବାକୁ ଚାହୁଁଥିଲି। ଏଣୁ ଏହା ଯେତେବେଳେ ହେଲା ନାହିଁ, ମୁଁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲି। ମୋ ଶରୀରରେ କ୍ରିକେଟ ଖେଳିବା ପାଇଁ ଟିକେ ବି ଏନର୍ଜି ନ ଥିଲା ଭଳି ଅନୁଭବ ହେଉଥିଲା। ମୋତେ ଏଥିରୁ ରିକଭର କରିବା ଓ ଫିଲ୍ଡକୁ ଫେରିବା ପାଇଁ କିଛି ମାସ ଲାଗିଥିଲା। ମୋ ମତରେ ତୁମେ ଯେତେବେଳେ ଏତେ ସବୁ ନିବେଶ କର ଏବଂ ଫଳାଫଳ ମିଳେ ନାହିଁ, ଭାଙ୍ଗି ପଡ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା। ତାହା ହିଁ ମୋ ସହ ଘଟିଥିଲା। କିନ୍ତୁ ମୋତେ ଜଣା ଥିଲା ଯେ, ଜୀବନର ଶେଷ ନୁହେଁ। ଦୁଃଖ ଓ ନିରାଶ ସହ କେଉଁ ଭଳି ଲଢ଼େଇ କରାଯାଏ, ଏହା ମୋତେ ଶିକ୍ଷା ଦେଇଥିଲା। ଏହାପରେ ମୁଁ ୨୦୨୪ ଟି୨୦ ବିଶ୍ୱକପ୍ ଉପରେ ଧ୍ୟାନ ଦେଇଥିଲି। ଏହା ବର୍ତ୍ତମାନ କହିବା ଖୁବ ସହଜ। କିନ୍ତୁ ସେହି ମୁହୂର୍ତ୍ତରେ ଏହା ଅତ୍ୟନ୍ତ କଷ୍ଟକର ଥିଲା' ବୋଲି ରୋହିତ ମାଷ୍ଟର୍ସ ୟୁନିଅନ ଇଭେଣ୍ଟରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୋହିତଙ୍କ ନେତୃତ୍ୱରେ ଗତ ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା।

# ରେଡ୍ ଷ୍ଟାର, ସହିଦ ସ୍ପୋର୍ଟିଂ ବିଜୟୀ




ଓମ୍ ଶ୍ରୀ ସାହୁ ଓ ବିଶ୍ୱ ପି. ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ କ୍ଲବ ଦି ରେଡ୍ ଷ୍ଟାର ଓ ସହିଦ ସ୍ପୋର୍ଟିଂ ବିଜୟ ହାସଲ କରିଛି। ରେଡ୍ ଷ୍ଟାର ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ଏବଂ ସହିଦ ସ୍ପୋର୍ଟିଂ ୧୨ ରନରେ ସୋଲାର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଷ୍ଟାର ୨୦ ଓଭରରେ ୪ ଉଇକେଟ ହରାଇ ୯୨ ରନ କରିଥିଲା। ଅଧିନାୟକ ସମରଜିତ ସାହୁ ସର୍ବାଧିକ ୩୮ ରନ କରିଥିଲେ। ବିପକ୍ଷ ଦଳର ବୋଲର ଶ୍ରୀଜିତ ଭୂୟାଁ ୨ଟି ଉଇକେଟ ନେଇଥିଲେ। ୯୩ ରନ ବିଜୟ ଲକ୍ଷ୍ୟରେ ପ୍ରଗତି ୧୭.୫ ଓଭରରେ ୬୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅଖିଳ ପ୍ରଧାନ ୩ଟି ଏବଂ ଓମ୍ ଶ୍ରୀ ସାହୁ ୨ଟି ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଓମ୍ ଶ୍ରୀଙ୍କୁ ମୁକ୍ତେଶ୍ୱର କ୍ଲବ ଉପ କୋଷାଧ୍ୟକ୍ଷ ସୁନୀଲ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ବିଶ୍ୱ ପି. ସାମନ୍ତରାୟ ୨୭ ରନ କରିଥିଲେ। ସୋଲାର ପକ୍ଷରୁ ଅଧିନାୟକ ସୂର୍ଯ୍ୟକାନ୍ତ ଦଳେଇ ୩ ଉଇକେଟ ନେଇଥିଲେ। ୧୦୧ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୋଲାର ପୂରା ୨୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୮୮ ରନ କରିବାକୁ ସକ୍ଷମ ହୋଇଥିଲା। ମୁକ୍ତେଶ୍ୱର କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର ଓ ପରାମର୍ଶଦାତା ଭବାନୀ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବିଶ୍ୱ ପି. ସାହୁ (୨୭ ରନ, ୧ ଉଇକେଟ)ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଘରୋଇ ମହିଳା କ୍ରିକେଟରଙ୍କ ମ୍ୟାଚ୍ ଫି' ବୃଦ୍ଧି

**ନୂଆଦିଲ୍ଲୀ, ୨୨।୧୨ (ପି.ଟି.)**

ଭାରତୀୟ ମହିଳା ଦଳ ବିଶ୍ୱକପ୍ ଜିତିବା ପରେ ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି। ଘରୋଇ କ୍ରିକେଟରେ ମହିଳା କ୍ରିକେଟର ଓ ଅଫିସିଆଲ୍ସଙ୍କ ଫି'କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱିଗୁଣିତ କରିଛି। ଦୃଷ୍ଟାନ୍ତମୂଳକ ବୃଦ୍ଧିକୁ ବୋର୍ଡର କାର୍ଯ୍ୟକାରୀ ପରିଷଦ ମଞ୍ଜୁରୀ ପ୍ରଦାନ କରିଛି। ପରିବର୍ତ୍ତିତ ମ୍ୟାଚ୍ ଫି' ମୁତାବକ, ସିନିୟର ମହିଳା କ୍ରିକେଟରମାନେ ଘରୋଇ କ୍ରିକେଟରେ ଖେଳିବା ପାଇଁ ଦୈନିକ ୫୦ ହଜାର ଟଙ୍କା ପାଇବେ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ଦୈନିକ ଖେଳାଳିଙ୍କୁ ୨୦ ହଜାର ଓ ରିଜର୍ଭ ଖେଳାଳିଙ୍କୁ ୧୦ ହଜାର ଟଙ୍କା ମିଳୁଛି। ସିନିୟର ଘରୋଇ ଦିନିକିଆ ଓ ବହୁଦିନିଆ ଟୁର୍ନାମେଣ୍ଟ ପାଇଁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଦୈନିକ ୫୦ ହଜାର ଓ ରିଜର୍ଭ ଖେଳାଳିଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଜାତୀୟ ଟି୨୦ ପ୍ରତିଯୋଗିତା ଲାଗି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ୨୫ ହଜାର ଓ ରିଜର୍ଭ ଖେଳାଳିଙ୍କୁ ୧୨,୫୦୦ ଟଙ୍କା ଦିଆଯିବ। ବିସିସିଆଇର ଅଧିକାରୀଙ୍କ ଅନୁଯାୟୀ, ଯଦି ଜଣେ ମହିଳା ଖେଳାଳି ସମସ୍ତ ଫର୍ମାଟରେ ପୂରା ସିଜନ ଖେଳନ୍ତି, ତେବେ ସେ ୧୨ରୁ ୧୪ ଲକ୍ଷ ଟଙ୍କା ଆୟ କରିପାରିବେ।

## ଅଫିସିଆଲଙ୍କୁ ମିଳିବ ଫାଇଦା

ବିସିସିଆଇର କାର୍ଯ୍ୟକାରୀ ପରିଷଦ ଜୁନିୟର ମହିଳା କ୍ରିକେଟରଙ୍କ ଦରମାରେ ମଧ୍ୟ ବୃଦ୍ଧି କରିଛି। ୧୯ ଓ ୨୩ ବର୍ଷରୁ କମ୍ କାଟେଗୋରିରେ ଖେଳାଳିଙ୍କୁ ଦୈନିକ ୨୫ ହଜାର ଓ ରିଜର୍ଭ ଖେଳାଳିଙ୍କୁ ୧୨,୫୦୦ ଟଙ୍କା ଦିଆଯିବ।

ଅମ୍ପାୟର ଓ ମ୍ୟାଚ୍ ରେଫରିଙ୍କ ସମେତ ମ୍ୟାଚ୍ ଅଫିସିଆଲଙ୍କୁ ମଧ୍ୟ ପରିବର୍ତ୍ତିତ ମ୍ୟାଚ୍ ଫି'ର ଫାଇଦା ମିଳିବ। ଘରୋଇ କ୍ରିକେଟର ଲିଗ୍ ମ୍ୟାଚ୍ ଲାଗି ଅମ୍ପାୟର ଓ ମ୍ୟାଚ୍ ରେଫରିଙ୍କୁ ଦୈନିକ ୪୦ ହଜାର ଓ ନକ୍‌ଆଉଟ୍ ମ୍ୟାଚ୍ ପାଇଁ ୫୦ରୁ ୬୦ ହଜାର ଟଙ୍କା ଦିଆଯିବ। ମ୍ୟାଚ୍‌ର ଗୁରୁତ୍ୱ ଉପରେ ମ୍ୟାଚ୍ ଫି' ନିର୍ଭର କରେ। ଦରମାରେ ଏଭଳି ବୃଦ୍ଧି ଯୋଗୁ ପ୍ରତି ରଣଜୀ ଟ୍ରଫି ଲିଗ୍ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟରଙ୍କୁ ୧.୬୦ ଲକ୍ଷ ଓ ନକ୍‌ଆଉଟ୍ ମ୍ୟାଚ୍ ପାଇଁ ଅଢ଼େଇରୁ ୩ ଲକ୍ଷ ଟଙ୍କା ମିଳିବ। ମ୍ୟାଚ୍ ଫି' ବୃଦ୍ଧି ଦ୍ୱାରା ମହିଳା କ୍ରିକେଟରମାନେ ଆର୍ଥିକ ରୂପେ ସୁରକ୍ଷିତ ହୋଇପାରିବେ ଏବଂ ସେମାନଙ୍କୁ ପ୍ରେରଣା ମିଳିବ।


# Classified Everyday
0674-2580101, 9692975378


REAL ESTATE

**SALE**

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦

**କଟକ, ଭୁବନେଶ୍ୱର ମଧଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273.** D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧




All types of physiotherapy with massage, Contact number 9556924059/ 7656969134. D-2902

**LOST**

I, Koushilya Chhatria, W/o.- Surubabu Chhatria, Village- Bhursipali, P.S.- Jamgaon, Tahasil/ District- Bolangir declare by an affidavit Sl. No. 834, Dated- 20-12-2025 that Original Regd. Sale Deed bearing No. 11622205417 executed in my favour on Dated- 31.10.2022 in Sub-Registrar Office, Sambalpur has been Lost somewhere at Birmaharajpur. It has been registered vide S.D. Entry No-06, Dated 20-12-2025 at Birmaharajpur Police Station. D-2907

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 11.08.2025, I, Dukhia Behera, At- Daruthenga, Jujhagada, Dist.- Khordha, Odisha-752005 declare that I have changed my name from Dukhishyam Behera to Dukhia Behera. Henceforth, I shall be known as Dukhia Behera for all purposes.
Dukhia Behera
D- 2904

I, Nayan Kumar Nayak, S/o. Rabindra Nayak, R/o. New Colony, Sadeipali, P.O./P.S.- Burla, District- Sambalpur-768017 declare by this affidavit No.5506, dated- 20.12.2025 that my father's name has been wrongly mentioned as Ranindra Naik instead of Rabindra Nayak in my Passport bearing No. N3248041. That now onwards he shall be known as Rabindra Nayak for all future purposes. D- 2905

By virtue of an affidavit sworn before the Executive Magistrate, Berhampur, Ganjam, I, Mamata Bhatta, W/o.- Ramesh Chandra Bhatta, resident of At/P.O.- Niyati Bihar, near Pukudibandha Square, Ambapua, Dist.- Ganjam, Odisha Vide affidavit No. A-606 Dtd.- 20.12.2025 that now onwards, I will be known as MAMATA KUMARI BHATTA for all future purposes. D-2906

SANJEEB KUMAR MINZ, S/o.- Sukhi Minz, R/o.- K8/799, Kalinganagar, Ghatikia, Bhubaneswar-751003 changed my name as SANJEEV KUMAR MINZ vide affidavit dated 17.12.25. D- 2903

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କ୍ରିଷ୍ଣାପ୍ପା ଗୌଥାମଙ୍କ ଅବସର

**ନୂଆଦିଲ୍ଲୀ, ୨୨।୧୨**



କ୍ରିଷ୍ଣାପ୍ପା ଗୌଥାମ ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ୩୭ ବର୍ଷୀୟ କ୍ରିକେଟର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ତାଙ୍କର ୧୪ ବର୍ଷ ଲମ୍ବା ପେସାଦାର କ୍ରିକେଟର କ୍ୟାରିୟରର ଅନ୍ତ ଘଟିଛି। ସେ ଅଫ ସ୍ପିନ ବୋଲିଂ ସାଙ୍ଗକୁ ଲୋୟର ଅର୍ଡରରେ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଥିଲେ। ସେ ୨୦୧୨ ରଣଜୀ ଟ୍ରଫି ସିଜନରେ ପଦାର୍ପଣ କରିଥିଲେ। ୨୦୧୬-୧୭ ରଣଜୀ ସିଜନ ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ସିଜନ ଥିଲା। ଏହି ବର୍ଷ ସେ ୮ ମ୍ୟାଚ୍‌ରେ ୨୭ ଉଇକେଟ ନେଇଥିଲେ। ଗୌଥାମଙ୍କ ନାମରେ ଉଭୟ ଫାଷ୍ଟ-କ୍ଲାସ ଓ ଲିଷ୍ଟ ଏ' କ୍ରିକେଟରେ ୩୨୦ ଉଇକେଟ ରହିଛି। ଭଲ ପ୍ରଦର୍ଶନ ବଳରେ ସେ ଭାରତ ଏ' ଦଳରେ ସ୍ଥାନ ପାଇଥିଲେ। ୨୦୨୧ରେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ଗୋଟିଏ ଉଇକେଟ ନେଇଥିଲେ।

# ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୨ (ବିଜୟ ରଣା)**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା) ଦ୍ୱାରା ଆୟୋଜିତ ଦ୍ୱିତୀୟ ନୀଳାଦ୍ରି କପ୍ ଟି୨୦ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ମଞ୍ଚେଶ୍ୱରର ରେଲୱେ କ୍ରିକେଟ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ, ଆର୍. ପି. ଏଫ୍. ଦଳକୁ ପରାସ୍ତ କରି ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଜୟୀ ଏବଂ ଉପବିଜେତା ଦଳକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ସେ ପୁରସ୍କୃତ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଲିଗ୍ ମ୍ୟାଚ୍, ସେମିଫାଇନାଲ୍ ଓ ଫାଇନାଲକୁ ମିଶାଇ ମୋଟ ୨୮ଟି ମ୍ୟାଚ୍ ଆଇସିସିର ଟି୨୦ ନିୟମାବଳୀ ଅନୁସାରେ ଖେଳାଯାଇଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ଅଧ୍ୟକ୍ଷ ଡା. ହେମନ୍ତ କାଗ୍ରା ଟୁର୍ନାମେଣ୍ଟର ପରିକଳ୍ପନା ଓ ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

**ନୀଳାଦ୍ରୀ କପ୍ ଟି୨୦ ଟେନିସ ବଲ୍ କ୍ରିକେଟ**



ଚାମ୍ପିୟନ ଇଞ୍ଜିନିୟରିଂ ବିଭାଗ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ପୋଷ୍ଟିଂ ଜିରୋ

**ସୋସିଆଲ ମିଡିଆରେ ସବୁଦିନ କିଛି ପୋଷ୍ଟକରିବା ଆଉ କମେଣ୍ଟ ଦେଖିବାକୁ ଭଲପାନ୍ତି କେତେକେ। ହେଲେ ଏବେ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ସମସ୍ୟା ଏଡ଼େଇବାକୁ ଯାଇ ଅନେକେ ଏବେ ପୋଷ୍ଟିଂ ଜିରୋ ଫର୍ମୁଲା ଆପଣେଇବାକୁ ପସନ୍ଦ କରୁଛନ୍ତି...**



ପୋଷ୍ଟିଂ ଜିରୋ। ଅର୍ଥାତ୍ ସୋସିଆଲ ମିଡିଆରେ କିଛି ବି ପୋଷ୍ଟ ନ କରିବା। ଏହି ଟ୍ରେଣ୍ଡକୁ ଏବେ ପସନ୍ଦ କରୁଛନ୍ତି ଅନେକେ। ବିଶେଷକରି ସାଧାରଣରେ ବିଭିନ୍ନ ପ୍ରକାର କମେଣ୍ଟ ଓ ଲାଇକ୍ ଅନେକ ସମୟରେ ବ୍ୟକ୍ତିଗତ ତଥା କ୍ୟାରିୟର କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି। ଏହି କାରଣରୁ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ପୋଷ୍ଟିଂ ଜିରୋ ଫର୍ମୁଲାକୁ ଅଧିକ ପସନ୍ଦ କରୁଛନ୍ତି।

**କାରଣ :** କୌଣସି ଜିନିଷର ବାରମ୍ବାର ବ୍ୟବହାର କରିବା ଫଳରେ ଏକ ସମୟ ଆସେ ଯେତେବେଳେ ଅନାଗ୍ରହ ଭାବ ଆସିଥାଏ। ଠିକ୍ ସେମିତି ଭାବନାରେ କେତେକ ସୋସିଆଲ ମିଡିଆରେ କିଛି ପୋଷ୍ଟ କରିବା ବନ୍ଦକରି ଦେଇଥାନ୍ତି। ସବୁଦିନ ଫଟୋ କିମ୍ବା ଭିଡିଓ ଆଦି ପୋଷ୍ଟକରି ତା'ର କମେଣ୍ଟ ଦେଖିବା ଓ ପୁଣି ଉତ୍ତର ଦେବା ଫଳରେ ବୋର୍ ଲାଗିଥାଏ। ତେଣୁ ଏଭଳି ପ୍ରତି ଉତ୍ତର ଦେବାକୁ ବୋର୍ ଲାଗିଲେ କେତେକେ ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡକୁ ଆପଣାଇ ନେଇଥାନ୍ତି। ଆଉ କେତେକେ ସମସ୍ତଙ୍କୁ ସବୁକଥା କହିବା ଅବା ଦେଖାଇବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସୋସିଆଲ ମିଡିଆ ବଦଳରେ ସେମାନେ ବ୍ୟକ୍ତିଗତ ମେସେଜ୍ ଦେଇଥାନ୍ତି। ଏଭଳି ବିଭିନ୍ନ କାରଣ ପାଇଁ ଆଜିକାଲି ଦେଖିବାକୁ ମିଳୁଛି ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡ।

**ସମୟ ଅଭାବ:** ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଆଦି ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରିବା ଓ ସେଥିରେ ସବୁଦିନ କିଛି ନା କିଛି ପୋଷ୍ଟ କରିବାକୁ କେତେଜଣଙ୍କ ପାଖରେ ସମୟ ନ ଥାଏ। ତେଣୁ ସବୁ ସମୟରେ ଏଥିରେ ଅପ୍‌ଡେଟ୍ ରହି ହୁଏନାହିଁ। ଏହି କାରଣରୁ ମଧ୍ୟ କେତେକେ ଅବଶ୍ୟ ଅଳ୍ପ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାର କରନ୍ତି କିନ୍ତୁ କିଛି ପୋଷ୍ଟ କରନ୍ତି ନାହିଁ।

**କଣ୍ଟେଣ୍ଟକୁ ନେଇ ସମସ୍ୟା:** ବେଳେବେଳେ ସୋସିଆଲ ମିଡିଆର କଣ୍ଟେଣ୍ଟକୁ ନେଇ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ବିଭିନ୍ନ ପ୍ରକାର ଅନ୍‌ଲାଇନ ସ୍କାମ୍, ଡାଟା ଚୋରି ଆଦି ସୋସିଆଲ ମିଡିଆର ଡିଫେକ୍ଟ ପାଇଁ ବ୍ୟବହାରକାରୀମାନେ ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ସାଧାରଣ ଫଟୋ କିମ୍ବା ଭିଡିଓକୁ ଅସାଧୁ ବ୍ୟକ୍ତି ଖରାପ ବ୍ୟବହାର କରୁଛନ୍ତି। ଏହିସବୁ କାରଣରୁ ଲୋକେ ଇଣ୍ଟରନେଟ୍‌ରେ କୌଣସି ଜିନିଷ ଶେୟାର କରିବାକୁ ଇଚ୍ଛା କରୁନାହାନ୍ତି।

**ଓଭର ଷ୍ଟିମୁଲେଶନ:** ବିବାହ ପରେ ମହିଳାଙ୍କୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ। ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସୋସିଆଲ ମିଡିଆରେ କିଛି ଫଟୋ, ଭିଡିଓ ଅବା ଲେଖା ପୋଷ୍ଟକଲେ ତାହାକୁ ନେଇ ବିଭିନ୍ନ ପ୍ରକାର କମେଣ୍ଟ ଆସିଥାଏ। ତେଣୁ କିଏ ଦେଖିବ, କ'ଣ ଭାବିବ, କାହାକୁ କ'ଣ ଉତ୍ତର ଦେବାକୁ ହେବ, ଏମିତି ସବୁ କଥାକୁ ନେଇ ବିଚାର କରିବାକୁ ହୋଇଥାଏ। ବେଳେବେଳେ ଫଟୋ ପୋଷ୍ଟ କରିବା ଆଉ କମେଣ୍ଟକୁ ନେଇ ପରିବାରରେ ବିଭିନ୍ନ ସମସ୍ୟା ବି ଆସିଥାଏ। ଏହିସବୁ ଚିନ୍ତାଧାରାକୁ ନେଇ ଅନେକେ ମଧ୍ୟ ସୋସିଆଲ ମିଡିଆରେ କୌଣସି ପ୍ରକାର ପୋଷ୍ଟ କରିବାକୁ ଇଚ୍ଛା କରୁ ନାହାନ୍ତି।







## ଏମାନେ କ'ଣ କରନ୍ତି

### ପର୍ସନାଲ ମେସେଜ୍ କରେ



ଆରମ୍ଭରୁ ସୋସିଆଲ ମିଡିଆରେ ଫଟୋ କିମ୍ବା ବ୍ୟକ୍ତିଗତ ଜୀବନର କିଛି ଘଟଣାକୁ ପୋଷ୍ଟ କରିବାକୁ ମତେ ଭଲ ଲାଗେନି। ସମସ୍ତଙ୍କ ଆଗରେ ସବୁ କଥା କହି ହେବନି ଭାବି କିଛି ବି ପୋଷ୍ଟ କରେନି। କାହାକୁ କିଛି କମେଣ୍ଟ ବି ପ୍ରାୟ ଦିଏନି। ଯଦି କାହାକୁ ଶୁଭେଚ୍ଛା ଜଣାଇବାକୁ ଥାଏ କି ଫଟୋ ଦେଖାଇବାର ଇଚ୍ଛା ଥାଏ ତା'ହେଲେ ତାକୁ ପର୍ସନାଲ ଆକାଉଣ୍ଟରେ ପଠାଏ। କିନ୍ତୁ ସୋସିଆଲ ମିଡିଆର ବ୍ୟବହାର ବେଶି କରେନି। ଘର କାମ ଓ ବିଭିନ୍ନ ସାମାଜିକ ସଂସ୍ଥା ସହ ଜଡ଼ିତ ଥିବାରୁ ଫେସ୍‌ବୁକ୍, ଇନ୍‌ଷ୍ଟା ଆଦି ସବୁଦିନ ଖୋଲିବା ପାଇଁ ମୋ ପାଖରେ ସମୟ ବି ନ ଥାଏ। ତେଣୁ ଖୁବ୍ କମ୍ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାରକରେ। ତା' ଛଡ଼ା ନିଜ ପର୍ସନାଲ ଇମେଜକୁ ଦୃଷ୍ଟିରେ ରଖି ସବୁବେଳେ ଫଟୋ ପୋଷ୍ଟ କରିବାକୁ ଇଚ୍ଛା ହୁଏନି। ସେଥିପାଇଁ କେବେ କେବେ ହ୍ୱାଟ୍ସଆପ୍‌ରେ କିଛି ସ୍ୱତନ୍ତ୍ର ଉତ୍ସବ ସମୟରେ ଫଟୋ ପୋଷ୍ଟ କରୁଛି।

*– ମମତା ଦ୍ୱିବେଦୀ*
*ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଫଟୋ ଅପ୍‌ଲୋଡ୍ କରୁନି



ସୋସିଆଲ ମିଡିଆରେ ସମସ୍ତଙ୍କ ରିଲ୍ ଦେଖି ମତେ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଆଗରୁ କେତେଥର ମୋ ଫଟୋକୁ ନେଇ ରିଲ୍ କରୁଥିଲି। ମୋ ସାଙ୍ଗମାନେ ଦେଖି ବିଭିନ୍ନ କମେଣ୍ଟ ଦିଅନ୍ତି ଆଉ ମତେ ଭଲ ଲାଗୁଥିଲା। ହେଲେ ନେଗେଟିଭ୍ କମେଣ୍ଟ ଦେଖିଲେ ଭଲ ଲାଗେନି। ସେଥିପାଇଁ ଏବେ କୌଣସି ରିଲ୍ସ କରୁନି ଓ ଫେସ୍‌ବୁକରେ ଖୁବ୍ କମ୍ ଫଟୋ ଅପ୍‌ଲୋଡ୍ କରୁଛି। ଅବଶ୍ୟ ବେଶି ଇଚ୍ଛା ହେଲେ ମୋ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ବେଳେବେଳେ ପୂଜା ପର୍ବାଣୀ ସମୟର ଫଟୋ ଅପଲୋଡ୍ କରୁଛି।

*– ପ୍ରଭାସିନି ବେହେରା*
*ଶିକ୍ଷୟିତ୍ରୀ, ଶ୍ରମିକ ହାଇସ୍କୁଲ, ବାଦାମବାଡ଼ି, କଟକ*





**ଏଆଇ କଣ୍ଟେଣ୍ଟ:** ସୋସିଆଲ ମିଡିଆରେ ଏବେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ପ୍ରଭାବ ବହୁତ ହୋଇଯାଇଛି। ତେଣୁ ଅସଲୀ ବଦଳରେ ଏଆଇ କଣ୍ଟେଣ୍ଟ ବହୁତ ଦେଖିବାକୁ ମିଳୁଛି। ଏମିତିକି କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଫଟୋକୁ ମଧ୍ୟ ଏଆଇ ମାଧ୍ୟମରେ ବଦଳାଇ ହେଉଛି। ତେଣୁ ଏସବୁ ପ୍ରକାର ପରିବର୍ତ୍ତନ ମଧ୍ୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ଏସବୁ ସମସ୍ୟା ନ ଆସିବା ପାଇଁ କୌଣସି ପୋଷ୍ଟ ନ କରିବା ଭଲ ବୋଲି ଅନେକେ ଭାବୁଛନ୍ତି। ଏଭଳି ବିଭିନ୍ନ ପ୍ରକାର ଚିନ୍ତାଧାରା ପାଇଁ ଏବେ ମହିଳାମାନେ ପ୍ରାୟତଃ ଜିରୋ ପୋଷ୍ଟିଂ ଟ୍ରେଣ୍ଡକୁ ଆପଣାଉଛନ୍ତି।

# ଘରକୁ ଦିଅନ୍ତୁ ରାଜକୀୟ ଲୁକ୍

**ଘରକୁ ସୁନ୍ଦରଭାବରେ ସଜାଇବା ଏକ କଳା। ସାଧାରଣ ଦେଖାଯାଉଥିବା ଘରକୁ ରାଜକୀୟ ଢଙ୍ଗରେ ସଜାଇବାକୁ ଚାହୁଁଥିଲେ ଜାଣନ୍ତୁ କିଛି ଟିପ୍ସ...**

➔ଘରେ ପରଦା ଓ କୁସନ କଭରର ରଙ୍ଗ ଏକା ପ୍ରକାର ରଖନ୍ତୁ। ଯଦି ହାଲ୍‌କା ରଙ୍ଗର ଚୟନ କରିବେ ତେବେ ଘରକୁ ପରଫେକ୍ଟ ଲୁକ୍ ମିଳିପାରିବ।

➔ଘରେ ବିଭିନ୍ନ ପ୍ରକାର ଫୁଲଗଛ ଓ ମନିପ୍ଲାଣ୍ଟ ଲଗାନ୍ତୁ। ଇଣ୍ଟେରିଅର ଡେକୋରେସନ ପାଇଁ ଲାଲ୍ ରଙ୍ଗର ଗୋଲାପ ଫୁଲ ବ୍ୟବହାର କରିପାରିବେ। ବହୁତ ସୁନ୍ଦର ଦେଖାଯିବ।

ଘରକୁ ଏକ ଭିନ୍ନ ଲୁକ୍ ଦେଇହେବ। ଏଥିପାଇଁ କେଉଁ ସ୍ଥାନର କାନ୍ଥ ବ୍ୟବହାର କରିବେ ତାହା ସ୍ଥିର କରନ୍ତୁ। ନିଜ ପସନ୍ଦ ଅନୁସାରେ ପେଣ୍ଟିଂ କରି ଆପଣ ରୟାଲ, ଏଥେନିକ୍ କିମ୍ବା ଆର୍ଟିଷ୍ଟିକ୍ ଲୁକ୍ ଦେଇପାରିବେ।

➔ଘରେ ଲାଇଟ୍ କଲରର ଫର୍ନିଚର ବ୍ୟବହାର କରନ୍ତୁ। ନିଜ ପସନ୍ଦ ଅନୁସାରେ ଆପଣ ବିଭିନ୍ନ ଡିଜାଇନ୍ ଫର୍ନିଚର ବ୍ୟବହାର କରିପାରିବେ।



➔ସୁନ୍ଦରଭାବରେ ଲାଇଟ୍ ସଜାଇ ଆପଣ ଘରକୁ ଏକ ରାଜକୀୟ ଲୁକ୍ ଦେଇପାରିବେ। ତେଣୁ ବିଭିନ୍ନ ଡିଜାଇନ ଲାଇଟ୍ ଲଗାନ୍ତୁ।

➔ଘରର ଏକ ସ୍ୱତନ୍ତ୍ର ସ୍ଥାନରେ ନିଜର କିଛି ଫଟୋ ଫ୍ରେମ୍ ଲଗାଇ ଘରକୁ ସଜାଇ ପାରିବେ।

➔କାନ୍ଥରେ ସୁନ୍ଦରଭାବରେ ପେଣ୍ଟିଂ କରି

➔ ଘରେ ବିଭିନ୍ନ ଡିଜାଇନ ମିରର୍ ଲଗାନ୍ତୁ। ଏହା ଘରକୁ ଏକ ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ଦେଇପାରିବେ।

➔ଘରେ କାନ୍ଥ ଘଣ୍ଟା ଓ ଷ୍ଟାଇଲିଶ୍ ଲ୍ୟାମ୍ପ ଲଗାନ୍ତୁ। ମାର୍କେଟରେ ଏବେ ଏହାର ସୁନ୍ଦର ଡିଜାଇନ୍ ସବୁ ମିଳୁଛି। ଏହାକୁ ବ୍ୟବହାର କରି ଘରେ ଭିନ୍ନ ପରିବେଶ ସୃଷ୍ଟି କରିପାରିବେ।

# ଶୀତଦିନିଆ କୋଟ୍

**ଶୀତଦିନେ ମହିଳାମାନେ ସୁନ୍ଦର ଓ ଷ୍ଟାଇଲିଶ୍ କୋଟ୍ ପିନ୍ଧନ୍ତି। ତେବେ ବଡି ଶେପ୍ ଅନୁସାରେ କିଭଳି କୋଟ୍ ଚୟନ କରିବେ ଜାଣିରଖନ୍ତୁ...**



★କମ୍ ହାଇଟ୍ ଥିବା ମହିଳା ସର୍ଟ କୋଟ୍ ପିନ୍ଧିଲେ ସୁନ୍ଦର ଦେଖାଯିବ। ଅଧିକ ଲମ୍ବା କୋଟ୍ ପିନ୍ଧିଲେ ମୋଟା ଏବଂ ଅଧିକ ଗେଡ଼ା ଦେଖାଯିବେ। ତେଣୁ ମିଡିୟମ ଉଲ୍ ଜ୍ୟାକେଟ୍ ସହ ବୁଟ୍ ପିନ୍ଧିପାରିବେ।

★ଡେଙ୍ଗା ମହିଳାମାନେ ଓଭର ସାଇଜ୍‌ର କୋକୁନ୍ କିମ୍ବା ଡଷ୍ଟର କୋଟ୍ ପିନ୍ଧିଲେ ଭଲ ଲାଗିବ। ଲୁକ୍ ନେଇ ଯଦି କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥାଆନ୍ତି ତେବେ ହେମ୍‌ଲାଇନ୍ କୋଟ୍ ମଧ୍ୟ ପିନ୍ଧିପାରିବେ। ସୁଇଂ କୋଟ୍ ମଧ୍ୟ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

★ଯେଉଁମାନଙ୍କର ବଡି ଶେପ୍ ଓଭର ଗ୍ଲାସ୍ ଭଳି ହୋଇଥାଏ ସେମାନେ ଭେଲ୍‌ଭେଟ୍ କୋଟ୍ ଚୟନ କଲେ ଅଧିକ ଭଲ ଲାଗିବ। ଏଥିରେ ସ୍ଲିମ୍ ଦେଖାଯିବା ସହ ଅଣ୍ଟା ପାଖରୁ ଅଧିକ ସୁନ୍ଦର ଦେଖାଯିବ। ଏହି ମହିଳାଙ୍କୁ ଲମ୍ବା କୋଟ୍ ଆକର୍ଷଣୀୟ ଲୁକ୍ ଦେଇପାରିବ। ଏହା ସହ ଟ୍ରେଞ୍ଚ କୋଟ୍ ଏକ କ୍ଲାସି ଲୁକ୍ ଦେବ।

★ଆପଲ ବଡି ଶେପ୍ ମହିଳା କୋକୁନ୍ ଓ୍ୱିଣ୍ଟର କୋଟ୍ ଏବଂ ଏ ଲାଇଟ୍ କୋଟ୍ ପିନ୍ଧିପାରିବେ। ତେବେ ଅଣ୍ଟା ତଳକୁ ଏମାନେ ଯଦି ପତଳା ଦେଖାଇବାକୁ ଚାହୁଁଥାନ୍ତି ତା'ହେଲେ ସର୍ଟ ଡିଜାଇନ୍ ବମ୍ବର ଜ୍ୟାକେଟ୍ ପିନ୍ଧିପାରିବେ। ପର୍‌ଫେକ୍ଟ ଲୁକ୍ ମିଳିପାରିବ।

ଖାଦ୍ୟରୁଚି

# ଅଁଳା ଆଚାର

### ଆବଶ୍ୟକ ସାମଗ୍ରୀ

ଅଁଳା– ୧ କେଜି, କଞ୍ଚାଲଙ୍କା– ୧୦୦ ଗ୍ରାମ୍, ସୋରିଷ ତେଲ– ୧୫୦ ଗ୍ରାମ୍, କଳାଜିରା– ଅଧା ଛୋଟଚାମଚ। ହେଙ୍ଗୁ– ୧ ଛୋଟ ଚାମଚ। ମସଲା ପାଇଁ – ରସୁଣ– ୫୦ ଗ୍ରାମ୍, ଅଦା– ୧ ଖଣ୍ଡ (ବଡ଼), ହଳଦୀ– ୧ ଖଣ୍ଡ (ବଡ଼)
ଶୁଖିଲା ମସଲା ପାଇଁ– ପାନମଧୁରୀ– ୨ ବଡ଼ ଚାମଚ, ଜିରା – ୧ ଛୋଟ ଚାମଚ, ଗୋଲମରିଚ– ୧୫ ରୁ ୨୦ଟି, ସୋରିଷ– ୧ ବଡ଼ ଚାମଚ, ମେଥି– ଅଧା ଛୋଟ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଁଳାକୁ ଭଲଭାବେ ଧୋଇ ବାମ୍ଫ ଦେଇ କିଛି ସମୟ ସିଝାଇ ଦିଅନ୍ତୁ। ଏହାପରେ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଁଳା ଥଣ୍ଡା ହୋଇଯିବା ପରେ ତାହାକୁ ଲମ୍ବା ଆକାରରେ ଛୋଟ ଛୋଟ କରି କାଟି ଦିଅନ୍ତୁ ଓ ମଞ୍ଜିକୁ ବାହାର କରି ଦିଅନ୍ତୁ। ଏହି ଅଁଳାକୁ ଅଧଘଣ୍ଟା ପାଇଁ ଘରେ ଫ୍ୟାନ୍ ପବନରେ ଶୁଖାଇ ଦିଅନ୍ତୁ। ଖରାରେ ଶୁଆନ୍ତୁ ନାହିଁ, ଅଧିକ ଶୁଖିଲେ ଭଲ ଲାଗିବ ନାହିଁ।
ଏବେ ମସଲା ନିମନ୍ତେ ଥିବା ପାନମଧୁରୀ, ଜିରା, ଗୋଲମରିଚ, ସୋରିଷ, ମେଥି ସବୁକୁ ମିଶାଇ କଡ଼େଇରେ ହାଲ୍‌କା ଉଷୁମକରି ଦିଅନ୍ତୁ। ଏସବୁକୁ ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ।
ଏହାପରେ ରସୁଣ, ଅଦା ଓ କଞ୍ଚା ହଳଦୀକୁ ଭଲଭାବରେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ଅନ୍ୟପଟେ ସୋରିଷ ତେଲକୁ ଅଳ୍ପ ଗରମ କରି ସେଥିରେ ଅଧା ଛୋଟ ଚାମଚ କଳାଜିରା ପକାନ୍ତୁ। ୧ ଚାମଚ ହେଙ୍ଗୁ ପକାନ୍ତୁ। ଏବେ ସେଥିରେ ବଟାହୋଇଥିବା ମସଲାକୁ ପକାଇ ହାଲ୍‌କା ଭାଜି ନିଅନ୍ତୁ। ଏହା ପରେ ୧ ଛୋଟ ଚାମଚ କଶ୍ମୀରୀ ଲଙ୍କାଗୁଣ୍ଡ ପକାନ୍ତୁ। ଏବେ ସେଥିରେ କଞ୍ଚା ଲଙ୍କା ପକାଇ ଅଳ୍ପ ଭାଜନ୍ତୁ। ଏହା ପରେ ଶୁଖାହୋଇଥିବା ଅଁଳା ପକାଇ ଭଲଭାବେ ମିଶାନ୍ତୁ। ଏବେ ସେଥିରେ ଶୁଖିଲା ମସଲା ଓ ଲୁଣ ପକାଇ ମିଶାନ୍ତୁ। ଏହା ପରେ ଅଧା ଛୋଟ କପ୍ ଭିନେଗାର ପକାଇ ଭଲଭାବେ ମିଶାନ୍ତୁ। ଥଣ୍ଡା ହୋଇଯିବା ପରେ କାଚ ଜାର୍‌ରେ ରଖି ଖାଆନ୍ତୁ।



ସୌନ୍ଦର୍ଯ୍ୟ

# କେଶକୁ କରନ୍ତୁ ସୁନ୍ଦର

❖ଶୀତଦିନେ ଉଷୁମପାଣିରେ କେଶ ଧୁଅନ୍ତୁ। ଅଧିକ ଗରମ ପାଣିରେ କେଶ ଧୋଇଲେ ଉଜ୍ଜ୍ୱଳତା ସହିତ କେଶମୂଳରେ ଥିବା ତୈଳଅଂଶ ନଷ୍ଟ ହୋଇଥାଏ। ଏହା ସହ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଖାଦେବ।

❖କେଶ ମୂଳରେ ମସାଜ୍ କରନ୍ତୁ। ଅଙ୍ଗୁଳିରେ ତେଲ ନେଇ ସପ୍ତାହକୁ ଅତି କମ୍‌ରେ ଥରେ ମାଲିସ୍ କରନ୍ତୁ। ଏହା ଫଳରେ କେଶ ମୂଳରେ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ସହ ରାତି ସାରା ତେଲ କେଶ ମୂଳରେ ଲାଗି ରହିବା ଫଳରେ କେଶ ଶୁଷ୍କ ହୋଇ ନ ଥାଏ। ତେଲ ଲଗାଇବାର ୭–୮ ଘଣ୍ଟା ପରେ ସାମ୍ପୁ କରନ୍ତୁ।



❖ଶୀତଦିନେ ପ୍ରାୟତଃ ରୁପି ସମସ୍ୟା ବହୁତ ହୋଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅଏଲ ଥେରାପି ବେଶ୍ ଫଳପ୍ରଦ। ସପ୍ତାହକୁ ଥରେ କିମ୍ବା ଦୁଇଥର ତେଲକୁ ଅଳ୍ପ ଉଷୁମ କରି କେଶ ମୂଳରେ ମାଲିସ୍ କରନ୍ତୁ। ଏହାପରେ କେଶ ମୂଳରେ ଏକ ତଉଲିଆରେ ବାମ୍ଫ ଦିଅନ୍ତୁ। ୩–୪ ଥର ଏହିପରି ବାମ୍ଫ ଦିଅନ୍ତୁ ଓ ସକାଳେ ସାମ୍ପୁ କରିଦିଅନ୍ତୁ।

❖କଣ୍ଡିସନର ନିଶ୍ଚୟ ଲଗାନ୍ତୁ। କଣ୍ଡିସନର ଓ ସେରମ୍ କେଶକୁ ମୁଲାୟମ କରିଥାଏ। ଏହା କେଶକୁ କୋଟିଂ ସହିତ ସୁରକ୍ଷା ଦେଇଥାଏ।

❖କେଶରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ଲଗାଇବା ବଦଳରେ ପ୍ରାକୃତିକ ସାମଗ୍ରୀ ଲଗାନ୍ତୁ। ଅତ୍ୟଧିକ ରୁକ୍ଷ ଓ ଦୁର୍ବଳ କେଶ ହୋଇଥିଲେ ଗୋଟିଏ ଅଣ୍ଡା ସହ କିଛି ଜଡ଼ାତେଲ, ଲେମ୍ବୁରସ ଓ ଏକ ଛୋଟ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ।

❖ଥଣ୍ଡା ପବନରେ ବାହାରକୁ ଯାଉଥିଲେ କେଶକୁ ଭଲଭାବରେ ଘୋଡ଼ାଇ ରଖନ୍ତୁ।



ଶୀତଦିନେ ରୁମ୍ ହିଟର ବ୍ୟବହାର କରୁଥିଲେ କେଶ ଅଧିକ ରୁକ୍ଷ ହୋଇଯାଏ। ତେଣୁ ଘର ଭିତରର ତାପମାତ୍ରା ବଢ଼ାଇବା ପାଇଁ ଅନ୍ୟ ଉପାୟ ଅବଲମ୍ବନ କରନ୍ତୁ।

❖ବାହାରକୁ ଯିବା ପୂର୍ବରୁ କେଶକୁ ଭଲଭାବେ ଶୁଖାଇ ଯାଆନ୍ତୁ।

❖ଦୋମୁହାଁ କେଶ ସମସ୍ୟା ଥିଲେ ନିୟମିତ ଟ୍ରିମିଂ କରାନ୍ତୁ। ଏହା ସହିତ କେଶକୁ ମୁଲାୟମ କରିବା ନିମନ୍ତେ ମଶ୍ଚରାଇଜିଂ ଟ୍ରିଟ୍‌ମେଣ୍ଟ ବି କରାନ୍ତୁ।

❖କେଶକୁ ବାରମ୍ବାର ଧୁଅନ୍ତୁ ନାହିଁ। ଏହା କେଶ ମୂଳରେ ଥିବା ତୈଳ ଅଂଶକୁ ନଷ୍ଟ କରି ଦେଇଥାଏ।

❖ମଜଭୁତ କେଶ ନିମନ୍ତେ ସୁଷମ ଖାଦ୍ୟ ଖାଆନ୍ତୁ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ Bhubaneswar, Tuesday, December 23/ 2025







# ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରରେ ୭୯ତମ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫି ସୋମବାର ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ଗ୍ରୁପ୍ 'ଏଫ୍' ମ୍ୟାଚରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶ୍ରୀକାନ୍ତ ଗଡ଼ବାଙ୍କ ଡବଲ ବଳରେ ଓଡ଼ିଶା ୪-୦ ଗୋଲରେ ମଧ୍ୟ ପ୍ରଦେଶକୁ ପରାସ୍ତ କରିଛି। ଫଳରେ ୩ ପଏଣ୍ଟ ସହ ଓଡ଼ିଶା ଗ୍ରୁପ୍ 'ଏଫ୍'ର

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ଶୀର୍ଷରେ ରହିଛି। ମ୍ୟାଚର ୧୫ଶ ମିନିଟରେ ଅଧିନାୟକ କାର୍ତ୍ତିକ ହେନ୍ତାଲଙ୍କ ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ମଧ୍ୟ ପ୍ରଦେଶ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ ହୋଇଥିବାବେଳେ ୭୫ତମ ମିନିଟରେ ଜିତୁ ମୁଦୁଲି ଏକ ଗୋଲ ସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଶେଷ ଭାଗରେ ଶ୍ରୀକାନ୍ତ ଗଡ଼ବା ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ।



ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

୭୭ତମ ମିନିଟରେ ସେ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇ ଓଡ଼ିଶାକୁ ୩-୦ରେ ଆଗୁଆ କରିଥିବାବେଳେ ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ଓଡ଼ିଶା ଦଳକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୪ ତାରିଖରେ ତେଲଙ୍ଗାନା ସହିତ ଖେଳିବ। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ତେଲଙ୍ଗାନା ୨-୧ ଗୋଲରେ ଛତିଶଗଡ଼କୁ ହରାଇ ୩ ପଏଣ୍ଟ ପାଇଛି।

## ଫିଫା ର୍‍ୟାଙ୍କିଙ୍ଗରେ ସ୍ପେନ୍ ନମ୍ବର ୱାନ୍

**ଜୁରିଚ୍, ୨୨।୧୨ (ଏପି)**

ସ୍ପେନର ପୁରୁଷ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ସହ ୨୦୨୫ ବର୍ଷ ଶେଷ କରିବାକୁ ଯାଉଛି। ସୋମବାର ପ୍ରକାଶିତ ନୂଆ ର୍‍ୟାଙ୍କିଙ୍ଗ ତାଲିକାରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗତ ଫିଫା ର୍‍ୟାଙ୍କିଙ୍ଗ ତାଲିକା ନଭେମ୍ବର ୧୯ରେ ପ୍ରକାଶ ପାଇଥିଲା। ଏଥର ଟପ୍ ଟେନ୍‌ରେ କୌଣସି ପରିବର୍ତ୍ତନ ଘଟି ନାହିଁ। ସ୍ପେନ ପଛକୁ ପ୍ରଥମ ୧୦ ମଧ୍ୟରେ ସ୍ଥାନ ପାଇଥିବା ଦେଶଗୁଡ଼ିକ ଯଥାକ୍ରମେ ହେଲେ ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ, ବ୍ରାଜିଲ, ପର୍ତ୍ତୁଗାଲ, ନେଦରଲାଣ୍ଡ୍ସ, ବେଲଜିୟମ, ଜର୍ମାନୀ ଓ କ୍ରୋଏସିଆ। ସ୍ପେନ ଇତିମଧ୍ୟରେ ବିଶ୍ୱକପ୍ ଗ୍ରୁପ୍ 'ଇ' କ୍ୱାଲିଫାଇଂ ଜିତିସାରିଛି। ୨୦୨୬ରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋ ମିଳିତ ଭାବେ ଆୟୋଜନ କରୁଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ 'ଏଚ୍'ରେ ଉରୁଗୁଏ, ସୌଦି ଆରବ ଓ କେପ୍ ଭର୍ଡେଙ୍କୁ ଭେଟିବ ଏହି ଦଳ। ତାଲିକାରେ ସବୁଠାରୁ ବଡ଼ ପଦୋନ୍ନତି ଘଟିଥିବା ଭିଏତ୍‌ନାମ ୩ ସ୍ଥାନ ଉପରେ ୧୦୭ତମ ସ୍ଥାନରେ ରହିଛି।

## ସ୍ୱସ୍ତିଙ୍କୁ ତୃତୀୟ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ସ୍ୱସ୍ତି ସିଂ।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ୭୭ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ରାଜ୍ୟର ଏହି ତାରକା ସାଇକ୍ଲିଷ୍ଟ ସୋମବାର ଅନୁଷ୍ଠିତ ସିନିୟର ଏଲିଟ ଓମ୍ନିଅମ ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ସେ ୪ କିଲୋମିଟର ବ୍ୟକ୍ତଗତ ପର୍ସୁ୍ୟଟ

**ଜାତୀୟ ଟ୍ରାକ୍ ସାଇକ୍ଲିଂ**

ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବା ସହ ୧ କିମି ଏଲିଟ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳର ସଦସ୍ୟା ଥିଲେ। ଏହି ଦଳରେ ତାଙ୍କ ବ୍ୟତୀତ ରେଜିୟା ଦେବୀ, ମଧୁସ୍ମିତା ବେଡେକ ଓ ବର୍ଷାରାଣୀ ବାରିକ ସାମିଲ ଥିଲେ।

# କିଟ୍‌ର ୪ ଦଳକୁ ଯୋଗ୍ୟତା

**ଭୁବନେଶ୍ୱର,୨୨।୧୨(ଅନାଦି କର)**

ଜାତୀୟ ୟୁନିଭରସିଟି ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ୟୁନିଭରସିଟି ଉଲ୍ଲେଖନୀୟ ପ୍ରଦର୍ଶନ କରିବା ଜାରି ରଖିଛି। ଏହି ୟୁନିଭରସିଟିର ୪ ଦଳ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଯୋଗ୍ୟତା ପାଇଥିବା ୪ ଦଳ ହେଲେ ପୁରୁଷ ଓ ମହିଳା ବ୍ୟାଡ୍‌ମିଣ୍ଟନ, ମହିଳା ଭଲିବଲ ଓ ମହିଳା ସନ୍ତରଣ। ଏହା ଜାତୀୟ ସ୍ତରରେ କିଟ୍‌ର ଅଲରାଉଣ୍ଡ କ୍ରୀଡ଼ା ଉତ୍କର୍ଷତାକୁ ଦର୍ଶାଉଛି।

ସମ୍ବଲପୁରଠାରେ ଚାଲିଥିବା ଇଷ୍ଟ

**ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ**

ଜୋନ ଇଣ୍ଟର ୟୁନିଭରସିଟି ମହିଳା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ କିଟ ୟୁନିଭରସିଟି ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କିଟ୍ ୨-୦ ସେଟ୍‌ରେ ନର୍ଥ ବେଙ୍ଗଲ ୟୁନିଭରସିଟିକୁ ହରାଇ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିୟନଶିପ୍ ଓ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ ଲାଗି ଯୋଗ୍ୟତା ହାସଲ କରିଛି। ସେହିଭଳି ମହିଳା ଭଲିବଲରେ କିଟ୍ ୟୁନିଭରସିଟି ଦଳ ପ୍ରଭାବୀ ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ଗୁଜରାଟ ସ୍ପୋର୍ଟ୍ସ ୟୁନିଭରସିଟିକୁ ୨୫-୧୮, ୨୫-୨୦, ୨୫-୧୫ ସିଧାସଳଖ ସେଟ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ କିଟ୍ କ୍ୱାର୍ଟରରେ ପ୍ରବେଶ କରିଛି। ସନ୍ତରଣରେ କିଟ୍ ମହିଳା ଦଳ ଅଲ ଇଣ୍ଡିଆ ଇଣ୍ଟର-ୟୁନିଭରସିଟି ଆକ୍ୱାଟିକ ଚାମ୍ପିୟନଶିପ୍‌ରେ ଅନେକ ପଦକ ଜିତି ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ ଲାଗି ଯୋଗ୍ୟତା ହାସଲ କରିଛି। ଟୁର୍ନାମେଣ୍ଟରେ ଦଳଗତ ର୍‍ୟାଙ୍କିଙ୍ଗ୍‌ରେ କିଟ୍ ୩ୟ ସ୍ଥାନରେ ରହିଥିଲା।

## ଆନନ୍ଦେଶ୍ୱର ଏସିଆନ ହ୍ୟାଣ୍ଡବଲ କାଉନ୍‌ସିଲ ସଦସ୍ୟ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଇଜିପ୍ଟର କାଏରୋଠାରେ ଏସିଆନ ହ୍ୟାଣ୍ଡବଲ ଫେଡେରେଶନର ୨୫ତମ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ହ୍ୟାଣ୍ଡବଲ ଆସୋସିଏଶନର କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ତଥା ଭାରତୀୟ ଅଲିମ୍ପିକ ସଂଘର ପୂର୍ବତନ କୋଷାଧ୍ୟକ୍ଷ ଆନନ୍ଦେଶ୍ୱର ପାଣ୍ଡେ ୨୦୨୫-୨୦୨୯ ଲାଗି ଏସିଆନ ହ୍ୟାଣ୍ଡବଲ ଫେଡେରେଶନର କାଉନ୍‌ସିଲ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଆନନ୍ଦେଶ୍ୱର ସାଉଥ ଏସିଆନ ହ୍ୟାଣ୍ଡବଲ ସଂଘର ସାଧାରଣ ସମ୍ପାଦକ ଅଛନ୍ତି। ସେ ନିର୍ବାଚିତ ହେବାପରେ ଭାରତୀୟ ହ୍ୟାଣ୍ଡବଲରେ ଖୁସି ପ୍ରକାଶ ପାଇଛି। ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ତେଜରାଜ ସିଂ, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପଞ୍ଜାବ ଦଳରେ ଗିଲ୍, ଅଭିଷେକ ଓ ଅର୍ଶଦୀପ

**ଚଣ୍ଡିଗଡ଼, ୨୨।୧୨ (ପି.ଟି.)**

ଭାରତୀୟ ଦଳର ଖେଳାଳିଙ୍କ ପାଇଁ ଜାତୀୟ ଦିନିକିଆ ଚାମ୍ପିୟନଶିପ୍‌ରେ ଖେଳିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଫଳତଃ ବିଜୟ ହଜାରେ ଟ୍ରଫି ପାଇଁ ପଞ୍ଜାବ ଦଳରୁ ଖେଳିବାକୁ ଯାଉଛନ୍ତି ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଶୁବମନ ଗିଲ, ବିଶ୍ୱର ନମ୍ବର-୧

**ବିଜୟ ହଜାରେ ଟ୍ରଫି**

ଟି୨୦ ବ୍ୟାଟର ଅଭିଷେକ ଶର୍ମା ଓ ପେସ୍ ବୋଲର ଅର୍ଶଦୀପ ସିଂ। ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ଆରମ୍ଭ ହେବାକୁଥିବାରୁ ଭାରତର ଟି୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଥିବା ଗିଲ୍ ଏବଂ ହ୍ୱାଇଟ ବଲ୍‌ର ଜଣେ ନିୟମିତ ସଦସ୍ୟ ଅର୍ଶଦୀପ ମାତ୍ର ୨ରୁ ୩ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ପଞ୍ଜାବ ଟୁର୍ନାମେଣ୍ଟ ଫେଭରିଟ୍ ମୁମ୍ବାଇ ସହ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚ୍ ମହାରାଷ୍ଟ୍ର (ଡିସେମ୍ବର ୨୪) ଓ ଛତିଶଗଡ଼ (ଡିସେମ୍ବର ୨୬) ବିପକ୍ଷରେ ଖେଳିବ। ଏହି ଦୁଇଟି ଗେମ୍ ପାଇଁ ଗିଲ୍ ଓ ଅର୍ଶଦୀପ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଟି୨୦ ସ୍ପେଶାଲିଷ୍ଟ ଅଭିଷେକ ଅଧିକ ଗେମ୍ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ମୁମ୍ବାଇ ଓ ପଞ୍ଜାବ ମ୍ୟାଚ ଜାନୁଆରୀ ୮ରେ ଜୟପୁରରେ ଖେଳାଯିବ। ସେ ସମୟରେ ମୁମ୍ବାଇର ରୋହିତ ଶର୍ମା ଓ ପଞ୍ଜାବର ଗିଲ୍ ଉପଲବ୍ଧ ହେବେନି।



ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅର୍ଶଦୀପ ସିଂ।

**ପଞ୍ଜାବ ବିଜୟ ହଜାରେ ଟ୍ରଫି ଦଳ:** ଶୁବମନ ଗିଲ୍, ଅଭିଷେକ ଶର୍ମା, ଅର୍ଶଦୀପ ସିଂ, ପ୍ରଭଶିମରନ ସିଂ (ଉଇକେଟକିପର), ହାର୍ନୁର ପନ୍ନୁ, ଅନମୋଲପ୍ରୀତ ସିଂ, ଉଦୟ ସହରନ, ନମନ ଧୀର, ସଲିଲ ଆରୋରା (ଉଇକେଟକିପର), ସନଭୀର ସିଂ, ରମଣଦୀପ ସିଂ, ଯଶପ୍ରୀତ ସିଂ, ଗୁର୍ନୁର ବ୍ରାର, ହରପ୍ରୀତ୍ ବ୍ରାର୍, ରଘୁ ଶର୍ମା, କ୍ରିଶ ଭଗତ, ଗୌରବ ଚୌଧାରୀ ଓ ସୁଖଦୀପ ବାଜୱା।

# ନ୍ୟୁଜିଲାଣ୍ଡ ୨-୦ରେ ସିରିଜ୍ ବିଜୟୀ



ଉଇକେଟ ନେବାପରେ ଜାକବ ଡୁଫି (ବାମ)।

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୨୨।୧୨ (ଏପି)**

ସୋମବାର ଶେଷ ହୋଇଥିବା ତୃତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୩୨୩ରନରେ ହରାଇ ଦେଇଛି ନ୍ୟୁଜିଲାଣ୍ଡ। ଏଥିସହିତ ଦଳ ସିରିଜକୁ ୨-୦ରେ ଜିତି ନେଇଛି। ମ୍ୟାଚରେ ୪୬୨ରନର ବିଜୟ ଲକ୍ଷ୍ୟକୁ ନେଇ ୱେଷ୍ଟଇଣ୍ଡିଜ ଦଳ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୬ ଓଭରରେ କୌଣସି ଉଇକେଟ ନ ହରାଇ ୪୩ରନ କରିଥିଲା। ସୋମବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ଜାକବ ଡୁଫି (୫/୪୨)ଙ୍କ ୫ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୩୮ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ବ୍ରାଣ୍ଡନ କିଙ୍ଗ୍ ୬୭ ରନ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜର ୭ଜଣ ବ୍ୟାଟରଙ୍କ ସ୍କୋର ୨ଅଙ୍କ ସ୍ପର୍ଶ କରିପାରି ନ ଥିଲା। ୱେଷ୍ଟଇଣ୍ଡିଜ ଶାମାର ଜୋଶେଫ ଓ ଅଲ୍‌ଜାରି ଜୋଶେଫଙ୍କ ବିନା ଏହି ମ୍ୟାଚ ଖେଳିଥିଲା। ଅନ୍ୟପକ୍ଷରେ ଆଘାତଜନିତ ସମସ୍ୟା ଯୋଗୁ ମ୍ୟାଟ୍ ହେନ୍‌ରୀ, ୱିଲ୍ ଓ'ରୁର୍କି, ବେନ୍ ସିଅର୍ସ, କାଇଲ ଜେମିସନ, ନାଥାନ ସ୍ମିଥ୍ ଓ ବ୍ଲେୟର ଟିକ୍‌ନରଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଡୁଫି ନ୍ୟୁଜିଲାଣ୍ଡ ପେସ୍ ବାହିନୀର ନେତୃତ୍ୱ ନେଇଥିଲେ। ତୃତୀୟ ଟେଷ୍ଟର ପରିସଂଖ୍ୟାନ ଉଲ୍ଲେଖନୀୟ ଥିଲା। ଡେଭନ କନୱେଙ୍କ ୨୨୭ ଏବଂ ଟମ୍ ଲଥାମଙ୍କ ୧୩୭ ଏବଂ ସେମାନଙ୍କ ମଧ୍ୟରେ ଓପନିଂ ଭାଗୀଦାରିରେ ୩୨୩ରନ ଯୋଗଦାନ ଯୋଗୁ ନ୍ୟୁଜିଲାଣ୍ଡ ୫୭୫/୮ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ କନୱେ ଓ ଲଥାମ ଯଥାକ୍ରମେ ୧୦୦ ଓ ୧୦୧ ରନ କରିଥିଲେ। ଦୁହିଁଙ୍କ ମଧ୍ୟରେ ୧୯୨ ରନର ପାର୍ଟନରଶିପ୍ ହୋଇଥିଲା। ନ୍ୟୁଜିଲାଣ୍ଡ ୩୦୬/୨ ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣର କରିଥିଲା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪୨୦ରନ କରି ଅଲଆଉଟ ହୋଇଯିବା ଦ୍ୱାରା ଦଳ ପାଇଁ ୪୬୨ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଯାଇଥିଲା। ଡେଭନ କନୱେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋଟିଏ ଟେଷ୍ଟ ମ୍ୟାଚରେ ଦ୍ୱିଶତକ ଓ ଶତକ ହାସଲ କରିବାରେ କନୱେ ନ୍ୟୁଜିଲାଣ୍ଡର ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪ ଉଇକେଟ ନେଇଥିବା ଜାକବ ଡୁଫି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# କେଟି ଗ୍ଲୋବାଲ ଆନ୍ତଃସ୍କୁଲ କବାଡ଼ି ଉଦ୍‌ଯାପିତ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ୧ମ ଆନ୍ତଃସ୍କୁଲ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଓଡ଼ିଶା କବାଡ଼ି ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ୧୫୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଟେମ୍ପଲ ସିଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ (ଟିଆଇଟିଇ) ଡିନ୍ ପ୍ରଫେସର ଅନାଦି ଚରଣ ସାହୁ ମୁଖ୍ୟ ଅତିଥି ଏବଂ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ ଖାଁ, ଟିଆଇଟିଇ ପ୍ରିନ୍ସିପାଲ ସୁବ୍ରତ କୁମାର ମହାନ୍ତି, କିଟ୍ ସକ୍ୟୁରିଟି ଅଫିସର ପ୍ରସନ୍ନ କୁମାର ପରିଡ଼ା, କବାଡ଼ି କୋଚ୍ ଅଜୟ କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର ୯ ବର୍ଷରୁ କମ୍ ବର୍ଗରେ ଜଟଣିସ୍ଥିତ ସେଞ୍ଚୁରିଅନ କଲେଜ ଅଫ୍ ସାଇନ୍ସ ଚାମ୍ପିୟନ ଓ ମହିମା ସ୍ପୋର୍ଟ୍ସ ରନରଅପ୍ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବର୍ଗରେ ଗୁଗଲ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ, ରେନ୍‌ବୋ ସ୍ପୋର୍ଟ୍ସ କ୍ଲବ ରନରଅପ୍ ହୋଇଥିଲା।



ଚାମ୍ପିୟନ ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ